# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୮/୨୦୨୨ (୧୬ ପୃଷ୍ଠା) | Bhubaneswar, Tuesday, November 8/2022 | Page 16 ₹ 7.00 | ★★★★★★

୪୮ଶ ଭାଗ ୩୪୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 48 ISSUE 342 | ମୂଲ୍ୟ ₹୭/-




### କୋହଲିଙ୍କୁ ଆଇସିସି ପୁରସ୍କାର

ବିରାଟ କୋହଲି ଅକ୍ଟୋବର ମାସ ପାଇଁ ଆଇସିସି (ଅନ୍ତର୍ଜାତୀୟ କ୍ରିକେଟ ପରିଷଦ)ଦ୍ୱାରା ପ୍ଲେୟର ଅଫ୍ ଦି ମନ୍ଥ୍ ବିବେଚିତ ହୋଇଛନ୍ତି।

୧୬

୧୨

### ବିବାହରେ ବାନ୍ଧିହେଲେ ପଲକ

ବଲିଉଡ୍ ସିଙ୍ଗର ପଲକ ମୁଚ୍ଛାଲ ମ୍ୟୁଜିକ୍ କମ୍ପୋଜର୍ ମିଥୁନ୍‌ଙ୍କୁ ବିବାହ କରିଛନ୍ତି।



# ଆଜିଠୁ ବାଲିଯାତ୍ରା





କଟକର ପ୍ରସିଦ୍ଧ ବାଲିଯାତ୍ରା ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଯାଉଥିବାବେଳେ ଏହାର ସ୍ଥାୟୀ ତୋରଣ ରଙ୍ଗିନ ଆଲୋକରେ ଝଲସୁଛି। ସେହିପରି ବାଲିଯାତ୍ରା ତଳପଡ଼ିଆରେ ଥିବା ଏକ ଗଛକୁ ଆଲୋକରେ ଆକର୍ଷଣୀୟ ଢଙ୍ଗରେ ସଜାଯାଇଛି।

# ଅନ୍ତହୀନ ସୀମାନ୍ତ ଦୁଃଖ

***ସୀମାନ୍ତ ଲୋକଙ୍କୁ ରାଜ୍ୟର ବିକାଶ ପଥରେ ସାମିଲ କରିବାକୁ ବିଭିନ୍ନ ଯୋଜନା କରାଯାଉଥିବା ସରକାର କହୁଛନ୍ତି ହେଲେ ବାସ୍ତବରେ ଚିତ୍ର କିଛି ଭିନ୍ନ। କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ କୋଟିଆ ଗ୍ରାମପୁଞ୍ଜି ହେଉ ବା ମୟୂରଭଞ୍ଜ ଜିଲା ଝାଡ଼ଖଣ୍ଡ ସୀମାନ୍ତ ସାରସକଣା ବ୍ଲକ ଅଧୀନ ପାକଟିଆ ପଞ୍ଚାୟତ ସବୁଠି ଗୋଟିଏ ଦୁଃଖ। ନିଜ ରାଜ୍ୟରୁ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଏବଂ ଆବାସ ଭଳି ମୌଳିକ ସୁବିଧା ନ ମିଳିବାରୁ ପଡ଼ୋଶୀ ରାଜ୍ୟ ଉପରେ ଭରସା କରିବାକୁ ପଡ଼ୁଛି।***

## ଘର ଓଡ଼ିଶା, ଝାଡ଼ଖଣ୍ଡ ଭରସା



ନୀଳାଦ୍ରି ବିହାରୀ ଦଣ୍ଡପାଟ

ବାରିପଦା ଅଫିସ,୭।୧୧

ଝାଡ଼ଖଣ୍ଡ ସୀମାନ୍ତ ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ଅଧୀନ ପାକଟିଆ ପଞ୍ଚାୟତର ପକପକା, ବାରୁବେଡ଼ା, ଜାମୁଗଣ୍ଡିଆ ଓ ଡୁମୁରୁକୁଦର ଗ୍ରାମରେ ବାସ କରୁଥିବା ଲୋକେ ବିକାଶଠାରୁ ବହୁ ଦୂରରେ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କୃଷି ଓ ପାନୀୟ ଜଳ ସମସ୍ୟାରେ ଯୁଝି ହୋଇ ଅଣନିଃଶ୍ୱାସୀ ହୋଇପଡ଼ିଛନ୍ତି। ଗ୍ରାମାଞ୍ଚଳର ଉନ୍ନତି ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ଡିଣ୍ଡିମ ପିଟୁଥିବା ବେଳେ ସେଥିରୁ ଏଠାକାର ଲୋକଙ୍କୁ କୌଣସି ସୁଫଳ ମିଳୁନି। ଫଳରେ ଅଧିକାଂଶ ସମୟରେ ମୌଳିକ ସୁବିଧା ପାଇଁ ମଧ୍ୟ ପଡ଼ୋଶୀ ଝାଡ଼ଖଣ୍ଡ ରାଜ୍ୟ ଉପରେ ନିର୍ଭର କରିବାକୁ ପଡ଼ୁଛି। ଦୀର୍ଘ ବର୍ଷଧରି ସୀମା ବିବାଦ ଲାଗି ରହିଥିବାବେଳେ ଉଭୟ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ସୀମା ନିର୍ଦ୍ଧାରଣ ନ ହେବାରୁ ନାଳରେ ପୋଲଟିଏ ମଧ୍ୟ ନିର୍ମାଣ ହୋଇପାରୁନାହିଁ। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଭୂମିହୀନ ଯୋଗୁ ଉଚ୍ଚ ଶିକ୍ଷାରୁ ବଞ୍ଚିତ ହୋଇ ଅନେକ ଯୁବକ ଦାଦନ ଖଟିବାକୁ ଯାଉଥିବା ଦେଖିବାକୁ ମିଳୁଛି।

ଜିଲା ମୁଖ୍ୟାଳୟରୁ ୮୦କି.ମି. ଦୂର ପାକଟିଆ ପଞ୍ଚାୟତର ପକପକା, ବାରୁବେଡ଼ା, ଜାମୁଗଣ୍ଡିଆ ଓ ଭାଦୁଅ ଗ୍ରାମ ଝାଡ଼ଖଣ୍ଡ ଏବଂ ଓଡ଼ିଶା ସୀମାରେ ରହିଛି। ପଞ୍ଚାୟତର ଜନସଂଖ୍ୟା ୫ହଜାରରୁ ଅଧିକ ଥିବା ବେଳେ ୮୦ପ୍ରତିଶତ ଲୋକ ଅନୁସୂଚିତ ଜନଜାତିର। ଏହି ଗ୍ରାମର ଅଧିବାସୀମାନେ ବିଶେଷ ଭାବେ ଝାଡ଼ଖଣ୍ଡ ଉପରେ ନିର୍ଭରଶୀଳ। ୩ନଂ. ୱାର୍ଡରେ ବସବାସ କରୁଥିବା ୧୩୦ରୁ ଉର୍ଦ୍ଧ୍ୱ ପରିବାର ଭୂମିହୀନ। ଦୀର୍ଘ ବର୍ଷ ଧରି ସରକାରଙ୍କୁ ଜରିମାନା ବାବଦରେ ବାର୍ଷିକ ୩୬୦ଟଙ୍କା ପୈଠ କରୁଥିଲେ ମଧ୍ୟ ଅଦ୍ୟାବଧି ଜମିପଟ୍ଟା ପାଇ ପାରିନାହାନ୍ତି। ଉଚ୍ଚ ଶିକ୍ଷା ପାଇଁ ବାସସ୍ଥାନ ପ୍ରମାଣପତ୍ର ନ ଥିବାରୁ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ବନ୍ଧା ହେଉଛି ଡୋରି। ଫଳରେ ସାବାଳକ ହେବା ପୂର୍ବରୁ କେତେଜଣ ଦାଦନ ଖଟିବାକୁ ତାମିଲନାଡୁ ଓ ଆନ୍ଧ୍ରପ୍ରଦେଶ ଯାଉଛନ୍ତି। ପକପକା ଗ୍ରାମରୁ ମାତ୍ର ୧୦୦ମିଟର ଦୂରରେ ରହିଛି ଝାଡ଼ଖଣ୍ଡ-ଓଡ଼ିଶାର ସୀମାନାଳ। ଶହ ଶହ ବର୍ଷ ଧରି ସୀମା ନିର୍ଦ୍ଧାରଣ ହେଉ ନ ଥିବାରୁ ଲୋକେ ଏହି ନାଳକୁ ଉଭୟ ରାଜ୍ୟର ସୀମା ନାଳ ଭାବେ ପରିଚୟ ଦେଇଛନ୍ତି। ଆବଶ୍ୟକତା ଅନୁଯାୟୀ ☞ପୃଷ୍ଠା-୪

# ହବିଷିଆଳିଙ୍କ ମୁଣ୍ଡ ଫଟାଇଲା ପୋଲିସ

## ଅଭିଯୁକ୍ତ ହାବିଲଦାର ନିଲମ୍ବିତ

ପୁରୀ ଅଫିସ, ୭।୧୧

ଖାକିରେ ପୁଣି ଲାଗିଛି ଦାଗ। ଶ୍ରୀମନ୍ଦିରରେ ସୋମବାର ଜଣେ ହବିଷିଆଳିଙ୍କୁ ପୋଲିସ ଦୁର୍ବ୍ୟବହାର କରିବା ସହ ମାଡ଼ ମାରି ମୁଣ୍ଡ ଫଟାଇଦେଇଛି। ରକ୍ତାକ୍ତ ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସମ୍ପୃକ୍ତ ହବିଷିଆଳି ହେଲେ ଗଞ୍ଜାମ ଜିଲା ବ୍ରହ୍ମପୁର ଅଞ୍ଚଳର ୬୫ ବର୍ଷୀୟା ମାଧୁରୀ ଦାଶ। ସେ ପୁରୀ ବାସେଳି ସାହିରେ ରହି କାର୍ତ୍ତିକ ବ୍ରତ ପାଳନ କରୁଥିବାବେଳେ ମହାପ୍ରଭୁଙ୍କ ଦୁର୍ଲଭ ଲକ୍ଷ୍ମୀନୃସିଂହ ବେଶ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ଆସିଥିଲେ। ଏହି ସମୟରେ ସେ ପୋଲିସ ମାଡ଼ର ଶିକାର ହୋଇଥିଲେ। ଏହି ଘଟଣାରେ ଅଭିଯୁକ୍ତ ପୋଲିସ କର୍ମଚାରୀ ତଥା ଓଏସ୍‌ଏପି ବାଟାଲିୟନର ହାବିଲଦାର ପ୍ରଶାନ୍ତ କୁମାର ଦଳାଇଙ୍କୁ ନିଲମ୍ବନ କରାଯାଇଛି। ପୋଲିସର ଏଭଳି କାର୍ଯ୍ୟକୁ ସାଧାରଣରେ ନିନ୍ଦା କରାଯାଇଛି।

ସୂଚନା ଅନୁଯାୟୀ, ସମ୍ପ୍ରତି ପବିତ୍ର ପଞ୍ଚକ ଚାଲିଛି। ପଞ୍ଚକର ଚତୁର୍ଥ ଦିନରେ ସୋମବାର ମହାପ୍ରଭୁଙ୍କ ଲକ୍ଷ୍ମୀନୃସିଂହ ବେଶ ଦର୍ଶନ ପାଇଁ ☞ପୃଷ୍ଠା-୪






## ବାଇକ୍ ଚୋର ସନ୍ଦେହରେ ପିଟି ମାରିଦେଲେ

**ବରପାଲି,୭।୧୧(ଡି.ଏନ.ଏ.):** ବାଇକ୍ ଚୋର ସନ୍ଦେହରେ ବରଗଡ଼ ଜିଲା ବରପାଲି ଥାନା ଅଞ୍ଚଳରେ ଜଣେ ଯୁବକଙ୍କୁ ପିଟି ପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ସୁବର୍ଣ୍ଣପୁର ଜିଲା ଗଜବନ୍ଧ ଗ୍ରାମର ଯୋଗେଶ୍ୱର ମେହେର(୨୨)। ପୋଲିସ ଏହି ଘଟଣାରେ ୭ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ଏ ନେଇ ବରପାଲି ଥାନାରେ ଦଫା ୩୦୨, ୩୪ରେ ଏକ ମାମଲା (ନଂ.୩୬୦।୨୨) ରୁଜୁ ହୋଇଛି। ସୂଚନା ଅନୁସାରେ, ଯୋଗେଶ୍ୱର ରବିବାର ବାଇକ୍ ଯୋଗେ ରାମପୁର ପଟୁ ଫେରୁଥିବା ବେଳେ କେତେକ ଯୁବକ ସଂଘବଦ୍ଧ ଭାବେ ତାଙ୍କୁ ପିଟି ପିଟି ଲହୁଲୁହାଣ କରିଦେଇଥିଲେ। ଖବର ପାଇ ବରପାଲି ପୋଲିସ ବଳିଟିକ୍ରା ନିକଟରୁ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର ☞ପୃଷ୍ଠା-୧୩

**ଆଜିର ସମ୍ପାଦକୀୟ**

**୬ ବର୍ଷ ପରେ**

# ଆର୍ଥିକ ଦୁର୍ବଳ ଶ୍ରେଣୀଙ୍କ ପାଇଁ ୧୦% କୋଟା କାଏମ

## ସଂରକ୍ଷଣ ପ୍ରଦାନରେ ସମ୍ବିଧାନର ଉଲ୍ଲଂଘନ ହେଉନି: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୭।୧୧(ପି.ଟି.)



### ସପକ୍ଷରେ ୩, ବିରୋଧରେ ୨ ବିଚାରପତି ମତ ରଖିଲେ

ଅଣସଂରକ୍ଷିତ ବର୍ଗର ଆର୍ଥିକ ଦୁର୍ବଳ ଶ୍ରେଣୀ (ଇଡବ୍ଲ୍ୟୁଏସ୍)ଙ୍କ ନିମନ୍ତେ ସରକାରୀ ଚାକିରି ଓ ନାମଲେଖାରେ ୧୦ ପ୍ରତିଶତ ସ୍ଥାନ ସଂରକ୍ଷଣ ପ୍ରଦାନ ନିମନ୍ତେ ସମ୍ବିଧାନର ୧୦୩ତମ ସଂଶୋଧନକୁ ସୁପ୍ରିମକୋର୍ଟ ସୋମବାର କାଏମ୍ ରଖିଛନ୍ତି। ହିତାଧିକାରୀମାନେ ସରକାରୀ, ଘରୋଇ, ଅଣଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନରେ ନାମଲେଖା ସାଙ୍ଗକୁ ସରକାରୀ ନିଯୁକ୍ତିରେ ଏହି ସୁବିଧା ପାଇପାରିବେ। ପ୍ରଧାନ ବିଚାରପତି (ସିଜେଆଇ) ୟୁ.ୟୁ. ଲଳିତଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ ଦିନେଶ ମାହେଶ୍ୱରୀ, ଏସ୍. ରବୀନ୍ଦ୍ର ଭଟ୍ଟ, ବେଲା ଏମ୍. ତ୍ରିବେଦୀ ଏବଂ ଜେ.ବି. ପର୍ଦ୍ଦିୱାଲାଙ୍କୁ ନେଇ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ୩:୨ ସଂଖ୍ୟାଗରିଷ୍ଠ ମତରେ ଇଡବ୍ଲ୍ୟୁଏସ୍ କୋଟାକୁ କାଏମ୍ ରଖିଛନ୍ତି। ଏଥିପାଇଁ କରାଯାଇଥିବା ସଂଶୋଧନ ସମ୍ବିଧାନର ଉଲ୍ଲଂଘନ କରୁନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ସୁପ୍ରିମକୋର୍ଟଙ୍କ ଏହି ରାୟ କେନ୍ଦ୍ର ସରକାରଙ୍କ ପାଇଁ ଏକ ବଡ଼ ବିଜୟ ବୋଲି କୁହାଯାଉଛି।

୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ କେନ୍ଦ୍ର ସରକାର ସମ୍ବିଧାନର ୧୦୩ତମ ସଂଶୋଧନ ବଳରେ ଆର୍ଥିକ ଦୁର୍ବଳ ଶ୍ରେଣୀଙ୍କ ନିମନ୍ତେ ୧୦% ସଂରକ୍ଷଣ ବ୍ୟବସ୍ଥା କରିଥିବାବେଳେ ଏହାର ବୈଧତାକୁ ଚ୍ୟାଲେଞ୍ଜ କରି ୪୦ଟି ପିଟିଶନ ଦାଏର ହୋଇଥିଲା। ୫ ଜଣିଆ ପୀଠ ୪ଟି ଭିନ୍ନ ରାୟ ଘୋଷଣା କରିଛନ୍ତି। ଜଷ୍ଟିସ୍ ଦିନେଶ ମାହେଶ୍ୱରୀ, ☞ପୃଷ୍ଠା-୧୩

# ପ୍ରଲୋଭନ କାମ ଦେଲାନି

ଭୁବନେଶ୍ୱର,୭।୧୧(ବ୍ୟୁରୋ)

ଧାମନଗର ଉପନିର୍ବାଚନ ଫଳାଫଳ ରାଜ୍ୟରେ ଏକ ନୂତନ ବାତାବରଣ ସୃଷ୍ଟି କରିଛି। ବିଜେଡି ପ୍ରାର୍ଥୀ ଅବନ୍ତୀ ଦାସ ୯୮୮୧ ଖଣ୍ଡ ଭୋଟ୍‌ରେ ହାରିବା ପରେ ଆଶ୍ଚର୍ଯ୍ୟଜନକ ଭାବେ ସେହି ପରାଜୟ ଶାସକ ଦଳ ଭିତରେ ଚାପା ଉଲ୍ଲାସ ସୃଷ୍ଟି କରିଛି। ବିଜେଡିର ଗୋଟିଏ ଗୋଷ୍ଠୀ ଶକ୍ତିଶାଳୀ ହୋଇପଡ଼ିଥିବା ହେତୁ ଦଳର ଟାଣୁଆ ନେତା ଓ କର୍ମୀ ନିଜକୁ ଅସହାୟ ମନେ କରିଆସୁଥିଲେ। ଦଳୀୟ ନେତାଙ୍କୁ ଦୁର୍ବ୍ୟବହାର କରୁଥିବା ଏହି ତଥାକଥିତ ଶକ୍ତିଶାଳୀ ଗୋଷ୍ଠୀ ଏବେ ଲୋକଙ୍କ ଦ୍ୱାରା ଆଦୃତ ନୁହେଁ ବୋଲି ସ୍ପଷ୍ଟ ହୋଇଯାଇଛି। ସେଥିପାଇଁ ନିଜକୁ ଦୁର୍ବଳ ଅନୁଭବ କରୁଥିବା ପୁରୁଖା ନେତାମାନେ ଏବେ ଆଶ୍ୱସ୍ତ ମନେ କରୁଛନ୍ତି ବୋଲି ଖୋଲାଖୋଲି କହୁଛନ୍ତି। ଶାସକ ଦଳର ବହୁ ନେତା ଏହି ଫଳାଫଳକୁ ନେଇ ବେଶ୍ ଉତ୍ସାହିତ ଥିବା କଥାକୁ ବର୍ତ୍ତମାନ ବିରୋଧୀ ମଧ୍ୟ ଇଙ୍ଗିତ କରିବା ଆରମ୍ଭ କରିଦେଲେଣି। ଅନ୍ୟପଟେ ପରାଜୟକୁ ନେଇ ସମୀକ୍ଷା ହେବ ବୋଲି ବିଜେଡି ବିଧାୟକ ଦେବୀ ମିଶ୍ର କହିବା ପରେ ଅଣଦେଖା ଅବସ୍ଥାରେ ଥିବା ଦଳୀୟ ନେତାଙ୍କୁ ଏହା ଆହୁରି ସୁହାଇଛି। ଶାସକ ଦଳର କୌଣସି ନେତା ସିଧାସଳଖ ନିଜ ଖୁସିକୁ ଜାହିର କରୁ ନ ଥିଲେ ମଧ୍ୟ ତାଙ୍କ ସମର୍ଥକମାନଙ୍କ ନିକଟରେ ଏହା ବ୍ୟକ୍ତ କରିବାରେ ଲାଗିପଡ଼ିଛନ୍ତି। ଅନ୍ୟପଟେ ଧାମନଗର ଫଳାଫଳ ପ୍ରକାଶ ପାଇବା ପୂର୍ବ ପର୍ଯ୍ୟନ୍ତ ଶାସକ ଦଳର ପ୍ରଦର୍ଶନ ନେଇ ବହୁ ବରିଷ୍ଠ ନେତା ରାଜଧାନୀରେ ରହି ଅଙ୍କକଷିବାରେ ଲାଗିପଡ଼ିଥିଲେ। ଧାମନଗର ପ୍ରଚାର ସମୟରେ ୩ ଯାଜପୁର ନେତାଙ୍କ ମଧ୍ୟରେ ସାଧାରଣରେ ମତାନ୍ତର ଏବଂ କଥା କଟାକଟି ବିଷୟ ନେଇ ଅନେକ ଆଲୋଚନା ଚାଲିଛି।

ସୂଚନାଯୋଗ୍ୟ ଯେ, ୨୦୧୯ ସାଧାରଣ ନିର୍ବାଚନରେ ଧାମନଗର ବିଧାନସଭା ଆସନରୁ ଭାଜପା ପ୍ରାର୍ଥୀ ସ୍ୱର୍ଗତ ବିଷ୍ଣୁ ଚରଣ ସେଠୀ ବିଜେଡି ପ୍ରାର୍ଥୀ ରାଜେନ୍ଦ୍ର ଦାସଙ୍କଠାରୁ ୪୬୨୫ ଖଣ୍ଡ ଭୋଟ୍‌ରେ ଜିତିଥିଲେ। ଏହି ନିର୍ବାଚନରେ ବିଷ୍ଣୁ ସେଠୀ ମୋଟ୍ ୮୦,୧୧୧ ଖଣ୍ଡ ଭୋଟ୍ ପାଇଥିଲେ। ଯାହା ମୋଟ୍ ଭୋଟ୍ ପ୍ରତିଶତର ୪୭.୪୭% ଅଟେ। ସେହିପରି ରାଜେନ୍ଦ୍ର ଦାସଙ୍କୁ ମୋଟ୍ ୭୫,୪୮୬ ଖଣ୍ଡ ଭୋଟ୍ ମିଳିଥିଲା। ଏହା ମୋଟ୍ ଭୋଟ୍ ପ୍ରତିଶତର ୪୫.୬୭ ପ୍ରତିଶତ। ସେହିପରି କଂଗ୍ରେସ ଏହି ଆସନରୁ ବିଦ୍ୟାଧର ଜେନାଙ୍କୁ ପ୍ରାର୍ଥୀ କରିଥିବା ବେଳେ ତାଙ୍କୁ ମୋଟ୍ ୭,୩୦୩ ଖଣ୍ଡ ଭୋଟ୍ ମିଳିଥିଲା, ଯାହା ମୋଟ୍ ଭୋଟ୍ ପ୍ରତିଶତର ୪.୪୨ % ହେବ।

ବିଷ୍ଣୁ ସେଠୀଙ୍କ ବିୟୋଗ ପରେ ଗତ ନଭେମ୍ବର ୩ ତାରିଖରେ ଧାମନଗରରେ ଉପନିର୍ବାଚନ ଅନୁଷ୍ଠିତ ହୋଇଥିବା ବେଳେ ରବିବାର ଏହାର ଫଳାଫଳ ପ୍ରକାଶ ପାଇଛି। ଏହି ଆସନରୁ ଭାଜପାର ବିଷ୍ଣୁଙ୍କ ପୁଅ ସୂର୍ଯ୍ୟବଂଶୀ ସୁରଜଙ୍କୁ ପ୍ରାର୍ଥୀ କରାଯାଇଥିବା ବେଳେ ବିଜେଡି ଅବନ୍ତୀ ଦାସଙ୍କୁ ପ୍ରାର୍ଥୀ କରିଥିଲା। ବିଜେଡି ଟିକେଟରୁ ବଞ୍ଚିତ ହେବା ପରେ ରାଜେନ୍ଦ୍ର ଦାସ ସ୍ୱାଧୀନ ପ୍ରାର୍ଥୀ ଭାବେ ଉପନିର୍ବାଚନ ଲଢ଼ିଥିଲେ। କଂଗ୍ରେସ ଏହି ଆସନରୁ ବାବା ହରେକୃଷ୍ଣ ସେଠୀଙ୍କୁ ପ୍ରାର୍ଥୀ କରିଥିଲା। ☞ପୃଷ୍ଠା-୪




ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୮ ନଭେମ୍ବର, ୨୦୨୨

**ଖବରକାଗଜ ପଢ଼ିଲାବେଳେ ଜୀବନ ଚାଲିଗଲା**

ରାଜସ୍ଥାନ ବାରମୁଲାରେ ଜଣେ ବ୍ୟକ୍ତି ପେପର୍ ପଢୁଥିବା ବେଳେ ତାଙ୍କ ମୃତ୍ୟୁ ଘଟିଛି। ଶନିବାର ସକାଳ ପ୍ରାୟ ୧୦ଟାବେଳେ ୬୧ ବର୍ଷୀୟ ଦିଲିପ କୁମାର ମଦାନି ଡେଣ୍ଟାଲ୍ କ୍ଲିନିକ୍‌କୁ ଯାଇଥିଲେ। ସେଠାରେ ଖବରକାଗଜ ବସି ପଢ଼ିଲାବେଳେ ସେ ହଠାତ୍ ମୂର୍ଚ୍ଛାଚାଲିଯାଇଥିଲେ। କ୍ଲିନିକ କର୍ମଚାରୀ ତୁରନ୍ତ ଦିଲିପଙ୍କୁ ଡାକ୍ତରଖାନା ନେଇଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ତେବେ ଉକ୍ତ ଘଟଣା ସିସିଟିଭିରେ କଏଦ ହୋଇଥିବାବେଳେ ଏହାର ଭିଡିଓ ଏବେ ସୋସିଆଲ ମିଡିଆରେ ବହୁଳ ପ୍ରସାର ହେବାରେ ଲାଗିଛି।



## ସଂକ୍ଷେପରେ

### ଦିଲ୍ଲୀରେ ବୁଧବାରଠାରୁ ଖୋଲିବ ସ୍କୁଲ

ନୂଆଦିଲ୍ଲୀ, ୭।୧୧: ବାୟୁ ପ୍ରଦୂଷଣର ମାତ୍ରା ନିୟନ୍ତ୍ରଣକୁ ଆସିବା ପରେ ବୁଧବାରଠାରୁ ଦିଲ୍ଲୀର ସମସ୍ତ ପ୍ରାଇମେରୀ ସ୍କୁଲ ଖୋଲିବା ନେଇ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିସହ ୫୦% କର୍ମଚାରୀ ୱାର୍କଫ୍ରମ୍ ହୋମ୍ କରିବା ନେଇ ସରକାର ଯେଉଁ ନିର୍ଦ୍ଦେଶ ଦେଇଥିଲେ ତାହାକୁ ରଦ୍ଦ କରିଦିଆଯାଇଛି। ଦିଲ୍ଲୀର ବାୟୁ ପ୍ରଦୂଷଣସ୍ତର ନିୟମିତ ଭାବେ ହ୍ରାସ ହେବାରେ ଲାଗିଛି। କୃଷକଙ୍କ ନଡ଼ା ପୋଡ଼ି କମିଥିବା ଦିଲ୍ଲୀ ଏନ୍‌ଭାଇରନ୍‌ମେଣ୍ଟ ମନ୍ତ୍ରୀ ଗୋପାଳ ରାୟ କହିଛନ୍ତି। ଦିଲ୍ଲୀ ବାୟୁ ପ୍ରଦୂଷଣରେ ହ୍ରାସ ନେଇ ରବିବାର କେନ୍ଦ୍ରୀୟ ଏୟାର କ୍ୱାଲିଟି ପ୍ୟାନେଲ୍ ନନ୍-ଡିଜେଲ୍ ଲାଇଟ୍ ମୋଟର ଭେହିକଲ୍ ଉପରୁ କଟକଣା ହଟାଇବାର ନିର୍ଦ୍ଦେଶ ଦେଇଥିଲେ।

### ସିଜେଆଇ ଜଷ୍ଟିସ୍ ଲଳିତଙ୍କୁ ବିଦାୟ ସମ୍ବର୍ଦ୍ଧନା

ନୂଆଦିଲ୍ଲୀ,୭।୧୧(ପି.ଟି.): ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଉଦୟ ଉମେଶ ଲଳିତଙ୍କୁ ସୋମବାର ସୁପ୍ରିମକୋର୍ଟ ପରିସରରେ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ସେ ସୁପ୍ରିମକୋର୍ଟରେ ବିତାଇଥିବା ୩୭ ବର୍ଷର ସ୍ମୃତିକୁ ମନେପକାଇ ଭାବବିହ୍ୱଳ ହୋଇଯାଇଥିଲେ। ଜଣେ ଆଇନଜୀବୀ ଓ ବିଚାରପତି ଭାବେ ସେ ତାଙ୍କ କାର୍ଯ୍ୟକୁ ଉପଭୋଗ କରିଥିବା କହିଛନ୍ତି। ମଙ୍ଗଳବାର ସିଜେଆଇ ଲଳିତ ଅବସର ନେବେ। ବିଦାୟ ସମ୍ବର୍ଦ୍ଧନା ଉତ୍ସବରେ ତାଙ୍କ ଉତ୍ତରାଧିକାରୀ ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ୍ ବେଲା ଏମ୍. ତ୍ରିବେଦୀ ପ୍ରମୁଖ ଉପସ୍ଥିତ ଥିଲେ। ୭୪ ଦିନ କାର୍ଯ୍ୟକାଳ ମଧ୍ୟରେ ଜଷ୍ଟିସ୍ ଲଳିତ ନ୍ୟାୟିକ ବ୍ୟବସ୍ଥାରେ ଆଣିଥିବା ସଂସ୍କାର କାର୍ଯ୍ୟ ଜାରି ରହିବ ବୋଲି ଜଷ୍ଟିସ୍ ଚନ୍ଦ୍ରଚୂଡ଼ କହିଛନ୍ତି। ସେ ଦେଶର ୫୦ତମ ପ୍ରଧାନ ବିଚାରପତି ଭାବେ ବୁଧବାର ଶପଥ ଗ୍ରହଣ କରିବେ।

**ମୋର୍ବି ଝୁଲାପୋଲ ଭୁଶୁଡ଼ିବା ଘଟଣା**

### ନିଜଆଡୁ ମାମଲା ଗ୍ରହଣ କଲେ ହାଇକୋର୍ଟ

ନୂଆଦିଲ୍ଲୀ,୭।୧୧: ଗୁଜରାଟର ମୋର୍ବି ଝୁଲାପୋଲ ଭୁଶୁଡ଼ିବା ଘଟଣାରେ ଗୁଜରାଟ ହାଇକୋର୍ଟ ନିଜଆଡୁ ମାମଲା ଶୁଣାଣି ପାଇଁ ଗ୍ରହଣ କରିଛନ୍ତି। ଏଥିସହ ୭ ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ହାଇକୋର୍ଟ ରାଜ୍ୟ ଗୃହ ଏବଂ ସହରାଞ୍ଚଳ ଗୃହନିର୍ମାଣ ବିଭାଗ, ମାନବାଧିକାର କମିଶନ ଏବଂ ମୋର୍ବି ମ୍ୟୁନିସିପାଲିଟିକୁ ନୋଟିସ ଜାରି କରିଛନ୍ତି। ପରବର୍ତ୍ତୀ ଶୁଣାଣି ନଭେମ୍ବର ୧୪କୁ ଧାର୍ଯ୍ୟ କରାଯାଇଛି। ଗତ ମାସ ୩୦ ତାରିଖରେ ମୋର୍ବିସ୍ଥିତ ମାଛୁ ନଦୀ ଉପରେ ଥିବା ଝୁଲା ପୋଲ ଭୁଶୁଡ଼ି ପଡ଼ିବାରୁ ୧୩୫ ଜଣଙ୍କ ମୃତ୍ୟୁ ଘଟିଥିଲା। ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି ହାଇକୋର୍ଟ ଏହାକୁ ନିଜ ଆଡୁ ବିଚାର ପାଇଁ ଗ୍ରହଣ କରିବା ସହ ପ୍ରଥମ ଦିନରେ ଶୁଣାଣି କରିଥିଲେ। ଏହି ଦୁର୍ଘଟଣା ପାଇଁ ଯେଉଁମାନେ ଦାୟୀ ସେମାନଙ୍କ ବିରୋଧରେ ରାଜ୍ୟ ସରକାର କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆମେ ଆଶା କରୁଛୁ ବୋଲି ହାଇକୋର୍ଟର ମୁଖ୍ୟ ବିଚାରପତି ଅରବିନ୍ଦ କୁମାର ଏବଂ ଜଷ୍ଟିସ ଆଶୁତୋଷ ଶାସ୍ତ୍ରୀଙ୍କ ଖଣ୍ଡପୀଠ କହିଛନ୍ତି। ରାଜ୍ୟ ମାନବାଧିକାର କମିଶନଙ୍କୁ ୧୪ ତାରିଖ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି।

### ସଞ୍ଜୀୟ ଭଣ୍ଡାରୀଙ୍କୁ ପ୍ରତ୍ୟର୍ପଣ କରିବ ବ୍ରିଟେନ



ଲଣ୍ଡନ,୭।୧୧(ପି.ଟି.): ଟିକସ ଫାଙ୍କି ଏବଂ ମନିଲଣ୍ଡରିଂ ମାମଲାରେ ସମ୍ପୃକ୍ତ ଅସ୍ତ୍ର ବ୍ୟବସାୟୀ ତଥା ମଧ୍ୟସ୍ଥ ସଞ୍ଜୟ ଭଣ୍ଡାରୀଙ୍କୁ ଭାରତ ପ୍ରତ୍ୟର୍ପଣ କରିବା ଲାଗି ବ୍ରିଟେନ୍‌ର ଏକ ଅଦାଲତ ସୋମବାର ରାୟ ପ୍ରଦାନ କରିଛନ୍ତି। ୬୦ ବର୍ଷୀୟ ଭଣ୍ଡାରୀଙ୍କୁ ଫେରାଇ ଆଣିବା ଲାଗି ଭାରତ ସରକାର ଦୁଇଥର ବ୍ରିଟେନକୁ ଅନୁରୋଧ କରିଥିଲେ। ପୂର୍ବରୁ ଲଣ୍ଡନର ୱେଷ୍ଟମିନିଷ୍ଟର ମାଜିଷ୍ଟ୍ରେଟ୍ କୋର୍ଟରେ ଶୁଣାଣି ବେଳେ ଭଣ୍ଡାରୀଙ୍କୁ ପ୍ରତ୍ୟର୍ପଣ କରିବାରେ କୌଣସି ପ୍ରତିବନ୍ଧକ ନାହିଁ ବୋଲି ଜିଲା ଜଜ୍ ମିଚେଲ ସ୍ନୋ କହିଥିଲେ। ପ୍ରତ୍ୟର୍ପଣ ଉପରେ ନିଷ୍ପତ୍ତି ନେବା ଲାଗି ମାମଲାକୁ ବ୍ରିଟେନ ଗୃହମନ୍ତ୍ରୀ ସୁଏଲା ବ୍ରେଭରମ୍ୟାନ୍‌ଙ୍କ ପାଖକୁ ପଠାଯାଇଥିଲା। ଭାରତ ଆସିବା ପରେ ତାଙ୍କୁ ନୂଆଦିଲ୍ଲୀର ତିହାର ଜେଲ୍‌ରେ ସ୍ୱତନ୍ତ୍ର ପ୍ରକୋଷ୍ଠରେ ରଖାଯିବା ସହ ଆବଶ୍ୟକ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ ବୋଲି କେନ୍ଦ୍ର ସରକାର ପ୍ରତିଶ୍ରୁତି ଦେଇଥିଲେ।

# ବିପଦ ଜୋନ୍‌ରେ ଅଧା ଜନସଂଖ୍ୟା

- ସମସ୍ତଙ୍କ ପାଇଁ ଆଗୁଆ ସତର୍କତା
- କୋପ୍୨୭ରେ କାର୍ଯ୍ୟଯୋଜନା ଶୁଭାରମ୍ଭ କଲେ ଗୁଟେରେସ
- ବ୍ୟୟ ହେବ ୩.୧ ବିଲିୟନ ଡଲାର

ଶାମ୍-ଏଲ୍-ଶେଖ୍,୭।୧୧



ଜଳବାୟୁ ପରିବର୍ତ୍ତନର ପ୍ରଭାବରୁ ଚଳିତ ବର୍ଷ ଅନେକ ଦେଶ ବନ୍ୟା, ବାତ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟର ସାମ୍ନା କରିଛନ୍ତି ଓ ବ୍ୟାପକ ଧନଜୀବନ କ୍ଷୟ ହୋଇଛି। ୨୦୧୫ରୁ ୨୦୨୨ ବିଶ୍ୱର ସବୁଠୁ ଉତ୍ତପ୍ତ ବର୍ଷ ବୋଲି ବିଶ୍ୱ ପାଣିପାଗ ସଂଗଠନ(ଡବ୍ଲ୍ୟୁଏମ୍ଓ) କୁହାଯାଇଛି। ଆଗାମୀ ଦିନରେ ଏହା ଆହୁରି ଭୟଙ୍କର ରୂପ ନେବାକୁ ଯାଉଛି। ବିଶ୍ୱର ଅଧା ଜନସମାଜ ଏବେ ବିପଦ ଜୋନ୍‌ରେ ବୋଲି ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ କହିଛନ୍ତି। ଭୀଷଣ ପାଗଜନିତ କ୍ଷୟକ୍ଷତିରୁ ବର୍ତ୍ତିବା ଲାଗି ସମସ୍ତଙ୍କ ନିମନ୍ତେ ଆଗୁଆ ସତର୍କ ସୂଚନା ଜରୁରୀ ହୋଇପଡ଼ିଛି। ଇଜିପ୍ଟର ଶାମ-ଏଲ୍-ଶେଖ୍‌ରେ ଚାଲିଥିବା ଜଳବାୟୁ ପରିବର୍ତ୍ତନ ବୁଝାମଣା ସମ୍ମିଳନୀ (କୋପ୍୨୭)ରେ ଜାତିସଂଘ ମହାସଚିବ ସୋମବାର ଏଥିପାଇଁ ଏକ ୫ ବର୍ଷୀୟା କାର୍ଯ୍ୟଯୋଜନା ଶୁଭାରମ୍ଭ କରିଛନ୍ତି। ୨୦୨୩ରୁ ୨୦୨୭ ମଧ୍ୟରେ ଏହି ଯୋଜନା ବାବଦରେ ୩.୧ ବିଲିୟନ ଡଲାର ବ୍ୟୟ କରାଯିବ।

ପ୍ରାକୃତିକ ବିପର୍ଯ୍ୟୟ ଉପରେ ଅନୁଧ୍ୟାନ ଓ ପୂର୍ବାନୁମାନ ସାଙ୍ଗକୁ କେତେ କ୍ଷୟକ୍ଷତି ହେବ, ଏଥିପାଇଁ କିଭଳି ପ୍ରସ୍ତୁତି ଏବଂ ମୁକାବିଲା କରିବାକୁ ହେବ ସେଥିପାଇଁ ସିଷ୍ଟମ୍‌ର ବିକାଶ ନିମନ୍ତେ କାର୍ଯ୍ୟଯୋଜନା ପ୍ରସ୍ତୁତ ହୋଇଛି। ବିଶ୍ୱର ସମସ୍ତଙ୍କ ପାଇଁ ଆଗୁଆ ସତର୍କ ସୂଚନା ଏଥିରେ ଉପଲବ୍ଧ ହେବ। ଡବ୍ଲ୍ୟୁଏମ୍ଓ ଏବଂ ଏହାର ବୈଷୟିକ ସହଯୋଗୀମାନଙ୍କ ଦ୍ୱାରା ପ୍ରସ୍ତୁତ କାର୍ଯ୍ୟଯୋଜନାକୁ ଭାରତ ସମେତ ୫୦ ରାଷ୍ଟ୍ର ସମର୍ଥନ ଜଣାଇଛନ୍ତି।

ପ୍ରାକୃତିକ ବିପର୍ଯ୍ୟୟରୁ ଧନଜୀବନର ସୁରକ୍ଷା ଏବଂ କ୍ଷୟକ୍ଷତି ହ୍ରାସ କରାଇବାରେ ଆଗୁଆ ସତର୍କ ସୂଚନା ଗୁରୁତ୍ୱପୂର୍ଣ୍ଣ। ତେବେ ବିଶ୍ୱର ଅର୍ଦ୍ଧାଧିକ ଦେଶ ପାଖରେ ଏଥିପାଇଁ ଆବଶ୍ୟକ ସୁବିଧା ନାହିଁ। ଫଳରେ ବିପର୍ଯ୍ୟୟରୁ ବର୍ତ୍ତିବା ଲାଗି ସେଠାକାର ଜନସାଧାରଣ ଆଗୁଆ ସୂଚନା ପାଇପାରୁ ନାହାନ୍ତି। ବିକାଶଶୀଳ ରାଷ୍ଟ୍ରଗୁଡ଼ିକରେ ଏଭଳି ସିଷ୍ଟମରେ ୮୦୦ ନିୟୁତ ଡଲାର ବିନିଯୋଗ ହୋଇପାରିଲେ ବର୍ଷକୁ ୩ରୁ ୧୬ ବିଲିୟନ ଡଲାର କ୍ଷତିକୁ ରୋକାଯାଇପାରିବ ବୋଲି ଗ୍ଲୋବାଲ କମିଶନ ଅନ୍ ଆଡାପ୍ଶନ ପକ୍ଷରୁ କୁହାଯାଇଛି।



ଆଣ୍ଟୋନିଓ ଗୁଟେରେସ୍

ସବୁଜ ଗୃହ ବାଷ୍ପ ନିର୍ଗମନ ବଢ଼ିଚାଲିଥିବାରୁ ସାରା ବିଶ୍ୱରେ ଭୀଷଣ ପାଗଜନିତ ସମସ୍ୟା ସୃଷ୍ଟି ହୋଇଛି। ଏଥିଯୋଗୁ ଲକ୍ଷାଧିକ ଜୀବନ ଯିବା ସହ ହଜାର ହଜାର କୋଟି ଟଙ୍କା କ୍ଷତି ହେଉଛି। ଯୁଦ୍ଧ ତୁଳନାରେ ଜଳବାୟୁ ବିପର୍ଯ୍ୟୟରେ ୩ ଗୁଣ ଅଧିକ ଲୋକ ବିସ୍ଥାପିତ ହେଉଛନ୍ତି। ସମସ୍ତଙ୍କ ନିମନ୍ତେ ଆଗୁଆ ସତର୍କତା ହାସଲ ଲାଗି ଜାତିସଂଘ ମହାସଚିବଙ୍କ କାର୍ଯ୍ୟଯୋଜନାକୁ ଆମେ ପୂର୍ଣ୍ଣ ସମର୍ଥନ ଜଣାଉଛୁ ବୋଲି ଭାରତର ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ କହିଛନ୍ତି। ପ୍ରାକୃତିକ ବିପର୍ଯ୍ୟୟର କ୍ଷୟକ୍ଷତି ସମ୍ପର୍କରେ ଆଗୁଆ ସତର୍କ ସୂଚନା ଜରୁରୀ ଆବଶ୍ୟକତା ବୋଲି ସେ ମତ ଦେଇଛନ୍ତି। ଜଳବାୟୁ ପରିବର୍ତ୍ତନ ମୁକାବିଲା ସମ୍ପର୍କରେ ଆଲୋଚନା ଲାଗି କୋପ୍୨୭ରେ ଶତାଧିକ ବିଶ୍ୱନେତା ଏକାଠି ହୋଇଛନ୍ତି।

### ଶାହରୁଖ, ସଲ୍‌ମାନଙ୍କଠୁ ବଳିଗଲା ଇମ୍ରାନ୍‌ଙ୍କ ଆକ୍ଟିଙ୍ଗ୍



ଜମିଆତ୍ ଉଲେମା-ଇ-ଇସ୍‌ଲାମ ଫାଜଲ

ଇସ୍‌ଲାମାବାଦ୍, ୭।୧୧

ଅଭିନୟରେ ପାକ୍ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ବଲିଉଡ୍‌ର ସୁପରଷ୍ଟାର ଶାହରୁଖ ଓ ସଲମାନଙ୍କୁ ହରାଇ ଦେବେ ବୋଲି ପାକିସ୍ତାନର ବରିଷ୍ଠ ରାଜନେତା ତଥା ଜମିଆତ୍ ଉଲେମା-ଇ-ଇସ୍‌ଲାମ ଫାଜଲ (ଜେୟୁଆଇ-ଏଫ୍) ପାର୍ଟି ମୁଖ୍ୟ ମୌଲାନା ଫଜଲୁର ରେହମାନ ଗଣମାଧ୍ୟମକୁ ନିଜ ପ୍ରତିକ୍ରିୟା ଦେଇ କହିଛନ୍ତି। ସେ କହିଛନ୍ତି ଯେ, ଇମ୍ରାନ୍‌ଙ୍କ ଉପରକୁ ମରଣାନ୍ତକ ଆକ୍ରମଣ କରାଯାଇଥିବା ନେଇ ତାଙ୍କର ସନ୍ଦେହ ହେଉଛି। ଘଟଣା ସମ୍ପର୍କରେ ଶୁଣିବା ପରେ ଇମ୍ରାନ୍‌ଙ୍କୁ ନେଇ ମନରେ ସହାନୁଭୂତି ଭାବ ଆସିଥିଲା କିନ୍ତୁ ବର୍ତ୍ତମାନ ଇମ୍ରାନ୍‌ଙ୍କ କାର୍ଯ୍ୟକଳାପ ଦେଖିବା ପରେ ଏହା ପ୍ରହସନ ଭଳି ଲାଗୁଛି। ସରକାର ବିରୋଧୀ ରାଲି ବେଳେ ତାଙ୍କ ଉପରକୁ ଗୁଳିମାଡ଼ କରାଯାଇଥିଲା। ଡାହାଣ ଗୋଡ଼ରେ ଗୁଳିବାଜିବା ଯୋଗୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସର୍ଜରି ପରେ ଇମ୍ରାନ୍ ରବିବାର ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଥିଲେ।

# ଟୁଇଟର ଇଣ୍ଡିଆରୁ ୯୦% କର୍ମଚାରୀ ବିଦା

ନୂଆଦିଲ୍ଲୀ, ୭।୧୧

ସୋସିଆଲ ମିଡିଆ ଜାଏଣ୍ଟ କୁହାଯାଉଥିବା ଟୁଇଟରର ମାଲିକାନା ବିଶ୍ୱର ସବୁଠୁ ଧନୀ ଏଲନ ମସ୍କଙ୍କ ହାତକୁ ଚାଲିଯିବା କମ୍ପାନୀ କର୍ମଚାରୀଙ୍କ ପାଇଁ ଏକ ଘୋର ବିପତ୍ତି ଆଣି ଦେଇଥିବା କହିବା କୌଣସି କ୍ଷେତ୍ରରେ ଭୁଲ ହେବନାହିଁ। ବର୍ତ୍ତମାନ ସୁଦ୍ଧା ଟୁଇଟର ଇଣ୍ଡିଆରୁ ୯୦% କର୍ମଚାରୀଙ୍କୁ କମ୍ପାନୀ ବାହାର କରିସାରିଛି। ଟୁଇଟର ଇଣ୍ଡିଆରେ ଏବେ ୧୨ଜଣ କର୍ମଚାରୀ ଥିବାବେଳେ ଏହାର ପ୍ରଡକ୍ଟ ଏବଂ ଇଞ୍ଜିନିୟରିଂ ଟିମ୍‌ରୁ ପ୍ରାୟ ୭୦% କର୍ମଚାରୀଙ୍କୁ ଛଟେଇ କରାଯାଇଛି। ପୂର୍ବରୁ କମ୍ପାନୀରେ ୨୦୦ ଭାରତୀୟ କର୍ମଚାରୀ କାମ କରୁଥିଲେ। ଭାରତ ରାଜଧାନୀ ଦିଲ୍ଲୀ, ମୁମ୍ବାଇ ଓ ବେଙ୍ଗାଲୁରୁରେ ଟୁଇଟରର ତିନିଟି ବ୍ରାଞ୍ଚ କାର୍ଯ୍ୟ କରୁଛି। ଭାରତରେ ଗ୍ଲୋବାଲ ଇଣ୍ଟରନେଟ୍ କମ୍ପାନୀ ଗୁଗଲ, ମେଟା ଓ ଟୁଇଟର ବେଶ୍ ଆଦୃତ ଲାଭ କରିଛି। ୟୁଜର୍ସମାନଙ୍କ ଗୋପନୀୟତାକୁ ନେଇ ଏହି କମ୍ପାନୀଗୁଡ଼ିକ ଉପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ବହୁ ନିୟମ ଲାଗୁ କରାଯାଇଛି। ବର୍ତ୍ତମାନ ଟୁଇଟର କମ୍ପାନୀର ମାର୍କେଟ ଭାଲ୍ୟୁ ଉପରେ ନକାରାତ୍ମକ ପ୍ରଭାବ ବଢ଼ିଥିବାବେଳେ ୟୁଜରଙ୍କ ପ୍ରତି ଟୁଇଟର ରେସ୍ପନ୍ସ ମଧ୍ୟ କମିଯାଇଛି। କାଲିଫର୍ନିଆ ସାନ୍-ଫ୍ରାନ୍ସିସ୍କୋରେ ଥିବା ଏହାର ମୁଖ୍ୟାଳୟରେ ୫୦%ରୁ ଊର୍ଦ୍ଧ୍ୱ କର୍ମଚାରୀ ବିଦା ହୋଇସାରିଲେଣି। ମୋଟ ଉପରେ ଟୁଇଟରରେ ବର୍ତ୍ତମାନ ୩,୭୦୦ କର୍ମଚାରୀ କାମ କରୁଛନ୍ତି।



କଶ୍ମୀର ଉପତ୍ୟକାରେ ସୋମବାର ତୁଷାରପାତ ହୋଇଛି। ଗୁଲମାର୍ଗର ତାପମାତ୍ରା ବିୟୁକ୍ତ ୪.୫ ଡିଗ୍ରୀ ସେଲ୍‌ସିୟସ୍‌କୁ ଖସିଆସିଛି।

### ରାଜସାକ୍ଷୀ ହେବେ ସିସୋଡିଆଙ୍କ ସହଯୋଗୀ

**ଦିଲ୍ଲୀ ଅବକାରୀ ଦୁର୍ନୀତି**

ନୂଆଦିଲ୍ଲୀ,୭।୧୧

ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କ ଘନିଷ୍ଠ ସହଯୋଗୀ ଦିନେଶ ଆରୋରା ରାଜସାକ୍ଷୀ ହେବା ଲାଗି ନିଷ୍ପତ୍ତି ନେଇଛନ୍ତି। ଏହା ସିସୋଡିଆଙ୍କ ପାଇଁ ସମସ୍ୟା ସୃଷ୍ଟି କରିପାରେ ବୋଲି କୁହାଯାଉଛି। ମାମଲାର ସାକ୍ଷୀ ଭାବେ ଆରୋରାଙ୍କୁ ଆଗୁଆ ଜାମିନରେ ନେବା ଲାଗି ସିବିଆଇ ଅଦାଲତଙ୍କ ଅନୁମତି ଲୋଡ଼ିଛି। ମାମଲାର ଅନ୍ୟ ଅଭିଯୁକ୍ତମାନଙ୍କ ସହ ବ୍ୟବସାୟୀ ଆରୋରାଙ୍କର ଘନିଷ୍ଠ ସମ୍ପର୍କ ରହିଛି। ନୂଆ ଅବକାରୀ ନୀତିରେ ମଦ ଲାଇସେନ୍ସ ପ୍ରଦାନରେ ହୋଇଥିବା ଅର୍ଥ କାରବାର ସହ ସେ ସମ୍ପୃକ୍ତ ଥିଲେ। ତେବେ କମିଶନ କାରବାରରେ ସେ ଲାଭବାନ୍ ହୋଇ ନ ଥିଲେ। ସେ ତଦନ୍ତରେ ସହଯୋଗ କରୁଥିବା ସିବିଆଇ କହିଛି। ରାଜଧାନୀରେ ମଦ ବିକ୍ରି ପାଇଁ ଦିଲ୍ଲୀ ସରକାର ଆଣିଥିବା ନୂଆ ଅବକାରୀ ନୀତିରେ ଅନିୟମିତତା ରହିଥିବା ନେଇ ଉପରାଜ୍ୟପାଳ ଅଭିଯୋଗ ଆଣିଥିଲେ। ଏଥିସହ ସେ ସିବିଆଇକୁ ଏହାର ତଦନ୍ତ ଦାୟିତ୍ୱ ଦେଇଥିଲେ। ପରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ନୂଆ ନୀତିକୁ ରଦ୍ଦ କରି ପୁନର୍ବାର ପୁରୁଣା ନୀତି କାର୍ଯ୍ୟକାରୀ କରିଥିଲେ।



ଦିନେଶ ଆରୋରା

### ୩ ଦୋଷୀଙ୍କୁ ମୁକ୍ତ କଲେ ସୁପ୍ରିମକୋର୍ଟ

**୨୦୧୨ ବଳାତ୍କାର ହତ୍ୟା ମାମଲା**

ନୂଆଦିଲ୍ଲୀ,୭।୧୧

ନିର୍ଭୟା ଗଣବଳାତ୍କାର ଓ ହତ୍ୟା ଘଟଣାର କିଛି ମାସ ପୂର୍ବରୁ ୨୦୧୨ ଫେବୃୟାରୀରେ ଦିଲ୍ଲୀର ଜଣେ ୧୯ ବର୍ଷୀୟା ଯୁବତୀଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିଲା। ଏହି ମାମଲାରେ ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରା ଦୋଷୀସାବ୍ୟସ୍ତ ୩ ଜଣଙ୍କୁ ସୁପ୍ରିମକୋର୍ଟ ସୋମବାର ମୁକ୍ତ କରିଦେଇଛନ୍ତି। ଅପହରଣ ହେବାର କିଛିଦିନ ପରେ ଯୁବତୀଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ହରିୟାଣାର ରେୱାରି ଜିଲା ଅନ୍ତର୍ଗତ ଏକ ବିଲରୁ ମିଳିଥିଲା। ତାଙ୍କ ଦେହରେ ଅନେକ କ୍ଷତଚିହ୍ନ ଥିଲା। ଦିଲ୍ଲୀର ନାଜଫଗଡ଼ ଥାନାରେ ଅପହରଣ, ବଳାତ୍କାର ଓ ହତ୍ୟା ମାମଲା ରୁଜୁ ହୋଇଥିଲା। ଦିଲ୍ଲୀର ଏକ ଅଦାଲତ ମାମଲାର ବିଚାର କରି ୨୦୧୪ ଫେବୃୟାରୀରେ ଅଭିଯୁକ୍ତ ରବିକୁମାର, ରାହୁଲ ଏବଂ ବିନୋଦଙ୍କୁ ଦୋଷୀସାବ୍ୟସ୍ତ କରିବା ସହ ସେମାନଙ୍କୁ ମୃତ୍ୟୁଦଣ୍ଡାଦେଶ ଦେଇଥିଲେ। ସେହିବର୍ଷ ଦିଲ୍ଲୀ ହାଇକୋର୍ଟ ସେମାନଙ୍କ ମୃତ୍ୟୁ ଦଣ୍ଡାଦେଶକୁ କାଏମ ରଖିଥିଲେ। ଅପରାଧୀମାନେ ହାଇକୋର୍ଟଙ୍କ ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବା ସହ ଦଣ୍ଡ କୋହଳ ଲାଗି ଆବେଦନ କରିଥିଲେ। ପ୍ରଧାନ ବିଚାରପତି ୟୁ.ୟୁ. ଲଳିତ, ଜଷ୍ଟିସ ଏସ୍ ରବୀନ୍ଦ୍ର ଭଟ୍ଟ ଏବଂ ବେଲା ଏମ୍. ତ୍ରିବେଦୀଙ୍କ ଖଣ୍ଡପୀଠ ହାଇକୋର୍ଟଙ୍କ ରାୟକୁ ଖାରଜ କରିଦେବା ସହ ଅପରାଧୀମାନଙ୍କୁ ମୁକ୍ତ କରିଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ଆଫ୍ରିକୀୟ ଚିତାର ଭାରତରେ ପ୍ରଥମ ଶିକାର

ନୂଆଦିଲ୍ଲୀ,୭।୧୧

ଆଫ୍ରିକୀୟ ଦେଶ ନାମିବ୍ୟାରୁ ସେପ୍ଟେମ୍ବର ୧୭ରେ ମଧ୍ୟପ୍ରଦେଶର କୁନୋ ଜାତୀୟ ଉଦ୍ୟାନକୁ ଅଣାଯାଇଥିବା ଚିତା ଭାରତ ମାଟିରେ ପ୍ରଥମ ଶିକାର କରିଛନ୍ତି। କ୍ୱାରାଣ୍ଟାଇନରେ ଥିବା ୮ଟି ଚିତାଙ୍କ ମଧ୍ୟରୁ ଦୁଇ ଅଣ୍ଡିରା ଚିତା ଫ୍ରେଡି ଏବଂ ଏଲ୍‌ଟନଙ୍କୁ ଗତ ୫ ତାରିଖରେ ଏକ ବୃହତ୍ ଏନ୍‌କ୍ଲୋଜର ମଧ୍ୟରେ ଛଡ଼ାଯାଇଥିଲା। ମୁକ୍ତ ହେବାର ୨୪ ଘଣ୍ଟା ମଧ୍ୟରେ ସେମାନେ ଏକ ହରିଣ ଶିକାର କରିଛନ୍ତି। ଚିତାଗୁଡ଼ିକ ସୁସ୍ଥ, ସକ୍ରିୟ ରହିବା ସହ ପରିବେଶ ସହ ଖାପଖୁଆଇ ଗଲେଣି ବୋଲି ଶନବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ। ଅନ୍ୟ ଚିତାଗୁଡ଼ିକୁ ଖୁବ୍‌ଶୀଘ୍ର ମୁକ୍ତ କରାଯିବ।



**ଇରାନ ଆନ୍ଦୋଳନକୁ ସମର୍ଥନ**

# ହିଜାବ ପୋଡ଼ିଲେ କେରଳ ମହିଳା

କୋଝିକୋଡେ,୭।୧୧

ହିଜାବ ବିବାଦ ଥମିବାର ନାଁ ନେଉନି। ଇରାନୀୟ ମହିଳାମାନେ ଦୁଇମାସ ହେଲା ହିଜାବ ବିରୋଧୀ ଆନ୍ଦୋଳନ ଜାରି ରଖିଛନ୍ତି। ଏହି ଆନ୍ଦୋଳନରେ ଶତାଧିକ ମହିଳାଙ୍କ ଜୀବନ ଗଲାଣି। ସେମାନଙ୍କୁ ସମର୍ଥନ ଜଣାଇ କେରଳର କୋଝିକୋଡେଠାରେ ଯୁକ୍ତିବାଦୀ ସଂଗମର ମୁସଲମାନ ମହିଳାମାନେ ରବିବାର ହିଜାବ ପୋଡ଼ିଛନ୍ତି।

କର୍ନାଟକ ସରକାର ଶିକ୍ଷାନୁଷ୍ଠାନରେ ହିଜାବ ପରିଧାନ ଉପରେ ରୋକ ଲଗାଇବା ପରେ ଏହା ବିରୋଧରେ କରି ବହୁସଂଖ୍ୟାରେ ମୁସଲମାନ ଛାତ୍ରୀ ରାସ୍ତାକୁ ଓହ୍ଲାଇଥିଲେ। ଉଡୁପି ମହିଳା ପ୍ରି-ୟୁନିଭର୍ସିଟି କଲେଜର ୬ ଜଣ ଛାତ୍ରୀ ଏହାର ନେତୃତ୍ୱ ନେଇଥିଲେ। ହିଜାବ ପିନ୍ଧିବା ସେମାନଙ୍କର ଅଧିକାର ବୋଲି ଦାବି କରି ସେମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କର୍ନାଟକ ହାଇକୋର୍ଟ ସରକାରଙ୍କ ସପକ୍ଷରେ ରାୟ ଦେବା ପରେ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ହିଜାବ ପିନ୍ଧିବା ଇସ୍‌ଲାମରେ ଜରୁରୀ ପ୍ରଥା ନୁହେଁ ବୋଲି ସ୍ୱତନ୍ତ୍ର ଖଣ୍ଡପୀଠ କହିଥିଲେ।

ଗତ ସେପ୍ଟେମ୍ବରରେ ଇରାନରେ ହିଜାବ ବିରୋଧରେ ପ୍ରତିବାଦର ସ୍ୱର ଉଠିଥିଲା। ସେଠାର ହିଜାବକୁ ବିରୋଧ କରୁଥିବା ମହସା ଅମିନି ନାମ୍ନୀ ମହିଳାଙ୍କର ପୋଲିସ ହାଜତରେ ମୃତ୍ୟୁ ପରେ ଆନ୍ଦୋଳନ ହିଂସାତ୍ମକ ରୂପ ନେଇଥିଲା। ବିକ୍ଷୋଭ ୧୫୦ରୁ ଊର୍ଦ୍ଧ୍ୱ ସହରକୁ ବ୍ୟାପିଥିବାବେଳେ ଏହାକୁ ଦମନ କରିବାକୁ ଯାଇ ପୋଲିସ କାର୍ଯ୍ୟାନୁଷ୍ଠାନରେ ୯୨ ଜଣ ପ୍ରାଣ ହରାଇଥିବା ଏକ ଏନ୍‌ଜିଓ ପକ୍ଷରୁ କୁହାଯାଇଥିଲା। ଇରାନ ସରକାରଙ୍କ କାର୍ଯ୍ୟାନୁଷ୍ଠାନକୁ ବିଭିନ୍ନ ଦେଶରେ ବିରୋଧ କରାଯିବା ସହ ଆନ୍ଦୋଳନକାରୀ ମହିଳାଙ୍କ ସମର୍ଥନରେ ଶୋଭାଯାତ୍ରା କରାଯାଇଛି।



କୋଝିକୋଡ଼େଠାରେ ଯୁକ୍ତିବାଦୀ ସଂଗମର ମୁସଲମାନ ମହିଳାମାନେ ହିଜାବ ପୋଡୁଛନ୍ତି।

କୋଝିକୋଡେଠାରେ ରବିବାର କେରଳ ଯୁକ୍ତିବାଦୀ ସଙ୍ଗମ୍‌ର ସେମିନାର ପରେ ମୁସଲମାନ ମହିଳାମାନେ ହିଜାବ ପୋଡ଼ିଥିଲେ। ୬ ଜଣ ମହିଳା ଏହାର ନେତୃତ୍ୱ ନେଇଥିଲେ। ଭାରତରେ ହିଜାବ ପୋଡ଼ି ପ୍ରଥମ ଘଟଣା। ଇରାନରେ ହିଜାବ ପିନ୍ଧିବାକୁ ବାଧ୍ୟତାମୂଳକ କରାଯିବା ପ୍ରତିବାଦରେ ମହିଳାମାନେ ବିକ୍ଷୋଭ ଚଳାଇଥିବାବେଳେ ସେମାନଙ୍କ ସମର୍ଥନରେ କେରଳର ମୁସଲମାନ ମହିଳାମାନେ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇଥିଲେ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୩,୬୮,୪୪,୮୩୬ | ୬୬,୦୬,୦୩୫ | ୬୧,୭୫,୮୩,୩୪୦ |
| ଭାରତ | ୪,୪୬,୬୧,୫୧୬ | ୫,୩୦,୫୦୯ | ୪,୪୧,୧୬,୪୯୨ |
| ଓଡ଼ିଶା | ୧୩,୩୬,୨୬୬ | ୯୨୦୪(+୫୩) | ୧୩,୨୬,୮୬୨ |

ସୋମବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ତୀର ମାରି ଗର୍ଭଣୀ ହାତୀକୁ ମାରିଦେଲେ

## ମା' ଓ ଛୁଆର ଗଳିତ ମୃତଦେହ ଜବତ

**କେନ୍ଦୁଝର/ତେଲକୋଇ, ୭।୧୧(ସ୍ୱ.ପ୍ର./ଡି.ଏନ.ଏ.)**

କେନ୍ଦୁଝର ଜିଲା ତେଲକୋଇ ରେଞ୍ଜ ତାଳପଦା ସେକ୍ସନ ତାଳପଦା ବିଟ୍ ଅଧୀନ କୁଳିଆପାଳ ନିକଟ କଳାପାଟ ସଂରକ୍ଷିତ ଜଙ୍ଗଲରୁ ବନ ବିଭାଗ ଏକ ମାଈ ହାତୀ ଓ ଶାବକର ଗଳିତ ମୃତଦେହ ଠାବ କରିଛି। ମା' ହାତୀକୁ ତୀର ବିଦ୍ଧ କରି ହତ୍ୟା କରାଯାଇଥିବା ବ୍ୟବଚ୍ଛେଦରୁ ଜଣାପଡ଼ିଛି। ବ୍ୟବଚ୍ଛେଦରେ ମୃତ ମାଈ ହାତୀର ଶରୀରରୁ ତୀର ବାହାରିଛି। ତୀରଟି ପାକସ୍ଥଳୀ ଦେଇ ଗର୍ଭାଶୟକୁ ଭେଦ କରିଥିଲା। ଅସହ୍ୟ ଯନ୍ତ୍ରଣା ଯୋଗୁ ଅପରିପକ୍ୱ ଛୁଆ ହାତୀ ଜନ୍ମ ଦେବା ପରେ ମା' ହାତୀଟିର ମୃତ୍ୟୁ ଘଟିଛି ବୋଲି ବ୍ୟବଚ୍ଛେଦ କରିଥିବା ପ୍ରାଣୀ ଚିକିତ୍ସକ ଡା. କୈଳାଶ ଚନ୍ଦ୍ର ମଲ୍ଲିକ ପ୍ରକାଶ କରିଛନ୍ତି। ତେବେ ପାରିପାର୍ଶ୍ୱିକ ସ୍ଥିତିରୁ ପାଖାପାଖି ଦୁଇ ସପ୍ତାହ ତଳୁ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ଖବରପାଇ କେନ୍ଦୁଝର ଡିଏଫ୍ଓ ଏଚ୍‌ଡି ଧନ୍‌ରାଜ, ତେଲକୋଇ ରେଞ୍ଜର ଶିବାଜୀମୋହନ ରାଓ ଅନ୍ୟ ବନ କର୍ମଚାରୀଙ୍କ ସହ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ସୂଚନା ମୁତାବକ, ସୋମବାର କଳାପାଟ ଗ୍ରାମର କିଛି ଲୋକେ ଉକ୍ତ ଜଙ୍ଗଲକୁ ଯାଇଥିବା ବେଳେ ଦୁର୍ଗନ୍ଧ ହୋଇଥିଲା। ସେଠାରେ ଦୁଇ ହାତୀର ଗଳିତ ମୃତଦେହ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ପରେ ତାଳପଦା ସେକ୍ସନ ବନ କର୍ମଚାରୀ ସଂରକ୍ଷିତ ଜଙ୍ଗଲକୁ ଯାଇ ଖୋଜାଖୋଜି କରି ମୃତଦେହ ଠାବ କରିଥିଲେ। ମାଈ ହାତୀ ମୃତଦେହର ବାମ ପଟ ପେଟରେ ତୀର ବିଦ୍ଧ ହୋଇଥିବା ଦାଗ ଥିବାରୁ ବିଷଯୁକ୍ତ ତୀରରେ ହାତୀର ମୃତ୍ୟୁ ହୋଇଥିବା କୁହାଯାଇଥିଲା। ଏନେଇ ଡିଏଫ୍ଓ କହିଛନ୍ତି, ହାତୀ ସ୍ଥାନୀୟ ଅଞ୍ଚଳରେ ବହୁ ଚାଷଜମି କ୍ଷତି କରିଛନ୍ତି। ତେଣୁ କେହି ଚାଷୀ ଉକ୍ତ ହାତୀକୁ ତୀର ମାରିଥାଇପାରନ୍ତି। ମୃତ ହାତୀର ବ୍ୟବଚ୍ଛେଦ ହୋଇଛି ଏବଂ ଅଧିକ ତଦନ୍ତ ଜାରି ରହିଥିବା ସେ କହିଛନ୍ତି। ଅନ୍ୟପକ୍ଷେ କେନ୍ଦୁଝର ଡିଭିଜନର ୭ଟି ରେଞ୍ଜରେ ସମୁଦାୟ ୧୨୫ ହାତୀଙ୍କ ଚଳପ୍ରଚଳ ରହିଛି। ତେଲକୋଇ ରେଞ୍ଜ ତାଳପଦା ସେକ୍ସନ ତାଳପଦା ବିଟ୍‌ରେ ଗତ ୫ ଦିନ ମଧ୍ୟରେ ହାତୀଙ୍କ ଚଳପ୍ରଚଳ ନେଇ ରିପୋର୍ଟ କରାଯାଇନାହିଁ। ଏହି ଦୁଇ ମୃତ ହାତୀ ସେଠାକୁ କିପରି ଆସିଲେ ଏବଂ ପୂର୍ବରୁ ରିପୋର୍ଟ ହୋଇଛି କି ନାହିଁ ତାହା ତଦନ୍ତ ଦାବି ହୋଇଛି। ତେବେ ହାତୀ ଜଗିବା ପାଇଁ ନିୟୋଜିତ ଥିବା ସ୍କ୍ୱାଡ୍ କର୍ମଚାରୀଙ୍କୁ ଘରୋଇ କାମ, ବନୀକରଣ, ଅଫିସ କାମ ଆଦିରେ ନିୟୋଜିତ କରାଯାଉଥିବାରୁ ହାତୀମାନଙ୍କର ନିରୀକ୍ଷଣ ଠିକ୍ ଭାବରେ ହୋଇପାରୁନାହିଁ ବୋଲି କୁହାଯାଉଛି।



ଜଙ୍ଗଲରେ ଠାବ ମା' ଓ ଛୁଆହାତୀର ଗଳିତ ମୃତଦେହ।

### ସନ୍ଦେହରେ ହାତୀ ଟ୍ରାକିଂ ବ୍ୟବସ୍ଥା

କେନ୍ଦୁଝର ଜିଲାରେ ହାତୀମାନଙ୍କ ଚଳପ୍ରଚଳ ନିରୀକ୍ଷଣ ଓ ହାତୀମାନଙ୍କ ସୁରକ୍ଷା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ପ୍ରତ୍ୟେକ ଦିନ ହାତୀ ସ୍କ୍ୱାଡ୍ ତଥା ଫରେଷ୍ଟର ଏବଂ ଫରେଷ୍ଟ ଗାର୍ଡମାନେ ନିଜ ନିଜ ବନାଞ୍ଚଳରେ ହାତୀର ଉପସ୍ଥିତି ନେଇ ଏକ ଆପ୍ ମାଧ୍ୟମରେ ରିପୋର୍ଟ କରିଥାନ୍ତି। ମାତ୍ର ଏହି ଘଟଣାରେ ଦୀର୍ଘ ଦିନ ଧରି ହାତୀ ମୃତ୍ୟୁବରଣ କରିଥିଲେ ହେଁ କିପରି ବନ ବିଭାଗ ଜାଣିପାରିଲେ ନାହିଁ, ଏ ନେଇ ହାତୀର ଉପସ୍ଥିତି ନେଇ ଦୈନନ୍ଦିନ ଦିଆଯାଉଥିବା ରିପୋର୍ଟ ଉପରେ ସନ୍ଦେହ ସୃଷ୍ଟି ହେଉଛି। ଏଣୁ ବନ କର୍ମଚାରୀମାନେ ଅଞ୍ଚଳକୁ ଯାଉ ନ ଥିବା ଏବଂ ଠିକ୍ ଟ୍ରାକିଂ ନ କରି ରିପୋର୍ଟ ଦେଉଥିବା ସ୍ପଷ୍ଟ ହୋଇଛି। ପୂର୍ବରୁ ମଧ୍ୟ ଏଭଳି ଅବହେଳା ପରିଲକ୍ଷିତ ହୋଇ ଆସୁଥିଲେ ହେଁ ବିଭାଗ ପକ୍ଷରୁ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯାଇନାହିଁ। ଫଳରେ ସୋମବାର ପୁଣି ୨ଟି ହାତୀର ମୃତଦେହ ଠାବ ହେବା ପରିବେଶବିତ୍ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି।

### ୨ ବର୍ଷରେ ୧୨ ହାତୀଙ୍କ ମୃତ୍ୟୁ

ଗତ ଜୁନ୍ ୨୬ରେ ଉକ୍ତ ବନାଞ୍ଚଳର କଳାପାଟ ସଂରକ୍ଷିତ ଜଙ୍ଗଲରେ ଏକ ହାତୀର ଗଳିତ ଶବ ବନ ବିଭାଗ ଉଦ୍ଧାର କରିଥିଲା। କିଛି ମାସ ତଳେ ସଦର ରେଞ୍ଜରେ ୨ ହାତୀ ବିଦ୍ୟୁତ୍ ଆଘାତରେ ମୃତ୍ୟୁବରଣ କରିଥିଲେ ଏବଂ ୨୦୨୧-୨୨ରେ କେନ୍ଦୁଝର ଡିଭିଜନରେ ୬ ହାତୀ ମୃତ୍ୟୁବରଣ କରିଥିବା ବେଳେ ୨୦୨୨-୨୩ ଅଦ୍ୟାବଧି ୬ ହାତୀ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି।





ରାଷ୍ଟ୍ରପତି ଭବନରେ ସୋମବାର ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜଗତ୍‌ସିଂହପୁରର ଖୁଲଣା ବାରିକ ଓ ବ୍ରହ୍ମପୁରର ଶିବାନୀ ଦାଶଙ୍କୁ ଜାତୀୟ ଫ୍ଲୋରେନ୍ସ ନାଇଟିଙ୍ଗେଲ ପୁରସ୍କାର ପ୍ରଦାନ କରୁଛନ୍ତି।

# ଓଡ଼ିଶାର ୩ଜଣଙ୍କୁ ଜାତୀୟ ଫ୍ଲୋରେନ୍ସ ନାଇଟିଙ୍ଗେଲ ପୁରସ୍କାର

**ଭୁବନେଶ୍ୱର, ୭।୧୧(ବ୍ୟୁରୋ)**

ନର୍ସିଂ ସେବା କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନ ଲାଗି ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ୨୦୨୧ ପାଇଁ ସୋମବାର 'ଜାତୀୟ ଫ୍ଲୋରେନ୍ସ ନାଇଟଙ୍ଗେଲ ପୁରସ୍କାର' ଦିଆଯାଇଛି। ରାଷ୍ଟ୍ରପତି ଭବନରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶର ବିଭିନ୍ନ ରାଜ୍ୟ ତଥା କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକରୁ ମୋଟ ୫୧ଜଣଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଏମାନଙ୍କ ମଧ୍ୟରେ ୧୭ଜଣ ଏଏନ୍‌ଏମ୍ ଥିବାବେଳେ ୪ଜଣ ଏଲ୍‌ଏଚ୍‌ଭି ଏବଂ ୩୦ଜଣ ନର୍ସ ରହିଛନ୍ତି। ଏମାନଙ୍କ ମଧ୍ୟରେ ଓଡ଼ିଶାରୁ ୩ଜଣ ଜାତୀୟ ଫ୍ଲୋରେନ୍ସ ନାଇଟଙ୍ଗେଲ ପୁରସ୍କାର ପାଇଛନ୍ତି। ସେମାନେ ହେଲେ ଏଏନ୍‌ଏମ୍ ଦମୟନ୍ତୀ ରାଉତ, ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟର ନର୍ସ ଖୁଲଣା ବାରିକ ଓ ବ୍ରହ୍ମପୁର ଏମ୍‌କେସିଜିର ନର୍ସିଂ ଅଫିସର ଶିବାନୀ ଦାଶ। ସେହିଭଳି ମହାରାଷ୍ଟ୍ର ଓ କର୍ନାଟକରୁ ସର୍ବାଧିକ ୪ଜଣ ଲେଖାଏ ଥିବାବେଳେ ରାଜସ୍ଥାନ, ମଣିପୁର ଓ ଗୁଜରାଟରୁ ୩ଜଣ ଲେଖାଏ, ଆଣ୍ଡାମାନ ନିକୋବର, ବିହାର, ଦିଲ୍ଲୀ, ଉତ୍ତରପ୍ରଦେଶ, ତାମିଲନାଡୁ, ପୁଡୁଚେରୀ, ପଶ୍ଚିମବଙ୍ଗ, ଉତ୍ତରାଖଣ୍ଡ, କେରଳ ଓ ସିକ୍କିମରୁ ୨ଜଣ ଲେଖାଏ, ତ୍ରିପୁରା, ପଞ୍ଜାବ, ମିଜୋରାମ, ଅରୁଣାଚଳ ପ୍ରଦେଶ, ମେଘାଳୟ, ଆନ୍ଧ୍ରପ୍ରଦେଶ, ଲାକ୍ଷାଦ୍ୱୀପ, ଚଣ୍ଡିଗଡ଼, ଜମ୍ମୁ କଶ୍ମୀର, ହିମାଚଳ ପ୍ରଦେଶ ଓ ହରିୟାଣାରୁ ଜଣେ ଲେଖାଏ ରହିଛନ୍ତି। ସୂଚନାଯୋଗ୍ୟ, ସମାଜ ପ୍ରତି ନର୍ସିଂ ବୃତ୍ତିଧାରୀମାନଙ୍କ ପ୍ରଶଂସନୀୟ କାର୍ଯ୍ୟକୁ ସ୍ୱୀକୃତି ପ୍ରଦାନ କରିବା ଉଦ୍ଦେଶ୍ୟରେ ଭାରତ ସରକାରଙ୍କ ପକ୍ଷରୁ ୧୯୭୩ ମସିହାରୁ ଜାତୀୟ ଫ୍ଲୋରେନ୍ସ ନାଇଟଙ୍ଗେଲ ପୁରସ୍କାର ଆରମ୍ଭ କରାଯାଇଥିଲା।

# ସମୁଦ୍ରରେ ବୁଡ଼ିଗଲେ ୩: ଜଣେ ମୃତ, ୨ ଉଦ୍ଧାର

**ଗଞ୍ଜାମ,୭।୧୧(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ରମ୍ଭା ଥାନା ଅନ୍ତର୍ଗତ ବଟେଶ୍ୱର ଶୈବପୀଠ ନିକଟସ୍ଥ ସମୁଦ୍ରକୁ ଗାଧୋଇବାକୁ ଯାଇଥିବା ବେଳେ ପାଣିରେ ବୁଡ଼ି ସୋମବାର ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ ହୁମ୍ମା ଅଞ୍ଚଳର ରବୀନ୍ଦ୍ର ସ୍ୱାଇଁଙ୍କ ପୁଅ ଗାୟତ୍ରୀ ଜଗନ୍ନାଥ (୧୫)। ଅପରାହ୍ନରେ ଜଗନ୍ନାଥ ଓ ତାଙ୍କ ୨ ସାଙ୍ଗ ବଟେଶ୍ୱର ସମୁଦ୍ରକୁ ଗାଧୋଇବାକୁ ଯାଇଥିବା ବେଳେ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକ ୩ଜଣଙ୍କୁ ଉଦ୍ଧାରକରି ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲେ। କିନ୍ତୁ ସେଠାରେ ଜଗନ୍ନାଥଙ୍କ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ। ପୁଅର ମୃତ୍ୟୁକୁ ନେଇ ପରିବାର ଲୋକେ ଦୁଃଖିତ ଥିବା ବେଳେ ବାପା ରବୀନ୍ଦ୍ର ପୁଅର ଚକ୍ଷୁଦାନ କରିବେ ବୋଲି କହିଛନ୍ତି। ମୃତକ ଜଣଙ୍କ ହୁମ୍ମା ବୀରଭଦ୍ର ହାଇସ୍କୁଲର ଦଶମ ଶ୍ରେଣୀର ଛାତ୍ର ବୋଲି ଜଣାପଡ଼ିଛି।






# ଜମିବାଡ଼ି ବିବାଦରୁ ହତ୍ୟା

## ବଡ଼ଭାଇ ଆକ୍ରମଣରେ ସାନ ମୃତ

**କଟକ ଅଫିସ,୭।୧୧**

ଜମିବାଡ଼ି ବିବାଦକୁ ନେଇ ସୋମବାର ଦରଘାବଜାର ଥାନା ଅନ୍ତର୍ଗତ ବାଉଁଶଗଳିରେ ଏକ ହତ୍ୟାକାଣ୍ଡ ଘଟିଛି। ଧାରୁଆ ଅସ୍ତ୍ରରେ ବଡ଼ଭାଇ ଆଜିମଉଲ୍ଲା(୪୫)ଙ୍କ ଆକ୍ରମଣରେ ସାନଭାଇ ସଇଫୁଲ୍ଲା ଖାନ (୪୨)ଙ୍କ ଜୀବନ ଯାଇଛି। ସାନଭାଇଙ୍କ ସ୍ତ୍ରୀ ଆସ୍‌ମା ବେଗମଙ୍କ ଅଭିଯୋଗ ଭିତ୍ତିରେ ଦରଘାବଜାର ଥାନାରେ ଏକ କେସ୍ (ନଂ. ୧୩୩/୨୦୨୨) ରୁଜୁ ହୋଇଛି। ପୋଲିସ ଅଭିଯୁକ୍ତ ବଡ଼ଭାଇ ଆଜିମଉଲ୍ଲାଙ୍କୁ ଗିରଫ କରିଛି। ସେହିପରି ସାନଭାଇ ନିଜକୁ ବଞ୍ଚାଇବାକୁ କରିଥିବା ପ୍ରତି ଆକ୍ରମଣରେ ବଡ଼ ଭାଇ ଆହତ ହୋଇଥିବାରୁ ତାଙ୍କୁ ପୋଲିସ ଏସ୍‌ସିବି ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଛି। ମଙ୍ଗଳବାର ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯିବ ବୋଲି ସୂଚନା ମିଳିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଅଜିମଉଲ୍ଲା ଓ ସଇଫୁଲ୍ଲାଙ୍କ ସମେତ ସେମାନେ ମୋଟ ୭ ଭାଇ। ଆଜିମଉଲ୍ଲା ଓ ସଇଫୁଲ୍ଲାଙ୍କ ମଧ୍ୟରେ ଦୀର୍ଘଦିନ ଧରି ଜମିବାଡ଼ି ଭାଗବଣ୍ଟାକୁ ନେଇ ବିବାଦ ଲାଗିରହିଛି। ତେବେ ସୋମବାର ସକାଳ ପ୍ରାୟ ୯.୫୦ରେ ମୋଟରସାଇକେଲ ରଖିବାକୁ ନେଇ ବଡ଼ଭାଇ ଅଜିମଉଲ୍ଲାଙ୍କୁ ସାନଭାଇ ସଇଫୁଲ୍ଲା ବିରୋଧ କରିଥିଲେ। ଏଇଥିରୁ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ଜମିବାଡ଼ିଜନିତ ପୂର୍ବରାଗକୁ ଶୁଝାଇବାକୁ ଯାଇ ଅଜିମଉଲ୍ଲା ଏକ ଧାରୁଆ ଅସ୍ତ୍ରରେ ସଇଫୁଲ୍ଲାଙ୍କ ପିଠିପଟକୁ ୨ଥର ଗଭୀର ଭାବେ ଆଘାତ କରିଥିଲେ। ଫଳରେ ପ୍ରବଳ ରକ୍ତସ୍ରାବ ହୋଇ ସଇଫୁଲ୍ଲା ଗୁରୁତର ଆହତ ହୋଇପଡ଼ିଥିଲେ। ଘଟଣା ସମ୍ପର୍କରେ ଦରଘାବଜାର ଥାନା ପୋଲିସ ଖବର ପାଇ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ସଇଫୁଲ୍ଲାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଏସ୍‌ସିବି ମେଡିକାଲକୁ ପଠାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଓଏଏସ୍ ଅଫିସରସ୍ତରରେ ଅଦଳବଦଳ

**ଭୁବନେଶ୍ୱର,୭।୧୧(ବ୍ୟୁରୋ)**

ରାଜ୍ୟ ସରକାର ସୋମବାର ବରିଷ୍ଠ ଓଏଏସ୍ ଅଫିସରସ୍ତରରେ ଅଦଳବଦଳ କରିଛନ୍ତି। ୮ ଜଣ ଅଫିସରଙ୍କୁ ଅଦଳବଦଳ କରାଯାଇଛି। ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ମନୋଜ କୁମାର ପାଢ଼ୀଙ୍କୁ ଏସ୍‌ସି/ଏସ୍‌ଟି ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଥିବା ବେଳେ ସୁଚାରୁ କୁମାର ବଳଙ୍କୁ ବାଲେଶ୍ୱର ଏଡିଏମ୍,ପ୍ରତାପ ଚନ୍ଦ୍ର ବେଉରାଙ୍କୁ ଖୋର୍ଦ୍ଧା ଏଡିଏମ୍,ପ୍ରତାପ ଚନ୍ଦ୍ର ପ୍ରଧାନଙ୍କୁ ଗଞ୍ଜାମ ଜିଲା ପରିଷଦ ଏଇଓ, କମଳଜିକତ ଦାସଙ୍କୁ କଟକ ଉପଜିଲାପାଳ,ସୁବ୍ରତ ବେହେରାଙ୍କୁ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡର ଜିଏମ୍, ମନୋରଞ୍ଜନ ସାହୁଙ୍କୁ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡର ଜିଏମ୍‌କ(ସ୍ପେଶାଲ ପ୍ରୋଜେକ୍ଟ) ଏବଂ ଇତିଶ୍ରୀ ନାୟକଙ୍କୁ ପୁରୀ ଡେପୁଟି କଲେକ୍ଟର ଭାବେ ବଦଳି କରାଯାଇଛି।

# ଦୁର୍ଘଟଣାରେ ଗଲା ୫ ଜୀବନ

**ଉତ୍ତରଓଡ଼ିଶାର ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାରେ ସୋମବାର ଦୁଇଟି ମର୍ମନ୍ତୁଦ ଦୁର୍ଘଟଣାରେ ୫ଜଣଙ୍କ ମୃତ୍ୟୁ ହୋଇଛି। ବାଲେଶ୍ୱର ସିମୁଳିଆ ଥାନା ଅଞ୍ଚଳରେ ୩ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା-କରଞ୍ଜିଆ ରାସ୍ତାରେ ୨ ଯୁବକଙ୍କ ପ୍ରାଣହାନି ଘଟିଛି।**



୧୬ ନଂ. ଜାତୀୟ ରାଜପଥରେ ଦୁର୍ଘଟଣାଗ୍ରସ୍ତ ଗାଡି।

## କାର୍ ଉପରେ ମାଡ଼ିଗଲା ଟ୍ୟାଙ୍କର, ୩ ମୃତ

**ସିମୁଳିଆ/ସୋର, ୭।୧୧(ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ସିମୁଳିଆ ଥାନାଠାରୁ ପ୍ରାୟ ୫କି.ମି. ଦୂର ୧୬ନଂ. ଜାତୀୟ ରାଜପଥର ଚିଙ୍ଗୁଡ଼ି ଛକ ନିକଟରେ ସୋମବାର ସିରିଜି ଦୁର୍ଘଟଣା ଘଟି ୩ଜଣଙ୍କ ଜୀବନ ଯାଇଛି। ଏକ ତେଲ ଟ୍ୟାଙ୍କର ଭାରସାମ୍ୟ ହରାଇ ଦୁଇଟି କାର୍ ଉପରେ ମାଡିଯିବାରୁ ଏଭଳି ଦୁର୍ଘଟଣା ଘଟିଛି। ଅନ୍ୟ ୪ଜଣ ଆହତ ହୋଇ ସୋର ମେଡିକାଲରେ ଭର୍ତ୍ତି ହୋଇଛନ୍ତି। କାର୍‌ରେ ଥିବା ସମସ୍ତ ଯାତ୍ରୀ ଜଗନ୍ନାଥଙ୍କ ଦର୍ଶନ ଲାଗି ପୁରୀ ଯାଉଥିଲେ ବୋଲି ଜଣାପଡିଛି। ସକାଳ ପ୍ରାୟ ସାଢେ ୬ଟା ବେଳେ ପେଟ୍ରୋଲ ନ ଥିବା ଏକ ଖାଲି ଟ୍ୟାଙ୍କର(ନଂ. ଓଡି ୦୧ ଏ କ୍ୟୁ ୦୭୩୧) ବାଲେଶ୍ୱର ଅଭିମୁଖେ ଯାଉଥିବା ବେଳେ ଚିଙ୍ଗୁଡ଼ି ଛକ ନିକଟରେ ଡାହାଣ ପଟ ଆଗ ଚକ ଫାଟିଯାଇଥିଲା। ଫଳରେ ବିପରୀତ ଦିଗରେ କୋଲକାତାରୁ ପୁରୀ ଅଭିମୁଖେ ଯାଉଥିବା ଦୁଇଟି କାର୍ (ନଂ.ଡବ୍ଲ୍ୟୁ ବି ୨୪ୱାଇ ୯୩୨୩) ଓ (ନଂ. ଓବ୍ଲ୍ୟୁ ବି ୫୮ ବିଇ ୧୫୩୨) ଉପରକୁ ମାଡି ଯାଇଥିଲା। ଘଟଣାସ୍ଥଳରେ କାର୍ ଡ୍ରାଇଭର ଇବ୍ରାହିମ କାଜି(୩୫) ଓ ବସିଥିବା ପାର୍ବତୀ ଦାସ(୫୦)ଙ୍କର ମୃତ୍ୟୁ ହୋଇଥିଲା। ଅନ୍ୟ ଜଣେ ଗୁରୁତର ହୋଇଥିବା ଶଙ୍କର ରାଓ(୪୫) ନାମକ ବ୍ୟକ୍ତିଙ୍କର ସୋର ମେଡିକାଲରେ ମୃତ୍ୟୁ ହୋଇଥିଲା। ଏହି ଦୁଇଟି କାରରେ ୨ଶିଶୁଙ୍କ ସମେତ ମୋଟ ୭ଜଣ ଥିଲେ। ଆହତମାନେ ମେଡିକାଲରୁ ଚିକିତ୍ସା ହୋଇ କୋଲକାତା ଫେରିଯାଇଥିବା ବେଳେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଦୁର୍ଘଟଣାସ୍ଥଳରୁ ଟ୍ୟାଙ୍କର ଚାଳକ ଫେରାର ହୋଇଯାଇଥିବା ବେଳେ ପୋଲିସ ଦୁଇଟି କାର୍, ଟ୍ୟାଙ୍କରକୁ ଜବତ କରିଛି।

## ଗଛରେ ପିଟି ହୋଇ ୨ବାଇକ୍ ଆରୋହୀ ମୃତ

**ଠାକୁରମୁଣ୍ଡା,୭।୧୧(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା-କରଞ୍ଜିଆ ୫୩ନଂ. ରାଜ୍ୟ ରାଜପଥର ପାଟବିଲ ନିକଟରେ ସୋମବାର ରାସ୍ତା ପାର୍ଶ୍ୱ ଗଛରେ ଏକ ବାଇକ୍ ପିଟି ହେବାରୁ ୨ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ଦ୍ୱୟ ହେଲେ ନିକଟସ୍ଥ ବିସିପୁର (ବୁରୁ ସାହି) ଗ୍ରାମର ମୋହନ ମୁର୍ମୁ (୨୪) ଓ ଅର୍ଜୁନ ସୋରେନ (୨୨)। ସୂଚନା ଅନୁଯାୟୀ, ମୋହନ ଓ ଅର୍ଜୁନ କରଞ୍ଜିଆରୁ କାମ ସାରି ଅପରାହ୍ନରେ ବାଇକ୍ ଯୋଗେ ବିଶିପୁର ଫେରୁଥିଲେ। ପାଟିବିଲ ନିକଟରେ ଭାରସାମ୍ୟ ହରାଇ ବାଇକ୍‌ଟି ଏକ ଗଛରେ ପିଟି ହୋଇ ଯାଇଥିଲା। ଫଳରେ ଉଭୟ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ କରଞ୍ଜିଆ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଉଭୟଙ୍କ ମୃତ୍ୟୁ ହୋଇଥିଲା। କରଞ୍ଜିଆ ଥାନା ଆଇଆଇସି ରଞ୍ଜନ କୁମାର ସେଠାରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।




**ଆଜିର ମନ୍ତବ୍ୟ**

“ପ୍ରଧାନ ବିଚାରପତି ଭାବେ ୭୪ ଦିନର କାର୍ଯ୍ୟକାଳ ମଧ୍ୟରେ ଜଷ୍ଟିସ୍ ଉଦୟ ଉମେଶ ଲଳିତ ନ୍ୟାୟିକ ବ୍ୟବସ୍ଥାରେ ଆଣିଥିବା ସଂସ୍କାର କାର୍ଯ୍ୟ ଜାରି ରହିବ।

– ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼, ପରବର୍ତ୍ତୀ ସିଜେଆଇ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ଅନନ୍ୟା
ପରିବାରବର୍ଗ



ବଦ୍ରୀନାଥ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝିଅ ନୁହେଁ ସେ ଘିଅ
ତାକୁ ଗମ୍ଭିରୀ ଶିକାରେ ଥୁଅ।**

ଝିଅ ପ୍ରତି ଅଧିକ ଯତ୍ନଶୀଳ ମନୋଭାବ ପୋଷଣ କରିବା ଉଚିତ। ବୟସ ବାଉଳାରେ ସେ ଯେମିତି ଅବାଟରେ ପାଦ ନ ପକାଏ। ସେଥିଲାଗି ତା’ ଉପରେ ସତର୍କ ଦୃଷ୍ଟି ଦିଆଯିବା ଜରୁରୀ ହୋଇଥାଏ। ଘିଅକୁ ଶିକାରେ ରଖାଯିବା ଭଳି ଝିଅକୁ ନିଜ ଆଖଟ ମଧ୍ୟରେ ରଖିବା ଉଚିତ ଅର୍ଥରେ ଏଭଳି ଉପଦେଶ ପ୍ରଦାନ କରାଯାଇଛି।

**ଝଡ଼ ବରଷା;
କାଠ ଚାଉଳ ଥିଲେ ଭରସା।**

ଝଡ଼ି ବର୍ଷା ବେଳେ ଯାତାୟାତରେ ଅସୁବିଧା ସୃଷ୍ଟି ହୋଇଥାଏ। ଫଳସ୍ୱରୂପ ହୁସିଆର ବ୍ୟକ୍ତି ବହୁ ପୂର୍ବରୁ ଘର ମଧ୍ୟରେ ଖାଦ୍ୟପେୟ ତଥା ଜାଳେଣି ସାମଗ୍ରୀମାନ ମହଜୁଦ କରି ରଖିଥାନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ମହିଳା ଭକ୍ତଙ୍କୁ ଜେଟିପିଙ୍କ ଦୁର୍ବ୍ୟବହାର

**ପୁରୀ ଅଫିସ, ୭।୧୧**

ଶ୍ରୀମନ୍ଦିରରେ ସୋମବାର ଜଣେ ହବିଷିଆଳିଙ୍କୁ ପୋଲିସ କର୍ମଚାରୀ ମାଡ ମାରିବା ଘଟଣା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିବାବେଳେ ଜଣେ ବୃଦ୍ଧାଙ୍କୁ ଶ୍ରୀମନ୍ଦିର ପୋଲିସ (ଜେଟିପି) ଦୁର୍ବ୍ୟବହାର କରିବା ସହ ଧକ୍କା ମାରିଥିବା ଅଭିଯୋଗ ହୋଇଛି। ଏନେଇ ବୃଦ୍ଧାଙ୍କ ଝିଅ ସମ୍ପୃକ୍ତ ଜେଟିପିଙ୍କ ନାମରେ ସିଂହଦ୍ୱାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ସୋମବାର ଗଞ୍ଜାମର ଲକ୍ଷ୍ମୀଶ୍ରୀୟା ପାଣିଗ୍ରାହୀ ତାଙ୍କ ମା’ଙ୍କ ସହ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିର ଯାଇଥିଲେ। ଏହି ସମୟରେ ବାହାରକାଠ ନିକଟରେ ତାଙ୍କ ମା’ଙ୍କୁ ଜଣେ ଜେଟିପି ତୁମ କାର୍ଯ୍ୟ ପାଇଁ ବିଧବା ହୋଇଯାଇଛି ବୋଲି କହି ଗାଳି ଦେବା ଓ ଦୁର୍ବ୍ୟବହାର କରିବା ସହ ଧକ୍କା ମାରିଥିବା ଅଭିଯୋଗ ହୋଇଛି।


# classifieds Everyday

0674-2580101, 2549302

real estate

**SALE**

**6BHK Triplex 56,00,000/- finishing Hanspal, 3BHK Duplex core house Balianta. 8093465134.** D-1925

**Duplex sale at Bhubaneswar @45 lakhs only- 9777433701, 9439206202.** D-74144

ଭୁବନେଶ୍ୱର ଗ୍ୟାରେଜ ଛକରେ **30** ରୋଡ୍ ଥାଇ ଘରବାରି ପାଚେରି ପ୍ଲଟ୍ ବିକ୍ରିହେବ। **9827119799.** D-1883

ଭୁବନେଶ୍ୱର ପିତାପଲ୍ଲୀ ଛକରୁ **200 mtr.** ଦୂରତାରେ **BDA yellow zone** ପ୍ଲଟ୍ **Boundary** ସହ ମିଳୁଛି । **7848882166.** D-74142

4BHK Duplex near Nandankanan Square. Land-1300, construction-1800, Price-85lakhs. 8984071303. D-1950

**Boundary made gharabari plot available at Padhansahi, Sundarpada, Backside Aryan Engineering College (Bank finance available). 9337958544, 6370834658.** D-74145

ଭୁବନେଶ୍ୱର ନଖରା ଘରବାରି SC plot sqft.-130/, General- 350/-. 9439660381. D-74146

ଘରବାରୀ ପାଚେରି ରୋଡ୍, ଇଲେକ୍ଟ୍ରିସିଟି ଥାଇ ନଖରା **East College mainroad 200mtr.** ଦୂରତାରେ **SC/ General** ପ୍ଲଟ୍ **gated society** ଥାଇ ବିକ୍ରିହେବ। **8093419724, 9776602067.** D-74127

For sale- Car, Bike, Scooty, ସରକାରୀ ଜାଗା ସହିତ ଘର, At- Bhubaneswar. Ph- 9777097322. D-1948

**Puri Holiday Apartment 1BK/1BHK sale at GIRALA NH-316, Puri, Brahmagiri Road near New International Airport Sqft. 4500/- (Bank loan available) 8249390294, 8018417272.** D-73296

construction

**Construct your home @850/-, 1340/- includes architecture structure with 3year FMC, provide BDA plan approval boring/interiorwork. SNV Construction. 9439295469.** D-74140

**ACCOMMODATION**

Required a 4-5Bedrooms/ 4Bathrooms individual good condition residential rented building with Two Car parking for a Family for minimum Three Years agreement at BJB Nagar/ Lewis road/ Surya Nagar/ Nayapalli/ Satyanagar/ Forest Park at Bhubaneswar. Owner please contact: 8917654187. D-73726

healthcare

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73994

**Relax, Refresh your body, Mind at Saikrupa Spa with best therapies. 8984068077.** D-1863

business

Home Service- Colour, Packers Movers, At- Bhubaneswar. Ph- 9777097322. D-1949

astrology

ଘରେ ବାସ୍ତୁଦୋଷ ଯୋଗୁ ଅଶାନ୍ତି, ଧନହାନି ଏବଂ ସ୍ୱାସ୍ଥ୍ୟଗତ ସମସ୍ୟା ଲାଗି ରହୁଛି କି? 7978736177. D-74302

**AFFIDAVIT**

ମୁଁ ପରମାନନ୍ଦ ପଣ୍ଡା, ପି: ୰ମାଧ ପଣ୍ଡା, ମାନ୍ୟବର କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍, ଆଳି, ଓଡ଼ିଶାଙ୍କ ସମ୍ମୁଖରେ ସତ୍ୟପାଠ ନଂ.-୫୨୪ ତା.୨୦।୧୦।୨୦୨୨ ଜରିଆରେ ଜଣାଉଅଛି ଯେ ମୋ ପତ୍ନୀର ସଠିକ ନାମ ରଞ୍ଜୁଲତା ପଣ୍ଡା ଓ ସଠିକ୍ ଜନ୍ମ ତାରିଖ ୦୮।୦୪।୧୯୭୦ ଅଟେ ଏବଂ ବର୍ତ୍ତମାନଠାରୁ ସବୁକ୍ଷେତ୍ରରେ ଏହାକୁ ହିଁ କାର୍ଯ୍ୟକାରୀ କରାଯିବ।

ଧ-୧୯୫୭

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**


## ଅନ୍ତହୀନ ସୀମାନ୍ତ...

ପ୍ରଥମ ପୃଷ୍ଠାରୁ...

ଲୋକେ ସେହି ନାଳ ପାର ହୋଇ ଝାଡ଼ଖଣ୍ଡ ରାଜ୍ୟରୁ ହାଟ ସଉଦା କରୁଥିବାବେଳେ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଘରୋଇ ଚିକିତ୍ସାଳୟକୁ ଯାଇଥାନ୍ତି।

**ସ୍ୱାସ୍ଥ୍ୟସେବା:** ଅଞ୍ଚଳବାସୀଙ୍କ ସ୍ୱାସ୍ଥ୍ୟସେବାରେ ତାଲା ପଡ଼ିଛି। ସେବା ଯୋଗାଉଥିବା କାର୍ଯ୍ୟାଳୟ ବର୍ଷତମାମ ବନ୍ଦ ରହୁଥିବାରୁ ଲୁଟାବୁଦାରେ ଲୁଚିବାକୁ ବସିଛି। ଗ୍ରାମରେ ଏକ ଏଏନ୍ଏମ୍ ସେଣ୍ଟର ରହିଥିଲେ ମଧ୍ୟ ମାସକୁ ଥରେ କି ଦୁଇ ଥର ଏହା ଖୋଲାଯାଇଥାଏ। ପାନୀୟ ଜଳର ଅଭାବ ଦୂର ପାଇଁ ନିଯୁକ୍ତି ପାଇଥିବା କର୍ମଚାରୀ ଜଣକ ଉକ୍ତ ସେଣ୍ଟରରେ ରହୁ ନ ଥିବାରୁ ପ୍ରାୟ ସମୟ କାର୍ଯ୍ୟାଳୟରେ ତାଲା ଝୁଲୁଥାଏ। ଗୁରୁତର ରୋଗୀଙ୍କୁ ଚିକିତ୍ସା ନିମନ୍ତେ ୫କି.ମି. ଦୂର ପାକଟିଆଠାରେ ଥିବା ପିଏଚ୍‌ସିକୁ ନିଆଯାଉଥିଲେ ମଧ୍ୟ ଡାକ୍ତର ନ ଥିବାରୁ ଗାଁ ଲୋକେ ସର୍ବନିମ୍ନ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ରହୁଛନ୍ତି। ଫାର୍ମାସିଷ୍ଟଙ୍କ ହାତରେ ସ୍ୱାସ୍ଥ୍ୟସେବା ଚାଲିଛି। ଲୋକେ ଝାଡ଼ଖଣ୍ଡର ଅସ୍ତି, କାଶିଆବେଡ଼ା ଓ ଦୁଲୁକିକୋଚାକୁ ଯାଇ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହୋଇଥାନ୍ତି। ପ୍ରସୂତିମାନଙ୍କୁ ୩୦କି.ମି. ଦୂର ଶୀର୍ଷା ଡାକ୍ତରଖାନାକୁ ନେବାକୁ ପଡୁଥିବାବେଳେ ଗୁରୁତର ରୋଗୀଙ୍କୁ ୮୦କି.ମି. ଦୂର ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜକୁ ନେବାକୁ ପଡ଼ିଥାଏ।

**ଶିକ୍ଷା:** ପକପକା ଓ ଜାମୁଗଣ୍ଡିଆ ଗ୍ରାମରେ ବିଦ୍ୟାଳୟଟିଏ ନ ଥିବାରୁ ନିକଟସ୍ଥ ବାରୁବେଡ଼ା ଓ ଭାଦୁଅ ଗ୍ରାମକୁ ପିଲାମାନେ ପାଠପଢ଼ିବାକୁ ଯାଇଥାନ୍ତି। ପ୍ରାଥମିକ ଶିକ୍ଷା ଗ୍ରହଣ କରିବା ପରେ ଉଚ୍ଚ ଶିକ୍ଷା ପାଇଁ ୫କି.ମି. ଦୂର ପାକଟିଆଠାରେ ବିଦ୍ୟାଳୟ ଥିଲେ ହେଁ ଗମନାଗମନ ସୁବିଧା ନ ଥିବାରୁ ବହୁ ଛାତ୍ରୀଛାତ୍ର ଅଧାରୁ ପାଠପଢ଼ା ଛାଡୁଛନ୍ତି। ଅନ୍ୟପକ୍ଷରେ ଭୂମିହୀନ ପରିବାରକୁ ଜମିପଟ୍ଟା ମିଳୁ ନ ଥିବାରୁ ଛାତ୍ରୀଛାତ୍ର ଉଚ୍ଚ ଶିକ୍ଷାରୁ ବଞ୍ଚିତ ହୋଇ ଶିଶୁ ଶ୍ରମିକ ଭାବେ ବିଭିନ୍ନ ସ୍ଥାନରେ କାମ କରୁଛନ୍ତି। ସେହିପରି ଡୁମୁରୁକୁଦର ଗାଁଟି ପଞ୍ଚାୟତଠାରୁ ବିଚ୍ଛିନ୍ନ ହୋଇପଡ଼ିଛି। ୨କି.ମି. ଦୂର ପାହାଡ଼ ଚଢି ଲୋକେ ପ୍ରତିଦିନ ଜୀବନ ଜୀବିକା ପାଇଁ ବାହାରକୁ ଆସୁଛନ୍ତି। ଗାଁରେ ସ୍କୁଲ ନ ଥିବାରୁ ପାଠପଢ଼ିବା ପାଇଁ ନିକଟସ୍ଥ ଝାଡ଼ଖଣ୍ଡ ରାଜ୍ୟକୁ ଯାଉଛନ୍ତି।

**ଆବାସ ଗୃହ:** ଗ୍ରାମର ଅଧିକାଂଶ ଘର ମାଟି ଛପର, ଟାଇଲ ଓ ଆଜବେଷ୍ଟସ। ଭୂମିହୀନ ପରିବାରକୁ ଜଙ୍ଗଲ ଜମି ପଟ୍ଟା ଯୋଗାଇ ଦିଆ ନ ଯିବାରୁ ଲୋକେ ବିଜୁ ପକ୍କାଘର କିମ୍ବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ ରହିଛନ୍ତି। ସୂଚନାଯୋଗ୍ୟ, ଦୁଇ ବର୍ଷ ଧରି କରୋନା ମହାମାରୀ ପାଇଁ ପକ୍କା ଘର ଯୋଜନା ବନ୍ଦ ପଡ଼ିଥିବାବେଳେ ୨୦୨୨ ସୁଦ୍ଧା ମାତ୍ର ୧୬୫ ହିତାଧିକାରୀଙ୍କୁ ଆବାସ ଗୃହ ମିଳିପାରିଛି। ପଞ୍ଚାୟତରେ ପାଖାପାଖି ଏକ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀ ରହିଥିବାବେଳେ ମାତ୍ର ହାତଗଣତି ହିତାଧିକାରୀ ଆବାସ ଯୋଜନାରେ ସାମିଲ ହୋଇଛନ୍ତି।

**ଜୀବନ ଜୀବିକା:** ପଞ୍ଚାୟତର ଅଧିକାଂଶ ଲୋକ ଚାଷ ଓ ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ କରି ପରିବାର ପୋଷଣ କରୁଛନ୍ତି। ବନବିଭାଗର କଡ଼ାକଡ଼ି କଟକଣା ଯୋଗୁ ଜଙ୍ଗଲରୁ କେବଳ ଶାଳପତ୍ର ତୋଳି ବିକ୍ରି କରୁଛନ୍ତି। ନିକଟସ୍ଥ ଅଞ୍ଚଳରେ ହାଟ ବଜାର ନ ଥିବାରୁ ଏହି ଶାଳପତ୍ରକୁ ପଡ଼ୋଶୀ ଝାଡ଼ଖଣ୍ଡ ରାଜ୍ୟରେ ଶାଗମାଛ ଦରରେ ବିକ୍ରି କରୁଛନ୍ତି। ଅଧିକାଂଶ ଲୋକ ଭାଗଚାଷୀ ହୋଇଥିବାରୁ ଝାଡ଼ଖଣ୍ଡୀ ହାତୀ ଉପଦ୍ରବ ପାଇଁ ପ୍ରକୃତ ଚାଷୀଙ୍କୁ କ୍ଷତିପୂରଣ ମିଳିପାରୁ ନାହିଁ। କେବଳ ପଲିଥିନ ଓ ୧୦କି.ଗ୍ରା. ଚାଉଳରେ ସନ୍ତୁଷ୍ଟ ହେବାକୁ ପଡୁଛି ବୋଲି ଚାଷୀ ଦିଲ୍ଲୀପ ପାଲ ଏବଂ ଧରଣୀ ପାଲ କହିଛନ୍ତି। ସେହିପରି ୩୦କି.ମି. ଦୂର ସାରସକଣାରେ ଧାନ ମଣ୍ଡି ରହିଛି। ପଥୁରିଆ ଓ ଖାଲଖମା ରାସ୍ତାରେ ସେଠାକୁ ଯାଇ ଧାନ ବିକ୍ରି କରିବା କଷ୍ଟକର ହେଉଛି। ଫଳରେ ଧାନ କିଲୋ ପିଛା ୯/୧୦ଟଙ୍କାରେ ବିକ୍ରି କରିବାକୁ ପଡୁଛି ବୋଲି ଚାଷୀ ଚକ୍ରଧର ପାଲ, ଶଶି ପାଲ ଓ ଲାଲ ମୋହନ ପାଲ ପ୍ରକାଶ କରିଛନ୍ତି। ଚାଷ ପାଇଁ ଉପଯୁକ୍ତ ଜଳସେଚନର ବ୍ୟବସ୍ଥା ନ ଥିବାରୁ ଧାନ ଅମଳ କମ ହେଉଛି। ଝାଡ଼ଖଣ୍ଡ ସରକାରଙ୍କ ପକ୍ଷରୁ ଜଳସେଚନର ବ୍ୟବସ୍ଥା କରାଯାଇଥିବାରୁ ବହୁ ଚାଷୀ ଝାଡ଼ଖଣ୍ଡ ରାଜ୍ୟର ଜମିକୁ ଅଧାଭାଗରେ ଚାଷ କରିବାକୁ ଆଗେଇ ଯାଉଛନ୍ତି।

ଏନେଇ ମୟୂରଭଞ୍ଜ ଅତିରିକ୍ତ ଜିଲାପାଳ ରୁଦ୍ର ନାରାୟଣ ମହାନ୍ତିଙ୍କୁ ପଚାରିବାରେ ସୀମାନ୍ତରେ ଥିବା ଗ୍ରାମଗୁଡ଼ିକର ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ପ୍ରଶାସନ ପକ୍ଷରୁ ବ୍ୟାପକ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଡୁମୁରୁକୁଦର ଗ୍ରାମକୁ ନୂତନ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଶିକ୍ଷାରୁ ଦୂରେଇ ଯାଉଥିବା ଛାତ୍ରୀଛାତ୍ରଙ୍କ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ। ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି ମହାନ୍ତି କହିଛନ୍ତି।

ସାରସକଣା ବିଧାୟକ ବୁଢ଼ାନ୍ ମୁର୍ମୁଙ୍କ କହିବା ହେଲା ଜିଲାପାଳ କିମ୍ବା ଜିଲା ପ୍ରଶାସନ ତାଙ୍କ କଥା ଶୁଣୁନାହାନ୍ତି। ଅଭିଯୋଗ କରିବା ପରେ ଜିଲାପାଳ ଯେଉଁ ନିର୍ଭର ପ୍ରତିଶ୍ରୁତି ଦେଉଛନ୍ତି, ସତେ ଯେପରି ୨୪ଘଣ୍ଟା ମଧ୍ୟରେ ସବୁ କାମ ହୋଇଯିବ। ଏଭଳି ମନଭୁଲାଣିଆ କଥା କହି ଆମକୁ ଭକୁଆ ବନାଉଛନ୍ତି। ସେହିପରି ଅଳ୍ପ ଦିନ ମଧ୍ୟରେ ରାଜ୍ୟକୁ ମିଳିଥିବା ୯ଲକ୍ଷ ପ୍ରଧାନମନ୍ତ୍ରୀ ଆବାସ ଗୃହ ମଧ୍ୟରୁ ମୟୂରଭଞ୍ଜ ଜିଲା ପାଇଁ ୧ଲକ୍ଷ ୭୨ହଜାର ୪୬୪ ମଞ୍ଜୁର ହୋଇଛି। ମାତ୍ର ବିଭାଗୀୟ ଅଧିକାରୀମାନେ ହିତାଧିକାରୀ ଚୟନ କରି ଗୃହ ଯୋଗାଇବାରେ ବିଳମ୍ବ କରୁଛନ୍ତି। ନିର୍ବାଚନ ଆସିଲେ ତାହାକୁ ବାଣ୍ଟି ସରକାର ଦଳୀୟ ବାହାବା ନେଇ ନିର୍ବାଚନୀ ବୈତରଣୀ ପାର ହେବେ। ସେହିପରି ସରକାରଙ୍କ ନୂଆ ନିୟମ ଅନୁଯାୟୀ ଦୀର୍ଘଦିନ ଧରି ବସବାସ କରୁଥିବା ଲୋକମାନଙ୍କୁ ଚିହ୍ନଟ କରି ୪ ଡିସିମିଲ ଘରବାରି ଜାଗା ଯୋଗାଇ ଦେବାର ବ୍ୟବସ୍ଥା ରହିଛି। ରାଜସ୍ୱ ନିରୀକ୍ଷକଙ୍କ ମାଧ୍ୟମରେ ରିପୋର୍ଟ ପ୍ରସ୍ତୁତ କରି ହିତାଧିକାରୀଙ୍କୁ ପ୍ରଦାନ ପରେ ବିନା ପଟ୍ଟାରେ ଆବାସ ଯୋଜନା ମିଳିପାରିବ। ମାତ୍ର ସଚେତନତା ଅଭାବରୁ ଲୋକେ ସରକାରଙ୍କ ଜନକଲ୍ୟାଣ ଯୋଜନାରୁ ବଞ୍ଚିତ ହୋଇ ଭଙ୍ଗା ଘରେ ଜୀବନ ଅତିବାହିତ କରୁଛନ୍ତି। ସୀମା ନିର୍ଦ୍ଧାରଣକୁ ନେଇ ଜିଲା ପ୍ରଶାସନଠାରୁ ଆରମ୍ଭ କରି ସରକାରଙ୍କ ଦୃଷ୍ଟିକୁ ଆଣିଛି। ୫-ଟି ଅଧୀନରେ କୌଣସି ବିଦ୍ୟାଳୟ ଆସି ନ ଥିବା ବେଳେ ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବାକୁ ସରକାରଙ୍କଠାରେ ଦାବି ଉପସ୍ଥାପନ କରିବି। ସର୍ବୋପରି ଭାଜପା ବିଧାୟକ ଓ ମନ୍ତ୍ରୀ ବାରମ୍ବାର ଜିଲାପାଳଙ୍କୁ ଭେଟି ଲୋକଙ୍କ ସମସ୍ୟା ପ୍ରତି ଅବଗତ କରୁଥିଲେ ମଧ୍ୟ ଜିଲା କିମ୍ବା ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ସୀମାନ୍ତବର୍ତ୍ତୀ ଅଞ୍ଚଳବାସୀ ଦୟନୀୟ ଜୀବନ ବିତାଉଛନ୍ତି ବୋଲି ବିଧାୟକ କହିଛନ୍ତି।

## ପ୍ରଲୋଭନ କାମ...

ଏହି ଉପନିର୍ବାଚନ ଫଳାଫଳ ରବିବାର ପ୍ରକାଶ ପାଇଥିବା ବେଳେ ବିଜେଡି ପ୍ରାର୍ଥୀ ଅବନ୍ତୀ ଦାସଙ୍କଠାରୁ ଭାଜପା ପ୍ରାର୍ଥୀ ସୂର୍ଯ୍ୟବଂଶୀ ୯୮୮୧ ଖଣ୍ଡ ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ଏହି ଉପନିର୍ବାଚନରେ ମୋଟ୍ ୧,୬୩,୬୮୨ ଖଣ୍ଡ ଭୋଟିଂ ହୋଇଥିଲା। ସେଥିରୁ ସୂର୍ଯ୍ୟବଂଶୀଙ୍କୁ ମୋଟ୍ ୮୦,୩୫୧ ଖଣ୍ଡ ଭୋଟ୍ ମିଳିଛି। ଏହା ମୋଟ୍ ଭୋଟ୍ ପ୍ରତିଶତର ୪୯.୦୯%। ଅବନ୍ତୀଙ୍କୁ ୭୦,୪୭୦ ଭୋଟ୍ ମିଳିଥିବା ବେଳେ ଏହା ମୋଟ୍ ଭୋଟ ପ୍ରତିଶତର ୪୩.୦୫ ପ୍ରତିଶତ। ସେହିପରି ବିଜେଡି ବିଦ୍ରୋହୀ ପ୍ରାର୍ଥୀ ରାଜେନ୍ଦ୍ରଙ୍କୁ ୮,୧୫୩ ଖଣ୍ଡ ଭୋଟ୍ ମିଳିଛି। କଂଗ୍ରେସ ପ୍ରାର୍ଥୀ ବାବା ହରେକୃଷ୍ଣଙ୍କୁ ୩,୫୬୧ ଖଣ୍ଡ ଭୋଟ୍ ମିଳିଛି। ଏହାସହ ନୋଟାରେ ୬୫୦ ଖଣ୍ଡ ଭୋଟ୍ ପଡ଼ିଛି। ରାଜେନ୍ଦ୍ର ୪.୯୮ ପ୍ରତିଶତ ଭୋଟ୍ ରଖିବାରେ ସକ୍ଷମ ହୋଇଛନ୍ତି। ତେବେ ଗତ ୨୦୧୯ ସାଧାରଣ ନିର୍ବାଚନ ତୁଳନାରେ ଭାଜପାର ଭୋଟ୍ ୧.୬୨ ପ୍ରତିଶତ ବଢ଼ିଥିବା ବେଳେ ବିଜେଡିର ୨.୬୨ ପ୍ରତିଶତ କମିଛି।

ନିର୍ବାଚନର ଏଭଳି ଫଳାଫଳ ଆସିବା ପରେ ରାଜନୈତିକ ମହଲରେ ଆଲୋଚନା ଯେ, କେବଳ ଟଙ୍କାରେ ନିର୍ବାଚନ ଜିତି ହେବନାହିଁ। ସେଥିପାଇଁ ଉପଯୁକ୍ତ ରାଜନୈତିକ କଳ ଦରକାର। ଯିଏ କି ଅର୍ଥର ପ୍ରଭାବ ଭୋଟରଙ୍କ ପାଖରେ ପହଞ୍ଚାଇପାରିବ। ସେଥିରେ ବିଜେଡି ଏଥର ବିଫଳ ହୋଇଛି। କାରଣ ଧାମନଗରରେ ଆଲୋଚନା, ସମ୍ପୃକ୍ତ ତଥାକଥିତ ଶକ୍ତିଶାଳୀ ନେତାମାନେ ସେହି ଟଙ୍କା ଖର୍ଚ୍ଚ କରିବା ବଦଳରେ ହଡପ କରିଛନ୍ତି। ସେମାନଙ୍କର ଦଳୀୟ କର୍ମୀଙ୍କ ସହ କୌଣସି ସମ୍ପର୍କ ନାହିଁ। ଏଥିସହିତ ପୂର୍ବରୁ ଯେଉଁ ହିସାବ କରାଯାଉଥିଲା କି ସରକାରୀ ଅଧିକାରୀଙ୍କ ମାଧ୍ୟମରେ ଅର୍ଥ ପହଞ୍ଚିଯିବ, ତାହା ଠିକ୍ ଭାବେ ହୋଇପାରିଲା ନାହିଁ। ଧାମନଗର ଫଳାଫଳ ନବୀନଙ୍କ କାର୍ଯ୍ୟ ବିରୋଧରେ ଯେତିକି ଯାଇନାହିଁ, ତାଠାରୁ ଅଧିକ ଯାଜପୁର ଶକ୍ତିଶାଳୀ ଗୋଷ୍ଠୀର ହାମ୍‌ବଡ଼ା ନୀତି ଯୋଗୁ ଏହି ବିଫଳତା ବିଜେଡିକୁ ଭୋଗିବାକୁ ପଡ଼ିଲା ବୋଲି ସ୍ଥାନୀୟ କର୍ମୀ କହୁଛନ୍ତି। ଏଥିସହିତ ଏହା ମଧ୍ୟ ଆଲୋଚନା ହେଉଛି, ୨୦୨୪ ପାଇଁ ଏହି ବଳବାନ ଗୋଷ୍ଠୀ ପ୍ରସ୍ତୁତ କରୁଥିବା ବିକଳ୍ପ ପ୍ରାର୍ଥୀ ତାଲିକାର ପ୍ରଥମ ବିପର୍ଯ୍ୟୟ ଧାମନଗରରେ ଦେଖିବାକୁ ମିଳିଲା। ସେଥିପାଇଁ ଯେଉଁଠାରେ ବିକଳ୍ପ ପ୍ରାର୍ଥୀ ଦିଆଯିବ ସେଠାରେ ନୂତନ ରାଜେନ୍ଦ୍ର ଦାସ ଜନ୍ମ ନେବେ ବୋଲି କୁହାକୁହି ହେଉଛନ୍ତି। ସେହିପରି ଏସ୍ଏଚ୍‌ଜି ମହିଳାଙ୍କୁ ଧରି ବିଜେଡି ସବୁଠି ଗଡ଼ ଜିତିଯିବ ବୋଲି ଯାହା ଭାବୁଥିଲା ସେକଥା ମଧ୍ୟ କାମ ଦେଲାନି। କାରଣ ଏସ୍ଏଚ୍‌ଜି ମହିଳାମାନେ ମଧ୍ୟ ଉପନିର୍ବାଚନରେ ବିଜେଡିକୁ ସମର୍ଥନ ଦେଲେନାହିଁ। ଅର୍ଥାତ୍ ୨୦୨୪ରେ ଏସ୍ଏଚ୍‌ଜିମାନଙ୍କ ଭରସାରେ ବିଜେଡି ନିର୍ବାଚନ ଲଢ଼ିବାକୁ ଡରିପାରେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଉଭୟ ସରକାରୀ ଓ ବେସରକାରୀ ଭାବେ ଧାମନଗର ଏସ୍ଏଚ୍‌ଜିଙ୍କୁ ନିର୍ବାଚନ ପୂର୍ବରୁ ବିପୁଳ ଅର୍ଥ ଯୋଗାଇ ଦିଆଯାଇଥିବା ବେଳେ ତାହାସବୁ ପାଣିରେ ପଡ଼ିଲା।

ଧାମନଗର ଦାୟିତ୍ୱରେ ଥିବା ଯାଜପୁରର ଜଣେ ନେତ୍ରୀ ନିଜ ନାମ ଗୋପନ ରଖି କହିଛନ୍ତି, ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସଙ୍କୁ ଦଳ ସେଠାରେ ପ୍ରାର୍ଥୀ ନ କରିବା ପ୍ରଥମ ଭୁଲ୍ ଥିଲା। ପ୍ରାର୍ଥୀ ଚୟନରେ ଦଳ ପୂର୍ବରୁ କେବେହେଲେ ଏଭଳି ଭୁଲ୍ କରି ନ ଥିଲା। ରାଜେନ୍ଦ୍ରଙ୍କ ସପକ୍ଷରେ ଅଧିକ ସମର୍ଥନ ଥିବା ସତ୍ତ୍ୱେ ଏହାକୁ ଅଣଦେଖା କରାଗଲା, ଯାହାଫଳରେ ରାଜେନ୍ଦ୍ରଙ୍କ ଭୋଟ୍‌କୁ ଶେଷ ପର୍ଯ୍ୟନ୍ତ ବି ଶାସକ ଦଳ ନିଜ ସପକ୍ଷରେ ନେଇପାରିଲା ନାହିଁ। ରାଜେନ୍ଦ୍ରଙ୍କୁ ଟିକେଟ ନ ମିଳିବାରୁ ବିଜେଡି ବିରୋଧୀ ହାୱା କର୍ମୀ ମହଲରେ ରହିଲା। ସେହିପରି ଯାଜପୁର ଜିଲା ନେତାଙ୍କ ଅତ୍ୟଧିକ ମାମଲତି ଲୋକଙ୍କ ଭିତରେ ଭେଦଭାବ ସୃଷ୍ଟି ହେଲା। ପ୍ରଥମରୁ ହିଁ ଯାଜପୁର ନେତାଙ୍କୁ ନେଇ ଆରମ୍ଭ ହୋଇଥିବା ଭେଦଭାବ ଶେଷ ଯାଏ ଚାଲିଲା। ବରିଷ୍ଠ ନେତାଙ୍କୁ ନିର୍ବାଚନ ପରିଚାଳନା ଦାୟିତ୍ୱ ଦେବା ପରିବର୍ତ୍ତେ ଅନଭିଜ୍ଞ ବ୍ୟକ୍ତିଙ୍କୁ ଆଗକୁ ଛାଡ଼ିବା ମହଙ୍ଗା ସାବ୍ୟସ୍ତ ହେଲା। ମାତ୍ରାଧିକ ଟଙ୍କା ଉପନିର୍ବାଚନରେ ଖର୍ଚ୍ଚ ହେବା କଥା ବିଗତ ଦିନରୁ ଆଲୋଚନା ହେବା କାରଣରୁ ବିଜେଡିର ଆଗଧାଡ଼ିର କର୍ମୀମାନେ ମଧ୍ୟ ଏହାର ଫାଇଦା ଉଠାଇଲେ।

ଅନ୍ୟପଟେ ଭାଜପା ନେତା ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଧାମନଗର ଭଳି ରାଜ୍ୟର ୧୪୭ ନିର୍ବାଚନମଣ୍ଡଳୀରେ ରାଜେନ୍ଦ୍ର ଦାସ ବାହାରିବେ ଏବଂ ବିଜେଡି ସେହିସବୁ ସ୍ଥାନରେ ସମାନ ସ୍ଥିତି ଭୋଗିବ। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି, ବିଜେଡିର ପରାଜୟ ଯୋଗୁ ଶାସକ ଦଳ ଭିତରେ ଫାଟ ସୃଷ୍ଟି ହୋଇସାରିଥିବା ରାଜ୍ୟକୁ ଏକ ସନ୍ଦେଶ ଗଲା। ଧାମନଗର ପରେ ଆସନ୍ତା ଡିସେମ୍ବର ୫ ତାରିଖରେ ବରଗଡ଼ ଜିଲାର ପଦ୍ମପୁର ବିଧାନସଭା ଆସନରେ ଉପନିର୍ବାଚନ ହେବ। ଏବେ ଧାମନଗରରେ ବିଜେଡି ହାରିବା ପରେ ପଦ୍ମପୁର ଫଳାଫଳ ଉପରେ ସମସ୍ତଙ୍କ ନଜର ରହିଛି।

## ହବିଷିଆଳିଙ୍କ ମୁଣ୍ଡ ଫଟାଇଲା...

ଶ୍ରୀମନ୍ଦିରରେ ପ୍ରବଳ ଗହଳି ହୋଇଥିଲା। ଏହି ସମୟରେ ଅର୍ଥାତ ପୂର୍ବାହ୍ନ ପ୍ରାୟ ୯ଟାରେ ମାଧୁରୀ ଦର୍ଶନ କରିବାକୁ ଯାଇ ଶ୍ରୀମନ୍ଦିର ଜଗମୋହନ ନିକଟ ଘଣ୍ଟିଦୁଆରେ ଠିଆ ହୋଇଥିଲେ। ତେବେ ସେଠାରେ ମୁତୟନ ଥିବା ହାବିଲଦାର ଦଳାଇ ହଠାତ ତାଙ୍କୁ କାହିଁକି ଏଠାରେ ଠିଆ ହୋଇଛୁ ବୋଲି କହି ଦୁର୍ବ୍ୟବହାର କରିବା ସହ ମାଡ଼ ମାରି ତାଙ୍କ ମୁଣ୍ଡ ଫଟାଇ ଦେଇଥିଲେ। ଫଳରେ ମାଧୁରୀଙ୍କ ମୁଣ୍ଡରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ସେ ଚିତ୍କାର କରି ମୁଣ୍ଡକୁ ହାତରେ ଚାପି ଧରି ସେଠାରେ ବସି ପଡ଼ି ଥିଲେ। ସେଠାରେ ଉପସ୍ଥିତ ଥିବା ଶ୍ରଦ୍ଧାଳୁମାନେ ତାଙ୍କୁ ଉଦ୍ଧାର କରିଥିଲେ। ପରେ ତାଙ୍କୁ ଚିକିତ୍ସା ଲାଗି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଖବର ପାଇ ଏସ୍‌ପି ଡ. କନୱର ବିଶାଲ ସିଂ ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଆହତ ମାଧୁରୀଙ୍କୁ ଭେଟି ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ଏସ୍‌ପି ସିଂ କହିଛନ୍ତି, ମେଡିକାଲ ଯାଇ ଆହତ ହବିଷିଆଳିଙ୍କୁ ଭେଟିଛି। ତାଙ୍କ ବୟାନ ଭିତ୍ତିରେ ଘଟଣାକୁ ଗୁରୁତ୍ୱର ସହ ନିଆଯାଇ ଓଏସ୍‌ପି ବାଟାଲିୟନର ଅଭିଯୁକ୍ତ ହାବିଲଦାର ପ୍ରଶାନ୍ତ କୁମାର ଦଳାଇଙ୍କୁ ସସ୍‌ପେଣ୍ଡ କରାଯାଇଛି। ତାଙ୍କ ସମେତ ଘଟଣାସ୍ଥଳରେ ଥିବା ଅନ୍ୟ ବ୍ୟକ୍ତିଙ୍କର ବୟାନ ନିଆଯିବ। ଅତିରିକ୍ତ ଏସ୍‌ପି ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି। ସମ୍ପୃକ୍ତ ହବିଷିଆଳିଙ୍କ ଚିକିତ୍ସା ସମୟରେ ଡିଏସ୍‌ପି ର୍‍ୟାଙ୍କର ଅଫିସର ଉପସ୍ଥିତ ଥିଲେ। ହବିଷିଆଳି ଜଣକ ଏବେ ସୁସ୍ଥ ଅଛନ୍ତି। ଏଭଳି ଘଟଣା କାହିଁକି ଘଟିଲା ତାହା ତଦନ୍ତ ପରେ ଜଣାପଡ଼ିବ। ତେବେ ଭବିଷ୍ୟତରେ ଯେପରି ଏଭଳି ଘଟଣାର ପୁନରାବୃତ୍ତି ନ ହେବ ସେଥିଲାଗି ପଦକ୍ଷେପ ନିଆଯିବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ନିଜ ପରିସରରେ ଅନ୍ୟମାନଙ୍କ ସକାଶେ ପରାମର୍ଶ ଦାତା ହୋଇ ପ୍ରଶଂସିତ ହେବେ। ବାଣିଜ୍ୟ, ବ୍ୟବସାୟ ଓ କଳାସାହିତ୍ୟରେ ସମସ୍ୟା ସମାଧାନ ହେବ। ରାଜନୀତି , ଯାତ୍ରା ଓ କଚେରି ମାମଲାରେ ଆଶାଜନକ ଫଳ ପାଇବେ। ଅର୍ଥଲାଭ, ଶାରୀରିକ ସୁସ୍ଥତା, ବନ୍ଧୁଙ୍କ ପରାମର୍ଶ ଏବଂ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ।

**ବୃଷ**
ପାପଯୁକ୍ତ ରାହୁ ହେତୁ ଭାବପ୍ରବଣତା ବୃଦ୍ଧି ପାଇବ ଓ ମନୋବଳ ହ୍ରାସ ପାଇବ। କର୍ମକ୍ଷେତ୍ରରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ଆହାର ବିହାରରେ ସଂଯମ ବ୍ୟତିରେକ ସ୍ୱାସ୍ଥ୍ୟହାନି ସମ୍ଭାବନା ରହିଛି। ଈର୍ଷାପରାୟଣ ବ୍ୟକ୍ତିମାନେ ପ୍ରତିଷ୍ଠା ଓ ପ୍ରଶଂସାକୁ ସହି ନ ପାରି ସମାଲୋଚନାତ୍ମକ ମନ୍ତବ୍ୟ ଦେବେ ।

**ମିଥୁନ**
ଚନ୍ଦ୍ରଙ୍କ ଅଶୁଭଦୃଷ୍ଟିରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ସମୟାନୁକ୍ରମେ ଭାଙ୍ଗିପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିହୋଇଯିବ। ଆଜି ଦିନଟିରେ ସ୍ୱାଧୀନ ଭାବରେ କାର୍ଯ୍ୟ କରିବା ସୁଯୋଗ ପାଇବେ। ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବ।

**କର୍କଟ**
ସରକାରୀ ଅନୁଦାନପ୍ରାପ୍ତ ଯୋଗୁ ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କ ସାନ୍ନିଧ୍ୟ ଲାଭରୁ ଖୁସି ହେବେ। କୌଣସି ନୀଚ ଜାତିର ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହେବେ। ସବୁକଥାକୁ ହାଲୁକା ଭାବେ ଗ୍ରହଣକଲେ କ୍ଷତିରେ ପଡ଼ିବେ। ଅଫିସ୍ ସମୟରେ ଶୁଭଖବର ପାଇ ଉଲ୍ଲସିତ ହେବେ। ଆଳସ୍ୟ ଯୋଗୁ ବନ୍ଧୁମହଲରେ ଅପମାନିତ ହୋଇପାରନ୍ତି।

**ସିଂହ**
ପରିବାର ବୋଝ ବୃଦ୍ଧିପାଇବା କାରଣରୁ ଆର୍ଥିକ ଅନଟନର ସମ୍ମୁଖୀନ ହେବେ। ଦୀର୍ଘଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ। ପରୋକ୍ଷଭାବରେ ଗୁପ୍ତ ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧିପାଇବ। ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହୋଇପାରନ୍ତି।

**କନ୍ୟା**
ଚନ୍ଦ୍ରଙ୍କ କୁପ୍ରଭାବରୁ ବୃଥା ଅନିଷ୍ଟ ଆଶଙ୍କା କରି ମାନସିକ ସ୍ତରରେ ଅସୁସ୍ଥତା ଅନୁଭବ କରିବେ। କର୍ମକ୍ଷେତ୍ରରେ ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହେବ। ଅପରାହ୍ନେ ବନ୍ଧୁଙ୍କ ଆଗମନ ଯୋଗୁ ମଉଜ ମଜଲିସରେ ସମୟ ଅତିବାହିତ କରିବେ। ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ।

**ତୁଳା**
ଆଜି ଏକ ଭିନ୍ନ ପରିବେଶରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ। ଏଜେନ୍ସି, କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ସାମ୍ବାଦିକତାରେ ଉଚ୍ଚ ପ୍ରଶଂସିତ ହେବେ। ଭଲ ବୁଝାମଣା ହେତୁ ପରିବାରରେ ସୁଖଶାନ୍ତି ରାଜୁତି କରିବ। ଏହା ସାଙ୍ଗକୁ ପିଲାମାନଙ୍କ ସଫଳତାରେ ଆନନ୍ଦ ଅନୁଭବ କରିବେ।

**ବିଛା**
ପ୍ରତ୍ୟେକ କ୍ଷେତ୍ରରେ ସଂଯମ ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡ଼ିବେ। ଯେଉଁ କାମ ହେଉନା କାହିଁକି, ତରବରିଆ ପଦକ୍ଷେପ ନେଲେ ହଇରାଣ ହେବେ। ଯେତେ ଭଲ କାମ କଲେ କ’ଣ ହେବ, ଟିକିଏ ଟିକିଏ କଥାରେ ଚିହ୍ନାପଡ଼ି ସମାଲୋଚିତ ହେବେ । ରାଜନୀତି, ପ୍ରେସ୍, ପବ୍ଲିକେଶନ କ୍ଷେତ୍ରରେ ଲୋକସମ୍ପର୍କ ବୃଦ୍ଧିପାଇବ।

**ଧନୁ**
କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। କରଜଦାତାଙ୍କ ଚାପ କ୍ରମଶଃ ବୃଦ୍ଧି ପାଇବା କାରଣରୁ ଦୁଶ୍ଚିନ୍ତାଗ୍ରସ୍ତ ହୋଇପାରନ୍ତି। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ଆନନ୍ଦିତ ହେବେ । ଅବହେଳିତ କାମ ସକାଶେ ଅନୁତାପ କରିବାକୁ ପଡ଼ିପାରେ।

**ମକର**
କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଆଜି ଦିନରେ ଭ୍ରମଣ, ରାଜନୀତି, ପ୍ରଶାସନ ପାଇଁ ଭଲ। ପରିସ୍ଥିତିରେ ପଡ଼ି ଦୁଇ ପଇସା ଜାଗାରେ ଛପଇସା ଖର୍ଚ୍ଚ କରିବାକୁ ବାଧ୍ୟ ହେବେ।

**କୁମ୍ଭ**
କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ଖଳଲୋକଙ୍କ କଥାରେ ଭଲ ସମ୍ପର୍କ ଥିବା ବ୍ୟକ୍ତିଟି ଭୁଲ୍ ଧାରଣା ପୋଷଣ କରିପାରନ୍ତି। ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ । ଅବସର ବିନୋଦନ କ୍ଷେତ୍ରରେ ପଡ଼ୋଶୀଙ୍କ ସହ ମିଷ୍ଟାଳାପରେ ମାତିରହିବେ।

**ମୀନ**
ଖାଦ୍ୟପେୟର ଅନିୟମିତତା ସ୍ୱାସ୍ଥ୍ୟହାନିର କାରଣ ହେବ। ଚୁପ୍‌ଚାପ୍ କଥାକୁ ଅନ୍ୟମାନେ ଭିନ୍ନ ଦୃଷ୍ଟିକୋଣରୁ ବିଚାର କରିବେ। ଘରଭଡ଼ାକୁ କେନ୍ଦ୍ରକରି ସାମାନ୍ୟ ଝଗଡ଼ା ସୃଷ୍ଟି ହୋଇପାରେ। ଧନ୍ଦାମୂଳକ ଶିକ୍ଷାରେ ସଫଳତା ଲାଭ କରିବେ।

ଆଜି ନଭେମ୍ବର ୮ କାର୍ତ୍ତିକ ପୂର୍ଣ୍ଣମୀ ମଙ୍ଗଳବାର, ଅପରାହ୍ନ ଘ.୦୪।୩୨ ଗତେ ମାର୍ଗଶିର କୃଷ୍ଣ ପ୍ରତିପଦା, କାର୍ତ୍ତିକ ବ୍ରତ ଉଦ୍‌ଯାପନ, ଶରତରାସ ସମାପ୍ତି, ବାଲିଯାତ୍ରା, ଗୁରୁନାନକ ଜୟନ୍ତୀ, ଦ୍ୱିଜା/ମେଷ, ପୂର୍ଣ୍ଣିମାର ଏକୋଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ପ୍ରାତଃ ଘ.୦୫।୫୪ ଗତେ, ଘ.୦୬।୩୯ ମଧ୍ୟେ, ଘ.୦୮।୪୨ ଗତେ, ଘ.୧୧।୦୭ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୧୭ ଗତେ, ଘ.୦୩।୪୧ ମଧ୍ୟେ ରାହୁକାଳ।(ଆଜି କେତୁଗ୍ରସ୍ତ ଚନ୍ଦ୍ରଗ୍ରହଣ, ଗ୍ରହଣ ସ୍ପର୍ଶ ଘ.୦୨।୩୮ମି.୧୪ସେ.,ମୋକ୍ଷ ସନ୍ଧ୍ୟା ଘ. ୦୬।୧୮ମି.୪୭,ସେ., ପାକତ୍ୟାଗ: ସୂର୍ଯ୍ୟୋଦୟରୁ ସନ୍ଧ୍ୟା ଘ.୦୬।୧୯ ମି, ପର୍ଯ୍ୟନ୍ତ। ଗ୍ରହଣ ଦର୍ଶନେ ମିଥୁନ, ବିଛା, ଧନୁ, ମକର, କୁମ୍ଭ ଓ ମୀନ ରାଶି ପାଇଁ ଶୁଭ। )

# ଚାକିରି ନାଁରେ ଲୋକଙ୍କୁ ମମତା ବୋକା ବନାଉଛନ୍ତି: ଶୁଭେନ୍ଦୁ


ଶୁଭେନ୍ଦୁ ଅଧିକାରୀ

## ତଦନ୍ତ କରାଇବା ଲାଗି କେନ୍ଦ୍ରମନ୍ତ୍ରୀଙ୍କୁ ଚିଠି

**ନୂଆଦିଲ୍ଲୀ, ୭।୧୧**

ଆଗକୁ ଆସୁଛି ପଶ୍ଚିମବଙ୍ଗ ପଞ୍ଚାୟତ ନିର୍ବାଚନ। ଏହାକୁ ଦୃଷ୍ଟିରେ ରଖି ମମତା ବାନାର୍ଜୀ ସରକାର ନକଲି ଚାକିରି ନାଁରେ ଲୋକଙ୍କୁ ବୋକା ବନାଇବା ଆରମ୍ଭ କରିଦେଇଛନ୍ତି। ରାଜ୍ୟ ସରକାର ନିଯୁକ୍ତି ସମ୍ପର୍କିତ ଭ୍ରମାତ୍ମକ ତଥ୍ୟ ଦେଉଛନ୍ତି। ଏହାର ଉପଯୁକ୍ତ ତଦନ୍ତ କରାଇବା ଲାଗି ପଶ୍ଚିମବଙ୍ଗ ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ସୋମବାର କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ଏବଂ ପଞ୍ଚାୟତିରାଜ ମନ୍ତ୍ରୀ ଗିରିରାଜ ସିଂଙ୍କୁ ପତ୍ର ଲେଖିଛନ୍ତି।

ଶୁଭେନ୍ଦୁ ତାଙ୍କ ପତ୍ରରେ ମମତା ସରକାରଙ୍କ ନାମରେ ସାଂଘାତିକ ଅଭିଯୋଗ ଆଣିଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ, ପଶ୍ଚିମବଙ୍ଗ ସରକାର ଏବେ ନକଲି ନିଯୁକ୍ତି ପ୍ରସ୍ତୁତି ସହ ଭ୍ରମାତ୍ମକ ତଥ୍ୟ ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି। ବିଶେଷଭାବେ ଗ୍ରାମାଞ୍ଚଳରେ ନକଲି ଚାକିରି ସୃଷ୍ଟି କରାଇବା ସହ ଜବ୍‌କାର୍ଡର ଦୁରୁପଯୋଗ କରି କେନ୍ଦ୍ରକୁ ଭ୍ରମାତ୍ମକ ତଥ୍ୟ ଦେଇ ଅନୁଦାନ ପାଇଁ ଦାବି କରୁଛନ୍ତି। ଆଗକୁ ପଞ୍ଚାୟତ ନିର୍ବାଚନ ଆସୁଥିବାରୁ ମୁଖ୍ୟମନ୍ତ୍ରୀ ମମତା ସରକାରୀ କଳକୁ ଏଭଳି ବେଆଇନ କାର୍ଯ୍ୟରେ ଲଗାଇ ଦେଇଛନ୍ତି। ତେଣୁ ଏହି ଘଟଣାରେ ସିବିଆଇ କିମ୍ବା ଅନ୍ୟ କୌଣସି କେନ୍ଦ୍ରୀୟ ସଂସ୍ଥା ଦ୍ୱାରା ଏହାର ତଦନ୍ତ କରାଇବାକୁ କେନ୍ଦ୍ରମନ୍ତ୍ରୀ ଗିରିରାଜଙ୍କୁ ଲେଖିଥିବା ପତ୍ରରେ ଶୁଭେନ୍ଦୁ ଅନୁରୋଧ କରିଛନ୍ତି।


ଗୁଜରାଟ ବିଧାନସଭା ନିର୍ବାଚନ ପରିପ୍ରେକ୍ଷୀରେ ସୋମବାର ରାଜକୋଟଠାରେ ଆୟୋଜିତ ଏକ ରୋଡ୍ ଶୋ'ରେ ସାମିଲ ହୋଇଛନ୍ତି ଆମ୍ ଆଦ୍‌ମୀ ପାର୍ଟିର ରାଷ୍ଟ୍ରୀୟ ସଂଯୋଜକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ।

# ମୁଖ୍ୟମନ୍ତ୍ରୀ କହିଥିଲେ, ଏବେ ଧାମନଗର ଦାୟିତ୍ୱ ନିଅନ୍ତୁ: ସୂର୍ଯ୍ୟବଂଶୀ


ଧୃଷୁରୀ ବଜାରରେ ନବନିର୍ବାଚିତ ବିଧାୟକ ସୂର୍ଯ୍ୟବଂଶୀ ସୂରଜଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

**ଭଦ୍ରକ ଅଫିସ/ଧାମନଗର, ୭।୧୧(ସ୍ୱ.ପ୍ର./ଡି.ଏନ୍.ଏ.)**

ଉପନିର୍ବାଚନ ପାଇଁ ଭର୍ଚ୍ଚୁଆଲ ପ୍ରଚାର ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଧାମନଗର ଦାୟିତ୍ୱ ନେବେ ବୋଲି କହିଥିଲେ। ସେ ତାଙ୍କ ପ୍ରତିଶ୍ରୁତି ରକ୍ଷା କରି ଧାମନଗର ଦାୟିତ୍ୱ ନିଅନ୍ତୁ। ତାଙ୍କ ଦଳର ପ୍ରାର୍ଥୀ ହାରିଯାଇଥିଲେ ବି ଧାମନଗର ତାଙ୍କର, ସେ ତା'ର ଦାୟିତ୍ୱ ନିଅନ୍ତୁ ବୋଲି ସୋମବାର ନବନିର୍ବାଚିତ ବିଧାୟକ ସୂର୍ଯ୍ୟବଂଶୀ ସୂରଜ ପ୍ରତିକ୍ରିୟାରେ କହିଛନ୍ତି।

ଉପନିର୍ବାଚନରେ ବିଜୟଲାଭ କରିବା ପରେ ବାବା ଆଖଣ୍ଡଳମଣିଙ୍କୁ ଦର୍ଶନ କରି ବିଧାୟକ ଭାବେ ଧାମନଗର ସେବା ଆରମ୍ଭ କରିବେ ବୋଲି ସୂର୍ଯ୍ୟବଂଶୀ କହିଥିଲେ। ସେହି ଅନୁଯାୟୀ ସୋମବାର ଶୈବପୀଠ ଆରଡ଼ିକୁ ବାବା ଆଖଣ୍ଡଳମଣିଙ୍କ ଦର୍ଶନ ପାଇଁ ସେ ଯାଇଥିଲେ। ଆରଡ଼ିକୁ ଯିବା ବାଟରେ ଧୃଷୁରୀଠାରେ ଭାଜପାର ବହୁସଂଖ୍ୟକ କର୍ମୀ ଓ ଜନସାଧାରଣ ତାଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ସୂର୍ଯ୍ୟବଂଶୀ ମଧ୍ୟ ଗାଡ଼ିରୁ ଓହ୍ଲାଇ ଧୃଷୁରୀ ବଜାରରେ ଚାଲି ଚାଲି ଯାଇ ଲୋକଙ୍କୁ ପ୍ରତି ନମସ୍କାର କରିବା ସହ କୃତଜ୍ଞତା ଜଣାଇଥିଲେ। ଏହି ଅବସରରେ ସେ ଗଣମାଧ୍ୟମ ଆଗରେ ପ୍ରତିକ୍ରିୟା ରଖିଥିଲେ, ମୁଁ କଠିନ ପରିସ୍ଥିତିରେ ନିର୍ବାଚନକୁ ଓହ୍ଲାଇଥିଲି। ଏକ ବଡ଼ ପରିବାର ମୋତେ ନିର୍ବାଚନରେ ସହଯୋଗ କରିଥିଲା। ଧାମନଗରବାସୀ ମୋତେ ଯେଉଁ ସ୍ନେହ ଶ୍ରଦ୍ଧା ଦେଇଛନ୍ତି, ସେହି ଆଧାରରେ ମୁଁ ମୋର କର୍ତ୍ତବ୍ୟ ସମ୍ପାଦନ କରିବି। କିଛି ସମୟ ସେଠାରେ ରହି ବାବା ଆଖଣ୍ଡଳମଣିଙ୍କ ଦର୍ଶନ ଅଭିମୁଖେ ଯାତ୍ରା କରିଥିଲେ।

ସେହିପରି ଧାମନଗର ବିଧାନସଭା କ୍ଷେତ୍ର ପ୍ରବେଶ ପଥ ସରପୁର, ବରୁଣାଇ, ଅସୁରାଳି, କୋଠାର, ସୂର୍ଯ୍ୟପୁର, ବେତାଳିଗାଁ ଆଦି ବିଭିନ୍ନ ଛକରେ ଦଳୀୟ କର୍ମୀଙ୍କ ସହ ଜନସାଧାରଣ ତାଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ତାଙ୍କ ସହ ଉପନିର୍ବାଚନରେ ମଙ୍ଗୁଆଳ ସାଜିଥିବା ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ବଦ୍ରି ନାରାୟଣ ଧଳ, ଜିଲା ସଭାପତି ହେମନ୍ତ ପାଢ଼ୀ, ସମ୍ପାଦକ ମନୋଜ ମଲ୍ଲିକ, ମନସ୍ମିତା ଖୁଣ୍ଟିଆ, ଅଶୋକ ପୁହାଣ, ଚତୁର୍ଭୁଜ ନାୟକ, ବୈକୁଣ୍ଠ ସାହୁ ପ୍ରମୁଖ ନେତୃମଣ୍ଡଳୀ ଉପସ୍ଥିତ ଥିଲେ। ଉପନିର୍ବାଚନରେ ବିଜୟ ନେଇ ଧାମନଗର ଅଞ୍ଚଳରେ ଭାଜପା ନେତା ଓ କର୍ମୀଙ୍କ ମଧ୍ୟରେ ଆନନ୍ଦ ଖେଳିଯାଇଛି। ନବନିର୍ବାଚିତ ବିଧାୟକଙ୍କୁ ନେଇ ଭାଜପା ଏଭଳି ଭିନ୍ନ ଢଙ୍ଗରେ ବିଜୟ ଉତ୍ସବ ପାଳନ କରିଛି।

# ହେମନ୍ତ ସୋରେନଙ୍କୁ ଆଶ୍ୱସ୍ତି

## ବେଆଇନ ଖଣି ଖନନ ମାମଲା: ଝାଡ଼ଖଣ୍ଡ ହାଇକୋର୍ଟ ରାୟ ସୁପ୍ରିମକୋର୍ଟରେ ଖାରଜ

**ନୂଆଦିଲ୍ଲୀ,୭।୧୧**

ବେଆଇନ ଖଣି ଖନନ ଦୁର୍ନୀତି ମାମଲାର ତଦନ୍ତ ପାଇଁ ଝାଡ଼ଖଣ୍ଡ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶକୁ ସୁପ୍ରିମକୋର୍ଟ ସୋମବାର ଖାରଜ କରିଦେଇଛନ୍ତି। ଫଳରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ଆଶ୍ୱସ୍ତି ମିଳିଛି। ଖଣି ଲିଜ୍ ଆବଣ୍ଟନରେ ଅନିୟମିତତା ଏବଂ ସେଲ୍ କମ୍ପାନୀଗୁଡ଼ିକ ଜରିଆରେ ମନିଲଣ୍ଡରିଂ ଅଭିଯୋଗର ତଦନ୍ତ ପାଇଁ ଦାଏର ଜନସ୍ୱାର୍ଥ ମାମଲା(ପିଆଇଏଲ୍)କୁ ହାଇକୋର୍ଟ ଗ୍ରହଣ କରିଥିଲେ। ତେବେ ପିଆଇଏଲ୍ ଗ୍ରହଣୀୟ ନୁହେଁ କହି ପ୍ରଧାନ ବିଚାରପତି ୟୁ.ୟୁ. ଲଳିତ, ଜଷ୍ଟିସ ଏସ୍. ରବୀନ୍ଦ୍ର ଭଟ୍ଟ ଏବଂ ସୁଧାଂଶୁ ଧୁଲିଆଙ୍କ ଖଣ୍ଡପୀଠ ହାଇକୋର୍ଟଙ୍କ ୨୦୨୨ ଜୁନ୍ ୩ ରାୟକୁ ଖାରଜ କରିଦେଇଛନ୍ତି।



# କଂଗ୍ରେସର ଟୁଇଟର ଆକାଉଣ୍ଟ ବନ୍ଦ ଲାଗି କୋର୍ଟ ନିର୍ଦ୍ଦେଶ

**ବେଙ୍ଗାଲୁରୁ,୭।୧୧**

କଂଗ୍ରେସର ଟୁଇଟର ଆକାଉଣ୍ଟ ସାମୟିକ ଭାବେ ବନ୍ଦ କରିବା ଲାଗି ବେଙ୍ଗାଲୁରୁର ଏକ ଅଦାଲତ ସୋମବାର ନିର୍ଦ୍ଦେଶ ଦେଇଛନ୍ତି। କଂଗ୍ରେସ ଏମ୍‌ପି ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ଯାତ୍ରା ବେଳେ କନ୍ନଡ ଚଳଚ୍ଚିତ୍ର କେଜିଏଫ୍-୨ର ଗୀତ ବଜାଯିବାକୁ ନେଇ ଦଳ ବିରୋଧରେ ମ୍ୟୁଜିକ୍ କମ୍ପାନୀ କପିରାଇଟ୍ ଉଲ୍ଲଂଘନ ମାମଲା ଦାଏର କରିଥିଲା। ଏମ୍‌ଆରଟି ମ୍ୟୁଜିକ୍ ପରିଚାଳକ ଏମ୍. ନବୀନ କୁମାରଙ୍କ ପକ୍ଷରୁ ରାହୁଲଙ୍କ ସମେତ ୩ ଜଣ କଂଗ୍ରେସ ନେତାଙ୍କ ବିରୋଧରେ ଏତଲା ଦିଆଯାଇଥିଲା।

# ହିନ୍ଦୁକୁ ନେଇ କଂଗ୍ରେସ ନେତାଙ୍କ ବିବାଦୀୟ ମନ୍ତବ୍ୟ

**ବେଙ୍ଗାଲୁରୁ,୭।୧୧**

ହିନ୍ଦୁ ଶବ୍ଦକୁ ନେଇ କର୍ନାଟକର ବରିଷ୍ଠ କଂଗ୍ରେସ ନେତା ସତୀଶ ଲକ୍ଷ୍ମଣରାଓ ଜାର୍କିହୋଲି ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ହିନ୍ଦୁର ଏକ ଅଶ୍ଳୀଳ ଅର୍ଥ ରହିଛି। ଏହି ଧର୍ମ ଭାରତରେ ସୃଷ୍ଟି ହୋଇନାହିଁ, ପାରସ୍ୟରୁ ଆସିଥିବା ଜାର୍କିହୋଲି କହିଛନ୍ତି। ଭାରତ ସହ ଆଦୌ ସମ୍ପୃକ୍ତ ନ ଥିବା ଏହି ଶବ୍ଦକୁ ଲୋକେ କିପରି ଗ୍ରହଣ କରିବେ ବୋଲି ସେ ପ୍ରଶ୍ନ କରିଛନ୍ତି। ହିନ୍ଦୁ ଶବ୍ଦକୁ ନେଇ ବିତର୍କ ହେବା ଆବଶ୍ୟକ ବୋଲି ସେ କହିଛନ୍ତି। ତାଙ୍କ ବକ୍ତବ୍ୟର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଶାସକ ଭାଜପା ପକ୍ଷରୁ ନିନ୍ଦା କରାଯାଇଛି। ହିନ୍ଦୁମାନଙ୍କୁ ଅପମାନିତ ଓ ଉତ୍ତେଜିତ କରିବା ଲାଗି କଂଗ୍ରେସ ନେତା ଏଭଳି ବିବାଦୀୟ ମନ୍ତବ୍ୟ ଦେଇଥିବା କର୍ନାଟକ ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅଶ୍ୱଥନାରାୟଣ କହିଛନ୍ତି। ଅଯଥା ବିବାଦ ସୃଷ୍ଟି ନକରି ଲୋକଙ୍କ ଭାବାବେଗ ଓ ସଂସ୍କୃତିକୁ ସମ୍ମାନ ଦେବା ଲାଗି ସେ ପରାମର୍ଶ ଦେଇଛନ୍ତି।


ସତୀଶ ଲକ୍ଷ୍ମଣରାଓ

# ଭଦ୍ରକରେ କଂଗ୍ରେସର ଭାରତ ଯୋଡ଼ୋ ଯାତ୍ରା

**ଭଣ୍ଡାରିପୋଖରୀ,୭।୧୧(ସ୍ୱ.ପ୍ର.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଆଖୁଆପଦାଠାରୁ କଂଗ୍ରେସର ଭାରତ ଯୋଡ଼ୋ ଯାତ୍ରା ଶୁଭାରମ୍ଭ ହୋଇଛି। ଜିଲା ସଭାପତି ସୁବ୍ରତ କୁମାର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶୋଭାଯାତ୍ରାରେ ପିସିସି ସଭାପତି ଶରତ ପଟ୍ଟନାୟକ, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ଅନନ୍ତ ପ୍ରସାଦ ସେଠୀ, ରାଜ୍ୟ ମହିଳା ସଭାନେତ୍ରୀ ବନ୍ଦିତା ପରିଡ଼ା, ଯୁବ ସଭାପତି ସ୍ମୃତିରଞ୍ଜନ ଲେଙ୍କା, ବିଶ୍ୱ ମହାନ୍ତି, ବିସ୍ମୟ ମହାପାତ୍ର ପ୍ରମୁଖ ଯୋଗଦେଇ କଂଗ୍ରେସର ଆଭିମୁଖ୍ୟ ସମ୍ପର୍କରେ ଉପସ୍ଥିତ କର୍ମୀମାନଙ୍କୁ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ଗୋଲକ ବେହେରା, ଅଶୋକ ଦାସ, ମଧୁମିତା ସେଠୀ, ଜିଲା ମହିଳା ସଭାନେତ୍ରୀ ସବିତା ଚନ୍ଦ, ଦିଗମ୍ବର ଦାସ, ନଳିନୀ ମହାନ୍ତି, ଅଜୟ ସାହୁ, ଅକ୍ଷୟ ତ୍ରିପାଠୀ, ପ୍ରଶାନ୍ତ ସାହୁ ପ୍ରମୁଖ ଏଥିରେ ସାମିଲ ଥିଲେ। ବ୍ଲକ ଅଧୀନ ୨୩ ପଞ୍ଚାୟତର ଶତାଧିକ କଂଗ୍ରେସ କର୍ମୀ ଏଥିରେ ଯୋଗ ଦେଇଥିବାବେଳେ ଆଖୁଆପଦାଠାରୁ ଧାମନଗର ଛକ ପର୍ଯ୍ୟନ୍ତ ପଦଯାତ୍ରା କରାଯାଇଛି। ମଙ୍ଗଳବାର ଭଦ୍ରକ ଅଭିମୁଖେ ପଦଯାତ୍ରା ଆରମ୍ଭ ହେବ ବୋଲି ଦଳ ପକ୍ଷରୁ କୁହାଯାଇଛି।


ପଦଯାତ୍ରାରେ ପିସିସି ସଭାପତି ଶରତ ପଟ୍ଟନାୟକ ଓ ଦଳୀୟ ନେତୃବୃନ୍ଦ।

# 'ତଦନ୍ତ କମିଶନ ସତ୍ତ୍ୱେ ପଦୋନ୍ନତି କେମିତି'

**ଭୁବନେଶ୍ୱର,୭।୧୧(ବ୍ୟୁରୋ)**

## ଆଇପିଏସ୍ ଅଫିସରଙ୍କ ବିରୋଧରେ ଛାତ୍ର କଂଗ୍ରେସର ଅଭିଯୋଗ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛତା ଓ ସାଧୁତାର ଆହ୍ୱାନକୁ ଗୃହ ବିଭାଗର ଉଚ୍ଚପଦସ୍ଥ ଅଫିସର ବେଖାତିର କରୁଛନ୍ତି। ଏ ବାବଦରେ ସରକାରଙ୍କ ପାଖରେ ତଥ୍ୟ ରହିଛି ନା ଜାଣିଶୁଣି ସରକାର ଏହାକୁ ଏଡ଼େଇ ଯାଉଛନ୍ତି ବୋଲି ଛାତ୍ର କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ଅଖିଳେଶ ଯାଦବ ପ୍ରଶ୍ନ କରିଛନ୍ତି। ଅଖିଳେଶ ସୋମବାର କଂଗ୍ରେସ ଭବନରେ ଏକ ଖବରଦାତା ସମ୍ମିଳନୀ ଜରିଆରେ କହିଛନ୍ତି, ଦୀପ୍ତେଶ ପଟ୍ଟନାୟକ ଯିଏକି ଜଣେ ଆଇପିଏସ ଅଫିସର ସେ ଅନୈତିକ କାର୍ଯ୍ୟରେ ସମ୍ପୃକ୍ତ। ସେ ସାଧାରଣ ଜନତାଙ୍କ ସେବକ। ଲୋକଙ୍କ ଟିକସ ଅର୍ଥରେ ଦରମାପ୍ରାପ୍ତ ହୁଅନ୍ତି। ମାତ୍ର ତାଙ୍କ କାର୍ଯ୍ୟକ୍ରମକୁ ଯଦି ଅନୁଧ୍ୟାନ କରାଯାଏ, ତେବେ ରାଜ୍ୟର ସାଧାରଣ ଜନତା ଏଥିରେ ଆଶ୍ଚର୍ଯ୍ୟାନ୍ୱିତ ହେବେ। ସେ ରାଉରକେଲା ଏସ୍‌ପି ଭାବେ କାର୍ଯ୍ୟରତ ଥିବାବେଳେ ତାଙ୍କ ବିରୋଧରେ ତଦନ୍ତ କମିଶନ ବସିଥିବା ସତ୍ତ୍ୱେ ତାଙ୍କୁ କିପରି ପଦୋନ୍ନତି ମିଳିଲା। ତାଙ୍କ ପଦୋନ୍ନତିକୁ ଆମ୍ଭେ ନୁହେଁ ରାଜ୍ୟ ଓକିଲ ସଂଘ ମଧ୍ୟ ନିନ୍ଦା କରିଛି। ସେ ଜଣେ ବିଶୃଙ୍ଖଳିତ ଅଫିସର ବୋଲି ପ୍ରମାଣିତ ହୋଇଛି। ତାଙ୍କ ବିରୋଧରେ ନାଇଡୁ କମିଶନ ତଦନ୍ତ କରୁଥିଲେ। ସରକାରୀ ନିୟମ ଉଲ୍ଲଂଘନ କରି ସେ ବାରମ୍ବାର ବିଦେଶରେ ଅୟେସ କରିଛନ୍ତି। ଏହାର ତଦନ୍ତ ନିତାନ୍ତ ହେବା ଜରୁରୀ। ଏହିସବୁ ବ୍ୟୟବହୁଳ ଜୀବନଶୈଳୀ ଉପରେ ରାଜ୍ୟ ଭିଜିଲାନ୍ସ ଓ କେନ୍ଦ୍ରର ଇଡି ବିଭାଗର ନଜର ଅଛି ନା ନାହିଁ। ତାହା ଜାଣିବା ଦରକାର। ସରକାରୀ ନିୟମ ଅନୁସାରେ ସେ ତାଙ୍କର ସମ୍ପତ୍ତି ତଥ୍ୟ ଏପର୍ଯ୍ୟନ୍ତ ସରକାରଙ୍କୁ କାହିଁକି ଦେଇ ନାହାନ୍ତି। ସରକାର ମଧ୍ୟ ଏହି ଘଟଣାରେ ନୀରବ ରହୁଛନ୍ତି। ଦୀପ୍ତେଶ ପଟ୍ଟନାୟକ ଏକ ଉଦାହରଣ ମାତ୍ର। ଏପରି ଅନେକ ଆଇପିଏସ ଓ ଆଇଏଏସ୍ ଅଫିସର ଯିଏକି ଆମ ଟିକସ ପଇସାରେ ଦରମାପ୍ରାପ୍ତ ହୁଅନ୍ତି ସେମାନେ ନିଜ ଦାୟିତ୍ୱ ତୁଲାଇବାରେ ଚରମ ଅବହେଳା ପ୍ରଦର୍ଶନ କରୁଥିବା ବେଳେ ସରକାର ସେମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି ବୋଲି ଯାଦବ କହିଛନ୍ତି।

ପାରାଦୀପ ବନ୍ଦର କର୍ତ୍ତୃପକ୍ଷ
ପସନ୍ଦିତ ବନ୍ଦର
SAGARMALA
ଏକ ଆଇଏସ୍‌ଓ ୯୦୦୧-୨୦୧୫ ପ୍ରମାଣିତ ଓ ଆଇଏସ୍‌ପିଏସ୍ ମାନ୍ୟ ବନ୍ଦର
ବନ୍ଦର ଦିବସ-୨୦୨୨
ପାଳନ ଅବସରରେ ସମସ୍ତ ହିତାଧିକାରୀମାନଙ୍କୁ ଶୁଭ ଅଭିନନ୍ଦନ

- ଭାରତର ପୂର୍ବତଟରେ ସାମୁଦ୍ରିକ ପ୍ରବେଶପଥରେ ଏହାର ଅବସ୍ଥିତି ।
- ଇସ୍ପାତ, ଶକ୍ତି, ସାର ଏବଂ ସିମେଣ୍ଟ ପ୍ଲାଣ୍ଟ ଆଦି ରହିଥିବା ଖଣିଜ ଦ୍ରବ୍ୟ ସମୃଦ୍ଧ ଅଞ୍ଚଳ ସହିତ ଉଭୟ ରେଳ ଓ ସଡକ ଦ୍ୱାରା ସଂଯୋଗୀକୃତ ।
- ପଣ୍ୟ କାରବାର ନିମନ୍ତେ ଆଧୁନିକ ଯନ୍ତ୍ରପାତିର ସୁବ୍ୟବସ୍ଥା ।
- ଦକ୍ଷ ଓ ସୁଲଭ ସେବା ।
- ବନ୍ଦର ସହିତ ଯୋଗାଯୋଗ ପାଇଁ ଇଲେକ୍ଟ୍ରୋନିକ ଡାଟା ପରିଚାଳନା ଇଣ୍ଟରଚେଂଜ୍ ଏବଂ କଂପ୍ୟୁଟରୀକୃତ ବ୍ୟବସ୍ଥା ।
- ଏକକ ଦ୍ୱାର ବ୍ୟବସ୍ଥା ।
- ଆର୍ଥିକ ବର୍ଷ ୨୦୨୧-୨୨ରେ ୧୧୬.୧୩ ନିୟୁତ ମେଟ୍ରିକ ଟନ ପଣ୍ୟ କାରବାର ।
- ବୃହତ ବନ୍ଦରଗୁଡିକ ମଧ୍ୟରେ ପଣ୍ୟ କାରବାରରେ ନିଜର ଦ୍ୱିତୀୟ ସ୍ଥାନ ବଜାୟ ।
- ୨୦୨୫ ମସିହା ସୁଦ୍ଧା ପଣ୍ୟ କାରବାର କ୍ଷମତା ୩୦୦ ନିୟୁତ ମେଟ୍ରିକ ଟନ୍‌କୁ ଅତିକ୍ରମ କରିବ ।
- ବର୍ତ୍ତମାନ କେପ ସାଇଜ ଜାହାଜ ଆଭ୍ୟନ୍ତରୀଣ ପୋତାଶ୍ରୟ ମଧ୍ୟରେ ଏବଂ ୩,୫୦,୦୦୦ ଡି.ଡବ୍ଲୁ.ଟି. କ୍ଷମତା ବିଶିଷ୍ଟ ଜାହାଜ, ସିଙ୍ଗଲ ପଏଣ୍ଟ ମୁରିଂ (ଏସ୍.ପି.ଏମ୍.)ଠାରେ କରାଯାଉଛି ।
- ଶୁଷ୍କ ପୋତାଶ୍ରୟ ସୁବିଧା ଉପଲବ୍ଧ ।
- ପାରାଦୀପ ଇଣ୍ଟରନେସନାଲ କାର୍ଗୋ ଟର୍ମିନାଲରେ ନିୟମିତ କଂଟେନର ପଣ୍ୟ କାରବାର ।






paradipport.gov.in
www.paradipport.gov.in
paradipport

ନୈତିକତା ଏକ କୃତ୍ରିମ ମାନଦଣ୍ଡରେ ସମସ୍ତଙ୍କୁ ଠିଆ କରିବାକୁ ଚାହୁଁଥିଲା ବେଳେ, ଆଧ୍ୟାତ୍ମିକତା ଜୀବନର ବହୁ ବୈଚିତ୍ର୍ୟ ଭିତରେ ଲୀଳାୟିତ ହୁଏ। ଏହା ମଧ୍ୟ ଆତ୍ମାର ସ୍ୱାଧୀନତାକୁ ସାବ୍ୟସ୍ତ କରେ। -ଶ୍ରୀମା



# ୬ ବର୍ଷ ପରେ

ବିମୁଦ୍ରୀକରଣକୁ ୮ ନଭେମ୍ବର ୨୦୨୨ରେ ୬ ବର୍ଷ ପୂରିଲା। ଏହି ସମୟ ମଧ୍ୟରେ ଭାରତର ଅର୍ଥନୀତି କେଉଁ ସ୍ତରକୁ ଖସିଛି, ତାହା ପ୍ରତ୍ୟେକ ଦେଶବାସୀ ଦୈନନ୍ଦିନ ଅନୁଭବ କରୁଛନ୍ତି। କିନ୍ତୁ କେହି କିଛି କରିବା ସ୍ଥିତିରେ ନାହାନ୍ତି। ୮ ନଭେମ୍ବର ୨୦୧୬ରେ ଏହି କଠୋର ଅର୍ଥନୈତିକ ଅସ୍ତ୍ର ଦେଶବାସୀଙ୍କ ଉପରେ ପ୍ରୟୋଗ କରାଯାଇଥିଲା। ସେତେବେଳେ କୁହାଯାଇଥିଲା ଯେ ଦୁର୍ନୀତି ସହିତ କଳାଧନ ରୋକିବା, ଆତଙ୍କବାଦୀଙ୍କୁ କରାଯାଉଥିବା ପାଣ୍ଠି ଯୋଗାଣ ବନ୍ଦ ଓ ବିଦେଶରେ ଛପାଯାଉଥିବା ନକଲି ମୁଦ୍ରାକୁ ଅକାମୀ କରିଦିଆଯିବ। କୌତୂହଳର ବିଷୟ ହେଉଛି ପ୍ରଥମ ଦିନ ଏହି ଘୋଷଣା ହୋଇଯିବା ପରେ ତା'ପରଠାରୁ ପ୍ରାୟ ପ୍ରତ୍ୟେକ ଦିନ ବିଭିନ୍ନ କଥା କୁହାଗଲା। ଏହା ମଧ୍ୟ ଜୋର୍‌ଜବରଦସ୍ତ କରାଗଲା ଯେ କାଗଜ ଟଙ୍କା ପରିବର୍ତ୍ତେ ସମଗ୍ର ଦେଶରେ ଡିଜିଟାଲ ଟଙ୍କା ବ୍ୟବହାର କରାଯିବ। ଅର୍ଥାତ୍ ନଗଦ କାରବାର ବନ୍ଦ ହୋଇଯିବ। ସବୁ ସନ୍ଧ୍ୟାରେ ଓଡ଼ିଆ ଆଇଏଏସ୍ ଅଫିସର ଶକ୍ତିକାନ୍ତ ଦାସଙ୍କ ଚେହେରା ଦେଖିବାର ସୁଯୋଗ ଦେଶବାସୀ ପାଇଥିଲେ। ବିଧିବଦ୍ଧ ବ୍ୟବସ୍ଥା କରାଯିବା ପୂର୍ବରୁ ବିମୁଦ୍ରୀକରଣ ଘୋଷଣା ହୋଇଯିବା ଫଳରେ ଅନେକ ବିଶୃଙ୍ଖଳା ଉପୁଜିଥିଲା। ତନ୍ମଧ୍ୟରୁ ଅନ୍ୟତମ ଥିଲା କେଉଁ ତାରିଖ ସୁଦ୍ଧା ପୁରୁଣା ଟଙ୍କା ଫେରସ୍ତ ଦେଇ ନୂତନ ନୋଟ୍ ଅଣାଯାଇପାରିବ। ପୋଖରୀରେ ପଦ୍ମ ଘୁଞ୍ଚିଲା ଭଳି ଶକ୍ତିକାନ୍ତ ସବୁଦିନ ଭିନ୍ନ ଭିନ୍ନ ତାରିଖ ଦର୍ଶାଇ ଦେଶର ଅର୍ଥନୀତି ଓ ବ୍ୟବସାୟିକ ବ୍ୟବସ୍ଥାକୁ ଦୋହଲାଇ ଦେଇ ଦୁର୍ବଳ କରିଦେବା ଦିଗରେ ସଫଳ ହୋଇଥିଲେ। ତାହାରି କୁଫଳ ଆଜି ମଧ୍ୟ ସମଗ୍ର ଦେଶକୁ ଭୋଗିବାକୁ ପଡୁଛି।

୪ ନଭେମ୍ବର ୨୦୧୬ରେ ଲୋକଙ୍କ ପାଖରେ ୧୭ ଲକ୍ଷ ୭୭ ହଜାର କୋଟି ଟଙ୍କା ନଗଦ ଅର୍ଥ ଥିଲା ବୋଲି ଆର୍‌ବିଆଇ କହିଥିଲା। ଆଶ୍ଚର୍ଯ୍ୟର କଥା ଅକ୍ଟୋବର ୨୦୨୨ରେ ସେହି ଅର୍ଥ ୭୨ ପ୍ରତିଶତ ବୃଦ୍ଧିପାଇ ୩୦ ଲକ୍ଷ ୮୮ ହଜାର କୋଟି ଟଙ୍କାରେ ପହଞ୍ଚିଛି ବୋଲି କେନ୍ଦ୍ର ସରକାରଙ୍କ ଅଧୀନ ବ୍ୟାଙ୍କିଙ୍ଗର ଏହି ସର୍ବୋଚ୍ଚ ସଂସ୍ଥା ଆର୍‌ବିଆଇ ଦ୍ୱାରା ଘୋଷଣା କରାଯାଇଛି। ସେଥିରୁ ବୁଝିବାକୁ ହେବ ଯେତେ ଭାରତପେ, ଗୁଗଲ୍‌ପେ, ଫୋନ୍‌ପେ, ପେଟିଏମ୍ ଭଳି ସଂସ୍ଥା ମୁଣ୍ଡ ଟେକିଛନ୍ତି ସମସ୍ତେ ନିମ୍ନମଧ୍ୟବିତ୍ତଙ୍କ ପାଖରେ ପହଞ୍ଚି ପାରିଛନ୍ତି। ତା'ଠାରୁ ବହୁ ଅଧିକ ଗରିବ ଓ ମଧ୍ୟବିତ୍ତ ନାଗରିକ ଏହି ବ୍ୟବସ୍ଥାକୁ ବିଶ୍ୱାସକୁ ନେଇପାରୁ ନାହାନ୍ତି ଏବଂ ଡିଜିଟାଲ ଅର୍ଥନୀତି ପରିବର୍ତ୍ତେ, ପୂର୍ବଭଳି, ନଗଦକୁ ଫେରିଯାଉଛନ୍ତି ବୋଲି ଏହି ରିପୋର୍ଟରୁ ପ୍ରମାଣ ମିଳୁଛି।

ଦେଶବାସୀଙ୍କ ସ୍ମୃତିକୁ ତାଜା କରିବା ପାଇଁ କିଛି ଚିତ୍ରକୁ ଏଠାରେ ଅବତାରଣା କରାଯାଇପାରେ। ବିମୁଦ୍ରୀକରଣ ପରେ ୫୦୦ ଓ ୧୦୦୦ ଟଙ୍କିଆ ଦୁଇଟି ବଡ଼ ନୋଟ୍‌କୁ ତତ୍‌କ୍ଷଣାତ୍ ସରକାର ଫେରାଇ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ବ୍ୟାଙ୍କ ଦେଖି ନ ଥିବା ଅନେକ ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକ ସାଇତି ରଖିଥିବା ଏହି କାଗଜ ମୁଦ୍ରାକୁ ବଦଳାଇବା ପାଇଁ ଦିନ ଦିନ ଧରି ବ୍ୟାଙ୍କ ଆଗରେ ଧାଡ଼ି ବାନ୍ଧିଥିଲେ। କେତେକଙ୍କ ଏଥିଯୋଗୁ ମୃତ୍ୟୁ ଘଟିଥିବା ଖବର ପ୍ରକାଶ ପାଇଲା। ହେଲେ ସରକାର ଏହି ପ୍ରକ୍ରିୟାକୁ ଦେଶପ୍ରେମ ସହ ଯୋଡ଼ିଦେଲେ। ସିଆଚେନ୍‌ରେ ସୈନ୍ୟମାନେ ରାଷ୍ଟ୍ରର ସୁରକ୍ଷା ପାଇଁ ପ୍ରାଣବଳି ଦେଉଥିବା ବେଳେ ଅର୍ଥନୀତିକୁ ସୁଦୃଢ଼ କରିବା ସକାଶେ ଜନସାଧାରଣ କଷ୍ଟ ସହିବାକୁ ଶୀର୍ଷ ନେତୃତ୍ୱ ଆହ୍ୱାନ ଦେଇଥିଲେ। ସେତେବେଳେ ସେହି ଘୋଷଣାକୁ ଅନେକ ଲୋକ ଅନ୍ଧ ଭାବେ ସମର୍ଥନ କରି ଭାବିଥିଲେ ଯେ ଦେଶର ମଙ୍ଗଳ ପାଇଁ ଏହି କଷ୍ଟ ସହିହେବ। ସେହି ତ୍ୟାଗର କୌଣସି ଅର୍ଥ ରହିଲା ନାହିଁ ବୋଲି ପରବର୍ତ୍ତୀ ସମୟରେ ବୁଝାପଡୁଛି। ଗରିବ ଓ ମଧ୍ୟବିତ୍ତ ବର୍ଗଙ୍କ ମନରେ ଏଭଳି ଚିନ୍ତା ମଧ୍ୟ ପୂରାଇ ଦିଆଯାଇଥିଲା ଯେ, ଧନୀ ଲୋକଙ୍କ ନିକଟରୁ ବିପୁଳ ନଗଦ ଅର୍ଥ କାଢ଼ି ନେବାରେ ବିମୁଦ୍ରୀକରଣ ସହାୟକ ହେବ। କିନ୍ତୁ ଏହା ଯେ ଅବାସ୍ତବ ଥିଲା ତାହା ଅନେକେ ଠଉରାଇପାରି ନ ଥିଲେ। ସାଧାରଣତଃ ଅପର୍ଯ୍ୟାପ୍ତ କଳାଧନ ରଖିଥିବା ଧନିକ ବର୍ଗ ତାହାକୁ ନଗଦ ରାଶି ଆକାରରେ ନ ରଖି ବିଦେଶୀ ବ୍ୟାଙ୍କ କିମ୍ବା ଜମି, ସୁନା, ହୀରା ଆଦିରେ ବିନିଯୋଗ କରିଥାଆନ୍ତି। ମୋଟାମୋଟି କହିଲେ ବିମୁଦ୍ରୀକରଣ ଯୋଗୁ ନିମ୍ନ ଓ ମଧ୍ୟବିତ୍ତ ଲୋକ ଅଧିକ କ୍ଷତିଗ୍ରସ୍ତ ହୋଇଥିଲେ। ବହୁ ଲଘୁ, କ୍ଷୁଦ୍ର ଓ ମଧ୍ୟମଧରଣର ଶିଳ୍ପ ଧୂଳିସାତ୍ ହୋଇଯାଇଥିଲା। ଅନେକ ଲକ୍ଷ ଲୋକ ଚାକିରି ହରାଇ ଦୁର୍ଦ୍ଦିନ ଦେଇ ଗତି କରିଥିଲେ। ଆଜି ପର୍ଯ୍ୟନ୍ତ ମଧ୍ୟ ସେମାନଙ୍କ ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଆସିନାହିଁ। ଅନ୍ୟପକ୍ଷରେ ବିମୁଦ୍ରୀକରଣକୁ ଯେଉଁମାନେ ବିରୋଧ କରିଥିଲେ ସେମାନଙ୍କୁ ଦେଶଦ୍ରୋହୀ ଆଖ୍ୟା ଦିଆଯାଇଥିଲା। କଠୋର ହେଲେ ମଧ୍ୟ ଦେଶର ବିକାଶ ଲାଗି ଏଭଳି ପଦକ୍ଷେପର ଆବଶ୍ୟକତା ରହିଥାଏ ବୋଲି ସରକାରୀ ଭାବେ କୁହାଯାଇଥିଲା।

> ଦୁଃଖର ବିଷୟ ଯେ ଭାରତ ସରକାର ଏବେ ମଧ୍ୟ ଉଚିତ ଅର୍ଥନୈତିକ ନିଷ୍ପତ୍ତି ନେବାରେ ଅଭିଜ୍ଞତା ପ୍ରଦର୍ଶନ କରିପାରୁନାହାନ୍ତି। ସେଥିପାଇଁ ଆଗାମୀ ଦିନରେ ଆହୁରି କଷ୍ଟ ସମୟ ଆସୁଛି ବୋଲି କୁହାଯାଇପାରିବ।

ବିମୁଦ୍ରୀକରଣର ୬ ବର୍ଷ ପରେ କେନ୍ଦ୍ରରେ ସେହି ଏକା ସରକାର ଶାସନ କରୁଛନ୍ତି। ଅଧିକ ୭୨ ପ୍ରତିଶତ ନଗଦ ମୁଦ୍ରା ଜନସାଧାରଣଙ୍କ ପାଖରେ ରହିଛି ବୋଲି ଆର୍‌ବିଆଇର ରିପୋର୍ଟକୁ ସରକାରୀ ସ୍ତରରେ ଖଣ୍ଡନ କରାଯାଇ ନାହିଁ। ମନେରଖିବାକୁ ହେବ ଯେ ଏହି ରିପୋର୍ଟ ପ୍ରସ୍ତୁତ କରିଥିବା ଆର୍‌ବିଆଇ ସେତିକି ପରିମାଣର ନୋଟ୍ ବା ନଗଦ ଟଙ୍କା ଛାପିଛି ବୋଲି କହିପାରୁଛି। ଏବେ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ସର୍ବକାଳୀନ ରେକର୍ଡ ୮୨ ଟଙ୍କା ୪୪ ପଇସାରେ ପହଞ୍ଚିଯାଇଛି। ବିମୁଦ୍ରୀକରଣ ପୂର୍ବରୁ ଏହି ବିନିମୟ ମୂଲ୍ୟ ୬୪ ଟଙ୍କାରେ ଥିଲା। ଅର୍ଥନୀତି ଅତ୍ୟନ୍ତ ଖରାପ ପର୍ଯ୍ୟାୟ ଦେଇ ଗତି କରୁଥିବାରୁ ନିଯୁକ୍ତି ସଙ୍କୁଚିତ ହୋଇଯାଇଛି। ଏଠାରେ ଏକ ବିରୋଧାଭାସ ମଧ୍ୟ ଲକ୍ଷ୍ୟ କରାଯାଉଛି। ବିମୁଦ୍ରୀକରଣ ପରେ ୟୁନିଫାଏଡ୍ ପେମେଣ୍ଟ୍ସ ଇଣ୍ଟରଫେସ୍ (ୟୁପିଆଇ) ମାଧ୍ୟମରେ କାରବାର ବୃଦ୍ଧି ପାଇଛି। ଏହା ସତ୍ତ୍ୱେ ଲୋକଙ୍କ ପାଖରେ ଅଧିକ ପରିମାଣର ନଗଦ ଅର୍ଥ ରହିବା ସୂଚାଉଛି ଯେ, ଅର୍ଥନୀତି ଦୋଦୁଲ୍ୟମାନ ଅବସ୍ଥାରେ ଥିବାରୁ ସରକାରଙ୍କ ଉପରେ ସମ୍ଭବତଃ ଦେଶବାସୀଙ୍କ ଭରସା କମିଯାଇଛି। ଏସ୍‌ବିଆଇ ଅର୍ଥନୀତିଜ୍ଞଙ୍କ ମତରେ ଦୀପାବଳି ସପ୍ତାହରେ ମୁଦ୍ରା ସଂଚାଳନ ବା କରେନ୍ସି ଇନ୍ ସର୍କୁଲେଶନ (ସିଆଇସି) ୭,୬୦୦ କୋଟି ଟଙ୍କା କମିଯାଇଛି, ଯାହା ଦୁଇ ଦଶନ୍ଧି ମଧ୍ୟରେ ସର୍ବନିମ୍ନ ବୋଲି କୁହାଯାଉଛି। ଏହାର ଅର୍ଥ ଜନସାଧାରଣ ଏହିବର୍ଷ ଦୀପାବଳି ବେଳେ ପୂର୍ବବର୍ଷ ତୁଳନାରେ ଖର୍ଚ୍ଚ କମାଇ ଦେଇଛନ୍ତି। ଏଥିରୁ ଏହା ମଧ୍ୟ ଅନୁମାନ କରାଯାଇପାରେ ଯେ, ଅନ୍ୟକିଛି ସାମଗ୍ରୀ କିଣିବା ପରିବର୍ତ୍ତେ ସୁନା ଓ ହୀରା ଭଳି ଧାତବ ଜିନିଷ କିଣିଛନ୍ତି। ଦେଶର ଅର୍ଥନୀତିରେ ଦେଖାଦେଇଥିବା ଦୁରବସ୍ଥାକୁ ଦେଖି ଜନସାଧାରଣ ନଗଦ ଅର୍ଥ ବଜାରକୁ ଛାଡ଼ିବାକୁ ଚାହୁଁନାହାନ୍ତି। ପଡ଼ୋଶୀ ଦେଶ ଶ୍ରୀଲଙ୍କାରେ ଆର୍ଥିକ ସଙ୍କଟ ଯୋଗୁ ଯେଉଁ ସ୍ଥିତି ଉପୁଜିଲା ତାହାର ପ୍ରଭାବ ଏଠାରେ ପଡ଼ିଯିବା ଭୟ ମଧ୍ୟ ଭାରତୀୟଙ୍କୁ ଘାରିଲାଣି। ମୋଟ ଉପରେ କହିଲେ ୬ ବର୍ଷ ତଳେ ଯେଉଁ ଉଦ୍ଦେଶ୍ୟ ନେଇ ସରକାର କଠୋର ଆର୍ଥିକ ନୀତି ଗ୍ରହଣ କରିଥିଲେ, ତାହା ସମ୍ପୂର୍ଣ୍ଣ ବିଫଳ ହୋଇଥିବା ବେଳେ ଏବେ ତାହାର କୁପ୍ରଭାବ ଦେଶର ଅର୍ଥନୀତିକୁ ଆହୁରି ଦୁର୍ବଳ କରିଦେଇଛି। କାରଣ ସ୍ଥିତି ଏଭଳି ବିଗିଡ଼ିଲାଣି ଯେ, ଅର୍ଥଶାସ୍ତ୍ରୀଙ୍କ ଦ୍ୱାରା ବହୁଳ ପ୍ରମାଣିତ ପ୍ରୟୋଗାତ୍ମକ ସୂତ୍ର ମଧ୍ୟ କାମ ଦେଉନାହିଁ। ଏଥିସହିତ ଦେଶର ନାଗରିକଙ୍କ ଚରିତ୍ର ବୁଝିବା ଦରକାର। ଦୀର୍ଘ ସମୟରୁ ନଗଦ ଟଙ୍କା ଖର୍ଚ୍ଚ କରି ବଞ୍ଚିବାକୁ ଶିଖିଥିବା ଭାରତୀୟଙ୍କୁ ହଠାତ୍ ଡିଜିଟାଲ ବ୍ୟବସ୍ଥା ଉପରେ ବିଶ୍ୱାସ ଆଣିବା କଷ୍ଟକର। ତାହା ଏହି ରିପୋର୍ଟରୁ ପ୍ରମାଣିତ ହେଉଛି। ଦୁଃଖର ବିଷୟ ଯେ ଭାରତ ସରକାର ଏବେ ମଧ୍ୟ ଉଚିତ ଅର୍ଥନୈତିକ ନିଷ୍ପତ୍ତି ନେବାରେ ଅଭିଜ୍ଞତା ପ୍ରଦର୍ଶନ କରିପାରୁନାହାନ୍ତି। ସେଥିପାଇଁ ଆଗାମୀ ଦିନରେ ଆହୁରି କଷ୍ଟ ସମୟ ଆସୁଛି ବୋଲି କୁହାଯାଇପାରିବ।

# ଜୀବନଶୈଳୀ ଓ ଜଳବାୟୁ ପରିବର୍ତ୍ତନ



ଡ. ଜୟକୃଷ୍ଣ ପାଣିଗ୍ରାହୀ

ସାମ୍ପ୍ରତି ବିକାଶ ଓ ପ୍ରଗତିର ମାୟାଜାଲରେ ବଶୀଭୂତ ହୋଇ ମାନବ ସମାଜ ଏକ ଅସହନୀୟ ମାର୍ଗରେ ଅଗ୍ରସର ହେଉଛି। ଏହା ଆମ ଗ୍ରହର ପ୍ରକୃତି ଓ ପରିବେଶର ଗୁଣାତ୍ମକ ମାନରେ ଅବକ୍ଷୟ ଘଟାଇ ବିନାଶକାରୀ ପ୍ରଭାବ ବିସ୍ତାର କରୁଛି। ଆମେରିକା ଏବଂ ୟୁରୋପର ବିକଶିତ ରାଷ୍ଟ୍ରଗୁଡ଼ିକ ବିଜ୍ଞାନ ଓ ପ୍ରଯୁକ୍ତିରେ ସାଧିତ ସର୍ବାଧିକ ଅଗ୍ରଗତିର ପ୍ରୟୋଗ ତଥା ପ୍ରାକୃତିକ ସମ୍ପଦର ଅତ୍ୟଧିକ ବିନିଯୋଗରେ ଧନିକ ରାଷ୍ଟ୍ରର ମର୍ଯ୍ୟାଦା ହାସଲ କରିଛନ୍ତି। ତେବେ ଅଧିକ ଜନସଂଖ୍ୟା ବିଶିଷ୍ଟ ଏବଂ ଦାରିଦ୍ର୍ୟ ପ୍ରପୀଡ଼ିତ ବିକାଶଶୀଳ ରାଷ୍ଟ୍ରଗୁଡ଼ିକ ଏହି 'ମୂଷା ଦୌଡ଼'ରେ ସଫଳତା ଅର୍ଜନରୁ ଦୂରରେ ଥିବାରୁ ଏବେ ଅନ୍ଧାନୁକରଣରେ ବ୍ରତୀ ଅଛନ୍ତି। ପ୍ରଚଳିତ ବିପର୍ଯ୍ୟୟ ସୃଷ୍ଟିକାରୀ ଉନ୍ନୟନ ପ୍ରକ୍ରିୟାର ପରିଣାମରେ ମାନବ ଜୀବନଶୈଳୀରେ ନକାରାତ୍ମକ ପରିବର୍ତ୍ତନ ଘଟୁଛି। ଏହା ପ୍ରକୃତି ଓ ପରିବେଶର ଅବନତିର କାରଣ ପାଲଟିଛି। ଏବେ ବିଶ୍ୱବାସୀ ଅନୁଭବ କଲେଣି ଯେ ଜୀବନଶୈଳୀରେ ଘଟୁଥିବା ଏପରି ପରିବର୍ତ୍ତନ ବହୁବିଧ ସ୍ୱାସ୍ଥ୍ୟଜନିତ ସମସ୍ୟା ସୃଷ୍ଟି ନିମନ୍ତେ ମୂଳତଃ ଦାୟୀ। ଅନ୍ୟପକ୍ଷରେ, ଗ୍ରହର ପ୍ରାକୃତିକ ପରିସଂସ୍ଥା ଉପରେ ଗୁରୁତର ପ୍ରଭାବ ଏବଂ ସମ୍ବଳର ଉତ୍ସ ଉପରେ ଅତ୍ୟଧିକ ଚାପ ସୃଷ୍ଟି ହୋଇଚାଲିଛି। ସମଗ୍ର ବିଶ୍ୱରେ ପ୍ରଦୂଷଣ, ବିଶ୍ୱତାପନ, ଜଳବାୟୁ ପରିବର୍ତ୍ତନ ଏବଂ ଜୈବ ବିବିଧତାର ଅବକ୍ଷୟ ପରି ଭୟାବହ ପରିବେଶୀୟ ସମସ୍ୟାମାନ ଦେଖାଯାଉଛି। ଏସବୁ ମଧ୍ୟରୁ ମାନବ-ପ୍ରବର୍ତ୍ତିତ ଜଳବାୟୁ ଜରୁରିକାଳୀନ ପରିସ୍ଥିତି ହେଉଛି ସମଗ୍ର ଜୀବଜଗତ ପାଇଁ ଏକ ଗମ୍ଭୀର ଆହ୍ୱାନ।

ଏପରି ବିଶ୍ୱ ଦୃଶ୍ୟପଟରେ ପ୍ରତିକାରାତ୍ମକ ପଦକ୍ଷେପ ଗ୍ରହଣର ପ୍ରୟୋଜନୀୟତାକୁ ବିଶ୍ୱ ନେତୃବର୍ଗ ହୃଦୟଙ୍ଗମ କରିଛନ୍ତି। ସେମାନେ ଉପଯୁକ୍ତ କାର୍ଯ୍ୟଧାରା ପ୍ରୟୋଗର ପ୍ରୟାସ ଆରମ୍ଭ କରିଛନ୍ତି। ଏହି କ୍ରମରେ ମିଳିତ ଜାତିସଂଘ ଆନୁକୂଲ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଜାତିସଂଘର ମହାସଚିବ ଆଣ୍ଟୋନିଓ ଗୁଟେରସ ନିକଟରେ ଗୁଜରାଟର କେଭାଡିଆରେ ମିଳିତ ଭାବେ ସହନୀୟ ଏବଂ ସୁସ୍ଥ ଜୀବନଶୈଳୀ ନିମନ୍ତେ 'ମିଶନ ଲାଇଫ୍' (ପରିବେଶ ପାଇଁ ଜୀବନଶୈଳୀ) କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ, ଜଳବାୟୁ ପରିବର୍ତ୍ତନର ନିୟନ୍ତ୍ରଣ ନିମନ୍ତେ ମାନବ ଜୀବନଶୈଳୀରେ ସକାରାତ୍ମକ ପରିବର୍ତ୍ତନ ଅପରିହାର୍ଯ୍ୟ। ଆମେ ସତର୍କ ହେବା ଜରୁରୀ ଯେ ଜଳବାୟୁ ପରିବର୍ତ୍ତନର ମୁକାବିଲା ନିମନ୍ତେ କେବଳ ସରକାରୀ ନୀତି ପର୍ଯ୍ୟାପ୍ତ ନୁହେଁ। ଏଥିରେ ବ୍ୟକ୍ତିଠାରୁ ଗୋଷ୍ଠୀ ଓ ସମାଜ ପର୍ଯ୍ୟନ୍ତ ସମସ୍ତଙ୍କର ଯୋଗଦାନ ତଥା ଆମ ମାନସିକତା ଓ କାର୍ଯ୍ୟଧାରାରେ ନୂତନତ୍ୱ ଯଥେଷ୍ଟ ଗୁରୁତ୍ୱ ବହନକରେ। ଦୈନନ୍ଦିନ ଜୀବନର ପ୍ରତ୍ୟେକ ଛୋଟବଡ଼ କାର୍ଯ୍ୟକୁ ଗଣ୍ୟ କରାଯାଇ ପ୍ରସ୍ତୁତ ମନ୍ତ୍ର ଉପରେ ଲାଇଫ ମିଶନ ଆଧାରିତ, ଯାହା ମାନବ ଜୀବନଶୈଳୀକୁ ଠିକ୍ ମାର୍ଗରେ ପରିଚାଳିତ କରିବ। ମିଳିତ ଜାତିସଂଘ ଏବଂ ଅନ୍ୟାନ୍ୟ ଅନ୍ତର୍ଜାତୀୟ ପ୍ଲାଟ୍‌ଫର୍ମରେ ଜଳବାୟୁ କାର୍ଯ୍ୟ ଏବଂ ସହନୀୟ ବିକାଶ ଲକ୍ଷ୍ୟର ପ୍ରାରମ୍ଭିକ ସଫଳତା ପାଇଁ ଏହା ଭାରତର ଏକ ବଳିଷ୍ଠ ପଦକ୍ଷେପ ହେବ। ଗୁଟେରସ ତାଙ୍କ ସମ୍ଭାଷଣରେ ଧନିକ ରାଷ୍ଟ୍ରଗୁଡ଼ିକୁ ସେମାନଙ୍କର ଜଳବାୟୁ ପ୍ରତିଶ୍ରୁତି ପାଳନ କରିବାକୁ ଏବଂ ଭାରତ ପରି ବିକାଶଶୀଳ ରାଷ୍ଟ୍ରଗୁଡ଼ିକୁ ଆର୍ଥିକ ତଥା ବୈଷୟିକ ସହାୟତା ପ୍ରଦାନ କରିବାକୁ ଅନୁରୋଧ କରିଛନ୍ତି।



କୋଇଲା, ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ପରି ଜୀବାଶ୍ମ ଇନ୍ଧନର ଅତ୍ୟଧିକ ବ୍ୟବହାରରୁ ଅଙ୍ଗାରକାମ୍ଳ ଓ ଅନ୍ୟାନ୍ୟ ସବୁଜଗୃହ ବାଷ୍ପ ସବୁର ବର୍ଦ୍ଧିତ ନିର୍ଗମନ ସମ୍ପ୍ରତି ପୃଥିବୀର ତାପମାତ୍ରା ବୃଦ୍ଧି ଏବଂ ଜଳବାୟୁ ପରିବର୍ତ୍ତନର କାରଣ ପାଲଟିଛି। ଏହା ଯୋଗୁ ବି ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟର ସଂଖ୍ୟା ଓ ତୀବ୍ରତା ବୃଦ୍ଧି ଘଟୁଛି। ନକାରାତ୍ମକ ମାନବୀୟ କାର୍ଯ୍ୟଧାରା ପୃଥିବୀ ଉପରେ ବର୍ଦ୍ଧିତ ଚାପ ଏବଂ ଅଙ୍ଗାରକ ପଦଚିହ୍ନ (ଅଧିକ ଅଙ୍ଗାରକାମ୍ଳ) ବୃଦ୍ଧିର କାରଣ ହେଉଛି, ଯାହା ହିଁ ଆଜିର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ପ୍ରଧାନମନ୍ତ୍ରୀ ଦୁଇଟି ଦୃଷ୍ଟାନ୍ତ ଉପସ୍ଥାପନ କରିଛନ୍ତି, ଯାହା ମନକୁ ଆନ୍ଦୋଳିତ କରେ। ଗ୍ରୀଷ୍ମର ପ୍ରଭାବ ଲାଘବ ନିମନ୍ତେ କେତେଜଣ ବ୍ୟକ୍ତି ଏସିର ତାପମାତ୍ରାକୁ ୧୭-୧୮ ଡିଗ୍ରୀରେ ରଖନ୍ତି ଏବଂ ପରେ ଶୀତ ଅନୁଭବ କରି କମ୍ବଳ ଘୋଡ଼ାଇ ହୁଅନ୍ତି। ଏସିର ଏପରି ଅପବ୍ୟବହାର ଦ୍ୱାରା ଅଧିକ ଅଙ୍ଗାରକ ନିର୍ଗମନ ଏବଂ ପରିବେଶ ଉପରେ କ୍ଷତିକାରକ ପ୍ରଭାବ ବିସ୍ତାର ହୁଏ। ଏଥି ନିମନ୍ତେ ଏସି ତାପମାତ୍ରାକୁ ୨୪ ଡିଗ୍ରୀରେ ରଖିବା ଏବଂ ବିଦ୍ୟୁତ୍ ବ୍ୟବହାରକୁ ଯଥା ସମ୍ଭବ ହ୍ରାସ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ସେହିପରି ଜିମ୍ ଉତ୍ସାହୀମାନଙ୍କ ପାଇଁ ପ୍ରଧାନମନ୍ତ୍ରୀଙ୍କର ପରାମର୍ଶ ହେଉଛି ପ୍ରାୟ ୫ କି.ମି. ମାଇଲେଜ ଦେଉଥିବା ଏସ୍‌ୟୁଭି କାର୍ ଯୋଗେ ଜିମ୍ ଯାଇ ବ୍ୟାୟାମ କରିବା ଅପେକ୍ଷା ଶ୍ରେଷ୍ଠ ବିକଳ୍ପ ହେବ ଚାଲିଚାଲି ଅଥବା ସାଇକେଲ ଦ୍ୱାରା ଗନ୍ତବ୍ୟସ୍ଥଳକୁ ଯାଇ ଉନ୍ନତ ସ୍ୱାସ୍ଥ୍ୟ ହାସଲ କରିବା ଏବଂ ଶକ୍ତି ଓ ଇନ୍ଧନ ସଂରକ୍ଷଣ ତଥା ପ୍ରଦୂଷଣ ହ୍ରାସକରି ପରିବେଶ ସୁରକ୍ଷାକୁ ବଳିଷ୍ଠ ଅବଦାନ ରଖିବା।

ଜଳବାୟୁ ପରିବର୍ତ୍ତନ ଯୋଗୁ ପର୍ବତସ୍ଥ ହିମବାହ ଏବଂ ମେରୁଅଞ୍ଚଳର ବରଫ ତରଳୁଛି, ସମୁଦ୍ର ପତ୍ତନରେ ବୃଦ୍ଧି ଘଟୁଛି, ପ୍ରକୃତି ଓ ପରିବେଶ ଅବକ୍ଷୟିତ ହେଉଛି, ଜୈବ ବିବିଧତାର ହ୍ରାସ ଘଟୁଛି, ପ୍ରାକୃତିକ ବିପର୍ଯ୍ୟୟରେ ବୃଦ୍ଧି ଏବଂ ଅନ୍ୟାନ୍ୟ ବହୁ ବିନଷ୍ଟକାରୀ ପ୍ରଭାବ ଦୃଶ୍ୟମାନ ହେଉଛି। ମୋଦି ଏହା ମଧ୍ୟ କହିଛନ୍ତି ଯେ ମିଶନ ଲାଇଫ୍ ଧରିତ୍ରୀର ଉନ୍ନତି ଏବଂ ଉତ୍କର୍ଷ ସାଧନ ନିମନ୍ତେ ପିପ୍ରି (ପ୍ରୋ-ପ୍ଲାନେଟ୍ ପିପଲ) ବା ପୃଥିବୀ ସପକ୍ଷବାଦୀ ଲୋକଙ୍କର କାର୍ଯ୍ୟଧାରାକୁ ସୁଦୃଢ଼ କରିବ। ସମ୍ବଳ ବ୍ୟବହାରରେ ମିତବ୍ୟୟିତା ଅବଲମ୍ବନ କରିବା, ଯେଉଁସବୁ ପଦାର୍ଥ ପରିବେଶର କ୍ଷତି ସାଧନକରେ ତାହାକୁ ବର୍ଜନ କରିବା ଏବଂ ଖାଦ୍ୟ ନଷ୍ଟକୁ ଏଡ଼ାଇବା ଆମର ଇପ୍ସିତ ଲକ୍ଷ୍ୟ ହେଉ। ଅଣନବୀକରଣଯୋଗ୍ୟ ଉତ୍ସଗୁଡ଼ିକର ଅତ୍ୟଧିକ ବ୍ୟବହାର ଏବଂ ଅପଚୟକୁ ରୋକାଯାଇ ସମ୍ବଳ ସଙ୍କଟକୁ ନିୟନ୍ତ୍ରଣ କରାଯାଉ।

ଇଜିପ୍ଟରେ ଅନୁଷ୍ଠିତ ଜାତିସଂଘର ମହା ଜଳବାୟୁ ସମ୍ମିଳନୀ(କପ୍‌୨୭)ରେ ବିଶ୍ୱଜନତାଙ୍କୁ ସହନୀୟ ଜୀବନଯାପନ ନିମନ୍ତେ ଉତ୍ସାହିତ କରିବା ଏହି ମିଶନର ଉଦ୍ଦେଶ୍ୟ। ଜଳବାୟୁ ପରିବର୍ତ୍ତନର ବିପର୍ଯ୍ୟୟରୁ ଜୀବଜଗତକୁ ସୁରକ୍ଷିତ ରଖିବାର ଅନ୍ତର୍ନିହିତ ଲକ୍ଷ୍ୟ ଥିବା ଏହି ବିଶ୍ୱସ୍ତରୀୟ ଯୋଜନା ଜଳବାୟୁ ଅନୁକୂଳ ଆଚରଣ ପ୍ରଦର୍ଶନ ଏବଂ ପରିବେଶଧର୍ମୀ ଜୀବନଯାପନକୁ ପ୍ରୋତ୍ସାହିତ କରେ। ଏହି ଧାରଣା ସମ୍ବଳର 'ଚେତନାହୀନ ଓ ଅପଚୟ ବ୍ୟବହାର' ପରିବର୍ତ୍ତେ 'ସଚେତନ ଏବଂ ସୁଚିନ୍ତିତ ବ୍ୟବହାର' ଉପରେ ଗୁରୁତ୍ୱ ଆରୋପ କରେ। ବର୍ତ୍ତମାନର ବିନାଶକାରୀ କାର୍ଯ୍ୟଧାରା ତଥା ଉତ୍ପାଦର 'ବ୍ୟବହାର-ଓ-ବର୍ଜନ' ପ୍ରକ୍ରିୟା ଏବଂ ରୈଖିକ ଅର୍ଥନୀତି ପରିବର୍ତ୍ତେ ସମ୍ବଳ ସଂରକ୍ଷଣ ଏବଂ ବୃତ୍ତାକାର ଅର୍ଥନୀତି ଉପରେ ଏହି ମିଶନ ପର୍ଯ୍ୟବସିତ। ବ୍ୟକ୍ତିବିଶେଷଙ୍କର ଏକ ବିଶ୍ୱସ୍ତରୀୟ ନେଟ୍‌ୱର୍କ ସୃଷ୍ଟି ଏବଂ ସକ୍ରିୟ ଅଂଶଗ୍ରହଣ ଦ୍ୱାରା ଏହି ମିଶନ ସଫଳତା ହାସଲ କରିବ। ସରକାର, ଅନୁଷ୍ଠାନ, ନାଗରିକ ସମାଜ ଏବଂ ବ୍ୟକ୍ତି -ଏ ସମସ୍ତଙ୍କର ସହମତି ଓ ସମ୍ମିଳିତ ଉଦ୍ୟମ ହିଁ ପରିବେଶ ସଙ୍କଟରୁ ମାନବ ସମାଜକୁ ମୁକ୍ତ କରିବାର ପଥ ପ୍ରଦର୍ଶନ କରିବ। ଲକ୍ଷ୍ୟ ସାଧନ ନିମନ୍ତେ ପୃଥିବୀ ସପକ୍ଷବାଦୀ ଗୋଷ୍ଠୀଙ୍କ ପ୍ରତିବଦ୍ଧତା ଏକାନ୍ତ ଅପରିହାର୍ଯ୍ୟ।

**ସମ୍ପାଦକ, ଓଡ଼ିଶା ପରିବେଶ ସମିତି, ଭୁବନେଶ୍ୱର**
**ମୋ-୯୪୩୭୦୭୬୧୦୦**

# ପ୍ରଗତି ଓ ପରମ୍ପରା



ଡ. ପ୍ରଫୁଲ୍ଲ କୁମାର ସାହୁ

ମାନବୀୟ ବିଚାରବୋଧରୁ ବିକଶିତ ସାମାଜିକ ଜୀବନଧାରା ହେଉଛି ସଂସ୍କୃତି। ରୀତିନୀତି,ଧର୍ମକର୍ମ, ଖାଦ୍ୟପେୟ, ବେଶପୋଷାକ,ପର୍ବପର୍ବାଣି ଓ ପ୍ରଥା-ପରମ୍ପରା ଇତ୍ୟାଦି ତା'ର ଅଙ୍ଗୀଭୂତ ବିଷୟ। ଅର୍ଥାତ୍ ଜୀବନ ବଞ୍ଚିବା ପାଇଁ ମଣିଷ ଯେତେ ଯାହା ଆବଶ୍ୟକ କରେ ସେ ସକଳକୁ ଆମେ ଗୋଟିଏ ଶବ୍ଦରେ କହୁ ସଂସ୍କୃତି। ଆମ ସହ ଆଉ ଦୁଇଟି ଶବ୍ଦ ଯୋଡ଼ିହୋଇ ରହିଛି-ଧର୍ମ ଓ ପରମ୍ପରା। ଧର୍ମର ସ୍ୱରୂପ ହେଉଛି ସତ୍ୟ ଓ ଆଧ୍ୟାତ୍ମିକତା। ଆମେ ଏ ପୃଥିବୀରେ ଜନ୍ମହେବା ବେଳକୁ ଜୀବନଧାରଣ ପାଇଁ ମା' ସ୍ତନରେ କ୍ଷୀରଠାରୁ ଆରମ୍ଭ କରି ପାଣି ପବନ ଆଦି ଯାବତୀୟ ଉପାଦାନ ସଜଡ଼ାହୋଇ ରହିଛି ଏକ ବ୍ୟବସ୍ଥିତ ଢଙ୍ଗରେ। ଏସବୁ ସୃଷ୍ଟି କରିବା ନିଶ୍ଚୟ ମଣିଷର ସାମର୍ଥ୍ୟ ବାହାରେ। ଅର୍ଥାତ୍ ଏହାର ସ୍ରଷ୍ଟା ହେଉଛନ୍ତି କୌଣସି ଅଦୃଶ୍ୟ ଶକ୍ତି ବା ଈଶ୍ୱର। ଏହି ଅବବୋଧକୁ ଆଧାରକରି ପରିପୁଷ୍ଟ ହୋଇଛି ଭାରତୀୟ ସଂସ୍କୃତି। ତାକୁ ଉଜ୍ଜୀବିତ କରି ରଖିବାର ପ୍ରକ୍ରିୟା ହେଉଛି ପରମ୍ପରା। ବସ୍ତୁତଃ ସଂସ୍କୃତି ସ୍ଥିର ନୁହେଁ,ଗତିଶୀଳ, ଯାହାକୁ କୁହାଯାଏ ସାଂସ୍କୃତିକ ପ୍ରବାହ। ସାଧାରଣତଃ ଗୋଟିଏ ଅଞ୍ଚଳର ଭୌଗୋଳିକ ଅବସ୍ଥିତି, ଜଳବାୟୁ ଓ ପାରିପାର୍ଶ୍ୱିକ ଅବସ୍ଥାକୁ ଭିତ୍ତିକରି ସେଠାକାର ସଂସ୍କୃତି ଗଢ଼ିଉଠେ ଏବଂ ତାହା ସେଠାକାର ଅଧିବାସୀଙ୍କ ଜୀବନଶୈଳୀ ଭାବେ ପ୍ରତିଷ୍ଠା ଲାଭକରେ ଶହଶହ ବର୍ଷର ପରୀକ୍ଷା ନିରୀକ୍ଷା ପରେ। ସମୟକ୍ରମେ ପାରିବେଶିକ ପ୍ରଭାବ ତଥା ଜ୍ଞାନବିଜ୍ଞାନର ବିକାଶ କାରଣରୁ ପରମ୍ପରାରେ ଆସିବା ସ୍ୱାଭାବିକ। ମାତ୍ର କୌଣସି ପରମ୍ପରାକୁ ବଳପୂର୍ବକ ବଦଳେଇବାକୁ ଚେଷ୍ଟାକଲେ ବିଳପିଉଠେ ଜାତିର ସାଂସ୍କୃତିକ ଆତ୍ମା।

ପରମ୍ପରାକୁ ଅନ୍ଧବିଶ୍ୱାସ କହି ତାଚ୍ଛଲ୍ୟ କରିବା ପରିବର୍ତ୍ତେ ଆଉଁଶା ଆଦର ମାଧ୍ୟମରେ ତା'ର ହାନିକାରକ ଦିଗଗୁଡ଼ିକୁ ଲୋକଲୋଚନକୁ ଆଣିବା ଦରକାର। ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି କିଛି ପରମ୍ପରା ପଛରେ ବୈଜ୍ଞାନିକ ସତ୍ୟ ଥାଉ କି ନ ଥାଉ,ସେଥିରେ ନିହିତ ସମାଜକୁ ଶୃଙ୍ଖଳିତ କରି ଗଢ଼ିତୋଳିବାର ଅନ୍ତଃ ପ୍ରେରଣା। ବିଜ୍ଞାନ ପ୍ରମାଣ ଆଧାରିତ ହେଲେ,ସଂସ୍କୃତି ହେଉଛି ବିଶ୍ୱାସ ଆଧାରିତ। ଏହି ପରିପ୍ରେକ୍ଷୀରେ ଆସିବା ବର୍ତ୍ତମାନ ଆମେ ପାଳନ କରୁଥିବା କାର୍ତ୍ତିକ ବ୍ରତ ପାଖକୁ,ଯାହା ଆମ ପୂର୍ବଜଙ୍କ ଜ୍ଞାନଗର୍ଭା ଚିନ୍ତା ପ୍ରସୂତ ଏକ ଆଧ୍ୟାତ୍ମିକ ଆୟୋଜନ। ଭାରତୀୟ ଧାର୍ମିକ ପରମ୍ପରାରେ ଭକ୍ତି ଓ ସମର୍ପଣର ମାସ କାର୍ତ୍ତିକ। କାର୍ତ୍ତିକ ବ୍ରତକୁ ନେଇ ସମୁଦାୟ ମାସଟା ବିତିଯାଏ ଶୁଦ୍ଧ ଆଚରଣ ଓ ଦିବ୍ୟ ବାତାବରଣ ଭିତରେ। ପବିତ୍ର କାର୍ତ୍ତିକର ପ୍ରତି ପ୍ରଭାତ ଶ୍ରଦ୍ଧାଳୁଙ୍କ ମନରେ ଆଣିଦିଏ ଏକ ଶୁଦ୍ଧ ସାତ୍ତ୍ୱିକ ଏକାଗ୍ର ଭାବ। ପ୍ରାତଃ ସ୍ନାନ, ତୁଳସୀ ଅର୍ପଣ, ହବିଷାନ୍ନ ସେବନ,ରାଇ ଦାମୋଦର ପୂଜନ, ଆକାଶଦୀପ ପ୍ରଜ୍ୱଳନ,ପଞ୍ଚକ ପାଳନ ଓ ରାସଲୀଳା ଶ୍ରବଣ ଆଦି ପ୍ରାଣରେ ଆଣିଦିଏ ଏକ ଆଧ୍ୟାତ୍ମିକ ଉଦ୍‌ବେଳନ। ଆଧ୍ୟାତ୍ମିକତା ଉପଲବ୍ଧି ନିମନ୍ତେ କାର୍ତ୍ତିକ ବ୍ରତ ହେଉଛି ଏକ ସାଂସ୍କୃତିକ ବିଧାନ। ବହୁ ପରୀକ୍ଷା ନିରୀକ୍ଷା ପରେ ପ୍ରତିଷ୍ଠା ଲାଭ କରିଥିବା ଏହି ବିଧାନ ଅନ୍ତରାଳରେ ରହିଛି ସୁସ୍ଥ ସୁନ୍ଦର ଓ ଉତ୍ସର୍ଗୀକୃତ ଜୀବନ ବଞ୍ଚିବାର ସୂତ୍ର। ଏହା ଯେତିକି ଆଚାରସିଦ୍ଧ,ସେତିକି ବିଜ୍ଞାନ ସମ୍ମତ।



ଶାସ୍ତ୍ର କହେ, ଆମିଷ ଭକ୍ଷଣ କଲେ ମଣିଷ ଭିତରେ କାମ, କ୍ରୋଧ, ଈର୍ଷା ଓ ଉତ୍ତେଜନା ବଢ଼େ ଓ ହ୍ରାସପାଏ ସଂଯମ ଓ ଶୃଙ୍ଖଳା। ଏହି ଦୃଷ୍ଟିରୁ ବିଚାରକଲେ ସାମୟିକ ଭାବରେ ହେଲେ ବି କାର୍ତ୍ତିକବ୍ରତ ଅନେକଙ୍କୁ ଆମିଷ ଭକ୍ଷଣରୁ ନିବୃତ୍ତ ରଖିବା ସହିତ ସେମାନଙ୍କ ଭିତରେ ସୃଷ୍ଟିକରେ ଜୀବେ ଦୟା ଭାବ। ଅନେକ ଲୋକ ମାସାଧିକ କାଳ ଆମିଷ ବର୍ଜନ କରିବା ଫଳରେ ବଞ୍ଚିଯାଏ ଅନେକ ନିରୀହ ପ୍ରାଣୀଙ୍କ ଜୀବନ। ଅର୍ଥାତ୍ ଏହା ପରିବେଶର ରକ୍ଷକ ଓ ଭକ୍ଷକ ମଧ୍ୟରେ ସନ୍ତୁଳନ ରକ୍ଷାର ଏକ କୌଶଳପୂର୍ଣ୍ଣ ଆୟୋଜନ। ଆମ ପୂର୍ବଜମାନେ ଜାଣିଥିଲେ, କାର୍ତ୍ତିକ ମାସରେ ସୂର୍ଯ୍ୟ ନିମ୍ନକୁ ଆସିବା ଫଳରେ ବଢ଼ିଯାଏ ହୃଦ୍‌ଘାତର ଆଶଙ୍କା। ଏଥିରୁ ରକ୍ଷାପାଇବାର ଏକ ସହଜ ଉପାୟ ହେଉଛି ପ୍ରାତଃ ସ୍ନାନ ଓ ପ୍ରାତଃ ଭ୍ରମଣ। ଶୀତ ଆରମ୍ଭରୁ ସକାଳୁ ଉଠି ସ୍ନାନ କରିବା ଦ୍ୱାରା ଅଳସପଣ ଦୂରହୁଏ ଏବଂ ଅଧିକ ସକ୍ରିୟ ହୁଏ ଶରୀରର ସୂକ୍ଷ୍ମ ଅଂଶ। ପ୍ରତିଦିନ ମନ୍ଦିର ଯାଇ ଦିଅଁ ଦର୍ଶନ କଲେ ମନକୁ ଉଲ୍ଲସିତ କରେ ସକାରାତ୍ମକ ଭାବନା। ଆୟୁର୍ବେଦ ଅନୁସାରେ ଶୀତର ପହିଲି ସ୍ପର୍ଶରେ ଶରୀରରେ ବୃଦ୍ଧିପାଏ ଅମ୍ଳ ଓ ପିତ୍ତ। ସହଜ ପାଚକ କ୍ରିୟା ପାଇଁ ଶରୀର ଆବଶ୍ୟକ କରେ ଶୁଦ୍ଧ ସାତ୍ତ୍ୱିକ ଆହାର। ତାକୁ ଦୃଷ୍ଟିରେ ରଖି ତିଆରି ହୋଇଛି କାର୍ତ୍ତିକର ସ୍ୱତନ୍ତ୍ର ଖାଦ୍ୟଶୃଙ୍ଖଳା। ବିଶେଷକରି ବିଧବାମାନେ ଏହି ଖାଦ୍ୟଶୃଙ୍ଖଳା ପ୍ରତି ଅଧିକ ଧ୍ୟାନ ଦିଅନ୍ତି ଏବଂ ଦିନରେ ଥରୁଟିଏ ଆହାର କରନ୍ତି ମୁଗ, କଦଳୀ, ଓଉ,ସାରୁ ଓ ଓଲୁଅ ଆଦିରେ ପ୍ରସ୍ତୁତ ହବିଷାନ୍ନ। ବର୍ଜନ କରିଥିବା ଅନ୍ୟାନ୍ୟ ବ୍ୟଞ୍ଜନ ସାମଗ୍ରୀକୁ ସେମାନେ ପୁଣି ଗ୍ରହଣ କରନ୍ତି ବ୍ରତ ଉଦ୍‌ଯାପନ ପରେ। ଏହି କ୍ରମରେ କାର୍ତ୍ତିକ ପୂର୍ଣ୍ଣିମା ପରଦିନକୁ କୁହାଯାଏ ଛାଡ଼ଖାଇ, ଯା'ର ଉଦ୍ଦେଶ୍ୟକୁ କଦର୍ଥ କରି ଏବେ ପାଳନ ହେଉଛି ଆମିଷ ଉତ୍ସବ।

ସାଧାରଣତଃ ଶ୍ରଦ୍ଧା ଓ ବିଶ୍ୱାସ ନ ଥିଲେ ଆଚରଣରେ ଆସେନି ଶୁଦ୍ଧତା। ଏହି କାରଣରୁ ଆମିଷ ରସ ଆସ୍ୱାଦନର ବ୍ୟାକୁଳତା ଆଗରେ ଆଦୌ ଉଧେଇପାରୁନି ଆଧ୍ୟାତ୍ମିକ ଭାବନା। ପରମ୍ପରା ଦାୟରେ କାର୍ତ୍ତିକ ବ୍ରତ ପାଳନ କରୁଥିବା ତଥାକଥିତ ଶ୍ରଦ୍ଧାଳୁଙ୍କ ସଂଖ୍ୟା ତ ବଢ଼ିବଢ଼ି ଯାଉଛି, ହେଲେ ଭାବ ନ ଥିଲେ ଆଚରଣରେ ଶୁଦ୍ଧତା ଆସିବ କାହୁଁ ? ସେଥିପାଇଁ ଅନେକ ବ୍ରତଚାରୀ ମାସ ଆରମ୍ଭରୁ ଦିନ ଗଣିଗଣି ଛଟପଟ ହୁଅନ୍ତି ଛାଡ଼ଖାଇ ନାମକ ମହାର୍ଘ ମୁହୂର୍ତ୍ତର ପ୍ରତୀକ୍ଷାରେ। ସେମାନଙ୍କ ପାଇଁ ପୂର୍ଣ୍ଣିମା ଦିନ ମନ୍ଦିର ଯାଇ ଦିଅଁ ଦର୍ଶନ କରିବାର ଦିବ୍ୟ ଭାବନାକୁ ବଳିଯାଏ ସକାଳୁ ଉଠି ମାଂସଦୋକାନକୁ ଧାଇଁବାର ବ୍ୟାକୁଳତା। ସେମାନଙ୍କ ଆମିଷରସ ଆସ୍ୱାଦନର ବୈକଲ୍ୟ ଆଗରେ କୌଣସି ମୂଲ୍ୟ ରଖେନି ନିରୀହ ପଶୁପକ୍ଷୀଙ୍କ କଷ୍ଟ, ଯନ୍ତ୍ରଣା, କୋହ ଓ ଆର୍ତ୍ତନାଦ। ଅଥଚ ଏମାନେ ନିଜକୁ ହିନ୍ଦୁ ସଂସ୍କୃତିର ଜଗୁଆଳି କହି ନିଜ ଡେଙ୍ଗୁରା ନିଜେ ପିଟନ୍ତି ଶାସ୍ତ୍ରପୁରାଣର ଉଦାହରଣ ଦେଇ। ହେତୁବାଦୀମାନଙ୍କୁ ଧର୍ମଦ୍ରୋହୀ ବୋଲି ଆକ୍ଷେପକରି ପ୍ରୟୋଗ କରନ୍ତି କେତେକେତେ ଅପଶବ୍ଦ। ହେଲେ ପ୍ରଗତିର ପକ୍ଷଧର କିଏ ? ପରମ୍ପରାକୁ ଅନ୍ଧବିଶ୍ୱାସ କହି ଖୋଲାଖୋଲି ବିରୋଧ କରୁଥିବା ହେତୁବାଦୀମାନେ ନା ଆତ୍ମସ୍ୱାର୍ଥ ପାଇଁ ସଂସ୍କୃତିର ମୂଳତତ୍ତ୍ୱଠାରୁ ଦୂରେଇଯାଉଥିବା ଛଦ୍ମ ଶ୍ରଦ୍ଧାଳୁମାନେ ?

**ଅବସରପ୍ରାପ୍ତ ଅଧ୍ୟକ୍ଷ, ବିଜୁ ପଟ୍ଟନାୟକ ନଗର,ଭଦ୍ରକ**
**ମୋ: ୬୩୭୧୬୪୨୪୬୪**

## ଏଇ ଭାରତରେ

'କନ୍ୟାରତ୍ନ' ଏକଥା ଜାଣି ମଧ୍ୟ ଅନେକେ ଏବେ ସୁଦ୍ଧା ସେମାନଙ୍କୁ ମାତୃଗର୍ଭରୁ ହତ୍ୟା କରୁଛନ୍ତି। ଭ୍ରୂଣ ନିରୂପଣ ଓ ହତ୍ୟା ଭଳି ବେଆଇନ କାର୍ଯ୍ୟ ଲାଗି ଦଣ୍ଡ ବ୍ୟବସ୍ଥା କରାଯାଇଥିଲେ ବି ଲୁଚାଛପାରେ ଏହା ଚାଲିଛି। ତେବେ କନ୍ୟାଭ୍ରୂଣ ହତ୍ୟା ରୋକିବା ଲାଗି ପୁଣେର ଏକ ହସ୍ପିଟାଲର ନୂଆ ଅଭିଯାନ ସାମ୍ନାକୁ ଆସିଛି ଓ 'ବେଟି ବଚାଓ ମିଶନ'ର ଉଦାହରଣ ପାଲଟିଛି। କନ୍ୟାଭ୍ରୂଣ ହତ୍ୟା ବିରୋଧରେ ଅଭିଯାନରେ କନ୍ୟା ସନ୍ତାନ ଜନ୍ମ ହେଲେ ଉକ୍ତ ହସ୍ପିଟାଲରେ ମାଗଣା ଚିକିତ୍ସା ଯୋଗାଇ ଦିଆଯାଉଛି। ଏହା ବ୍ୟତୀତ ଏହି ଡାକ୍ତରଖାନା ଲୋକଙ୍କୁ ଗର୍ଭପାତ ବିରୋଧରେ ସଚେତନ କରାଯାଉଛି। କନ୍ୟାଭ୍ରୂଣ ହତ୍ୟା ବିରୋଧରେ ଅଭିଯାନ ୨୦୧୨ରେ ଆରମ୍ଭ କରାଯାଇଥିଲା। ଗତ ୧୧ବର୍ଷ ମଧ୍ୟରେ ପୁଣେର ହାଡପ୍ସରଠାରେ ଥିବା ମାର୍ଟର୍ନିଟି ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲରେ ୨୪୦୦ରୁ ଅଧିକ କନ୍ୟା ସନ୍ତାନଙ୍କୁ ମାଗଣାରେ ପ୍ରସବ କରାଯାଇସାରିଲାଣି। ଡାକ୍ତରଖାନାର ଡାକ୍ତର ଗଣେଶ ରାଖ କହନ୍ତି, ଏଥିପାଇଁ ଗର୍ଭବତୀ ପରିବାର ସଦସ୍ୟଙ୍କଠାରୁ ଗୋଟିଏ ପଇସା ନିଆଯାଇନାହିଁ । ଏହି ସକାରାତ୍ମକ ପଦକ୍ଷେପ ଯୋଗୁ ଆଖପାଖ ଅଞ୍ଚଳରେ କନ୍ୟାଭ୍ରୂଣ ହତ୍ୟା ମାମଲାରେ ହ୍ରାସ ଘଟିଛି।

## ୨୫ ବର୍ଷ ତଳର ଧରିତ୍ରୀ

୮ ନଭେମ୍ବର ୧୯୯୭

- କ୍ୟୁବାର ପୂର୍ବାଞ୍ଚଳ ହୋଲଗୁଇନ ପ୍ରଦେଶରେ ଏକ ଲେଭଲକ୍ରସିଂ ନିକଟରେ ଟ୍ରେନ ସହ ବସ୍‌ର ଧକ୍କା ହେବା ଫଳରେ ୫୬ ଜଣଙ୍କ ମୃତ୍ୟୁ।
- ଭାରତ-ବାଂଲାଦେଶ ସୀମାନ୍ତବର୍ତ୍ତୀ ଧଲାଇ ଜିଲାର ରାଇସାବରୀଠାରେ ତ୍ରିପୁରା ଉଗ୍ରପନ୍ଥୀଙ୍କ ବୋମା ବିସ୍ଫୋରଣରେ ୯ ଜଣ ସୀମା ସୁରକ୍ଷା ବାହିନୀର ଯବାନ ସମେତ ୨୧ ନିହତ।
- ଭାରତୀୟ ରିଜର୍ଭ ବ୍ୟାଙ୍କର ନୂତନ ଗଭର୍ଣ୍ଣର ଭାବେ ବିଶିଷ୍ଟ ଅର୍ଥବିତ୍ ବିମଳ ଜାଲାନଙ୍କୁ ନିଯୁକ୍ତି ପ୍ରଦାନ।

## sudoku | ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | | | | | | 8 |
| 9 | 5 | | | | | | | 6 |
| | | | 2 | | | | | |
| | 4 | 1 | | | | 3 | | |
| | | | | | | | | |
| 6 | 2 | | | 1 | 4 | | 9 | |
| | | | 3 | | | 6 | | |
| | 3 | | 7 | | 1 | | | |
| 5 | | | | | 6 | 8 | | 4 |

ବାମ ପାର୍ଶ୍ୱରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 6 | 1 | 5 | 7 | 9 | 3 | 2 | 4 |
| 3 | 7 | 2 | 8 | 4 | 6 | 9 | 1 | 5 |
| 4 | 5 | 9 | 2 | 3 | 1 | 6 | 8 | 7 |
| 2 | 3 | 7 | 9 | 5 | 8 | 1 | 4 | 6 |
| 6 | 4 | 5 | 1 | 2 | 3 | 8 | 7 | 9 |
| 1 | 9 | 8 | 4 | 6 | 7 | 5 | 3 | 2 |
| 7 | 2 | 6 | 3 | 8 | 5 | 4 | 9 | 1 |
| 9 | 8 | 4 | 6 | 1 | 2 | 7 | 5 | 3 |
| 5 | 1 | 3 | 7 | 9 | 4 | 2 | 6 | 8 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଫର୍ମାଲିନ୍‌ଦିଆ ମାଛର ଅବାଧ ବିକ୍ରି

ମହାଶୟ,

କଟକ,ଭୁବନେଶ୍ୱର ପରି ସହରାଞ୍ଚଳରେ ଅପମିଶ୍ରିତ ତେଲ, ମସଲା ଇତ୍ୟାଦିର ଅପମିଶ୍ରଣ କାରଖାନା ଠାବହେଉଥିବା ସ୍ଥଳେ ଗ୍ରାମାଞ୍ଚଳରେ ଫର୍ମାଲିନ୍ ଦିଆ ମାଛ, ଶୁଖୁଆ ସହିତ କାର୍ବାଇଡ୍ ଦ୍ୱାରା ପାଚିଲା କଦଳୀ, ଆମ୍ବ ଆଦି ଫଳ ବର୍ଷତମାମ ବିକ୍ରି କରାଯାଉଛି। ସ୍ଥାନୀୟ ପୋଲିସ ପ୍ରଶାସନ ସବୁକିଛି ଜାଣି ନୀରବଦ୍ରଷ୍ଟା ସାଜିଛି। ଏଭଳି ଖାଦ୍ୟଦ୍ରବ୍ୟର ଅପମିଶ୍ରଣ ଓ ବିଷାକ୍ତୀକରଣ ସାଧାରଣ ଗରିବ ଲୋକଟିକୁ ଅତ୍ୟନ୍ତ ଦୟନୀୟ ଜୀବନ ଜିଇଁବାକୁ ବାଧ କରୁଛି। ତୃଣମୂଳରୁ ଚୂଳ ଯାଏ ସରକାରୀକଳ ଏକମାତ୍ର କାମ ଭୋଟ ହାର ବୃଦ୍ଧି କରିବା ଛଡ଼ା ଆଉ ସବୁ ନ୍ୟୂନ ଓ ଗୌଣ କାମ ବୋଲି ମନେକରୁଛି।

**-ଶ୍ରୀଧର ନାୟକ, ଆଳି, କେନ୍ଦ୍ରାପଡ଼ା**

## ଚିରନ୍ତନୀ

ବିଟପ ଛାୟାର ନିବିଡ଼ ତମସା ତଳରେ
କେତେ ରୂପ
ଜାଳିଲା ଅର୍ଘ୍ୟ ଶୁଭ ପରଦୋଷ ବେଳରେ
ବାଳ ଧୂପ।
-(ମନେ ନାହିଁ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ବିଦ୍ୟୁତ୍ ଖୁଣ୍ଟରେ ଧକ୍କା ହୋଇ ଓଲଟିଲା ହାଇଓ୍ୱା

**ବାରଙ୍ଗ,୭।୧୧(ଡି.ଏନ୍.ଏ.):** ନନ୍ଦନକାନନ-ବାରଙ୍ଗ ମୁଖ୍ୟରାସ୍ତା ପୁରୁଣା ଲଜିଂ ପାଖରେ ରବିବାର ବିଳମ୍ବିତ ରାତିରେ ଏକ ବାଲି ବୋଝେଇ ହାଇଓ୍ୱା ୧୧କେଭି ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇ ରାସ୍ତା କଡକୁ ଓଲଟି ପଡ଼ିଥିଲା। ଏହି ଦୁର୍ଘଟଣାରୁ ଗାଡିଚାଳକ ଅଳ୍ପକେ ବର୍ତ୍ତି ଯାଇଥିଲେ। ଖବରପାଇ ନନ୍ଦନକାନନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରି ବାରଙ୍ଗ ବିଦ୍ୟୁତ୍ ବିଭାଗକୁ ଖବର ଦେଇଥିଲେ। ବିଦ୍ୟୁତ୍ ବିଭାଗ କର୍ମଚାରୀ ସୋମବାର ବିଦ୍ୟୁତ୍ କାଟି ପରେ ଏକ ନୂଆ ଲୁହା ପୋଲ ପୋତି ୧୧କେଭି ତାର ଟାଣିବା ପରେ ସ୍ଥାନୀୟ ଅଞ୍ଚଳକୁ ବିଦ୍ୟୁତ୍ ଯୋଗାଣ ହୋଇଥିଲା। ଏନେଇ ବିଦ୍ୟୁତ୍ ବିଭାଗ ପକ୍ଷରୁ ନନ୍ଦନକାନନ ଥାନାରେ ଅଭିଯୋଗ ହୋଇଥିବା ଜଣାପଡିଛି।

### ପୋଖରୀରେ ବୁଡ଼ି ନାବାଳକ ମୃତ

**ବେଗୁନିଆ/ବୋଲଗଡ଼, ୭।୧୧(ଡି.ଏନ୍.ଏ.):** ବେଗୁନିଆ ଥାନା ବୋଲଗଡ଼ ବ୍ଲକ ନାରାୟଣୀପଡା ଗ୍ରାମର ସୋମବାର ଏକ ଦୁଃଖଦ ଘଟଣା ଘଟିଛି। ପୋଖରୀରେ ବୁଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଷଷ୍ଠ ଶ୍ରେଣୀରେ ପଢୁଥିବା ରାଜା ରାଉତ(୧୨)। ସୂଚନା ମୁତାବକ, ଗ୍ରାମ ନିକଟ ହନୁମାନ ମନ୍ଦିରରେ କାର୍ତ୍ତିକ ପୂର୍ଣ୍ଣିମା ଉତ୍ସବ ଦେଖିବା ପାଇଁ ରାଜା ପୂର୍ବାହ୍ନ ୧୦ଟାରେ ଘରୁ ଆସିଥିଲେ। ତେବେ ସେ ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାରଲୋକେ ଖୋଜାଖୋଜି କରିଥିଲେ। ରାସ୍ତା ପାର୍ଶ୍ୱ ଏକ ପୋଖରୀ ପାଖରେ ରାଜାଙ୍କ ଡ୍ରେସ ଥିବା ଦେଖି ସାଙ୍ଗ ଗ୍ରାମବାସୀଙ୍କୁ ଜଣାଇଥିଲେ। ପରେ ପୋଖରୀରେ ପଶି କେତେଜଣ ଗ୍ରାମବାସୀ ଖୋଜାଖୋଜି କରିଥିଲେ ମଧ ତାଙ୍କ ସନ୍ଧାନ ପାଇ ନ ଥିଲେ। ବଗୁନିଆ ଅଗ୍ନିଶମ କର୍ମଚାରୀ ପହଞ୍ଚି ପୋଖରୀରୁ ରାଜାଙ୍କୁ ଉଦ୍ଧାର କରି ବୋଡଲମା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ।

### ଡକାୟତି ଯୋଜନା ପଣ୍ଡ: ୪ ଗିରଫ

**ପୁରୀ ଅଫିସ, ୭।୧୧:** ଡକାୟତି ପାଇଁ ଯୋଜନା କରୁଥିବାବେଳେ ୪ଜଣଙ୍କୁ କୁମ୍ଭାରପଡ଼ା ଥାନା ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ନରେନ୍ଦ୍ରକୋଣ ମଙ୍ଗଳାସାହିର ହିମାଂଶୁ ଦାସ ଓରଫ ଗୁଡୁ, ରାମଚଣ୍ଡୀ ସାହି ବାଲିକୁଦର ପ୍ରଶାନ୍ତ ବିଶୋଇ ଓରଫ ହରି, ବଳଗଣ୍ଡି ରାୟବାହାଦୁର ଲେନ୍‌ର ଅଚ୍ୟୁତାନନ୍ଦ ନନ୍ଦ ଏବଂ ଟାଉନଥାନା ଅଧୀନ ବାଲିସାହି ଖଜାପଟିର ଅକ୍ଷୟ କୁମାର ପ୍ରଧାନ। ପୋଲିସ ସୂଚନା ଅନୁଯାୟୀ, ରବିବାର ବିଳମ୍ବିତ ରାତିରେ ୫ଜଣ ବ୍ୟକ୍ତି ବିଭିନ୍ନ ମାରଣାସ୍ତ୍ର ସହ ଆଶ୍ରମ ଛକ ନିକଟରେ ଗୋଟିଏ ଅଟୋରେ ବସି ଡକାୟତି କରିବା ପାଇଁ ଯୋଜନା କରୁଥିଲେ। ଖବର ପାଇ ପୋଲିସର ଏକ ଟିମ୍ ରାତି ପ୍ରାୟ ୨ଟା ୫୦ରେ ସେଠାରେ ଚଢ଼ାଉ କରିଥିଲା। ପୋଲିସକୁ ଦେଖି ଅଭିଯୁକ୍ତମାନେ ଖସିଯିବାକୁ ଚେଷ୍ଟା କରିଥିଲେ। ତେବେ ପୋଲିସ ୫ଜଣଙ୍କ ମଧ୍ୟରୁ ୪ଜଣଙ୍କୁ ଧରିଥିଲା।

### 'ନଭେମ୍ବର ୧୬ରେ ବାଲିପାଟଣାରେ ଚା ଖଟି'

**ବାଲିପାଟଣା,୭।୧୧(ଡି.ଏନ୍.ଏ.):** ଜନସାଧାରଣଙ୍କୁ ଭାଜପା ସହିତ ଯୋଡିବାକୁ ସମ୍ପର୍କ ଯାତ୍ରା ଚା'ଖଟିରୁ ଆରମ୍ଭ ହେବ। ଏଥିପାଇଁ ନଭେମ୍ବର ୧୬ରୁ ବାଲିପାଟଣା ଛକରେ ଭାଜପା ବାଲିପାଟଣା ମଣ୍ଡଳ ପକ୍ଷରୁ ଏକ ଚା ଖଟି ଖୋଲାଯିବ ବୋଲି ଶିଶୁ ଅନନ୍ତ ପୀଠରେ ଆୟୋଜିତ ବୈଠକରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ କହିଛନ୍ତି। ସୋମବାର ଭାଜପା କର୍ମକର୍ତ୍ତା ବାଲିପାଟଣା ହାଟରୁ ପଦଯାତ୍ରାରେ ବାହାରି ଶିଶୁଅନନ୍ତ ପୀଠରେ ପହଞ୍ଚିଥିଲେ। ଏହି ଶୋଭାଯାତ୍ରାରେ ଏମ୍‌ପି ମଧ ସାମିଲ ହୋଇଥିଲେ। ମଣ୍ଡଳ ସଭାପତି ନାରାୟଣ ଖୁଣ୍ଟିଆଙ୍କ ସଭାପତିତ୍ୱରେ ଅତିଥିଭାବେ ଜିଲା ସଭାପତି ରଶ୍ମିରଞ୍ଜନ ମହାପାତ୍ର, ବସନ୍ତ ନାୟକ, ଶିବ ମଲ୍ଲିକ, ମାଗୁଣି ସେଠି, ଅନନ୍ତ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ଗାରେଡିପାଞ୍ଚଣ, ପଦ୍ମାଳ ଓ ଅଠାନ୍ତର ପଞ୍ଚାୟତର ଭାଜପା କର୍ମୀମାନେ ଯୋଗଦେଇଥିଲେ। ପ୍ରତି ବୁଥରେ ସୁପର୨୫ କମିଟି ଗଠନ କରାଯିବାକୁ ସ୍ଥିର ହୋଇଛି।

# ରାଜଧାନୀରେ ଦୁଇ ଆତ୍ମହତ୍ୟା

## ହାତ କାଟି ଫ୍ୟାନରେ ଝୁଲିପଡ଼ିଲେ ଯୁବକ

**ଭୁବନେଶ୍ୱର,୭।୧୧(ବ୍ୟୁରୋ)** ଶହୀଦନଗର ଥାନା ଅନ୍ତର୍ଗତ ଏସ୍‌ପ୍ଲାନେଡ୍ ମଲ୍ ନିକଟ ଏକ ଆପାର୍ଟମେଣ୍ଟରେ ଜଣେ ଯୁବକ ହାତ କାଟିବା ପରେ ଫ୍ୟାନରେ ଦୌଡ଼ି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଯାଜପୁର ଜିଲା ମଙ୍ଗଳପୁର ଥାନା ଅନ୍ତର୍ଗତ ନିଆଳମଲିକପାଟଣା ଗ୍ରାମର ଅନୁରାଗ ଦାସ (୨୫)। ଅନୁରାଗ ଏସ୍‌ପ୍ଲାନେଡ୍ ମଲ୍‌ରେ ଥିବା ଏକ ଶୋରୁମ୍‌ରେ କାମ କରୁଥିଲେ। କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ଅନୁରାଗଙ୍କ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୭୭/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ପୋଲିସ ସୂଚନା ଅନୁଯାୟୀ, ଅନୁରାଗ ଉକ୍ତ ଆପାର୍ଟମେଣ୍ଟର ଏକ ଫ୍ଲାଟ୍‌ରେ ସାଙ୍ଗମାନଙ୍କ ସହ ରହୁଥିଲେ। ରବିବାର ରାତିରେ କାମରୁ ଫେରିବା ପରେ ସେ ତାଙ୍କ ରୁମ୍‌ରେ ଶୋଇଥିଲେ। ରାତି ପ୍ରାୟ ୧୨ଟାରେ ପରିବାର ଲୋକ ତାଙ୍କୁ ଫୋନ କରିଥିଲେ। ସେ ଫୋନ ନ ଉଠାଇବାରୁ ତାଙ୍କ ସାଙ୍ଗମାନଙ୍କୁ ଜଣାଇବା ସହ କ'ଣ ହୋଇଛି ବୁଝିବାକୁ କହିଥିଲେ। ସାଙ୍ଗମାନେ ଅନୁରାଗଙ୍କୁ ଡାକିଥିଲେ ମଧ ସେ କବାଟ ଖୋଲି ନ ଥିଲେ କି କିଛି ଜବାବ ଦେଇ ନ ଥିଲେ। ସନ୍ଦେହ ହେବାରୁ ସେମାନେ ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି କବାଟ ଭାଙ୍ଗି ରୁମ୍‌ରେ ପଶିଥିଲା। ଅନୁରାଗ ଫ୍ୟାନ୍‌ରେ ଝୁଲୁଥିବାବେଳେ ତାଙ୍କ ହାତ କଟା ହୋଇ ପ୍ରଚୁର ରକ୍ତସ୍ରାବ ହେଉଥିଲା। ବିଳମ୍ବିତ ରାତିରେ ପୋଲିସ ମୃତଦେହକୁ ଜବତ କରି କ୍ୟାପିଟାଲ ହସ୍ପିଟାଲ ନେଇଥିଲା। ତେବେ ଅନୁରାଗ ପ୍ରେମଜନିତ କାରଣରୁ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି।

## ପାରିବାରିକ ଅଶାନ୍ତିରୁ ଜୀବନ ହାରିଲେ

ଶହୀନଗର ଥାନା ଦୁର୍ଗାପାଟଣାପୁର ବାଣ୍ଟୁଆଘାଇ ଅଞ୍ଚଳରେ ସୋମବାର ଜଣେ ବ୍ୟକ୍ତି ନିଜ ଘରେ ଫ୍ୟାନରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଛନ୍ତି। ସେ ହେଲେ ରମେଶ ପାତ୍ର (୪୦)। ବ୍ୟବଚ୍ଛେଦ ପରେ ରମେଶଙ୍କ ମୃତଦେହକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୭୮/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପାରିବାରିକ ଅଶାନ୍ତିରୁ ରମେଶ ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତ ଜାଣିବାକୁ ପାଇଛି। ପୋଲିସ ସୂଚନା ଅନୁଯାୟୀ, ରମେଶଙ୍କ ଘର ଗଞ୍ଜାମ ଜିଲା ବ୍ରହ୍ମପୁରରେ ହୋଇଥିବାବେଳେ ସେ ଦୀର୍ଘଦିନ ହେବ ପରିବାର ସହ ଏଠାରେ ରହୁଥିଲେ। କିଛିଦିନ ହେବ ପରିବାରରେ ଝଗଡ଼ା ଲାଗି ରହୁଥିଲା। ସକାଳ ପ୍ରାୟ ୯ଟାବେଳେ ରମେଶଙ୍କ ସ୍ତ୍ରୀ ମନ୍ଦିର ଯାଇଥିଲେ। ସେ ଫେରିବା ପରେ ରମେଶ ଏକ ଖୋଲା ରୁମ୍‌ରେ ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇଥିଲେ। ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଥିଲା।

## ଚନ୍ଦ୍ରଗ୍ରହଣ ପାଇଁ ଶ୍ରୀଲିଙ୍ଗରାଜଙ୍କ ସ୍ୱତନ୍ତ୍ର ନୀତି



**ପୁରୁଣା ଭୁବନେଶ୍ୱର,୭।୧୧(ଡି.ଏନ୍.ଏ.)** ରାହୁଗ୍ରସ୍ତ ଗ୍ରସ୍ତୋଦୟ ଚନ୍ଦ୍ରଗ୍ରହଣ ଯୋଗୁ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନୀତିକାନ୍ତି ଓ ପାକକାର୍ଯ୍ୟ ମଙ୍ଗଳବାର ପ୍ରାତଃ ୫ଟା ୩୯ରୁ ସନ୍ଧ୍ୟା ୬ଟା ୧୯ ପର୍ଯ୍ୟନ୍ତ ବନ୍ଦ ରହିବ। ଗ୍ରହଣସ୍ପର୍ଶ ଅପରାହ୍ନ ୨ଟା ୩୯ରୁ ପୂର୍ଣ୍ଣମୋକ୍ଷ ସମୟ ସନ୍ଧ୍ୟା ୬ଟା ୧୯ ମଧ୍ୟରେ ଅପରାହ୍ନ ୫ଟା ୧୫ରେ ଗ୍ରହଣକାଳୀନ ସ୍ନାନ ନିମନ୍ତେ ଶ୍ରୀଜୀଉ ବିନ୍ଦୁ ସାଗରକୁ ବିଜେ କରିବେ। ସେଠାରୁ ପ୍ରତ୍ୟାବର୍ତ୍ତନ ପରେ ମନ୍ଦିରରେ ଠାକୁରଙ୍କ ଗ୍ରହଣ ଭୋଗ କରାଯିବ। ୬ଟା ୧୯ରେ ପୂର୍ଣ୍ଣମୋକ୍ଷ ମାତ୍ରେ ଚନ୍ଦ୍ରଦର୍ଶନ ପରେ ଶ୍ରୀଜୀଉଙ୍କ ସେଦିନର ଅନ୍ୟାନ୍ୟ ନୀତି ଯଥାରୀତି ସମ୍ପନ୍ନ ହେବା ନେଇ ମନ୍ଦିର ପ୍ରଶାସନ ପକ୍ଷରୁ ସ୍ଥିର ହୋଇଛି।



ଯୋବ୍ରାସ୍ଥିତ ମାରିଟାଇମ୍ ମ୍ୟୁଜିୟମକୁ ସୋମବାର ଓଡ଼ିଶା-ଇଣ୍ଡୋନେସିଆର ପାରମ୍ପରିକ ସାମଗ୍ରୀ ପ୍ରଦାନ ଅବସରରେ ଦିଲ୍ଲୀସ୍ଥିତ ଇଣ୍ଡୋନେସିଆ ଦୂତାବାସର ଅଧିକାରୀ ଓ ଅନ୍ୟମାନେ।

## ମାଙ୍କଡ଼ା ପଥର ଖଣିରେ ଚଢ଼ାଉ: ଜଣେ ଗିରଫ



**ନିରାକାରପୁର,୭।୧୧(ଡି.ଏନ୍.ଏ.)** ଖୋର୍ଦ୍ଧା ଜିଲା ନିରାକାରପୁର ରାଜସ୍ୱ ଅନ୍ତର୍ଗତ ଖଜୁରିପଡା ଅଞ୍ଚଳରେ ବେଆଇନ ଭାବେ ଚାଲିଥିବା ମାଙ୍କଡ଼ା ପଥର ଖଣିରେ ପୋଲିସ ଚଢ଼ାଉ କରି ଗୋଟିଏ ଜେସିବି, ଟ୍ରକ୍ ଜବତ କରିଛି। ଏଥିରେ ସମ୍ପୃକ୍ତି ନେଇ ପୁରୀ ଜିଲା କଣାସ ଥାନା ଅଧୀନ ତେନ୍ତୁଳିମୂଳ ଗ୍ରାମର ଦୁର୍ଯ୍ୟୋଧନ ପାଲ୍‌ଟାସିଂହଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏନେଇ ଥାନାରେ ଏକ ମାମଲା (ନଂ.୨୨୦/୨୨) ରୁଜୁ ହୋଇଛି। ପ୍ରକାଶ ଯେ, ଏହି ଅଞ୍ଚଳରେ ବେଆଇନ ଭାବେ ମାଙ୍କଡ଼ା ପଥର, ମୋରମ ଚାଲାଣ ହେଉଥିଲେ ମଧ ପ୍ରଶାସନ ଓ ପୋଲିସ ନୀରବଦ୍ରଷ୍ଟା ସାଜିଛି। ଅନ୍ୟପଟେ ଫଟୋ ଉତ୍ତୋଳନ କରୁଥିବା ଖବରଦାତାଙ୍କୁ ମାଫିଆମାନେ ଜୀବନରେ ମାରିଦେବାକୁ ଧମକ ଦେଉଥିବା ଜଣାପଡ଼ିଛି।

## କୀର୍ତ୍ତନ ନାରାୟଣ ପାଢ଼ୀ ପାଇବେ 'ସିଂହାରୀ ସମ୍ମାନ'

### ୧୯ରେ 'ଓଡ଼ିଶୀ ରାଗ ମହୋତ୍ସବ ଓ ସମ୍ମାନ ପ୍ରଦାନ ଉତ୍ସବ'

**ଭୁବନେଶ୍ୱର, ୭।୧୧ (ବ୍ୟୁରୋ)** ଗୁରୁ ଗୋପାଳ ପଣ୍ଡା ଓଡ଼ିଶୀ ଏକାଡେମୀର 'ଦଶମ ଓଡ଼ିଶୀ ରାଗ ମହୋତ୍ସବ ଓ ସମ୍ମାନ ପ୍ରଦାନ ଉତ୍ସବ' ଆସନ୍ତା ୧୯ ତାରିଖଠାରୁ ଆୟୋଜିତ ହେବାକୁ ଯାଉଛି। ରବୀନ୍ଦ୍ର ମଣ୍ଡପରେ ଏହି ଦୁଇଦିନିଆ ଉତ୍ସବ ଅନୁଷ୍ଠିତ ହେବ। ଓଡ଼ିଶୀ ସଙ୍ଗୀତ କ୍ଷେତ୍ରରେ ଜୀବନବ୍ୟାପୀ ଉଲ୍ଲେଖନୀୟ ଅବଦାନ ରହିଥିବା ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ସମ୍ମାନ ପ୍ରଦାନ କରାଯିବ। ଆଦିଗୁରୁ ସିଂହାରୀ ଶ୍ୟାମ ସୁନ୍ଦରଙ୍କ ନାମରେ ଅଭିହିତ 'ସିଂହାରୀ ସମ୍ମାନ' ସଂଗୀତଜ୍ଞ, ଗବେଷକ ତଥା ଲେଖକ ଡ. କୀର୍ତ୍ତନ ନାରାୟଣ ପାଢୀଙ୍କୁ ପ୍ରଦାନ କରାଯିବ। ସେହିପରି ଗାୟିକା ଡ. ସଙ୍ଗୀତା ଗୋସାଇଁଙ୍କୁ 'ଭଗବତୀ ସ୍ମୃତି ସମ୍ମାନ' ଏବଂ ତବଲା ବାଦକ ବିଶ୍ୱରଞ୍ଜନ ନନ୍ଦଙ୍କୁ 'ଗୁରୁ ଗୋପାଳ ପଣ୍ଡା ଯୁବ ପ୍ରତିଭା ସମ୍ମାନ' ପ୍ରଦାନ କରାଯିବ। ଏଥିସହ ସାଂସ୍କୃତିକ କାର୍ଯ୍ୟକ୍ରମରେ ଗୁରୁଜୀଙ୍କ ଗବେଷଣାତ୍ମକ ଓଡ଼ିଶୀ ରାଗ ରାଗିଣୀ ଆଧାରିତ ବୃନ୍ଦ ଗାୟନ, ଓଡ଼ିଶୀ ବାଦ୍ୟଝଙ୍କାର ତଥା ଆର୍ଟ ଭିଜନ ଦ୍ୱାରା ନୃତ୍ୟ ସହ 'କ୍ଲାସିକାଲ ମ୍ୟୁଜିକାଲ ଟ୍ରିଓ' ଉତ୍ସବର ମୁଖ୍ୟ ଆକର୍ଷଣ ହେବ ବୋଲି ଏକାଡେମୀ ପକ୍ଷରୁ ସୂଚନା ଦିଆଯାଇଛି।

## ପୁସ୍ତକ ଲୋକାର୍ପଣ, ସୃଜନସ୍ୱପ୍ନ ସମ୍ମାନ ପ୍ରଦାନ

**ଭୁବନେଶ୍ୱର, ୭।୧୧(ବ୍ୟୁରୋ)** କାବ୍ୟଲୋକ ପ୍ରକାଶନ ପକ୍ଷରୁ କଳିଙ୍ଗ ପୁସ୍ତକ ମେଳାରେ କବିତା ପାଠ, ପୁସ୍ତକ ଲୋକାର୍ପଣ, ସମ୍ବର୍ଦ୍ଧନା ପ୍ରଦାନ ଓ 'ଆମ ସାହିତ୍ୟରେ ଶିଶୁଗଳ୍ପ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଗାଳ୍ପିକ ଦେଶବନ୍ଧୁ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥି ଭାବେ ଦାଶ ବେନହୁର, ସମ୍ମାନିତ ଅତିଥି ଡ. ପ୍ରେମାନନ୍ଦ ମହାପାତ୍ର, ସମ୍ମାନିତ ବକ୍ତା ରତ୍ନାକର ରାଉତ, ଡକ୍ଟର ପ୍ରସନ୍ନ କୁମାର ନାୟକ ଓ ଲେଖିକା ମାଧୁରୀ ଅଧିକାରୀ ଯୋଗଦେଇଥିଲେ। ଏଥିରେ ୧୩ଟି ପୁସ୍ତକ ଲୋକାର୍ପିତ ହୋଇଥିଲା। ସେହିପରି ୫ଟି ବିଭାଗରେ ୨୦ ଜଣ ସାହିତ୍ୟିକଙ୍କୁ ସୃଜନ ସ୍ୱପ୍ନ ସମ୍ମାନ ପ୍ରଦାନ କରାଯାଇଥିଲା। ଅପରାହ୍ନରେ ଗୀତିକବି ବିପିନ୍ ମହାନ୍ତିଙ୍କ ସଭାପତିତ୍ୱରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କବି ଭିକାରୀ ଧଳ ସ୍ୱାଗତ ଭାଷଣ ଦେଇଥିବା ବେଳେ ଆଡ୍‌ଭୋକେଟ୍ ଓଁ ସ୍ୱାହା ଧଳ ଧନ୍ୟବାଦ ଅର୍ପଣ କରିଥିଲେ।

## ୮ ଗ୍ରାମ୍ ବ୍ରାଉନସୁଗାର ଜବତ: ଜଣେ ଗିରଫ

**ପୁରୀ ଅଫିସ, ୭।୧୧** ତାଳବଣିଆ ଥାନା ପୋଲିସ ବ୍ରାଉନସୁଗାର୍ କାରବାର ଅଭିଯୋଗରେ ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ତାଳବଣିଆ ଥାନା ଅନ୍ତର୍ଗତ ମଧୁବନ ଚତୁର୍ଥ ଲେନ୍‌ର ଶକ୍ତିପ୍ରସନ୍ନ ମିଶ୍ର (୪୨)। ଅଭିଯୁକ୍ତଙ୍କଠାରୁ ୮ଗ୍ରାମ ୨୬୦ ମିଲିଗ୍ରାମ ବ୍ରାଉନସୁଗାର ସହ ନଗଦ ଏକ ହଜାର ଟଙ୍କା, ୨ଟି ମୋବାଇଲ ଫୋନ ଓ ଗୋଟିଏ ବାଇକ୍ ଜବତ କରିଛି। ଏ ନେଇ ଏକ କେସ୍ (ନଂ. ୧୫୨/୨୨) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଜଣେ ବ୍ୟକ୍ତି ବ୍ରାଉନ ସୁଗାର କାରବାର କରିବା ପାଇଁ ସେଣ୍ଟ୍ରାଲ ସ୍କୁଲ ନିକଟ ଖୋଲା ପଡିଆ ନିକଟକୁ ଆସିଥିବା ଖବର ପାଇ ପୋଲିସ ସେଠାରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଧରିଥିଲା।

## ଜନଶୁଣାଣି ଶିବିରରେ ୪୬ ଅଭିଯୋଗ



ଜନଶୁଣାଣି ଶିବିରରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ସହ ଅନ୍ୟ ଅଧିକାରୀ।

**ଖୋର୍ଦ୍ଧା ଅଫିସ,୭।୧୧** ଖୋର୍ଦ୍ଧା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ମିଳିତ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ୍ ୪୬ଟି ଅଭିଯୋଗ ଦାଖଲ ହୋଇଥିବା ବେଳେ ସେଥିରୁ କେବଳ ଗୋଟିଏ ଗ୍ରାମର ସାମୂହିକ ସମସ୍ୟା ରହିଥିଲା। ଦୁଇଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଜଣଙ୍କୁ ରେଡ୍‌କ୍ରସ୍‌ରୁ ୩ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଏହି ଶିବିରରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ, ଅତିରିକ୍ତ ଜିଲାପାଳ(ପ୍ରଶାସନ) ମନୋଜ ପାଢ଼ୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ, ବିଡିଓ କ୍ଷୀରାବ୍ଧିତନୟା ସାହୁ, ତହସିଲଦାର ଈପ୍‌ସିତ ସାହୁ, ଡେପୁଟି କଲେକ୍ଟର ସୁଚେତା ମହାପାତ୍ରଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ନୌ-ବାଣିଜ୍ୟ ପରମ୍ପରାର କିମ୍ବଦନ୍ତୀ ବହନ କରେ ଚିଲିକା

### ଚିଲିକା ବୋଇତ ବନ୍ଦାଣ ମହୋତ୍ସବ ଉଦ୍‌ଘାଟିତ

**ବାଲୁଗାଁ,୭।୧୧(ଡି.ଏନ୍.ଏ.)** ପ୍ରାଚୀନ ଉତ୍କଳର ନୌବାଣିଜ୍ୟ ପରମ୍ପରା, ଐତିହ୍ୟ ଓ ସଂସ୍କୃତିକୁ ଉଜ୍ଜୀବୀତ ଉଦ୍ଦେଶ୍ୟରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ବାଲୁଗାଁ ଚିଲିକା କୂଳଠାରେ 'ଚିଲିକା ବୋଇତ ବନ୍ଦାଣ ମହୋତ୍ସବ-୨୦୨୨' ସୋମବାର ଉଦ୍‌ଘାଟିତ ହୋଇଯାଇଛି । ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ସୁକାନ୍ତି ପାଇକରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ମହୋତ୍ସବରେ ଅତିଥିଭାବେ ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁ, ରାଜ୍ୟ ସଭା ସଦସ୍ୟ ମୁନା ଖାଁ, ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଜିଲା ବିଜେଡି ସଭାପତି ବିଭୂତି ଭୂଷଣ ବଳବନ୍ତରାୟ, ଚିଲିକା ବିଧାୟକଙ୍କ ସହଧର୍ମିଣୀ ତଥା ସଙ୍ଗଠିକା ସ୍ୱାଗତିକା ଜଗଦ୍ଦେବ, ଜିଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ବାଣପୁର ଏନ୍‌ଏସି ଅଧ୍ୟକ୍ଷ ମିଟୁ ନାୟକ, ବାଲୁଗାଁ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱପ୍ନାରାଣୀ ପାଢ଼ୀ, ଚିଲିକା ତହସିଲଦାର ପ୍ରଦୀପ ସାହୁ, ଯୁବ ନେତା ପ୍ରଭାସ ସୁନ୍ଦରାୟ, ମାନସ ରଞ୍ଜନ ପ୍ରଧାନଙ୍କ ସମେତ ସମସ୍ତ କାଉନସିଲର ମଞ୍ଚାସୀନ ଥିଲେ। ଚିଲିକା ନୌବାଣିଜ୍ୟ ପରମ୍ପରାର କିମ୍ବଦନ୍ତୀ ଭାବେ ସମଗ୍ର ବିଶ୍ୱରେ ଏକ ପ୍ରତୀକ। ତେଣୁ ଏହି ପରମ୍ପରାର ସ୍ମୃତିଚାରଣ ନିମନ୍ତେ ତଥାକଥିତ ସାଧବ ପୁଅଙ୍କ ଚିଲିକା ଜଳରାଶିରେ ନୌ-ଯାତ୍ରାକୁ ମନେପକାଇ ମଞ୍ଚାସୀନ ଅତିଥିବୃନ୍ଦ ଆଲୋକପାତ କରିବା ସହ ଆଗାମୀ ବର୍ଷରେ ଏହି କାର୍ଯ୍ୟକ୍ରମକୁ କିପରି ଅଧିକରୁ ଅଧିକ ଆଦୃତ ହୋଇପାରିବ ବକ୍ତବ୍ୟ ରଖିଥିଲେ। ବିଗତ ବର୍ଷରେ ଏହି ମହୋତ୍ସବ ତିନିଦିନ ଧରି ଅନୁଷ୍ଠିତ ହେଉଥିବା ବେଳେ ଚଳିତ ବର୍ଷ କାର୍ତ୍ତିକ ପୂର୍ଣ୍ଣମୀରେ ଚନ୍ଦ୍ରଗ୍ରହଣ ଯୋଗୁ କାର୍ଯ୍ୟକ୍ରମକୁ ଗୋଟିଏ ଦିନ ସୀମିତ ରଖାଯାଇଛି। କରୋନା କଟକଣା ଯୋଗୁ ଗତ ୨ବର୍ଷ ହେବ ବୋଇତ ବନ୍ଦାଣ ଉତ୍ସବକୁ ନିରାଡ଼ମ୍ବର ଭାବେ ପାଳିତ ହୋଇଆସୁଥିଲା । ଚଳିତ ବର୍ଷ ଏହି ଉତ୍ସବରେ ପ୍ରାୟ ୩୦ହଜାରରୁ ଊର୍ଦ୍ଧ୍ୱ ଜନସମାଗମ ହୋଇଛି । ରାତ୍ର ତମାମ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହ୍ୟୁମାନ ସାଗରଙ୍କ ମେଲୋଡ଼ି, ଅଭିନେତ୍ରୀ ଏଲିନା ସାମନ୍ତରାୟ ଏବଂ ବିଭିନ୍ନ ହାସ୍ୟଅଭିନେତାଙ୍କ ମନୋରଞ୍ଜନ କାର୍ଯ୍ୟକ୍ରମ ଜାରି ହେବାକୁ ଥିବା ବେଳେ ଭୋର ୫ଟାରେ ଆତସବାଜି ପ୍ରଦର୍ଶନ କରାଯିବ। ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସଦସ୍ୟଙ୍କ ଆନୁକୂଲ୍ୟରେ ଚିଲିକା ତଟଦେଶରେ ପ୍ରସ୍ତୁତି ହୋଇଥିବା ସୁସଜ୍ଜିତ ବୋଇତରେ ପାରମ୍ପରିକ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ମହୋତ୍ସବକୁ ଶଙ୍କର ପାଇକରାୟ, ଯୁବ ସଙ୍ଗଠକ ସନ୍ତୋଷ ପାଇକରାୟ, ପ୍ରକାଶ କୁମାର ପ୍ରଧାନ, ଅକ୍ଷୟ କୁମାର ରଣସିଂହ, ଅଭିମନ୍ୟୁ ସ୍ୱାଇଁଙ୍କ ସମେତ ଅଞ୍ଚଳର ବିଭିନ୍ନ ସଙ୍ଗଠନର ସଦସ୍ୟ ପ୍ରମୁଖ ପରିଚାଳନା କରିଥିଲେ। ଅଧ୍ୟାପକ କୈଳାସ ଚନ୍ଦ୍ର ମହାରଣା ଅତିଥିଙ୍କ ପରିଚୟ ଓ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକଙ୍କ ତତ୍ତ୍ୱାବଧାନରେ ବାଣପୁର, ବାଲୁଗାଁ, ଟାଙ୍ଗୀ, ନିରାକାରପୁର ଥାନା ଆଇଆଇସିଙ୍କ ସମେତ ୧୨ଜଣ ସବ୍ ଇନ୍ସପେକ୍ଟର ଓ ୨ପ୍ଲାଟୁନ ଫୋର୍ସ ମୁତୟନ ଥିଲେ।



ଚିଲିକା ବୋଇତ ବନ୍ଦାଣ ମହୋତ୍ସବ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।




ଓଡ଼ିଶା ଷ୍ଟେଟ୍ ଭାରତ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସର ପ୍ରତିଷ୍ଠା ଦିବସ ପାଳନ ଅବସରରେ ସୋମବାର ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ।



ଭୁବନେଶ୍ୱର ୟୁନିଟ୍-୧ସ୍ଥିତ ନାରୀ ମହଲଠାରେ କଳିଙ୍ଗ ସେନାର ପ୍ରତିଷ୍ଠା ଦିବସ ପାଳନ ଅବସରରେ ପରଲୋକଗତ ଫଟୋ ସାମ୍ବାଦିକ ଅଶୋକ ପଣ୍ଡାଙ୍କୁ ଦିଆଯାଇଥିବା ମରଣୋତ୍ତର ସମ୍ମାନକୁ ତାଙ୍କ ପରିବାର ସଦସ୍ୟ ଗ୍ରହଣ କରୁଛନ୍ତି।

# ଫେରିବ 'ରାହାଗିରି'

## ଶୀତୁଆ ସକାଳରେ ଝୁମିବେ ରାଜଧାନୀବାସୀ

ଭୁବନେଶ୍ୱର, ୭।୧୧ (ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରକୁ ଫେରିବ 'ରାହାଗିରି' ଓ 'ସିଟି ଫେଷ୍ଟ' ଭଳି ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ। ଶୀତୁଆ ସକାଳରେ ରାଜଧାନୀବାସୀ ପୁଣିଥରେ ରାହାଗିରିର ମଜା ଉଠାଇବେ। ନାଚ, ଗୀତରେ ଝୁମିବେ, ମତୁଆଲା ହେବେ। ତା' ସାଙ୍ଗକୁ ସାଇକେଲ ଚାଳନା, ସ୍କେଟିଂ ଏବଂ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏନେଇ ଗତ ବିଏମ୍‌ସି କର୍ପୋରେଶନ୍ ବୈଠକରେ ଆଲୋଚନା ହୋଇଥିଲା। ପୁନର୍ବାର ରାହାଗିରି କରିବା ନେଇ ମେୟର ସୁଲୋଚନା ଦାସ ପ୍ରସ୍ତାବ ଦେବା ପରେ ଏହାକୁ ସର୍ବସମ୍ମତି କ୍ରମେ ପାସ୍ କରାଯାଇଥିଲା। ତେବେ ବିଧିବଦ୍ଧ ଭାବେ କେବେଠାରୁ ରାହାଗିରି ଆରମ୍ଭ ହେବ ସେ ନେଇ ସୂଚନା ଦିଆଯାଇ ନାହିଁ। ଏ ସମ୍ପର୍କରେ କମିଶନର ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି ଯେ, ଶୀତ ସକାଳର ଆରମ୍ଭ ଏବେ ରାହାଗିରିରୁ ହେବ। ଏବେ କେବଳ ପ୍ରସ୍ତାବ ପାରିତ ହୋଇଛି। ଖୁବ୍ ଶୀଘ୍ର ଯୋଜନା ପ୍ରସ୍ତୁତ କରାଯାଇ କାର୍ଯ୍ୟକ୍ରମ କରାଯିବ।

ସୂଚନାଯୋଗ୍ୟ, କୋଭିଡ ପୂର୍ବରୁ ରାହାଗିରି କାର୍ଯ୍ୟକ୍ରମ ଲୋକଙ୍କ ଦ୍ୱାରା ବେଶ ଆଦୃତ ହୋଇପାରିଥିଲା। ପିଲାଙ୍କଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ସବୁ ବର୍ଗର ବ୍ୟକ୍ତି ଏଥିରେ ଅଂଶ ଗ୍ରହଣ କରୁଥିଲେ। ଏଥିସହ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମଧ୍ୟ ସଚେତନତା ବାର୍ତ୍ତା ସହିତ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିଲା। ୨୦୧୬ ମସିହାରେ 'ରାହାଗିରି' ନାମରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଗୋଟେ ବର୍ଷ ବ୍ୟବଧାନରେ ୨୦୧୮ରେ ହକି ବିଶ୍ୱକପ୍ ସମୟରେ 'ରାହାଗିରି' ନୂତନ ରଙ୍ଗ ନେଇ ଫେରିଥିଲା, ଯାହାର ନାମ ରହିଥିଲା 'ପଥ ଉତ୍ସବ'। ଏହାପରେ କୋଭିଡ୍ ପାଇଁ ପ୍ରାୟ ୩ବର୍ଷ ହେବ ଏହି ଉତ୍ସବ ବନ୍ଦ ରହିଥିଲା। ତେବେ ଆଗକୁ ହକି ବିଶ୍ୱକପ୍ ଆରମ୍ଭ ହେବାକୁ ଯାଉଥିବାବେଳେ ପୁଣିଥରେ ରାଜଧାନୀବାସୀ 'ରାହାଗିରି'ର ମଜା ନେବେ ବୋଲି ଆଶା ସଞ୍ଚାର ହୋଇଛି।


୨୦୧୬ରେ ଆୟୋଜିତ ରାହାଗିରିର ଫାଇଲ ଫଟୋ।

## ସଂକ୍ଷେପରେ

### ବଦଳିଲେ ବିଏସ୍‌ସିଏଲ୍ ଜିଏମ୍

ଭୁବନେଶ୍ୱର,୭।୧୧(ବ୍ୟୁରୋ) - ରାଜ୍ୟ ସରକାରଙ୍କ ପକ୍ଷରୁ ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ କରାଯାଇଛି। ଏହିକ୍ରମରେ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ (ବିଏସ୍‌ସିଏଲ୍)ର ଜେନେରାଲ ମ୍ୟାନେଜର (ପ୍ରଶାସନ) କମଲଜିତ୍ ଦାଶଙ୍କୁ ବଦଳି କରାଯାଇ କଟକ ଉପଜିଲାପାଳ ଭାବେ ନିଯୁକ୍ତି ଦିଆଯାଇଛି। ଏନେଇ ସୋମବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। କମଲଜିତ୍ ୨୦୧୯ରୁ ବିଏସ୍‌ସିଏଲ୍‌ର ଜେନେରାଲ ମ୍ୟାନେଜର ପଦବୀରେ କାର୍ଯ୍ୟରତ ଥିଲେ। ଏଥିସହ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଡେପୁଟି କମିଶନର (ଲ୍ୟାଣ୍ଡ) ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଥିଲେ।

### ବ୍ରାଉନସୁଗାର ଜବତ, ବେପାରୀ ଗିରଫ

ଭୁବନେଶ୍ୱର,୭।୧୧ବ୍ୟୁରୋ) - ଏମ୍ସ ନିକଟ କନକ ମନ୍ଦିର ପାର୍ଶ୍ୱରେ ବ୍ରାଉନସୁଗାର ବିକ୍ରି କରିବା ପଇଁ ଗ୍ରାହକଙ୍କୁ ଅପେକ୍ଷା କରିଥିବାବେଳେ ଖଣ୍ଡଗିରି ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅଞ୍ଚଳରେ ରହୁଥିବା ଯଦୁପୁର ଟାଙ୍ଗୀ ସାହିର ଏସ.କେ. ଅନୱାର। ତାଙ୍କଠାରୁ ୭ ଗ୍ରାମ୍‌ର ବ୍ରାଉନସୁଗାର ଜବତ କରାଯାଇଛି। ଏନେଇ ପୋଲିସ ଏକ ମାମଲା (ନଂ ୫୪୮/୨୨) ରୁଜୁ କରି ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେହିପରି ରବିବାର ଲକ୍ଷ୍ମୀସାଗର ଥାନା ଅଞ୍ଚଳରୁ ୨ଜଣଙ୍କୁ ଗିରଫ କରାଯିବା ସହ ସେମାନଙ୍କଠାରୁ ୧୩ ଗ୍ରାମ୍ ବ୍ରାଉନସୁଗାର ଜବତ କରାଯାଇଥିଲା।

### ବେଆଇନ ମଦ ବିକ୍ରି: ଅକ୍ଟୋବରରେ ୫୦ ଗିରଫ

ଭୁବନେଶ୍ୱର,୭।୧୧(ବ୍ୟୁରୋ)- ରାଜଧାନୀ ଭୁବନେଶ୍ୱରରେ ବେଆଇନ ମାଦକ ଦ୍ରବ୍ୟ ଓ ନିଶାଦ୍ରବ୍ୟ ବିକ୍ରି, ସର୍ବସାଧାରଣରେ ମଦ୍ୟପାନ ଓ ନିଶା ସେବନ ଉପରେ ରୋକ ଲଗାଇବାକୁ ଭୁବନେଶ୍ୱର ସହରାଞ୍ଚଳ ପୋଲିସ ପକ୍ଷରୁ ଚଢ଼ାଉ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଅକ୍ଟୋବରରେ ଭୁବନେଶ୍ୱରର ବିଭିନ୍ନ ଥାନା ଅଞ୍ଚଳରେ ୪୯ ବେଆଇନ ମଦ ବିକ୍ରି ମାମଲାରେ ୫୦ଜଣଙ୍କୁ ଗିରଫ କରାଯାଇଛି। ଏସବୁ ମାମଲାରେ ୫୦୯.୯୫ ଲିଟର ନକଲି ଦେଶୀ ମଦ ଏବଂ ୫୮.୮୭୯ ଲିଟର ବିଦେଶୀ ମଦ ଜବତ ହୋଇଛି। ଅନ୍ୟପକ୍ଷରେ ଉକ୍ତ ମାସରେ ସର୍ବସାଧାରଣରେ ମଦ୍ୟପାନ କରୁଥିବା ଅଭିଯୁକ୍ତଙ୍କଠାରୁ ଓଡ଼ିଶା ଅର୍ବାନ ପୋଲିସ ଆକ୍ଟରେ ମୋଟ ୨୬୨୬ଟି ଚାଲାଣ କଟାଯାଇ ମୋଟ ୧୩ ଲକ୍ଷ ୧୯ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ସର୍ବସାଧାରଣରେ ବେଆଇନ ତମାଖୁ ସେବନ ଏବଂ ବିକ୍ରି ପାଇଁ କୋଟପା ଆକ୍ଟରେ ୩୮ଟି ଚାଲାଣ କଟାଯାଇ ମୋଟ ୪ ହଜାର ୪୦୦ ଟଙ୍କାଜରିମାନା ଆଦାୟ କରାଯାଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

### ଯୁବତୀଙ୍କୁ ବ୍ଲେଡ୍‌ରେ ମରଣାନ୍ତକ ଆକ୍ରମଣ, ଯୁବକ ଗିରଫ

ଭୁବନେଶ୍ୱର,୭।୧୧ବ୍ୟୁରୋ) - ଯୁବତୀଙ୍କୁ ବ୍ଲେଡରେ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଖାରବେଳନଗର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ଜଟଣୀ ଥାନା ଅନ୍ତର୍ଗତ ମାଣ୍ଡିଆ ସାହିର ଗଜନି ଓରଫ୍ ଲିଟୁ ସ୍ୱାଇଁ(୨୨)। ରବିବାର ସନ୍ଧ୍ୟାରେ ଯୁବତୀ ଜଣକ ବ୍ୟକ୍ତିଗତ କାମରେ ମାଷ୍ଟରକ୍ୟାଣ୍ଟିନ ଛକକୁ ଆସିଥିଲେ। ଏହି ସମୟରେ କୌଣସି କାରଣକୁ ନେଇ ଅଭିଯୁକ୍ତ ଜଣକ ସେଠାରେ ପହଞ୍ଚି ତାଙ୍କ ସହ ଯୁକ୍ତିତର୍କ ଆରମ୍ଭ କରିଥିଲେ। ପରେ ପାଖରେ ରଖିଥିବା ଏକ ବ୍ଲେଡ୍‌ରେ ହଠାତ୍ ଆକ୍ରମଣ କରିଥିଲେ। ଫଳରେ ଯୁବତୀଙ୍କ କାନ୍ଧରେ ଗଭୀର କ୍ଷତ ସୃଷ୍ଟି ହେବା ସହ ପ୍ରଚୁର ରକ୍ତ ସ୍ରାବ ହୋଇଥିଲା। ପିସିଆର୍ ଭ୍ୟାନ ପହଞ୍ଚି ଆହତ ଯୁବତୀଙ୍କୁ ଚିକିତ୍ସା ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲା। ପରେ ତାଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରିବା ସହିତ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଅଭିଯୁକ୍ତ ଜଣକ ଦିନ ମଜୁରିଆ ହୋଇଥିବାବେଳେ ସେ ଜଣେ ଅଭ୍ୟାସଗତ ଅପରାଧୀ। ତାଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ୭ଟି ଆପରାଧିକ ମାମଲା ରହିଛି। ତାଙ୍କୁ ବିରୋଧରେ ସିଆର୍‌ପିସି-୧୧୦ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବା ଲାଗି ପଦକ୍ଷେପ ନିଆଯାଉଥିବା ପୋଲିସ ସୂଚନା ଦେଇଛି।

# ଓଡ଼ିଶାର ପରିବର୍ତ୍ତନକୁ ବିଶ୍ୱରେ ପ୍ରଶଂସା କରାଯାଉଛି: ମୁଖ୍ୟମନ୍ତ୍ରୀ


ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମାଜସେବୀ ଶରତ ଚନ୍ଦ୍ର ନାୟକଙ୍କୁ ସମ୍ମାନିତ କରୁଛନ୍ତି।

## 'ପ୍ରଗତିବାଦୀ'ର ସୁବର୍ଣ୍ଣ ଜୟନ୍ତୀ

ଭୁବନେଶ୍ୱର,୭।୧୧(ବ୍ୟୁରୋ):

ଆଜିର ବିକାଶ ପଥରେ ଓଡ଼ିଶା ବଡ଼ ଅଗ୍ରଗତି କରିଛି। ଓଡ଼ିଶାର ପରିବର୍ତ୍ତନକୁ ଦେଶ ତଥା ସାରା ବିଶ୍ୱରେ ପ୍ରଶଂସା କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ସୋମବାର ଆୟୋଜିତ ଦୈନିକ ଖବରକାଗଜ 'ପ୍ରଗତିବାଦୀ'ର ସୁବର୍ଣ୍ଣ ଜୟନ୍ତୀ ତଥା ପ୍ରତିଷ୍ଠାତା ସ୍ୱର୍ଗତ ପ୍ରଦ୍ୟୁମ୍ନ ବଳଙ୍କ ଶ୍ରାଦ୍ଧବାର୍ଷିକୀ ଉତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଆହୁରି କହିଥିଲେ ଯେ, ସମାଜର ସମସ୍ତ ସମସ୍ୟା ତଥା ଦୁର୍ବଳ ଶ୍ରେଣୀ ଲୋକମାନଙ୍କ ଅସୁବିଧା ସମ୍ପର୍କରେ କଲମ ଚାଳନା ସ୍ୱର୍ଗତ ବଳଙ୍କୁ ନିର୍ଭୀକ ସାମ୍ବାଦିକ ଭାବେ ପରିଗଣିତ କରିପାରିଥିଲା। ଗାନ୍ଧୀବାଦର ପ୍ରଚାର ପ୍ରସାର ଦିଗରେ ତାଙ୍କର ଆଭିମୁଖ୍ୟ ତାଙ୍କ ଅବର୍ତ୍ତମାନରେ ମଧ୍ୟ 'ପ୍ରଗତିବାଦୀ' ବଜାୟ ରଖିପାରିଛି ବୋଲି କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୧୧ଜଣ ବ୍ୟକ୍ତିବିଶେଷଙ୍କୁ 'ପ୍ରଦ୍ୟୁମ୍ନ ବଳ ସେବା ସମ୍ମାନ' ପ୍ରଦାନ କରିଥିଲେ। ସମ୍ମାନିତ ହୋଇଥିବା ମୟୂରଭଞ୍ଜର ଶରତ ଚନ୍ଦ୍ର ନାୟକଙ୍କୁ ଅଭିନନ୍ଦନ ଜଣାଇଥିଲେ। ଅନ୍ୟତମ ଅତିଥି ଭାବରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର ଯୋଗଦେଇଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପ୍ରଦ୍ୟୁମ୍ନ ବଳ ମେମୋରିଆଲ ଟ୍ରଷ୍ଟର ଟ୍ରଷ୍ଟି ତଥା ଏମ୍‌ପି ଡ. ଅଚ୍ୟୁତ ସାମନ୍ତ ଅଧ୍ୟକ୍ଷତା କରି ଶ୍ରଦ୍ଧାସୁମନ ଅର୍ପଣ କରିବା ସହ କହିଥିଲେ, ୫୦ ବର୍ଷ ହୋଇଥିଲେ ମଧ୍ୟ 'ପ୍ରଗତିବାଦୀ' ପ୍ରଦ୍ୟୁମ୍ନ ବଳଙ୍କ ନୀତି ଆଦର୍ଶରୁ ବିଚ୍ୟୁତ ହୋଇନାହିଁ। ପ୍ରଗତିବାଦୀର ନିର୍ଦ୍ଦେଶିକା ଡ. ମୋନାଲିସା ବଳ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଅଧ୍ୟକ୍ଷା ଶାଶ୍ୱତୀ ବଳ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ରେଡକ୍ରସ ଭବନରେ ଅବନୀ ବରାଳ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଶ୍ରଦ୍ଧା ଦିବସରେ ଯୋଗ ଦେଇଥିବା ଅତିଥିମାନେ।

# 'ସାଇ ଅରଦାସ' ଲୋକାର୍ପିତ

ଭୁବନେଶ୍ୱର,୭।୧୧(ବ୍ୟୁରୋ)

କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଡ. ଚନ୍ଦ୍ରଭାନୁ ଶତପଥୀଙ୍କ ରଚିତ ଓ ନିର୍ଦ୍ଦେଶିତ ହିନ୍ଦୀ ଭାଷାର ଭକ୍ତି ସଙ୍ଗୀତ ଆଲ୍‌ବମ 'ସାଇ ଅରଦାସ'ର ଲୋକାର୍ପଣ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଗୁରୁଜୀ ଚନ୍ଦ୍ରଭାନୁ ଶତପଥୀ, କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକ ଓ ପଦ୍ମଶ୍ରୀ ଶ୍ୟାମାମଣି ଦେବୀ, କଣ୍ଠଶିଳ୍ପୀ ଦେବାଶିଷ ମହାପାତ୍ର, ଡ. ସୁଧା ମିଶ୍ର, ତୃପ୍ତି ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଶତପଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶତପଥୀ ତାଙ୍କ ଜୀବନରେ ବହୁ ଆଧ୍ୟାତ୍ମିକ ଗଦ୍ୟଗ୍ରନ୍ଥ ରଚନା କରିଛନ୍ତି। କିନ୍ତୁ ତାଙ୍କ ରଚିତ ୮ ଖଣ୍ଡ ଗୁରୁ ଭାଗବତ ନବାକ୍ଷରୀ ଛାନ୍ଦରେ ଲିଖିତ ହେବା ସହ ଭାରତର ବିଭିନ୍ନ ଭାଷାରେ ଅନୂଦିତ ହୋଇ ଲୋକପ୍ରିୟତା ଅର୍ଜନ କରିଛି। ସେ ଭାରତବର୍ଷର ବିଶିଷ୍ଟ କଣ୍ଠଶିଳ୍ପୀ ସୁରେଶ ୱାଦେକର, ଶ୍ରେୟା ଘୋଷାଲ ଓ ଶଙ୍କର ମହାଦେବନଙ୍କୁ ନେଇ ହିନ୍ଦୀ ଭାଷାରେ ଭକ୍ତି ସଙ୍ଗୀତର ଆଲ୍‌ବମ୍ ପ୍ରସ୍ତୁତ କରିଛନ୍ତି। ସଭା ପରିଚାଳନା କରିଥିଲେ ଶୁଭାନ୍ୱେଷ ରଥ ଓ ଧନ୍ୟବାଦ ଦେଇଥିଲେ ସାହିତ୍ୟିକ ପୀତବାସ ରାଉତରାୟ।



ସଙ୍ଗୀତ ଆଲବମ୍ 'ସାଇ ଅରଦାସ'କୁ ଚନ୍ଦ୍ରଭାନୁ ଶତପଥୀ ଓ ଅନ୍ୟମାନେ ଉନ୍ମୋଚିତ କରୁଛନ୍ତି।

# ତୈଳିକ ବୈଶ୍ୟ ସମାଜର ବୋଇତ ବନ୍ଦାଣ ଉତ୍ସବ

ବାଲିପାଟଣା,୭।୧୧(ଡି.ଏନ୍.ଏ.):

ବନମାଳିପୁର ମୁଣ୍ଡହଣାପାଟଣା ଗ୍ରାମରେ ପ୍ରାଚୀ ମୂଳକ ତୈଳିକ ବୈଶ୍ୟ ସମାଜ ଆନୁକୂଲ୍ୟରେ ୪୨ତମ ବୋଇତ ବନ୍ଦାଣ ମହୋତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ମହାସଭାର ସଭାପତି ଗୁରୁକିଙ୍କର ଜେଠିଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ଚିଲିକାର ପୂର୍ବତନ ବିଧାୟକ ରଘୁନାଥ ସାହୁ, ମୁଖ୍ୟ ବକ୍ତା ଅନନ୍ତ ଚରଣ ସାହୁ, ଅତିଥିଭାବେ କାକଟପୁର ଶାଖା ସଭାପତି ଶଙ୍କର ପୃଷ୍ଟି, ପୂର୍ବତନ ଜିଲା ଆରକ୍ଷୀ ଅଧୀକ୍ଷକ ରମେଶ ଚନ୍ଦ୍ର ସାହୁ, ସ୍ନେହୀ ସମାଜ ସଭାପତି ବିଶ୍ୱନାଥ ସୁବୁଦ୍ଧି, ଇଂ. ଦାମୋଦର ସାହୁ, ଅଡଶପୁର କଲେଜ ଅଧ୍ୟକ୍ଷ ବୀରଞ୍ଚି ନାରାୟଣ ସାହୁ, ରାଜନ୍ କୁମାର ସାହୁ, ସୁରେନ୍ଦ୍ର ସାହୁ, ପୂର୍ବତନ ସରପଞ୍ଚ ରବୀନ୍ଦ୍ର ସାହୁ, ରମେଶ ସାହୁ, ହାଉନ ସାହୁ ପ୍ରମୁଖ ଯୋଗଦେଇ ଜାତିର ଏକତା ଓ ଶ୍ରୀ ବୃଦ୍ଧି ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ୧୯୮୧ ରେ ସ୍ୱର୍ଗତ ଭ୍ରମରବର ଜେଠୀଙ୍କ ସହିତ ରହି ଅନୁଷ୍ଠାନକୁ ଗଢିଥିବା ପ୍ରତିଷ୍ଠାତା ସଭ୍ୟ ବଳରାମ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ସଭାପତି ରବୀନ୍ଦ୍ର ସେନାପତି ସ୍ୱାଗତ ଭାଷଣ ଓ ସମ୍ପାଦକ ପ୍ରତାପ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ସାଧବ ସହାୟତା ସମିତି ପକ୍ଷରୁ ରିନା ସେନାପତିଙ୍କୁ ୧୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କୁ ମଧ୍ୟ ସହାୟତା ପ୍ରଦାନ କରାଯାଇଛି। ଧରଣୀ ସେନାପତିଙ୍କ ସଂଯୋଜନାରେ ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କ୍ୟାପିଟାଲ ହସ୍ପିଟାଲ ରକ୍ତଭଣ୍ଡାର ଅଧୀକ୍ଷକ ଡା.ଦେବାଶିଷ ମିଶ୍ରଙ୍କ ତତ୍ତ୍ୱାବଧାନରେ ରକ୍ତ ସଂଗ୍ରହ କରାଯାଇଥିଲା।



ତୈଳିକ ବୈଶ୍ୟ ସମାଜର ବୋଇତ ବନ୍ଦାଣ ଉତ୍ସବରେ ମଞ୍ଚାସୀନ ଅତିଥି।

# ଅବନୀ ବରାଳ ଫାଉଣ୍ଡେଶନ ପକ୍ଷରୁ ଶ୍ରଦ୍ଧା ଦିବସ

ଭୁବନେଶ୍ୱର,୭।୧୧(ବ୍ୟୁରୋ)

ଅବନୀ ବରାଳ ଫାଉଣ୍ଡେଶନ ପକ୍ଷରୁ ଶ୍ରଦ୍ଧା ଦିବସ ସୋମବାର ରେଡକ୍ରସ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ପ୍ରଦୋଷ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଡ. ସଂଘମିତ୍ରା ମିଶ୍ର, ସମ୍ମାନିତ ଅତିଥି ପ୍ରାକ୍ତନ ଏମ୍‌ପି ପ୍ରସନ୍ନ ପାଟଶାଣୀ, ଶିକ୍ଷକ ସଂଘର ସଭାପତି ନିକୁଞ୍ଜ ମହାନ୍ତି, ଡ. ଅମୀୟ କୁମାର ମହାନ୍ତି ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ କଥାକାର ଭୀମ ପୃଷ୍ଟିଙ୍କୁ 'ଅବନୀ ବରାଳ ସାହିତ୍ୟ ସମ୍ମାନ' ଏବଂ ଓମ୍‌ପ୍ରକାଶ ମହାନ୍ତିଙ୍କୁ 'ଆଦରମଣି ମଞ୍ଜକଳା ସମ୍ମାନ' ପ୍ରଦାନ କରାଯାଇଥିଲା। ଅଧ୍ୟାପିକା ଅହଲ୍ୟା ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଆହୁତି ବରାଳ ଧନ୍ୟବାଦ ଜଣାଇଥିଲେ। ଅଧ୍ୟାପକ ଆଭାସ ବରାଳ, ଆରତୀ ବରାଳ ପ୍ରମୁଖ ସହଯୋଗ କରିଥିଲେ।

# କଳାଭୂମିରେ କାରିଗର, ବୁଣାକାରଙ୍କ ପ୍ରବେଶ ଶୁଳ୍କ ଛାଡ଼

ଭୁବନେଶ୍ୱର,୭।୧୧(ବ୍ୟୁରୋ)

ଓଡ଼ିଶାର ହସ୍ତଶିଳ୍ପ ଓ ହସ୍ତତନ୍ତ ଐତିହ୍ୟକୁ ସାଇତି ରଖିବା ତଥା ଏହାର ଅଧିକ ପ୍ରସାର କରିବା ଲକ୍ଷ୍ୟରେ ଭୁବନେଶ୍ୱର ପୋଖରୀପୁଟସ୍ଥିତ ଶିଳ୍ପୀ ବିହାରଠାରେ ରାଜ୍ୟ ସରକାର ହସ୍ତଶିଳ୍ପ ସଂଗ୍ରହାଳୟ 'କଳାଭୂମି' ସ୍ଥାପନ କରିଛନ୍ତି। ସୋମବାର ରାଜ୍ୟର ସମସ୍ତ କାରିଗର, ବୁଣାକାର, ରାଜ୍ୟ ଓ ଜାତୀୟ ପୁରସ୍କାରପ୍ରାପ୍ତ ତଥା ପଦ୍ମ ପୁରସ୍କାରପ୍ରାପ୍ତ କାରିଗର ଓ ବୁଣାକାରଙ୍କ ପାଇଁ ସରକାର ଏକ ବିଶେଷ ଘୋଷଣା କରିଛନ୍ତି। ସେମାନଙ୍କ ପାଇଁ କଳାଭୂମିରେ ପ୍ରବେଶ ଶୁଳ୍କ ଛାଡ଼ କରାଯାଇଛି। କାରିଗର ଓ ବୁଣାକାରମାନେ ନିଜ ପରିଚୟପତ୍ର ଦେଖାଇ ଏହି ସଂଗ୍ରହାଳୟକୁ ପରିଦର୍ଶନ କରିପାରିବେ। ରାଜ୍ୟ ସରକାରଙ୍କ ଏହି ପଦକ୍ଷେପ ଓଡିଶାର କାରିଗର ଓ ବୁଣାକାରଙ୍କ କଳାତ୍ମକ ତଥା ଗବେଷଣାତ୍ମକ ମନୋବୃତ୍ତିକୁ ପ୍ରୋତ୍ସାହନ କରିବା ସହ ସେମାନଙ୍କ ଦକ୍ଷତା ବୃଦ୍ଧିରେ ସହାୟକ ହେବ।

# ନନ୍ଦନକାନନରେ ପାର୍କିଂକୁ ନେଇ ଗଣ୍ଡଗୋଳ, ୫ ଗିରଫ

ବାରଙ୍ଗ,୭।୧୧(ଡି.ଏନ୍.ଏ.)

ନନ୍ଦନକାନନରେ ପାର୍କିଂକୁ ନେଇ ଜଣେ କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ନନ୍ଦନକାନନ ଥାନା ପୋଲିସ ୫ ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସଞ୍ଜୟ ଦାସ, ସଂଗ୍ରାମ କିଶୋର ମହାନ୍ତି, ପ୍ରକାଶ ପ୍ରଧାନ, ଜୟନ୍ତ ସାହୁ, ତପନ ପଲେଇ। ପୋଲିସ ସେମାନଙ୍କ ବିରୋଧରେ ଏକ ମାମଲା (୧୬୬/୨୨) ରୁଜୁ କରି ତଦନ୍ତ ଚଳାଇଛି।

ସୂଚନା ମୁତାବକ, ନନ୍ଦନକାନନରେ ପାର୍କିଂକୁ ନେଇ ରବିବାର ସନ୍ଧ୍ୟାରେ କିଛି ଟ୍ୟାକ୍ସି ଚାଳକଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପାଟି ଶୁଣି ମଲ୍ଟିପାର୍କିଂର ଜଣେ କାର୍ଯ୍ୟରତ କର୍ମଚାରୀ ଚନ୍ଦକା ଥାନା ଅନ୍ତର୍ଗତ ଦାରୁଠେଙ୍ଗ ଗ୍ରାମର ପ୍ରଶାନ୍ତ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ। ହେଲେ ଚାଳକମାନେ ପ୍ରଶାନ୍ତଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଲୁହାଜଗ୍, ପ୍ଲାଷ୍ଟିକ୍ ପାଇପ୍‌ରେ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ପ୍ରଶାନ୍ତଙ୍କ ମୁଣ୍ଡରେ ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା। ଖବରପାଇ ନନ୍ଦନକାନନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରଶାନ୍ତକୁ ଉଦ୍ଧାର କରି ଡାକ୍ତରଖାନା ନେବା ସହ ୫ ଗାଡି ଚାଳକଙ୍କୁ କାବୁ କରିଥିଲା।


ଗିରଫ ହୋଇଥିବା ୫ ଅଭିଯୁକ୍ତ।

# ରାସ୍ତାକୁ ଓହ୍ଲାଇଲା ବିଏମ୍‌ସି ୱାର୍କର୍ସ ୟୁନିୟନ

ଭୁବନେଶ୍ୱର, ୭।୧୧ (ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ ୱାର୍କର୍ସ ୟୁନିୟନ (ସିଆଇଟିୟୁ) ନେତୃତ୍ୱରେ ସଫେଇ କର୍ମଚାରୀମାନେ ସୋମବାର ରାଜରାସ୍ତାକୁ ଓହ୍ଲାଇଥିଲେ। ସଫେଇ କର୍ମଚାରୀମାନଙ୍କୁ ସ୍ଥାୟୀ କରିବା, ସମାନ କାମ ପାଇଁ ସମାନ ମଜୁରି ପ୍ରଦାନ କରିବା, ଆଇନଗତ ଛୁଟି ପ୍ରଦାନ କରିବା, ଠିକା ପ୍ରଥା ଉଚ୍ଛେଦ, ଘରଭଡ଼ା ପ୍ରଦାନ, ଅବସରକାଳୀନ ପ୍ରାପ୍ୟ ପ୍ରଦାନ କରିବା, ସମସ୍ତ ଶ୍ରମିକଙ୍କ ପାଇଁ ୧୦ଲକ୍ଷ ଟଙ୍କାର ଗ୍ରୁପ୍ ଇନ୍‌ସ୍ୟୁରାନ୍ସ କରିବା ଆଦି ୧୫ଦଫା ଦାବି ଉପସ୍ଥାପନ କରିଥିଲେ। ଏହି ପରିପ୍ରେକ୍ଷୀରେ କର୍ମଚାରୀଙ୍କ ଏକ ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅଭିଯୋଗ ପ୍ରକୋଷ୍ଠରେ ଡେପୁଟି ସେକ୍ରେଟାରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏଥିସହ ମୁଖ୍ୟ ସଚିବ, ୫ ଟି ସେକ୍ରେଟାରୀ, ଶ୍ରମ ସଚିବ, ଶ୍ରମ କମିଶନର ଏବଂ ବିଏମ୍‌ସି କମିଶନରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। କର୍ମଚାରୀଙ୍କ ଶୋଭାଯାତ୍ରା ରାଜମହଲ ଛକଠାରୁ ବାହାରି ଶିଶୁଭବନ ଛକଠାରେ ପହଞ୍ଚିଥିଲା। ପରେ ସେଠାରେ ସଂଗଠନର ସଭାପତି ତଥା ସର୍ବଭାରତୀୟ ସିଆଇଟିୟୁ ଉପାଧ୍ୟକ୍ଷ ସାଥି ବିଷ୍ଣୁ ମହାନ୍ତିଙ୍କ ସଭାପତିତ୍ୱରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସେଠାରେ ବିଏମ୍‌ସି କର୍ତ୍ତୃପକ୍ଷଙ୍କ ଶ୍ରମିକ ବିରୋଧୀ ନୀତିର ସମାଲୋଚନା କରିଥିଲେ। ଶ୍ରମିକମାନଙ୍କୁ ବୟସ ପୂର୍ବରୁ ଜବରଦସ୍ତି ଅବସର ଦିଆଯାଉଛି। ଏପରିକି ଅବସର ଗ୍ରହଣ କରିଥିବା କିଛି ଶ୍ରମିକ ମୃତ୍ୟୁବରଣ କରିସାରିଥିଲେ ସୁଦ୍ଧା ସେମାନଙ୍କର ପ୍ରାପ୍ୟ ତାଙ୍କ ଉତ୍ତରାଧିକାରୀଙ୍କୁ ଦିଆଯାଉ ନାହିଁ ବୋଲି ୟୁନିୟନ ପକ୍ଷରୁ ଅଭିଯୋଗ କରାଯାଇଛି। ଶୋଭାଯାତ୍ରାରେ ୟୁନିୟନର ଉପସଭାପତି ସତ୍ୟାନନ୍ଦ ବେହେରା, ସିଆଇଟିୟୁ ଖୋର୍ଦ୍ଧା ଜିଲା କମିଟି ସଭାପତି ସୁରେଶ ରାଉତରାୟ, ସିଆଇଟିୟୁ ରାଜ୍ୟ ସମ୍ପାଦକ ଉଲ୍ଲାସ ସ୍ୱାଇଁ, ସିଏଲ୍‌ଆର୍ ସଭାପତି ବିଜୟ ଦାସ, ସଫେଇ କର୍ମଚାରୀ ସଂଗଠନ ଉପସଭାପତି ବଳରାମ ନାୟକ ପ୍ରମୁଖ ଯୋଗଦେଇଥିଲେ।



ବିଏମ୍‌ସି ୱାର୍କର୍ସ ୟୁନିୟନ ନେତୃତ୍ୱରେ ସଫେଇ କର୍ମଚାରୀମାନେ ରାସ୍ତାରେ ବିକ୍ଷୋଭ କରୁଛନ୍ତି।




କଟକ ବାଲିଯାତ୍ରା ତଳପଡ଼ିଆରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା। ନୌବାଣିଜ୍ୟ ପରମ୍ପରା ଓ କଟକର ସଂସ୍କୃତିକୁ ନେଇ ଫାଇବର ନିର୍ମିତ କଳାକୃତି।

# ଆଜିଠୁ ଐତିହାସିକ କଟକ ବାଲିଯାତ୍ରା

- ୱାଚ୍ ଟାୱାର ପଇଁତରା ମାରିବେ ପୋଲିସ ଅଧିକାରୀ
- ମୁଖ୍ୟ ଆକର୍ଷଣ ରହିବ କଟକ ଇନ୍ କଟକ କନସେପ୍ଟ
- ଲାଇଟ୍ ଶୋ'ରେ ଦେଖିବେ କଟକର ଐତିହ୍ୟ

କଟକ ଅଫିସ,୭।୧୧

ବହୁ ପ୍ରତୀକ୍ଷିତ ତଥା ଐତିହାସିକ କଟକ ବାଲିଯାତ୍ରା ମଙ୍ଗଳବାରଠାରୁ ଉଦ୍‌ଘାଟିତ ହେବ। କୋଭିଡ୍ ମହାମାରୀ ପାଇଁ ଗତ ଦୁଇ ବର୍ଷ ବନ୍ଦ ଥିବା ଐତିହ୍ୟ ବାଲିଯାତ୍ରା ଏଥର ନୂଆ କଳେବରରେ ଆକର୍ଷଣୀୟ ଢଙ୍ଗରେ ଅନୁଷ୍ଠିତ ହେବାକୁ ଯାଉଛି। ଏଥିପାଇଁ ଜିଲା ପ୍ରଶାସନଠାରୁ ଆରମ୍ଭ କରି ପୋଲିସ ପ୍ରଶାସନ ପର୍ଯ୍ୟନ୍ତ ପ୍ରତିଦିନ ସମସ୍ତ ପ୍ରକାର ସ୍ଥିତି ସମୀକ୍ଷା କରାଯାଇ ପ୍ରସ୍ତୁତ କରାଯାଇଛି। ଦୁଇ ବର୍ଷର ବ୍ୟବଧାନ ପରେ ଚଳିତବର୍ଷ ଆୟୋଜନ ହେଉଥିବାରୁ ଲୋକଙ୍କ ସମାଗମ ସହ ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ ଓ ପାର୍କିଂ ବ୍ୟବସ୍ଥାକୁ ବିସ୍ତୃତ ଭାବେ ବ୍ୟବସ୍ଥିତ କରାଯାଇଛି। ଏଥିସହ ମହାନଦୀ ତଟସ୍ଥ ଉପର ଓ ତଳ ପଡ଼ିଆରେ ବଡ଼ ବଡ଼ ଷ୍ଟଲ ସାଙ୍ଗକୁ ଭିନ୍ନ ଭିନ୍ନ ପ୍ରକାରର ଦୋଳି, ମିନା ବଜାର, ଓରମାସ ଷ୍ଟଲ ଲାଗିଗଲାଣି। ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ବ୍ୟବସାୟୀ ନିଜ ସାମଗ୍ରୀ ଧରି ବାଲିଯାତ୍ରା ପଡ଼ିଆରେ ପହଞ୍ଚିଗଲେଣି। ସେପଟେ ଐତିହାସିକ କଟକ ବାଲିଯାତ୍ରାକୁ ନେଇ ବାଲିରେ ଏକ ବିଶାଳ କଳାକୃତି ନିର୍ମାଣ କରିଛନ୍ତି ପଦ୍ମଶ୍ରୀ ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ। ୨୫ ହଜାର ମାଟି ଦୀପ ଓ ବାଲି ବ୍ୟବହାର କରାଯାଇଥିବା ଏହି ବିଶାଳ ବାଲୁକା କଳାଟି ୬୮ଫୁଟ



ଲମ୍ବା, ୪୨ଫୁଟ ଓସାର ଏକ ସୁଦୃଶ୍ୟ ଡଙ୍ଗା। ଯାହାକି ପୂର୍ବରୁ ନୌବାଣିଜ୍ୟରେ ବ୍ୟବହାର କରାଯାଉଥିଲା, ତା'ର ପ୍ରତିକୃତି ପ୍ରସ୍ତୁତ କରିଛନ୍ତି ସୁଦର୍ଶନ। ଏହି ବାଲୁକା କଳା ଲିମ୍କା ବିଶ୍ୱ ରେକର୍ଡରେ ସ୍ଥାନ ପାଇବା ନେଇ ଆଶା ରଖିଛନ୍ତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ।

ସେହିପରି ବାଲିଯାତ୍ରା ପାଇଁ ପଡ଼ିଆରୁ ରେଳଷ୍ଟେଶନ ଯାଏଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ୮ଟି ୱାଚ ଟାୱାର ବାଲିଯାତ୍ରା ଉଭୟ ପଡ଼ିଆରେ ଖୋଲାଯାଇଛି। ଏହା ଉପରେ ୨୪ଘଣ୍ଟିଆ ପୋଲିସ ଅଧିକାରୀ ପଇଁତରା ମାରିବେ। ଆପରାଧିକ କାର୍ଯ୍ୟକଳାପ ଉପରେ ପୋଲିସ ଅଧିକାରୀ ୱାଚଟାୱାର୍‌ରୁ ନଜର ରଖିବେ। ଏଥିସହିତ ପଡ଼ିଆରେ ପୋଲିସର ୨୦ଟି ଓ ଟ୍ରାଫିକର ୬ଟି ଏଡ୍ ପୋଷ୍ଟ ଖୋଲିବାକୁ ଥିବା ସୂଚନା ଦେଇଛନ୍ତି ଡିସିପି ପିନାକ ମିଶ୍ର। ଚଳିତବର୍ଷ ବାଲିଯାତ୍ରାକୁ ଆକର୍ଷଣୀୟ କରିବା ପାଇଁ ପ୍ରଶାସନ ପକ୍ଷରୁ ବିଭିନ୍ନ ନୂଆ ପଦକ୍ଷେପ ନିଆଯାଇଛି। ପ୍ରଥମଥର ପାଇଁ ବାଲିଯାତ୍ରାରେ ରହିବ କଟକ ଇନ୍ କଟକ କନସେପ୍ଟ। ଏହି କନସେପ୍ଟରେ ସହରର ସମସ୍ତ ଐତିହାସିକ ସ୍ଥାନ ବା ସହରର ପରମ୍ପରାକୁ ସ୍ଥାନିତ କରାଯିବ। ଏହା ପ୍ରାୟ ୬ ଏକରରୁ ଅଧିକ ଜମିରେ ପ୍ରସ୍ତୁତ କରାଯାଇଛି। ସେହିପରି ପ୍ରଥମଥର ବାଲିଯାତ୍ରାରେ ଲେଜର ଲାଇଟ୍ ଶୋ' ବ୍ୟବସ୍ଥା କରାଯାଇଛି। ଲେଜର ଲାଇଟ ଶୋ'ରେ ଲାଇଟ୍ ଏଣ୍ଡ ସାଉଣ୍ଡ ବ୍ୟବହାର କରି କଟକରେ ଐତିହ୍ୟ ସ୍ଥାନ ଓ ମହାନ ବ୍ୟକ୍ତିତ୍ୱଙ୍କ ଜୀବନୀକୁ ପ୍ରଦର୍ଶନ କରାଯିବ। ଟ୍ରାଏଲରେ ଥ୍ରୀଡି ଆନିମେଶନ ଶହ ମହାତ୍ମା ଗାନ୍ଧୀଙ୍କ ଜୀବନୀ ଓ କଟକ ଗସ୍ତର ଦୃଶ୍ୟ ପ୍ରଦର୍ଶନ କରାଯାଇଥିଲା। ବାଲିଯାତ୍ରା ସମୟରେ ଲାଇଟ୍ ଏଣ୍ଡ ସାଉଣ୍ଡ ମାଧ୍ୟମରେ ୮ଦିନ ଧରି ପ୍ରତିଦିନ ସନ୍ଧ୍ୟାରେ ମାଗଣାରେ ଦର୍ଶକ ଏହାର ମଜା ନେଇପାରିବେ।

ସେହିପରି ମଙ୍ଗଳବାର ସନ୍ଧ୍ୟାଠାରୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଝଲସିବ ବାଲିଯାତ୍ରା ପଡ଼ିଆ। ଉଭୟ ବଲିଉଡ୍ ଓ ଓଲିଉଡ୍ ଗୀତରେ ଝୁମିବେ ବାଲିଯାତ୍ରାକୁ ଆସିଥିବା ଲୋକେ। ବଲିଉଡ ଗାୟକ ଜାଭେଦ ଅଲ୍ଲି, କୈଳାସ ଖେର ପ୍ରମୁଖ ମଞ୍ଚରେ ଧମାଲ କରିବେ। ଯାହାର ଭରପୂର ମଜା ଉଠାଇବେ ଦର୍ଶକ। ତେବେ ବାଲିଯାତ୍ରାରେ ଦୁଇଟି ମଞ୍ଚରେ ହେବ ସମସ୍ତ କାର୍ଯ୍ୟକ୍ରମ। ପ୍ରତିଦିନ ଓଡ଼ିଆ ସଂସ୍କୃତି ପରମ୍ପରା, ଲୋକକଳା ସହ ବଲିଉଡର ମନଛୁଆଁ ଗୀତ ଓ ନୃତ୍ୟ ସମସ୍ତେ ଦେଖିବେ। ଏହି କାର୍ଯ୍ୟକ୍ରମକୁ ଅର୍ଥ ଓ ଅବକାରୀ ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିବେ। ତେବେ ଏହି ଅବସରରେ ସମ୍ମାନିତ ଅତିଥି ଭାବେ କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଏମ୍‌ପି ଭର୍ତ୍ତୃହରି ମହତାବ, ଏମ୍‌ପି ରାଜଶ୍ରୀ ମଲ୍ଲିକ, ଏମ୍‌ପି ଅନୁଭବ ମହାନ୍ତି, ମହାଙ୍ଗା ବିଧାୟକ ପ୍ରତାପ ଜେନା, କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା, ବାରବାଟୀ କଟକ ବିଧାୟକ ମହମ୍ମଦ ମୋକିମ, ସାଲେପୁର ବିଧାୟକ ପ୍ରସାନ୍ତ ବେହେରା, ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ନିଆଳି ବିଧାୟକ ପ୍ରମୋଦ କୁମାର ମଲ୍ଲିକ, ଜିଲା ପରିଷଦ କିଶୋର ଚନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ରହିବେ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ (କାପୋକ) ଆନୁକୂଲ୍ୟରେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ 'ଦୟାନଦୀ ବୋଇତ ବନ୍ଦାଣ ଉତ୍ସବ', ଦୟାନଦୀ, ଲିଙ୍ଗିପୁର ଘାଟ, ଭୋର ୩ଟା।
- ଭୁବନେଶ୍ୱର ବାଲିଯାତ୍ରା ମହୋତ୍ସବ ଅବସରରେ ପାରମ୍ପରିକ ବୋଇତ ବନ୍ଦାଣ, ଭୋର ୪ଟା ୩୦,ବାଲିଯାତ୍ରା ଓ ବାଣିଜ୍ୟମେଳା ଉଦ୍‌ଘାଟନ, ଅପରାହ୍ନ ୫ଟା।
- 'ପ୍ରଗତିବାଦୀ'ର ସୁବର୍ଣ୍ଣ ଜୟନ୍ତୀ ବର୍ଷରେ ପ୍ରଦ୍ୟୁମ୍ନ ବଳଙ୍କ ଜୟନ୍ତୀ ସମାରୋହରେ 'ପ୍ରଦ୍ୟୁମ୍ନ ବଳ ସମ୍ମାନ-୨୦୨୨', 'ପ୍ରଗତିବାଦୀ'ର ମଞ୍ଚେଶ୍ୱର ଶିଳ୍ପାଞ୍ଚଳ କାର୍ଯ୍ୟାଳୟ ପରିସର, ପୂର୍ବାହ୍ନ ୯ଟା।
- ଗୁରୁଦ୍ୱାର ସିଂ ସଭା ପକ୍ଷରୁ ଗୁରୁ ନାନକ ଦେବ ଜୀଙ୍କ ଜନ୍ମ ବାର୍ଷିକୀ, ଖାରବେଳ ନଗର, ପୂର୍ବାହ୍ନ ୧୦ଟା।
- ଏ ନ୍ୟାଶନାଲ ଆର୍ଟିଷ୍ଟ କ୍ୟାମ୍ପ ଓ ଫିଲ୍ମ ଫେଷ୍ଟିଭାଲ ଚିତ୍ରାଞ୍ଜଳି, ଏକାମ୍ର ଅର୍ବାନ ହାଟ କମ୍ପ୍ଲେକ୍ସ, ୟୁନିଟ୍-୩, ସନ୍ଧ୍ୟା ୬ଟା।
- ପାଠଘର ପକ୍ଷରୁ କାର୍ତ୍ତିକ ପୂଜା ଭସାଣି, ପାଠଘର କ୍ଲବ, ସନ୍ଧ୍ୟା ୬ଟା।

କଟକ

- କଟକ ମହାନଗର ତୈଳିକ ବୈଶ୍ୟ ସମାଜ ଆନୁକୂଲ୍ୟରେ ବୋଇତ ବନ୍ଦାଣ ଉତ୍ସବ, ମହାନଦୀ କୂଳ ଗଡ଼ଗଡ଼ିଆ ଘାଟ, ସକାଳ ୮ଟା।
- ଇଣ୍ଟର କ୍ଲବ ଫୁଟବଲ୍ ଚାମ୍ପିୟନଶିପ୍-୨୦୨୨ ଫାଇନାଲ ମ୍ୟାଚ୍ ଏବଂ ପୁରସ୍କାର ବିତରଣ ସମାରୋହ, ଜବାହରଲାଲ୍ ଇଣ୍ଡୋର ଷ୍ଟାଡିୟମ୍, ଅପରାହ୍ନ ୨ଟା।
- ଜିଲା ସଂସ୍କୃତି ପରିଷଦ ପକ୍ଷରୁ ବାଲିଯାତ୍ରା କଟକ ଉତ୍ସବ ଉଦ୍‌ଘାଟନ, ବାଲିଯାତ୍ରା ତଳ ପଡ଼ିଆ, ଅପରାହ୍ନ ୫ଟା ୩୦।

## ଲକ୍ଷ୍ମୀନୃସିଂହ ବେଶରେ ଦର୍ଶନ ଦେଲେ ମହାପ୍ରଭୁ

ପୁରୀ ଅଫିସ, ୭।୧୧



କାର୍ତ୍ତିକ ମାସ ଶୁକ୍ଳ ପକ୍ଷ ବୈକୁଣ୍ଠ ଚତୁର୍ଦ୍ଦଶୀ ତିଥି ତଥା ପଞ୍ଚକର ଚତୁର୍ଥ ଦିବସରେ ସୋମବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଲକ୍ଷ୍ମୀନୃସିଂହ ବେଶ ଅନୁଷ୍ଠିତ ହୋଇଛି। ଏହି ବେଶ ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ପରମ୍ପରା ଅନୁଯାୟୀ, ଶ୍ରୀକ୍ଷେତ୍ରସ୍ଥିତ ଚକ୍ରନୃସିଂହଙ୍କ ନିକଟରୁ ମହାପ୍ରଭୁଙ୍କ ପାଖକୁ ଆଜ୍ଞାମାଳ ଆସିଥିଲା। ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଅବକାଶ ନୀତି ପରେ ଲକ୍ଷ୍ମୀନୃସିଂହ ବେଶ ଆରମ୍ଭ ହୋଇଥିଲା। ସେବାୟତମାନେ ରତ୍ନଭଣ୍ଡାରରୁ ଆଣିଥିବା ବିଭିନ୍ନ ପ୍ରକାର ସୁବର୍ଣ୍ଣ ଅଳଙ୍କାରରେ ଶ୍ରୀବିଗ୍ରହମାନଙ୍କୁ ସଜ୍ଜିତ କରିଥିଲେ। ସୋଲ ଓ ଜରିରେ ଡାଳି କରାଯାଇ ସେଥିରେ ରଙ୍ଗବେରଙ୍ଗର ଫୁଲ ସବୁ ଚତୁର୍ଦ୍ଧାବିଗ୍ରହଙ୍କ ଶ୍ରୀମସ୍ତକରେ ଲଗାଯାଇଥିଲା। ଏହି ଡାଳ ମଝି ମଝିରେ ଠିଆପାଖୁଡ଼ା ଆକୃତିର ସ୍ୱର୍ଣ୍ଣକିଆ ଖଞ୍ଜାଯାଇଥିଲା। ସେହିପରି ଠାକୁରମାନେ ସୁବର୍ଣ୍ଣର ଶ୍ରୀଭୁଜ, ଶ୍ରୀପୟର, କୀରିଟ, କୁଣ୍ଡଳ, ଚନ୍ଦ୍ରିକା ସହ ପ୍ରଭୁ ଶ୍ରୀବଳଭଦ୍ର ହସ୍ତରେ ହଳମୂଷଳ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥ ଶଙ୍ଖ ଓ ଚକ୍ର ଧାରଣ କରିଥିଲେ। ଗୋପାଳ ବଲ୍ଲଭ, ବାଳଭୋଗ ଓ ସକାଳ ଧୂପ ଶେଷ ହେବା ପର୍ଯ୍ୟନ୍ତ ଏହି ବେଶ ରହିଥିଲା। ରତ୍ନସିଂହାସନରେ ମହାପ୍ରଭୁଙ୍କ ଏହି ଦୁର୍ଲଭ ବେଶକୁ ଦର୍ଶନ କରି ଶ୍ରଦ୍ଧାଳୁମାନେ କୃତାର୍ଥ ହୋଇଥିଲେ।

## ବୋତଲରେ ୨.୫ ଇଞ୍ଚର ବୋଇତ

**ଖୋର୍ଦ୍ଧା ଅଫିସ,୭।୧୧:** ଉତ୍କଳୀୟ ସଂସ୍କୃତିରେ ବୋଇତ ବନ୍ଦାଣ ଉତ୍ସବର ବିଶେଷ ମହତ୍ତ୍ୱ ରହିଛି। ସବୁଠି ଏହାକୁ ଆନନ୍ଦର ସହ ପାଳନ କରାଯାଏ। ଆ କା ମା ବୈ ମନ୍ତ୍ରଧ୍ୱନିରେ ଗଗନପବନ ମୁଖରିତ ହୋଇଥାଏ। ସକାଳେ ଶ୍ରଦ୍ଧାଳୁମାନେ ପରିବାର ସହ ନଦୀ, ପୋଖରୀ, ସମୁଦ୍ର ତଟରେ ବୋଇତ ବନ୍ଦାପନା କରି ଭସାଇଥାନ୍ତି। ଏହି ପରମ୍ପରା ଅତି ପ୍ରାଚୀନ। ଏହାର ଅବ୍ୟବହିତ ପୂର୍ବରୁ ଜଟଣୀ ହାଟବଜାର ଗୋପୀନାଥପୁରର ସୂକ୍ଷ୍ମ କାରୁକାର୍ଯ୍ୟ ଲାଗି ପରିଚିତ ଏଲ୍.ଈଶ୍ୱର ରାଓ ୭୫୦ ଏମ୍‌ଏଲ୍‌ର କାଚ ବୋତଲରେ ୨.୫ ଇଞ୍ଚ ଉଚ୍ଚ ଓ ସାଢେ ୩ ଇଞ୍ଚ ଚଉଡ଼ା ବିଶିଷ୍ଟ ବୋଇତ ପ୍ରସ୍ତୁତ କରିଛନ୍ତି। ଏଥିଲାଗି ସେ ତୁଳା, ପେପର ଖଣ୍ଡ ଓ କାଚ ବୋତଲ, ଚୁମୁକି, ଜିଙ୍କ୍ ଆଦି ବ୍ୟବହାର କରିଛନ୍ତି। ଉତ୍କଳ ସାଧବପୁଅଙ୍କ ନୌବାଣିଜ୍ୟ ସଂସ୍କୃତିର ବାର୍ତ୍ତା ଦେବା ସହ ବୋଇତ ବନ୍ଦାଣ ଉତ୍ସବରେ ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏଥିସହ ନଦୀ ଓ ପୋଖରୀରେ ସୁରକ୍ଷିତ ଭାବେ ବୋଇତ ବନ୍ଦାଣ କରିବାକୁ ନିବେଦନ କରିଛନ୍ତି।



## ଶ୍ରୀ ଗୋପୀନାଥ ଦେବଙ୍କ ଶରତ ରାସ ଉତ୍ସବ

ପିପିଲି,୭।୧୧(ସ୍ୱ.ପ୍ର.)

ଦାଣ୍ଡମୁକୁନ୍ଦପୁରସ୍ଥିତ ସର୍ବପୁରାତନ ଐତିହ୍ୟ ଶ୍ରୀ ଗୋପୀନାଥ ଦେବଙ୍କ ମନ୍ଦିର ପରିସରରେ ପଞ୍ଚକରେ ୫ଦିନ ବ୍ୟାପୀ ଶରତ ରାସ ଉତ୍ସବ ଚାଲିଛି। ଏହା ଗତ ୪ ତାରିଖଠାରୁ ଶ୍ରୀ ଶ୍ରୀ ଗୋପୀନାଥ ଦେବଙ୍କ ନୀତିକାନ୍ତି ଅନୁଯାୟୀ ଆରମ୍ଭ କରାଯାଇଥିବା ବେଳେ ପ୍ରତ୍ୟେକ ସନ୍ଧ୍ୟାରେ ମନ୍ଦିରର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ମଦନମୋହନଙ୍କୁ ରାସ ମଣ୍ଡପରେ ବିଜେ କରାଯାଇ ଶରତ ରାସଉତ୍ସବ ଆରମ୍ଭ ହୁଏ। ଏଥିରେ ଗ୍ରାମର ଶିଶୁ କଳାକାରମାନେ ରାଧାକୃଷ୍ଣ ଏବଂ ଅଷ୍ଟମୁଖୀ ଭୂମିକାରେ ଅଭିନୟ କରି ରାସଲୀଳାର ପ୍ରଦର୍ଶନ କରିଥାନ୍ତି। ପରିଷଦର ସଭାପତି ରମେଶ ଚନ୍ଦ୍ର ବରାଳ, ସମ୍ପାଦକ ସୁକାନ୍ତ ମିଶ୍ର, ସଭ୍ୟ ଚିତ୍ତରଞ୍ଜନ ମହାରଣା, କାଶୀନାଥ ଦାସଙ୍କ ତତ୍ତ୍ୱାବଧାନରେ ଏହି ଉତ୍ସବ ହେଉଛି। ଏହି ରାସଲୀଳାର ଆଧାତ୍ମିକ ପରିବେଶକୁ ଉପଭୋଗ କରିବା ପାଇଁ ଆଖପାଖରୁ ହଜାର ହଜାର ଶ୍ରଦ୍ଧାଳୁ ଆସୁଛନ୍ତି। ରାସ ଉତ୍ସବ ନିତ୍ୟାନନ୍ଦ ଦତ୍ତଙ୍କ ନିର୍ଦ୍ଦେଶନା ଏବଂ ସୁରେନ୍ଦ୍ର ଦାସଙ୍କ କଣ୍ଠଦାନରେ ଏହି ରାସ ନୃତ୍ୟ ପରିବେଷଣ କରାଯାଇଥିବା ବେଳେ ରାସ ପରିଷଦର ଉଦ୍ୟମ ଏବଂ ଗ୍ରାମବାସୀଙ୍କ ସହଯୋଗରେ ଏଭଳି ଆଧାତ୍ମିକ କାର୍ଯ୍ୟକ୍ରମ ଦୀର୍ଘ ୫୦ ବର୍ଷ ଧରି ଅନୁଷ୍ଠିତ ହେଉଛି ବୋଲି ପରିଷଦର ଉପଦେଷ୍ଟା ପ୍ରସନ୍ନ କୁମାର ଦାସ କହିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଶଶିକାନ୍ତ



@ ସ୍ମୃତି



@ ହେମନ୍ତ



@ କାଦମ୍ବିନୀ



@ ମିଲନ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।



**ଆମେ ତ ବଡ଼ ଦେଉଳର ପାରାରେ...**
ସୋମବାର ଅପରାହ୍ନରେ ଶ୍ରୀମନ୍ଦିରକୁ ପାରାଗୁଡିକ ବାହୁଡ଼ି ଆସୁଥିବାର ଦୃଶ୍ୟ।



ଜାତୀୟ ସଂହତି ଉତ୍ସବ ଅବସରରେ ନେହେରୁ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ୟୁଥ୍ ଆଫେୟାର୍ସ ପକ୍ଷରୁ ଭୁବନେଶ୍ୱରସ୍ଥିତ କମଳା ନେହେରୁ ମହିଳା ମହାବିଦ୍ୟାଳୟରେ ସୋମବାର ଅନୁଷ୍ଠିତ ଝୋଟି ଓ ମେହେନ୍ଦୀ ପ୍ରତିଯୋଗିତାରେ ଛାତ୍ରୀମାନେ ହାତରେ ମେହେନ୍ଦୀ କରି ପ୍ରଦର୍ଶନ କରୁଛନ୍ତି।



ପୁରୀ ଦାଣ୍ଡମୁକୁନ୍ଦପୁରସ୍ଥିତ ଶ୍ରୀ ଗୋପୀନାଥ ଦେବ ମନ୍ଦିର ପରିସରରେ ପଞ୍ଚକ ଅବସରରେ ଆୟୋଜିତ ଚାଲିଥିବା ଶରତ ରାସ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ।

**ଡକାୟତି ଯୋଜନା କରୁଥିଲେ, ଉଠାଇ ନେଲା ପୋଲିସ**

ବଲାଙ୍ଗୀର ଅଫିସ, ୭।୧୧: ବଲାଙ୍ଗୀର ସହର ମାଳଗୋଦାମପଡାର ୬ ଜଣ ଯୁବକଙ୍କୁ ଟାଉନ୍ ଥାନା ପୋଲିସ ସୋମବାର ସନ୍ଧ୍ୟାରେ ଉଠାଇ ନେଇଛି। ଏହି ଯୁବକମାନେ ବଡ ଧରଣର ଡକାୟତି ଯୋଜନା କରୁଥିଲେ ବୋଲି କୁହାଯାଇଛି। ସେମାନଙ୍କଠାରୁ ଖଣ୍ଡା, ଭୁଜାଲି ଭଳି ମାରଣାସ୍ତ୍ର ଜବତ କରାଯାଇଛି। ସମସ୍ତ ୬ଜଣଙ୍କୁ ଥାନାକୁ ଆଣିଲା ପରେ ଏସ୍‌ପି ନୀତିନ କୁଶଲକର ଜେରା କରିଛନ୍ତି। ଅଭିଯୁକ୍ତମାନଙ୍କଠାରୁ ମିଳିଥିବା ତଥ୍ୟ ଆଧାରରେ ସହରର ବିଭିନ୍ନ ସ୍ଥାନକୁ ନେଇ ଅଭିଯୁକ୍ତଙ୍କୁ ସ୍ପଟ୍ ଭେରିଫିକେଶନ କରାଯାଇଛି। ଅଟକ ୬ ଜଣ ବିଭିନ୍ନ ଆପରାଧିକ ଘଟଣାରେ ସମ୍ପୃକ୍ତ ଥିବା ଜଣାପଡିଛି।

# ବିରୋଧ ପୂର୍ବରୁ ୧୨ କର୍ମୀଙ୍କୁ ଉଠାଇ ନେଲା ପୋଲିସ



## ମୁଖ୍ୟମନ୍ତ୍ରୀଙ୍କୁ ଛାତ୍ର କଂଗ୍ରେସର ଟାର୍ଗେଟ

ଭୁବନେଶ୍ୱର,୭।୧୧(ବ୍ୟୁରୋ)

ପୁରୀ ଜିଲା ଗୋପ ବ୍ଲକ୍‌ର ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁ ଆତ୍ମହତ୍ୟା ମାମଲାକୁ ନେଇ ଛାତ୍ର କଂଗ୍ରେସ ମୁଖ୍ୟମନ୍ତ୍ରୀଙ୍କୁ ଟାର୍ଗେଟ କରିଛି। ସୋମବାର ମୁଖ୍ୟମନ୍ତ୍ରୀ ଏକ କାର୍ଯ୍ୟକ୍ରମକୁ ଯୋଗ ଦେବାକୁ ଯିବାବେଳେ କେଶରୀ ହଲ୍ ନିକଟରେ ଛାତ୍ର କଂଗ୍ରେସ ପକ୍ଷରୁ ବିରୋଧ ପ୍ରଦର୍ଶନ ପାଇଁ ଉଦ୍ୟମ କରାଯାଇଥିଲା। କିନ୍ତୁ ବିରୋଧ ପୂର୍ବରୁ ପୋଲିସ ସେମାନଙ୍କୁ ଉଠାଇ ନେଇଥିଲା। ୧୨ଜଣ ଛାତ୍ର କଂଗ୍ରେସ କର୍ମୀଙ୍କୁ କ୍ୟାପିଟାଲ ଥାନାରେ ଅଟକ ରଖାଯିବା ପରେ ଛାଡ଼ିଦିଆଯାଇଥିଲା। ତେବେ ଏହାକୁ ନେଇ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଛନ୍ତି, ଧର୍ମେନ୍ଦ୍ର ଆତ୍ମହତ୍ୟା ମାମଲାରେ ମନ୍ତ୍ରୀ ସମୀର ରଞ୍ଜନ ଦାସଙ୍କ ନାଁ ସାମ୍ନାକୁ ଆସୁଥିଲେ ମଧ୍ୟ ଏଯାବତ ତାଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉନାହିଁ। ସବୁ ପ୍ରମାଣ ଥାଇ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ। ହେଲେ ଯେଉଁମାନେ ଏହାର ପ୍ରତିବାଦ କରୁଛନ୍ତି ପୋଲିସ ତାଙ୍କ ବିରୋଧରେ ଆକ୍ରୋଶମୂଳକ ଭାବେ ୩୦୭ ଦଫା ଲଗାଇ କଣ୍ଠରୋଧ କରି ଘଟଣାକୁ ଚାପି ଦେବାକୁ ବସିଛି, ଯାହା ଅତ୍ୟନ୍ତ ନିନ୍ଦନୀୟ। ଛାତ୍ରଙ୍କୁ ଏଭଳି ଡରାଇବା କୌଣସି ମତେ ଠିକ ନୁହେଁ।ଏହାର ଜବାବ ଛାତ୍ର କଂଗ୍ରେସ ନିହାତି ଭାବରେ ଦେବ ବୋଲି ୟାସିର ଚେତାବନୀ ଦେଇ କହିଛନ୍ତି ।

ଛାତ୍ର କଂଗ୍ରେସର ଅଭିଯୋଗ ଅନୁଯାୟୀ, ଧର୍ମେନ୍ଦ୍ରଙ୍କ ମୃତ୍ୟୁ ପରେ ତାଙ୍କ ଟେଲିଫୋନ୍ ବାର୍ତ୍ତାଳାପ ଭାଇରାଲ ହୋଇଥିଲା। ସେ ତାଙ୍କ ମୃତ୍ୟୁ ପାଇଁ ୭ ଜଣଙ୍କୁ ଦାୟୀ ରହିବେ ବୋଲି କହିବା ସହ ସେମାନଙ୍କ ମଧ୍ୟରେ ଗଣଶିକ୍ଷା ମନ୍ତ୍ରୀଙ୍କ ନାମ ମଧ୍ୟ ଉଲ୍ଲେଖ କରିଥିଲେ। ଏହାସହ ତାଙ୍କ ୨ଟି ମୋବାଇଲ ଫୋନ୍‌ରେ ସବୁ ପ୍ରମାଣ ରହିଛି। ତେଣୁ ଏହାକୁ ଲୋକଲୋଚନକୁ ଆଣିବାକୁ ସେ ତାଙ୍କ ସାଙ୍ଗଙ୍କୁ ଫୋନ୍‌ରେ କହିଥିଲେ। ହେଲେ ପୋଲିସ ହାତରେ ମୋବାଇଲ ଥିବାରୁ ପ୍ରମାଣ ନଷ୍ଟ ପାଇଁ ଚକ୍ରାନ୍ତ ଚାଲିଛି। ତେଣୁ ଏହାର ନିରପକ୍ଷ ତଦନ୍ତ ପାଇଁ ଘଟଣାରେ ହାଇକୋର୍ଟଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇଟି ତଦନ୍ତ ଓ ମନ୍ତ୍ରୀ ସମୀର ଦାଶଙ୍କୁ ବହିଷ୍କାର ସହ ଗିରଫ ଦାବିରେ ଛାତ୍ର କଂଗ୍ରେସ ଆନ୍ଦୋଳନ ଚଳାଇ ଆସୁଛି। ଗତ ଅକ୍ଟୋବର ୨୯ରେ ଛାତ୍ର କଂଗ୍ରେସ ସଭାପତି ୟାସିରଙ୍କ ନେତୃତ୍ୱରେ ନବୀନ ନିବାସ ଘେରାଉ ପାଇଁ ଯିବାବେଳେ ଫରେଷ୍ଟ ପାର୍କ ନିକଟରେ ପୋଲିସ ଅଟକାଇଥିଲା। ଏହାପରେ ଛାତ୍ର କଂଗ୍ରେସ କର୍ମୀ ଗାନ୍ଧି ମାର୍ଗସ୍ଥିତ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ କ୍ୱାର୍ଟରକୁ ଯାଇଥିଲେ। ସେଠାରେ ମଧ୍ୟ କଂଗ୍ରେସ କର୍ମୀଙ୍କୁ ପୋଲିସ ପୁଣି ରୋକିବାକୁ ଚେଷ୍ଟା କରିବାରୁ ଧସ୍ତାଧସ୍ତି ଓ ଅଣ୍ଡାମାଡ଼ ହୋଇଥିଲା। ଏହି ଘଟଣାକୁ ନେଇ ପୋଲିସ କେତେଜଣ ଛାତ୍ର କଂଗ୍ରେସ କର୍ମୀଙ୍କ ବିରୋଧରେ ୩୦୭ ଦଫା ଲଗାଇଛି। ଏହି ମାମଲା ଉଠାଇବା ସହ ମନ୍ତ୍ରୀଙ୍କୁ ଗିରଫ ଦାବିରେ ଚୁପ୍ ରହୁଥିବା ମୁଖ୍ୟମନ୍ତ୍ରୀଙ୍କୁ ବିରୋଧ କରିଛି ଛାତ୍ର କଂଗ୍ରେସ।

# 'ମୋତେ ପଢ଼ିବାକୁ ଦିଆଯାଉ'

## ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ରାଗିଂର ଶିକାର ଛାତ୍ରୀ

ଭୁବନେଶ୍ୱର, ୭।୧୧(ବ୍ୟୁରୋ)

'ମୋତେ କଲେଜରେ ରହି ପଢ଼ିବାକୁ ଦିଆଯାଉ। ନ୍ୟାୟ ମିଳୁ। ନଚେତ ମୋତେ ଆତ୍ମହତ୍ୟା କରିବାକୁ ଅନୁମତି ଦିଆଯାଉ।' ରାଗିଂ ଅଭିଯୋଗ ଆଣିଥିବା ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ୩ ଦ୍ୱିତୀୟ ବର୍ଷ ଛାତ୍ରୀ ରୋଜାଲିନ ବିଶ୍ୱାଳ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଏପରି ଅନୁରୋଧ କରିଛନ୍ତି। ଘଟଣାକୁ ୭ଦିନ ବିତିଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ପୀଡ଼ିତାଙ୍କୁ ନ୍ୟାୟ ଦେବା ପରିବର୍ତ୍ତେ ପୋଲିସ ତାଙ୍କୁ ଜୋର ଜବରଦସ୍ତ ହଷ୍ଟେଲରୁ ବିଦା କରିଦେଇଛି। କଲେଜ କର୍ତ୍ତୃପକ୍ଷ, ପୋଲିସ ଏବଂ ଗଣଶିକ୍ଷା ମନ୍ତ୍ରୀ ମିଳିମିଶି ଷଡ଼ଯନ୍ତ୍ର କରୁଥିବା ଉତ୍କଳ ଷ୍ଟୁଡେଣ୍ଟସ ଆସୋସିଏଶନ କହିଛି। ସୋମବାର ସାମ୍ବାଦିକ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଗିଂ ଶିକାର ଛାତ୍ରୀଙ୍କ ଉପସ୍ଥିତିରେ ଆସୋସିଏଶନ ଏଭଳି ଅଭିଯୋଗ ଆଣିଛି। ଏପରି କି ପୀଡ଼ିତା ନ୍ୟାୟ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଥିବା ସମ୍ପର୍କରେ ସୂଚନା ଦିଆଯାଇଛି। ଆସୋସିଏଶନ ଅଧକ୍ଷ ସୌମ୍ୟ ରଞ୍ଜନ ସାମଲ କହିଛନ୍ତି, ମହିଳା ସୁରକ୍ଷା କେବଳ ନାରାରେ ରହିଯାଇଛି। ସରକାର ରାଗିଂ ଫ୍ରି ପାଇଁ ଏତେ ଟଙ୍କା ଖର୍ଚ୍ଚ କରୁଛନ୍ତି, କିନ୍ତୁ ଝିଅଟିଏ ରାଗିଂର ଶିକାର ହେଲା ପରେ ତାଙ୍କୁ ସୁରକ୍ଷା ନାହିଁ। ପୋଲିସ ପ୍ରଶାସନ ଚାହୁଁଛି ରୁଚିକା ପରି ରୋଜାଲିନ ମଧ୍ୟ ଜୀବନ ହାରିଦେଉ। କିଏ ସେହି ରାଗିଂ କରିଥିବା ୪ଜଣ ବାହୁବଳୀ ଯୁବକ, ଯାହାଙ୍କୁ ସୁରକ୍ଷା ଦେବାକୁ ସମସ୍ତେ ଲାଗିପଡ଼ିଛନ୍ତି। ମୁଖ୍ୟମନ୍ତ୍ରୀ ଏହା ଉପରେ ହସ୍ତକ୍ଷେପ କରି ତୁରନ୍ତ ପୀଡ଼ିତାଙ୍କୁ ନ୍ୟାୟ ଦିଅନ୍ତୁ। ନଚେତ ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ, ଗୃହ ମନ୍ତ୍ରୀଙ୍କ ବାସଭବନ ଘେରାଉ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

ରୋଜାଲିନ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, କଲେଜ ହଷ୍ଟେଲରେ ୩ ମାସ ଧରି ତାଙ୍କ ଉପରେ ରାଗିଂ କରାଯାଉଥିଲା। କଲେଜର କେତେଜଣ ସିନିୟର ଛାତ୍ରୀ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ଏ ସମ୍ପର୍କରେ ବାରମ୍ବାର ହଷ୍ଟେଲ ୱାର୍ଡେନଙ୍କୁ ଅବଗତ କରାଇଥିଲେ ମଧ୍ୟ କିଛି କାର୍ଯ୍ୟାନୁଷ୍ଠାନ ହେଲା ନାହିଁ। ଫଳରେ ଅଭିଯୋଗ କରିଥିବାରୁ ସମ୍ପୃକ୍ତ ସିନିୟର ଛାତ୍ରୀଙ୍କ ୪ ପୁରୁଷ ବନ୍ଧୁ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଏସିଡ୍ ପକାଇ ମାରିଦେବାକୁ ଧମକ ଦେଇଥିଲେ। ଗତ ଅକ୍ଟୋବର ୩୦ ସନ୍ଧ୍ୟାରେ ନିର୍ଯାତନା ଅସହ୍ୟ ହେବାରୁ ଘଟଣା ସମ୍ପର୍କରେ ସେ ବଡ଼ ଭଉଣୀଙ୍କୁ ଜଣାଇଥିଲେ। ଏଥିସହ ନିମାପଡ଼ା ଥାନାରେ ଘଟଣା ସଂକ୍ରାନ୍ତରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ଏପର୍ଯ୍ୟନ୍ତ କୌଣସି ସମାଧାନ କରିନାହିଁ। ଆସନ୍ତା ୧୨ ତାରିଖରେ ପରୀକ୍ଷା ଅଛି, କଲେଜ କର୍ତ୍ତୃପକ୍ଷ ହଷ୍ଟେଲରେ ଥିବା ପଢ଼ାବହି ଓ ଅନ୍ୟାନ୍ୟ ଜିନିଷପତ୍ର ଦେଉ ନ ଥିଲେ। ଗତ ୫ ତାରିଖରେ ଗଣଶିକ୍ଷା ମନ୍ତ୍ରୀଙ୍କୁ ଭେଟିବା ପରେ ସେ ଥାନାକୁ ଯିବାକୁ କହିଥିଲେ। ପୋଲିସ ପ୍ରିନ୍ସିପାଲଙ୍କ ସହିତ ଆଲୋଚନା କରିବା ପରିବର୍ତ୍ତେ ହଷ୍ଟେଲରୁ ଜିନିଷପତ୍ର ନେଇଯିବାକୁ ବାଧ କରିଥିଲେ। କଲେଜ କର୍ତ୍ତୃପକ୍ଷ, ପୋଲିସ ପ୍ରଶାସନ ଓ ମନ୍ତ୍ରୀ ସମ୍ପୃକ୍ତ ୪ଜଣ ପୁଅଙ୍କ ବିରୋଧରେ କେସ୍ ନ କରି ନିର୍ଯାତନା ଦେଉଥିବା ସିନିୟର ଝିଅଙ୍କ ସହିତ ସମାଧାନ କରିବାକୁ ବାଧ କରୁଛନ୍ତି। ସମାଧାନ ନ କଲେ କଲେଜରେ ପ୍ରବେଶ କରାଇ ଦେବେନି ବୋଲି ଧମକ ଦେଉଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରି ତାଙ୍କ ପାଠପଢ଼ା ଲାଗି ବ୍ୟବସ୍ଥା କରିବାକୁ ରୋଜାଲିନ ଅନୁରୋଧ କରିଛନ୍ତି।



ଭୁବନେଶ୍ୱରସ୍ଥିତ ଉତ୍କଳ ଦୃଷ୍ଟିହୀନ ମହାସଂଘ କାର୍ଯ୍ୟାଳୟଠାରେ ପୂର୍ବତନ କଂଗ୍ରେସ ନେତା ସ୍ୱର୍ଗତ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ଷଷ୍ଠ ଶ୍ରାଦ୍ଧବାର୍ଷିକୀ ସ୍ମୃତିସଭାରେ ଉପସ୍ଥିତ ଅତିଥିମାନେ।

## ୨.୫ ଲକ୍ଷ ଫେରାଇ ଆଣିଲା ସାଇବର ଥାନା

ଭୁବନେଶ୍ୱର, ୭।୧୧ (ବ୍ୟୁରୋ): ଭୁବନେଶ୍ୱର ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ଥାନା ପୋଲିସ ଜଣେ ବ୍ୟକ୍ତିଙ୍କଠାରୁ ଠକେଇ ହୋଇଥିବା ମୋଟ ୨ ଲକ୍ଷ ୫୦ ହଜାର ୧୧୧ ଟଙ୍କା ସାଇବର ଠକଙ୍କଠାରୁ ଫେରାଇ ଆଣିଛି। ଏନେଇ ସୋମବାର ଭୁବନେଶ୍ୱର ଡିସିପି ଅଫିସ ପକ୍ଷରୁ ସୋସିଆଲ ମିଡିଆରେ ସୂଚନା ଦିଆଯାଇଛି। ବାଲିପାଟଣା ଥାନା ଅଞ୍ଚଳର ମାନସ ରଞ୍ଜନ ଷଡ଼ଙ୍ଗୀ ୟୋନୋ ଆପ୍ ଜରିଆରେ ପାନ୍ ନମ୍ବର ଅପଡେଟ କରିବାକୁ ପ୍ରୟାସ କରୁଥିବା ବେଳେ ୩ ଦିନ ତଳେ ସାଇବର ଠକେଇର ଶିକାର ହୋଇଥିଲେ।

# ଅନୁପ ସାଏଙ୍କୁ ଆଶ୍ୱସ୍ତି

## ତଳ କୋର୍ଟ ରାୟ ଉପରେ ହାଇକୋର୍ଟଙ୍କ ରହିତାଦେଶ

ଝାରସୁଗୁଡ଼ା ଅଫିସ,୭।୧୧



ବହୁଚର୍ଚ୍ଚିତ କଳ୍ପନା ଦାଶ ଓ ଝିଅ ବବ୍‌ଲି ଦାଶଙ୍କ ହତ୍ୟା ମାମଲାରେ ବ୍ରଜରାଜନଗର ପୂର୍ବତନ ବିଧାୟକ ଅନୁପ ସାଏଙ୍କୁ ଛତିଶଗଡ ବିଲାସପୁର ହାଇକୋର୍ଟ ଗତ ଗୁରୁବାର ଜାମିନ ଦେଇଥିଲେ। ହାଇକୋର୍ଟ ଜଷ୍ଟିସ୍ ସଞ୍ଜୟ କୁମାର ଅଗ୍ରୱାଲ ଓ ଦୀପକ କୁମାର ତିୱାରୀଙ୍କୁ ନେଇ ଗଠିତ ୨ଜଣିଆ ବେଞ୍ଚ ଏହାର ରାୟ ଶୁଣାଣି କରିଛନ୍ତି। ଅନୁପଙ୍କ ପକ୍ଷରୁ ହାଇକୋର୍ଟରେ ବରିଷ୍ଠ ଆଇନଜୀବୀ ଅଭିଷେକ ସିହ୍ନା, ସମର୍ଥ ସିଂହ ମାରହାସ ଓ ଶ୍ରୀୟା ଜୟସ୍ୱାଲ ସାକ୍ଷ୍ୟପ୍ରମାଣ ସହିତ ସୁପ୍ରିମକୋର୍ଟଙ୍କ କେତେକ ମାମଲାର ରାୟ କୋର୍ଟରେ ଉପସ୍ଥାପନ କରିଥିଲେ। ଏସବୁ ବିଚାରକୁ ନେଇ କୋର୍ଟ ରାୟ ପ୍ରକାଶ କରି ଅନୁପଙ୍କୁ ଜାମିନ ମଞ୍ଜୁର କରିଛନ୍ତି। ୪ଦିନ ପରେ ସୋମବାର ହାଇକୋର୍ଟଙ୍କ ରାୟ ବିଧିବଦ୍ଧ ଭାବେ ପ୍ରକାଶ ପାଇଛି। ଏହି ରାୟରେ ତଳକୋର୍ଟ ଜାରି କରିଥିବା ସମସ୍ତ ଦଣ୍ଡାଦେଶ ଉପରେ ହାଇକୋର୍ଟ ରହିତାଦେଶ ଜାରି କରିଛନ୍ତି। ଜଣେ ଜାମିନଦାର ଓ ୧ଲକ୍ଷ ଟଙ୍କାର ବେଲବଣ୍ଡ ସହ ଆସନ୍ତା ୨୦ତାରିଖ ମଧ୍ୟରେ ତଳକୋର୍ଟ ରାୟଗଡରେ ଅନୁପ ହାଜର ହୋଇ ଜାମିନରେ ଯିବେ। ଏହାଛଡା ତଳକୋର୍ଟର ସମସ୍ତ ଧାର୍ଯ୍ୟ ତାରିଖରେ ସେ କୋର୍ଟରେ ହାଜର ହେବେ। ସୂଚନାଯୋଗ୍ୟ ୨୦୧୬ମସିହାରେ ଛତିଶଗଡ ଚକ୍ରଧରନଗର ଥାନା ଅଞ୍ଚଳ ରାସ୍ତାରେ ୨ ମୃତଦେହକୁ ପୋଲିସ୍ ଜବତ କରିଥିଲା। ପାରିପାର୍ଶ୍ୱିକ ସ୍ଥିତିକୁ ଆଧାରକରି ପୋଲିସ ହତ୍ୟା ମାମଲା (ନଂ.୧୫୮/୧୬) ରୁଜୁ କରି ତଦନ୍ତ ଚଳାଇଥିଲା। ତଦନ୍ତ ପରେ ଉଭୟ ମୃତଦେହ ବ୍ରଜରାଜନଗରର କଳ୍ପନା ଦାଶ ଓ ତାଙ୍କ ନାବାଳିକା ଝିଅ ବବ୍‌ଲି ଦାଶଙ୍କର ବୋଲି ଜଣାପଡିଥିଲା। ଏହି ମାମଲାରେ ଦୀର୍ଘ ୪ବର୍ଷ ପରେ ୨୦୨୦ ଫେବୃଆରୀ ୧୩ରେ ପୋଲିସ ପୂର୍ବତନ ବିଧାୟକ ଅନୁପ ସାଏ ଓ ତାଙ୍କ ଡ୍ରାଇଭର ବର୍ଦ୍ଧନ ଟପ୍ପୋଙ୍କୁ ଗିରଫକରି ରାୟଗଡ ଜେଲ୍ ହାଜତକୁ ପଠାଇ ଦେଇଥିଲା। ରାୟଗଡ କୋର୍ଟରେ ଏହାର ବିଚାର ଚାଲିଥିବାବେଳେ ବର୍ଦ୍ଧନ ଟପ୍ପୋଙ୍କୁ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଥିଲେ। କୋର୍ଟରେ ମାମଲାର ବିଚାର ଚାଲିଥିବାବେଳେ ଗତ ଏପ୍ରିଲ ୨ତାରିଖରେ ଜିଲା ଦୌରାଜଜ୍ ଅନୁପଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଥିଲେ। ଏହାକୁ ନେଇ ଅନୁପ ଛତିଶଗଡର ବିଳାସପୁର ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ।

**DIRECTORATE OF GROUND WATER DEVELOPMENT, ODISHA**
**OFFICE OF THE DEPUTY DIRECTOR, GWD DIVISION - II, BHUBANESWAR**
A/2, Unit - V, Bhubaneswar, [e-mail: srgeologistrsbbsr@gmail.com]

**INVITATION FOR BIDS (IFB)**
e-Procurement Notice: Date:
Bid Identification No. 02/GWRSD/ARUA/2022-23
(Single Envelope Bidding Process)

No. A-698: Deputy Director, Geology, GWD Division-II, Plot - A/2, Unit - V, Bhubaneswar on behalf of Governor of Odisha invites bids from bidders Class "D" and above registered with the State Governments and bidders of equivalent Grade/Class registered with Central Government/ MES/Railways for the construction of works following work.
Bids must be submitted online on or before **22.11.2022 at 12.00 hrs.** IST (System server time). Proposals will be opened online on **22.11.2022, at 13.00 hours**. In the event of the date specified for proposal opening being declared as a closed holiday for the purchaser's office, the due date for opening of bid will be the following working day at the appointed time. Details of the tender will be available in the procurement portal **'www.tendersodisha.gov.in'**.

| Sl. No. | Description | Details |
|---|---|---|
| 1 | Name of the Work | Construction of 07 Nos. recharge shafts in Tanks/Ponds in Kakatpur Block of Puri district. |
| 2 | Start Date of availability of bid document Online (bid download) | 11.11.2022 from 11.00 hrs. |
| 3 | Last date of availability of bid document online (bid download) | 22.11.2022 upto 12.00 hrs. |
| 4 | Last date and time for receipt of bid document (Bid submission end date & time) | 22.11.2022 at 12.00 hrs. |
| 5 | Date & time of opening of bid document (bid opening date) | 22.11.2022 at 13.00 hrs. |

Sd./- Deputy Director, Geology
GWD Division-II, Bhubaneswar
OIPR-32469/11/0003/2223

**OFFICE OF THE PANCHAYAT SAMITI, KALIMELA**
At/Po-Kalimela,Dist: Malkangiri, PIN-764047 (ODISHA) Ph No: 06850-272217, E-mail:ori-kalimela@nic.in
No.4057/IX-38/2022 Date:04.11.2022

**TENDER CALL NOTICE No.05 / 2022-23**

**No.i-124:**The Block Development Officer, Kalimela invites sealed tenders on behalf of Governor of Odisha from Original equipment manufacturers (OEM)/Authorized dealers/ reputed firms/ companies/ agencies for the following work eventually to be drawn up in the P.W.D. F-2 forms in conformity with the Detailed Tender Call Notice.

| Sl. No. | Name of the G.P. | Name of the Work | Amount Put to Tender (in Rs.) | Cost of Tender Paper including GST @ 18% (in Rs.) | E.M.D. (in Rs.) (1%) | Work Completion Period |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Kalimela | Chicken Hatching and Brooding Unit at Kalimela | 6,36,540.00 | 4720/- | In lieu of Bid Security Declaration | 03 (Three) Months |

Sale of tender paper: The tender documents can be seen from the Govt. website www. malkangiri.nic.in. only from 09.11.2022 to 23.11.2022. No Tender paper will be sold by the Block office, Kalimela or any other offices. Interested bidders will download the bid documents from the same website only i.e. www.malkangiri.nic.in.
**Place and date of receipt of tender Paper :**Panchayat Samiti, Kalimela, 09.11.2022 to 23.11.2022 through Registered/Speed post only (office hour from 10.00 AM to 5.00 PM, Except Sunday and public holidays).
**Place and date of opening of tender paper :**O/o. the Panchayat Samiti, Kalimela on dt. 24.11.2022 at 12.00 Noon. Mode of receipt of tender paper :Registered Post/Speed Post only.
**Name of the Scheme :**SCA for the year 2021-22.
The authority reserves the right to reject any or all of the tenders without assigning any reasons thereof. The detailed information/corrigendum on Tender call notice can be available in the District website http//www. malkangiri.nic.in only.
***N.B: All Should go through the terms and conditions of Tender call Notice and Detail Tender call notice before submission of Tender papers.***
OIPR-19252/11/0005/2223 **Sd./- Block Development Officer, Kalimela**

**ODISHA UNIVERSITY OF TECHNOLOGY AND RESEARCH**
**(Formerly College of Engineering & Technology, Bhubaneswar)**
**Techno Campus, Ghatikia, Mahalaxmi Vihar, Bhubaneswar - 751029, www.cet.ac.in**
**No. 3578/OUTR** **Date: 05.11.2022**

**SHORT TENDER CALL NOTICE**

No. KK-229: Sealed tenders are invited under two bid systems from Registered Firms /Agencies for 36 Hours Event Management of Smart Odisha Hackthon-2022 on 30th November and 1st December 2022 at our University. The details of event management and the bid details with terms and conditions are to be downloaded from the website **www.cet.edu.in**. The sealed tender will be received by Speed Post/ Registered Post /Courier only. No hand delivery will be accepted. The authority will not be held responsible for any delay in receipt of the tender. Tender received after the scheduled date and time will not be considered. The last date of submission of tender is **18.11.2022 (up to 4.00 P.M.)** and those will be opened on **19.11.2022 at 11.30 A.M.** in the office of the Officer on Special Duty, Odisha University of Technology and Research, Bhubaneswar in the presence of bidders and/or their nominees. The authority reserves the right to reject/cancel the tenders in whole or in part without assigning any reason thereof.

**Sd./- OFFICER ON SPECIAL DUTY**
**OIPR-16005/11/0039/2223**

**GOVERNMENT OF ODISHA** **No. A-695**
**DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER, MANJORE IRRIGATION DIVISION, ATHMALLIK, DIST.: ANGUL (ODISHA), PIN - 759125**
**e-mail ID: ee.manjore@gmail.com**

**Government of Orissa "e" Procurement Notice**
**Bid Identification No. EEMID No. 04/2022-23 Dated: 07.11.2022**

| | | | |
|---|---|---|---|
| 1 | Number of Works | : | Total 12 (Twelve) Nos. of Works |
| 2 | Estimated Cost | : | Rs.10.10 to Rs.41.97 lakh |
| 3 | EMD | : | Bid Security declaration to be furnished as per Annexure - VIII of Chapter 8 of Technical Bid Document |
| 4 | Tender Paper Cost | : | Rs.6000/- |
| 5 | Period of Completion | : | 90 days |
| 6 | Date & Time of availability of Bid documents in portal | : | 10.00 A.M. of 12.11.2022 |
| 7 | Last date/time for receipt of bids in the portal | : | 5.00 P.M. of 21.11.2022 |
| 8 | Date of Opening of Bid | : | 11.00 A.M. of 22.11.2022 |
| 9 | Date, time & place for finalization of tender through transparent lottery process if required | : | 29.11.2022 at 11.00 A.M. in the O/o. the Executive Engineer, Manjore Irrigation Division, Athmallik |
| 10 | Name and address of the Officer Inviting Bid | : | Executive Engineer, Manjore Irrigation Division, Athmallik |

Further details can be seen from the e-procurement portal **"http//tendrsorissa.gov.in**.
**Sd./- Executive Engineer**
**Manjore Irrigation Division, Athmallik**
**OIPR-32198/11/0001/2223**

**OFFICE OF THE MUNICIPAL COUNCIL, NAYAGARH**
**Tender Call Notice No. 4984** **Dt.07.11.2022**

No. C-1528: The Executive Officer on behalf of **Office of the Municipal Council, Nayagarh** invites Percentage Rate Bids in conformity with Detailed Tender Call Notice (DTCN) for 24 (Twenty Four) Nos. of Road/Drain/Other Works from Registered contractors of Govt. of Odisha as mentioned below. The tender documents for the works will be available from the office of the undersigned during office hour from **Dt.10.11.2022 to Dt.19.11.2022** excluding Govt. holidays on payment of tender paper cost. The tenderer should deposit tender paper cost as specified in shape of duly NSC/TDR/KVP/Postal Saving Passbook duly pledged in favour of the Executive Officer, Nayagarh Municipality/Money Receipt of Nayagarh Municipality. The contractor should have experience in execution of similar nature works. They should furnish attested photo copies of (i) Valid contractor licence, (ii) PAN Card, (iii) GST Clearance, (iv) Affidavit about the authentication of tender documents along with tender documents. The last date of form selling is **Dt.19.11.2022 upto 5.00 P.M.** and submission of tender paper in Tender Box/Regisered Box on **Dt.22.11.2022 upto 5.00 P.M.** and will be opened on **Dt.23.11.2022 at 12.00 P.M.** by the tender committee in presence of the tenderers or their authorized representatives. All other relevant information can be had from the office of the undersigned. The authority reserves the right to reject any or all tenders without assigning any reason thereof.

| Sl. No. | Name of the Work | Estimated Amount Excluding 12% GST in "Rs." | EMD | Cost of Tender Documents in "Rs." | Class of Contractors | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 01 | Construction of road by the side of Sonalika Tractor Showroom in Ward No. 01 | 1,68,860/- | Declaration | 600/- | D & C | 90 Days |
| 02 | Improvement of Road near Lali Pattnaik & Aditya Sir House in Ward No. 01 | 1,18,192/- | Declaration | 600/- | D & C | 90 Days |
| 03 | Construction of Road near Bibhuti Mohanty House in Ward No. 01 | 1,68,949/- | Declaration | 600/- | D & C | 90 Days |
| 04 | Construction of Retaining Wall near Purna Chandra Mahapatra in Ward No. 02 | 1,68,683/- | Declaration | 600/- | D & C | 90 Days |
| 05 | Construction of RCC Drain near Backside of Chhatia Sahu House in Ward No. 02 of Nayagarh Municipality | 1,69,142/- | Declaration | 600/- | D & C | 90 Days |
| 06 | Construction of CC Road from Rabindra Das Res. to Aparti Babu House in Ward No. 03 (Lokanath Nagar) | 1,36,831/- | Declaration | 600/- | D & C | 90 Days |
| 07 | Improvement of Sarita Vihar Road in Ward No. 03 | 1,69,163/- | Declaration | 600/- | D & C | 90 Days |
| 08 | Improvement of Ambika Villa Road in Ward No. 03 | 1,69,163/- | Declaration | 600/- | D & C | 90 Days |
| 09 | Construction of Road near Gopinath Sethi Res. in Ward No. 12 of Soubhagya Manjari Lane | 1,69,124/- | Declaration | 600/- | D & C | 90 Days |
| 10 | Construction of Cover Slab over Drain at Soubhagya Manjari lane in Ward No. 12 | 1,14,318/- | Declaration | 600/- | D & C | 90 Days |
| 11 | Construction of Road from Ramkrushna Pattnaik Res. to Manorama Dei Res. in Ward No. 12 | 1,68,931/- | Declaration | 600/- | D & C | 90 Days |
| 12 | Consruction of Road near Brundabana Parija House in Ward No. 13 | 1,01,864/- | Declaration | 600/- | D & C | 90 Days |
| 13 | Construction of Road at Achyut Nagar Lane - 01 in Ward No. 13 | 1,31,588/- | Declaration | 600/- | D & C | 90 Days |
| 14 | Construction of Road at Achyut Nagar Lane - 02 in Ward No. 13 | 1,69,191/- | Declaration | 600/- | D & C | 90 Days |
| 15 | Construction of Road at Achyut Nagar Lane - 03 in Ward No. 13 | 1,28,119/- | Declaration | 600/- | D & C | 90 Days |
| 16 | Construction of Road near Soudamini Swain house in Ward No. 14 | 1,69,274/- | Declaration | 600/- | D & C | 90 Days |
| 17 | Renovation work & Periphery development of Sidheswari Kalyan Mandap in Ward No. 14 | 1,68,693/- | Declaration | 600/- | D & C | 90 Days |
| 18 | Construction of Boundary Wall near Sidheswari Kalyan Mandap in Ward No. 14 | 1,67,985/- | Declaration | 600/- | D & C | 90 Days |
| 19 | Fixing of Grills on Boundary Wall near Sidheswari Kalyan Mandap in Ward No. 14 | 1,10,500/- | Declaration | 600/- | D & C | 90 Days |
| 20 | Construction of Road near Srikant Pattnaik House in Ward No. 16 | 1,67,985/- | Declaration | 600/- | D & C | 90 Days |
| 21 | Construction of Road near Prasanna Sahu House in Ward No. 16 | 1,01,781/- | Declaration | 600/- | D & C | 90 Days |
| 22 | Construction of Road near Ram Chandra Dakua house in Ward No. 16 | 1,68,860/- | Declaration | 600/- | D & C | 90 Days |
| 23 | Construction of RCC Drain near Bhagirathi Sarangi house of Nayagarh Municipality | 1,44,189/- | Declaration | 600/- | D & C | 90 Days |
| 24 | Construction of RCC Drain near Udayanath Mishra House of Nayagarh Municipality | 1,68,693/- | Declaration | 600/- | D & C | 90 Days |

**Sd./- Executive Officer, Nayagarh Municipality**
**OIPR-13134/11/0015/2223**

See Career Appointment on every Wednesday & Saturday

**ODISHA PUBLIC SERVICE COMMISSION CUTTACK**

**NOTICE**

**No.10198/P.S.C., Dt.7.11.22**
**1E-06-2022/23 (DR-III)**

**No.D-212:**The Written Examination for recruitment to the post of Odisha Education Service Officer in Group-B pursuant to Advt. No.15 of 2021-22 will be held on **26.11.2022 & 27.11.2022** at five zones viz. Balasore, Berhampur, Bhubaneswar, Cuttack & Sambalpur. The Programme of examination is indicated below :

**TIME TABLE**

| Date | 1st Session | 2nd Session |
|---|---|---|
| 26.11.2022 | ---------------- | **General English (Descriptive Type)** 2.30 P.M. to 4.30 P.M. (2.30 P.M. to 5.10 P.M. for PwD Candidates) |
| 27.11.2022 | **General Knowledge** **Objective Type (OMR based)** (10.00 A.M. to 12.00 Noon) (10.00 A.M. to 12.40 P.M. for PwD Candidates) | **Education** **Objective Type (OMR based)** (2.00 P.M. to 4.00 P.M.) (2.00 P.M. to 4.40 P.M. for PwD Candidates) |

**CENTRE LIST**

| Sl. No. | Name of the Zones | | Name of the Centres | No. of Candidates allotted |
|---|---|---|---|---|
| 1. | BALASORE | (i) | Srinix College of Engineering, Ranipatana, Balasore. | 400 |
| | | (ii) | Govt. I.T.I., Angar Gadia, O.T. Road, Balasore. | 500 |
| | | (iii) | Public Govt. High School, Balasore. | 311 |
| 2. | BERHAMPUR | (i) | Sashi Bhusan Rath (SBR), Govt. Women's (Auto) College, Berhampur, Ganjam. | 625 |
| | | (ii) | K.C. Public School, Tata Benz Square, Berhampur, Ganjam. | 408 |
| 3. | Bhubaneswar | (i) | BJB Autonomous College, Administrative Block, BBSR. | 311 |
| | | (ii) | Rajdhani Degree College, Venue-I, Baramunda, BBSR. | 450 |
| | | (iii) | Rajdhani Junior College, Venue-II, Baramunda, BBSR. | 300 |
| | | (iv) | DR Nayapalli College, Nayapalli, Bhubaneswar. | 540 |
| | | (v) | Kamala Nehru Women's College, Unit-1, BBSR. | 300 |
| | | (vi) | Saraswati Sishu Vidya Mandir, Bhimatangi, BBSR. | 650 |
| | | (vii) | St. Xaviers High School, Samantarapur. | 250 |
| | | (viii) | Saraswati Sishu Vidya Mandir, Baramunda Housing Board Colony, Bhubaneswar. | 510 |
| | | (ix) | Maa Bhubasinee Govt. High School, Samantarapur, Bhubaneswar. | 200 |
| 4. | Cuttack | (i) | Saraswati Sishu Vidya Mandir, Tulasipur, Cuttack | 480 |
| | | (ii) | Saraswati Sishu Vidya Mandir, College Square, Cuttack | 480 |
| | | (iii) | Saraswati Sishu Vidya Mandir, Potapokhari, Nayabazar, Cuttack | 489 |
| 5. | SAMBALPUR | (i) | Govt. Women's College, Sambalpur, Motijharan, Near Bhutapada Chowk | 456 |
| | | (ii) | Dr. P.M. Institute of Advance Study in Education (B.Ed, College) At- Motijharan (Near V.S.S. Stadium), Sambalpur | 288 |
| | | (iii) | St. John's School, At- Vianeey Nagar, Dhankauda, Sambalpur | 737 |
| | | (iv) | Lady Lewis Girls High School, Sambalpur, Kunjelpada, Jhaduapada | 360 |

The Candidates are required to download the **"Admission Certificate"** & **"Instruction to Candidates"** from website of the Commission (www.opsc.gov.in.) from **19.11.2022** onwards.

The list of candidates admitted to the examination alongwith their respective Roll Numbers and examination centre allotted are available in the website of Commission (www.opsc.gov.in.) from 19.11.2022 onwards.

**OIPR- 12002/11/0196/2223** **Sd./- Secretary**



ପ୍ରୋ କବାଡ଼ି ଲିଗ୍‌ରେ ସୋମବାର ଜୟପୁର ପିଙ୍କ୍ ପାନ୍ଥର୍ସ ଓ ୟୁ. ମୁମ୍ବା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ପିଙ୍କ୍ ପାନ୍ଥର୍ସର ସଂଘର୍ଷପୂର୍ଣ୍ଣ ବିଜୟ

**ପୁଣେ, ୭।୧୧ (ପି.ଟି.)**

ପ୍ରୋ-କବାଡ଼ି ଲିଗ୍‌ରେ ସୋମବାର ଜୟପୁର ପିଙ୍କ୍ ପାନ୍ଥର୍ସ ସଂଘର୍ଷପୂର୍ଣ୍ଣ ବିଜୟ ହାସଲ କରିଛି। ଦଳ ୟୁ. ମୁମ୍ବାକୁ ୪୨-୩୯ରେ ପରାସ୍ତ କରିଛି। ରେଡର ଅର୍ଜୁନ ଦେଶୱାଲ ୧୫ ରେଡ୍ ପଏଣ୍ଟ ଓ ଅଙ୍କୁଶଙ୍କ ୫ ଟ୍ୟାକଲ ପଏଣ୍ଟ ସହାୟତାରେ ପିଙ୍କ୍ ପାନ୍ଥର୍ସ ଦଳ ଏହି ମ୍ୟାଚ ଜିତିଥିଲା। ପ୍ରଥମାର୍ଦ୍ଧ ଖେଳ ଉତ୍ତେଜନାପୂର୍ଣ୍ଣ ଥିଲା। ଓପନିଂ ମିନିଟ୍‌ରେ ସୁରିନ୍ଦର ସିଂ, ରିଙ୍କୁ ଓ ଜୟ ଭାଗବାନଙ୍କ ଉପରେ ଦେଶୱାଲଙ୍କ ସୁପର ରେଡ୍ ୟୁ ମୁମ୍ବା ଦଳକୁ ଚାପରେ ରଖିଥିଲା। ପିଙ୍କ୍ ପାନ୍ଥର୍ସ ଦଳ ଶୀଘ୍ର ପ୍ରଥମ ଅଲ୍ ଆଉଟ କରିବାରେ ସଫଳ ରହି ୯-୧ରେ ଅଗ୍ରଣୀ ଲାଭ କରିଥିଲେ। କିନ୍ତୁ ପ୍ରଥମମାର୍ଦ୍ଧ ଖେଳ ଆଉ ଅଳ୍ପ ସମୟ ବାକିଥିବା ବେଳେ ଅଙ୍କୁଶ, ରାହୁଲ ଚୌଧାରୀ ଓ ସାହୁଲ କୁମାରଙ୍କ ଉପରେ ହିଦାରାଲି ଇକ୍ରାମିଙ୍କ ଏକ ସୁପର ରେଡ୍ ସହ ୟୁ ମୁମ୍ବା ମ୍ୟାଚରେ ଲମ୍ବୁଆ ପ୍ରତ୍ୟାବର୍ତ୍ତନ କରିଥିଲା। ଦଳ ପ୍ରଥମ ଅଲ୍ ଆଉଟ କରି ମୁକାବିଲାକୁ ୧୭-୧୭ ସ୍ତରକୁ ନେଇ ଆସିଥିଲା। କିନ୍ତୁ ମଧ୍ୟାନ୍ତର ବେଳକୁ ପିଙ୍କ୍ ପାନ୍ଥର୍ସ ୨୦-୧୯ରେ ଅଗ୍ରଣୀ ଲାଭ କରିନେଇଥିଲା। ଦ୍ୱିତୀୟାର୍ଦ୍ଧରେ ୟୁ ମୁମ୍ବା ଡିଫେଣ୍ଡରମାନେ ପ୍ରଭାବୀ ପ୍ରଦର୍ଶନ କରି ସେମାନଙ୍କ ଦଳକୁ ବିପୁଳ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟ ଅଲଆଉଟ ସହ ଦଳ ୨୭-୧୧ରେ ଅଗ୍ରଣୀ ଲାଭ କରିଥିଲା। କିନ୍ତୁ ଖେଳ ଶେଷ ହେବାକୁ ଆହୁରି ବହୁତ ସମୟ ବାକି ରହିଥିଲା। ଜୟପୁର ଆଉ ଏକ ଅଲଆଉଟ ସହ ୩୪-୩୩ରେ ଅଗ୍ରଣୀ ଲାଭ କରିଥିଲା। ସେତେବେଳେ ଖେଳ ଶେଷ ହେବାକୁ ଆଉ ମାତ୍ର ୫ ମିନିଟ ସମୟ ବାକି ରହିଥିଲା। ୟୁ ମୁମ୍ବା ମ୍ୟାଚକୁ ଫେରିବା ଲାଗି ଚେଷ୍ଟା କରି ବିଫଳ ରହିଥିଲା।

### ଷ୍ଟିଲର୍ସଙ୍କୁ ହରାଇଲା ପାଇରେଟ୍ସ

ସୋମବାର ପ୍ରୋ କବାଡ଼ି ଲିଗ୍‌ର ଅନ୍ୟଏକ ମ୍ୟାଚରେ ହରିୟାଣା ଷ୍ଟିଲର୍ସ ବିପକ୍ଷରେ ପାଟନା ପାଇରେଟ୍ସ ୪୧-୩୨ରେ ବିଜୟ ଲାଭ କରିଛି। ଦଳକୁ ଜିତାଇବାରେ ସଚିନ ଓ ମହମାଦ୍ରେଜା ଶାଦ୍‌ଲୋଇ ଚିୟାନେଶଙ୍କ ବିଶେଷ ଭୂମିକା ରହିଥିଲା। ଫର୍ମରେ ଥିବା ପାଇରେଟ୍ସ ରେଡର ସଚିନ ୧୩ ପଏଣ୍ଟ ଏବଂ ଇରାନିଆନ ଡିଫେଣ୍ଡର ୬ ପଏଣ୍ଟ ଅର୍ଜନ କରିଥିଲେ। ଷ୍ଟିଲର୍ସ ତରଫରୁ ମନଜିତ ଶ୍ରେଷ୍ଠ ପ୍ରଦର୍ଶନ କରି ୧୦ ପଏଣ୍ଟ ଅର୍ଜନ କରିଥିଲେ।

# ସୂର୍ଯ୍ୟକୁମାର ନୂଆ ମିଷ୍ଟର ୩୬୦ ଡିଗ୍ରୀ

**ନୂଆଦିଲ୍ଲୀ, ୭।୧୧(ପି.ଟି.):** ସୂର୍ଯ୍ୟକୁମାର ଯାଦବ ହେଉଛନ୍ତି ଭାରତର ନୂଆ ମିଷ୍ଟର ୩୬୦ ଡିଗ୍ରୀ। ସେ ବ୍ୟାଟିଂରେ ବିଫଳ ହେଲେ ଭାରତ ଭଲ ସ୍କୋର କରିବାକୁ ସଂଘର୍ଷ କରିବ। ମହାନ୍ ବ୍ୟାଟର ସୁନୀଲ ଗାଭାସ୍କର ଏ କଥା କହିଛନ୍ତି। ସୂର୍ଯ୍ୟକୁମାର ବର୍ତ୍ତମାନ ବିଶ୍ୱର ନମ୍ବର ୱାନ୍ ଟି୨୦ ବ୍ୟାଟର। ଟି୨୦ ବିଶ୍ୱକପ୍‌ର ପ୍ରଥମ ପଦାର୍ପଣରେ ସେ ଚମକୁଛନ୍ତି। ସୁପର ୧୨ ପର୍ଯ୍ୟାୟରେ ତାଙ୍କ ଆକର୍ଷଣୀୟ ଇନିଂସ ସହାୟତାରେ ଭାରତ ବିଶ୍ୱକପ୍ ସେମିଫାଇନାଲରେ ପ୍ରବେଶ କରିଛି। ଜିମ୍ବାୱେ ବିପକ୍ଷରେ ସେ ମାତ୍ର ୨୫ଟି ବଲ୍‌ରେ ୬୧ ରନ୍ କରି ଅପରାଜିତ ରହିଥିଲେ। ସେ ପଡ଼ିଆର ଚତୁର୍ଦ୍ଦିଗକୁ ଶଟ୍ ମାରି ରନ୍ ସଂଗ୍ରହ କରିଥିଲେ। କହିବାକୁ ଗଲେ ସେ ଏଭଳି ଜଣେ ବ୍ୟାଟ୍ସମ୍ୟାନ୍, ଯିଏ କି ୩୬୦ ଡିଗ୍ରୀ ବ୍ୟାଟିଂ କରିପାରୁଛନ୍ତି। ଏକ ସାକ୍ଷାତ୍‌କାର ବେଳେ ପୂର୍ବତନ ଅଧିନାୟକ କେ.ଏଲ୍. ରାହୁଲଙ୍କ ଉପରେ ତାଙ୍କ ମତ ଉପସ୍ଥାପନ କରି କହିଛନ୍ତି, ସୁପର-୧୨ ପର୍ଯ୍ୟାୟରେ ଭାରତର ବାଂଲାଦେଶ ଓ ଜିମ୍ବାୱେ ବିପକ୍ଷ ଶେଷ ଦୁଇ ମ୍ୟାଚ୍‌ରେ ରାହୁଲ ପଛକୁ ପଛ ଦୁଇଟି ଅର୍ଦ୍ଧଶତକ ହାସଲ କରି ଫର୍ମକୁ ଫେରିଥିବା ପରି ମନେହେଉଛନ୍ତି। ସୂର୍ଯ୍ୟକୁମାର ବିଫଳ ହେଲେ ରାହୁଲଙ୍କ ବ୍ୟାଟ୍‌ରୁ ରନ୍ ବାହାରିବା ଦରକାର। ଗାଭାସ୍କର କହିଛନ୍ତି, ତାଙ୍କ ଦୃଷ୍ଟିରେ ବର୍ତ୍ତମାନ ଦୁଇ ବ୍ୟାଟର କୋହଲି ଓ ସୂର୍ଯ୍ୟକୁମାର ଭଲ ଫର୍ମରେ ଅଛନ୍ତି। କେ.ଏଲ୍. ରାହୁଲଙ୍କଠାରୁ ଯଦି ଆଉ ଏକ ଅର୍ଦ୍ଧଶତକ ଆସେ ତା'ହେଲେ ଖୁବ୍ ଭଲ।

# ସ୍କୁଲ୍ସ ଓପନ ଚେସ୍: ଅନିଶ ଚାମ୍ପିୟନ

**ଭୁବନେଶ୍ୱର, ୭।୧୧(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ରବିବାର ଅନୁଷ୍ଠିତ ୫ମ ବନବିହାରୀ ପଟ୍ଟନାୟକ ସ୍ମାରକୀ ରାଜ୍ୟ ସ୍କୁଲ୍ସ ଓପନ ଚେସ୍‌ରେ ବଲାଙ୍ଗୀରର ଅନିଶ ଆଦିଦେବ ଚାମ୍ପିୟନ ହୋଇଛନ୍ତି। ୬ ରାଉଣ୍ଡବିଶିଷ୍ଟ ପ୍ରତିଯୋଗିତାରେ ସେ ୫.୫ ପଏଣ୍ଟ ପାଇଛନ୍ତି। ୫ ପଏଣ୍ଟ ଲେଖାଏ ପାଇ ନମସ୍ୟ ନଳିନୀ, ଶୁଭମ୍ ମହାରଣା ଓ ଅଂଶୁମାନ ପତି ଯଥାକ୍ରମେ ଦ୍ୱିତୀୟରୁ ୪ର୍ଥ ସ୍ଥାନ ପାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସାହାନା ଲେଙ୍କା, ରୁକ୍ମଣ କୁମାର ସାହୁ, ଶ୍ରେୟାସ କୁମାର ବେହୁରିଆ, ପୁଣ୍ୟଶ୍ଳୋକ ପୃଷ୍ଟି, ରିଶିତ ଦେବନାଥ ଓ ସାଇ ଅଂଶୁମାନ ସିଂ ଟପ୍-୧୦ ଫିନିଶ୍ କରିଥିଲେ। ମୁଖ୍ୟ ପୁରସ୍କାର ବ୍ୟତୀତ ୭, ୯, ୧୧, ୧୩ ବର୍ଷରୁ କମ୍ ଏବଂ ବାଳିକା ବର୍ଗରେ ଶ୍ରେଷ୍ଠ ୨ ଜଣ ଲେଖାଏ ଖେଳାଳିଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଦର୍ଶନ ଭିତ୍ତିରେ ୬ ଜଣଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ଦିଆଯାଇଥିଲା। ରାଜ୍ୟ ଗୋଇନ୍ଦା ଇନ୍‌ସ୍ପେକ୍ଟର ପ୍ରିୟଦର୍ଶିନୀ ନାୟକ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ସାଇ ବୀଣାପାଣି ଜ୍ଞାନମନ୍ଦିର ସମ୍ପାଦକ ଭବାନୀ ଶଙ୍କର ମହାପାତ୍ର, ପ୍ରଧାନ ଶିକ୍ଷୟିତ୍ରୀ ମମତା ମହାପାତ୍ର, ସ୍ୱର୍ଗତ ବନବିହାରୀଙ୍କ କନ୍ୟା ଶୁଭଲକ୍ଷ୍ମୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ପୁରସ୍କାର ସହ କୃତୀ ପ୍ରତିଯୋଗୀ।

# ଜାତୀୟ ସୁପର ୭ କ୍ରିକେଟ୍: ଓଡ଼ିଶା ଦଳ ଘୋଷିତ



କର୍ମକର୍ତ୍ତାଙ୍କ ଗହଣରେ ମନୋନୀତ ଓଡ଼ିଶା ଦଳ।

**ଭୁବନେଶ୍ୱର, ୭।୧୧ (କ୍ରୀଡ଼ା ପ୍ରତିନିଧି):** ଚଳିତ ମାସ ୧୦ରୁ ଉତ୍ତର ପ୍ରଦେଶରେ ୧୭ତମ ଜାତୀୟ ସିନିୟର ସୁପର ୭ କ୍ରିକେଟ୍ ଟୁର୍ନାମେଣ୍ଟ ଆରମ୍ଭ ହେବ। ଏଥିରେ ଭାଗନେବା ପାଇଁ ୧୩ ଜଣିଆ ଓଡ଼ିଶା ଦଳ ଘୋଷଣା କରାଯାଇଛି। ମନୋନୀତ ଦଳ ସୋମବାର ଉତ୍ତର ପ୍ରଦେଶ ଯାତ୍ରା କରିଛି। ଏହି ପ୍ରତିଯୋଗିତାରେ ୨୦ ରାଜ୍ୟ ଅଂଶଗ୍ରହଣ କରୁଛନ୍ତି। ୩ ଦିନର ପ୍ରଶିକ୍ଷଣ ପରେ ପ୍ରଦର୍ଶନଭିତ୍ତିରେ ଓଡ଼ିଶା ଦଳ ମନୋନୀତ ହୋଇଥିଲା। ଓଡ଼ିଶା ସୁପର ୭ କ୍ରିକେଟ୍ ସଂଘ ସଭାପତି ସୌଭାଗ୍ୟଲକ୍ଷ୍ମୀ ଦାସ, ସମ୍ପାଦକ ହେମନ୍ତ କୁମାର ମହାରଣା ଓ ସାମାଜିକ କର୍ମୀ ଦୀନବନ୍ଧୁ ଦାସ ଓଡ଼ିଶା ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଓଡ଼ିଶା ଦଳ: ଉପେନ୍ଦ୍ର ପ୍ରଧାନ (ଅଧିନାୟକ), ସନ୍ତୋଷ ପାତ୍ର, ମନୋଜ ଶବର, ସୁବ୍ରତ ଜେନା, ପ୍ରସାଦ ଜେନା, ଅରବିନ୍ଦ ଗୌଡ଼, ହେମନ୍ତ ଜାନି, ନରସିଂହ ତ୍ରିପାଠୀ, ରାଜେଶ ଜାନି (ଉଇକେଟ କିପର), ନରସିଂହ ନାଥ ସାହୁ, ପବିତ୍ର ଜାଲି, ମୁନା ବେହେରା, ଅର୍ଜୁନ ପଲେଇ। କୋଚ୍: ସନ୍ତୋଷ କୁମାର ଗୌଡ଼, ମ୍ୟାନେଜର: ହଟେଶ୍ୱର ଲେଙ୍କା।

## ଫୁରସତ



ପଲକ ମୁଛାଲ

# ବାହାହେଲେ ପଲକ

**ମୁମ୍ବାଇ**

ବଲିଉଡ୍ ଇଣ୍ଡଷ୍ଟ୍ରିର ଜଣାଶୁଣା ଗାୟିକା ପଲକ ମୁଛାଲ ମ୍ୟୁଜିକ୍ କମ୍ପୋଜର ତଥା ସିଙ୍ଗର ମିଥୁନଙ୍କୁ ବିବାହ କରିଛନ୍ତି। ରବିବାର ସକାଳେ ମୁମ୍ବାଇରେ ହିନ୍ଦୁ ରୀତିନୀତି ଅନୁସାରେ ସେମାନଙ୍କ ବାହାଘର ହୋଇଥିଲା। ରବିବାର ସନ୍ଧ୍ୟାରେ ସେମାନେ ରିସେପ୍ସନ୍ ପାର୍ଟିର ଆୟୋଜନ କରିଥିଲେ। ପାର୍ଟିରେ ବଲିଉଡ୍ ଓ ଟେଲି ଜଗତର ଅନେକ କଳାକାର ଯୋଗ ଦେଇଥିଲେ। ପଲକ ଓ ମିଥୁନ କିଛିଦିନ ପ୍ରେମ ସମ୍ପର୍କରେ ରହିବା ପରେ ବିବାହର ନିଷ୍ପତ୍ତି ନେଇଥିଲେ। ପଲକ ହିନ୍ଦୀ ଫିଲ୍ମ ଜଗତକୁ ଅନେକ ହିଟ୍ ଗୀତ ଭେଟି ଦେଇଥିବାବେଳେ ମିଥୁନଙ୍କର ଫ୍ୟାନ୍ ଫଲୋୟର୍ସ ମଧ୍ୟ କମ୍ ନାହାନ୍ତି।

# ଲାବ୍ ପ୍ରସ୍ତୁତ ରକ୍ତର ପ୍ରଥମ କ୍ଲିନିକାଲ ପରୀକ୍ଷା

**ଲଣ୍ଡନ**

ରକ୍ତ ଆବଶ୍ୟକ କରୁଥିବା ରୋଗୀଙ୍କୁ ବ୍ଲଡ୍ ଯୋଗାଣ ଏଣିକି ହେବ ସହଜ। ବ୍ରିଟେନ୍‌ର ବୈଜ୍ଞାନିକମାନେ ଲାବ୍‌ରେ ଲୋହିତ ରକ୍ତ କଣିକା (ରେଡ୍ ବ୍ଲଡ୍ ସେଲ୍) ତିଆରି କରିଛନ୍ତି। ଏହାର ପ୍ରଥମ କ୍ଲିନିକାଲ ଟ୍ରାଏଲ କରିବା ପାଇଁ ବୈଜ୍ଞାନିକଙ୍କ ପକ୍ଷରୁ ପ୍ରସ୍ତୁତି ମଧ୍ୟ ଆରମ୍ଭ ହୋଇଯାଇଛି। ଷ୍ଟେମ୍ ସେଲ୍ ( ମନୁଷ୍ୟର ଯେକୌଣସି ଅଙ୍ଗରେ କୋଷିକା ଭାବେ ବ୍ୟବହାର କରାଯାଇପାରୁଥିବା କୋଷିକା)କୁ ବ୍ୟବହାର କରି ଏହି ରକ୍ତ ତିଆରି କରାଯାଇଛି। ଆନିମିଆ ବା ରକ୍ତ ହୀନତା ରୋଗରେ ଆକ୍ରାନ୍ତ ରୋଗୀଙ୍କ କ୍ଷେତ୍ରରେ ଏହା ସାହାଯ୍ୟକାରୀ ହେବ। ଅନେକ ବ୍ଲଡ୍ ଗ୍ରୁପ୍ ଅଛି, ଯାହା ମିଳିବା କଷ୍ଟକର। ଦେଶରେ ମାତ୍ର ୧୦ ଜଣଙ୍କଠାରେ ଏ ପ୍ରକାର ରେୟାର୍ ବ୍ଲଡ୍ ଗ୍ରୁପ ଦେଖାଯାଏ। ଯଦି ପରୀକ୍ଷଣ ସଫଳ ହୁଏ ତେବେ ରେୟର୍ ବ୍ଲଡ୍‌ଗ୍ରୁପ୍‌ଧାରୀଙ୍କ ପାଇଁ ଏହା ଉପଯୋଗୀ ହେବ ବୋଲି ବ୍ରିଟେନ୍ ବ୍ରିଷ୍ଟୋଲ ୟୁନିଭର୍ସିଟିର ପ୍ରଫେସର୍ ଆଶଲେ ଟୋୟେ କହିଛନ୍ତି।



କେମ୍ବ୍ରିଜ୍, ବ୍ରିଷ୍ଟୋଲ ଓ ଲଣ୍ଡନର ବୈଜ୍ଞାନୀମାନେ ମିଳିତ ଭାବେ ଏନ୍ଏଚ୍ଏସ୍ ବ୍ଲଡ୍ ଆଣ୍ଡ ଟ୍ରାନ୍ସପ୍ଲାଣ୍ଟ ଲ୍ୟାବ୍‌ରେ ଷ୍ଟେମ୍ ସେଲ୍‌କୁ ବ୍ୟବହାର କରି ରେଡ୍ ବ୍ଲଡ୍ ସେଲ୍ ତିଆରି କରିଛନ୍ତି। ମନୁଷ୍ୟ ଶରୀରରେ ଫୁସ୍‌ଫୁସ୍‌ରୁ ଅମ୍ଳଜାନ ଲୋହିତ ରକ୍ତ କଣିକା ଦ୍ୱାରା ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗରେ ଯାଇଥାଏ।

୪୭୦ ଏମ୍.ଏଲ୍ ମନୁଷ୍ୟ ରକ୍ତକୁ ମ୍ୟାଗ୍ନେଟିକ୍ ବିଡ୍ସ ଜରିଆରେ ଫ୍ଲେକ୍ସିବଲ ଷ୍ଟେମ୍ ସେଲ୍‌କୁ ବାହାର କରିଦିଆଯାଇଥିଲା। ଲାବର ବାତାବରଣରେ ରହି ଷ୍ଟେମ୍ ସେଲ୍ ଅଧିକମାତ୍ରାରେ ବିକଶିତ ହେବା ଆରମ୍ଭ କରିଥିଲେ। ଲାବ୍ ବାତାବରଣରେ କିଛିଦିନ ରହିବା ପରେ ଏହି ସେଲ୍ ସବୁ ଲୋହିତ ରକ୍ତ କଣିକାରେ ପରିବର୍ତ୍ତିତ ହୋଇଥିଲେ। ପ୍ରସ୍ତୁତ ବ୍ଲଡକୁ ଫିଲ୍ଟର କରିବା ପରେ ସେଥିରୁ ମାତ୍ର ୧୫ ବିଲିୟନ୍ ରେଡ୍ ବ୍ଲଡ୍ ସେଲ୍ ବ୍ୟବହାର ଉପଯୋଗୀ ହୋଇଥାଏ। ଏହି ପ୍ରଣାଳୀ ପାଇଁ ପାଖାପାଖି ୩ସପ୍ତାହ ସମୟ ଲାଗେ। ୫ ଲକ୍ଷ ଷ୍ଟେମ୍ ସେଲ୍‌ରୁ ୫୦ ବିଲିୟନ୍ ଲୋହିତ ରକ୍ତ କଣିକା ପ୍ରସ୍ତୁତ କରାଯାଇ ପାରିବ। କ୍ଲିନିକାଲ ଟ୍ରାଏଲରେ ପ୍ରଥମେ ଦୁଇଜଣ ବ୍ୟକ୍ତିଙ୍କୁ ସାମିଲ କରାଯିବ, ଯାହାପୂର୍ବରୁ ସେମାନଙ୍କ ରକ୍ତ ପରୀକ୍ଷା କରାଯିବ। ପ୍ରଥମ ସୋପାନରେ ସେମାନଙ୍କୁ ୫ ଏମ୍ଏଲ୍ ଲାବ୍‌ରେ ପ୍ରସ୍ତୁତ ବ୍ଲଡ ଦିଆଯିବ ଏବଂ ୪ ମାସ ପରେ ଆଉ ୧୦ ଏମ୍.ଏଲ୍ ରକ୍ତ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଦିଆଯିବ। ବ୍ଲଡରେ ରେଡିଓ ଆକ୍ଟିଭ୍ ସବ୍‌ଷ୍ଟାନ୍ସ ବ୍ୟବହାର କରାଯିବ, ଯାହାଫଳରେ ବୈଜ୍ଞାନୀମାନେ ମନୁଷ୍ୟ ଶରୀରରେ ଏହାର ପ୍ରକ୍ରିୟା ବିଷୟରେ ଅବଗତ ହୋଇପାରିବେ। ପରୀକ୍ଷଣ ସଫଳ ହେଲେ ଅଧିକମାତ୍ରାରେ ଲୋହିତ ରକ୍ତ କଣିକା ଲାବରେ ପ୍ରସ୍ତୁତ କରାଯିବ ବୋଲି ସମ୍ପୃକ୍ତ ବୈଜ୍ଞାନିକ ସୂଚନା ଦେଇଛନ୍ତି।

# ଚିକିତ୍ସା ବିଜ୍ଞାନରେ ରେଡିଓଲୋଜି

ଆଧୁନିକ ଚିକିତ୍ସା କ୍ଷେତ୍ରରେ ରେଡିଓଲୋଜିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହାକୁ ଦୃଷ୍ଟିରେ ରଖି ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ନଭେମ୍ବର ୮ରେ ଅନ୍ତର୍ଜାତୀୟ ରେଡିଓଲୋଜି ଦିବସ ପାଳନ କରାଯାଇଥାଏ। ଏହା ଆଧୁନିକ ସ୍ୱାସ୍ଥ୍ୟସେବାରେ ମେଡିକାଲ ଇମେଜିଙ୍ଗର ଭୂମିକାକୁ ପ୍ରୋତ୍ସାହିତ କରିଥାଏ। ୟୁରୋପୀୟ ସୋସାଇଟି ଅଫ୍ ରେଡିଓଲୋଜି, ରେଡିଓଲୋଜିକାଲ ସୋସାଇଟି ଅଫ୍ ଉତ୍ତର ଆମେରିକା ଏବଂ ଆମେରିକୀୟ କଲେଜ ଅଫ୍ ରେଡିଓଲୋଜିର ମିଳିତ ପଦକ୍ଷେପ ଭାବରେ ଏହା ପ୍ରଥମେ ୨୦୧୨ରେ ଏହି ଦିବସ ପାଳନ କରାଯିବା ଲାଗି ନିଷ୍ପତ୍ତି ଗ୍ରହଣ ହୋଇଥିଲା।

୧୮୯୫ ନଭେମ୍ବର ୮ରେ ୱିଲହେଲମ କନରାଡ ରୋଣ୍ଟଜେନ କ୍ୟାଥୋଡ ରଶ୍ମି ଅନୁସନ୍ଧାନ କରିବା ସମୟରେ ଏକ୍ସ-ରେ ଆବିଷ୍କାର କରିଥିଲେ ଏବଂ ସେବେଠାରୁ ରେଡିଓଲୋଜିର ଡାକ୍ତରୀ ବ୍ୟବହାର ପାଇଁ ମୂଳଦୁଆ ପକାଇଥିଲେ। ଏହି ଆବିଷ୍କାର ଇମେଜିଙ୍ଗର ବିଭିନ୍ନ ପଦ୍ଧତିକୁ ଅନ୍ତର୍ଭୁକ୍ତ କରିବା ଏବଂ ଆଧୁନିକ ଚିକିତ୍ସାର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଭାବରେ ନିଜକୁ ପ୍ରତିଷ୍ଠିତ କରିପାରିଛି। ୧୦ ଫେବୃୟାରୀ ୨୦୧୧ରେ ୱିଲହେଲମ କନରାଡ ରୋଣ୍ଟଜେନଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳନ ଅବସରରେ ପ୍ରଥମ ୟୁରୋପୀୟ ରେଡିଓଲୋଜି ଦିବସ ଅନୁଷ୍ଠିତ ହୋଇଥିଲା। ୨୮ ନଭେମ୍ବର ୨୦୧୧ରେ ସିକାଗୋରେ ଏହି ଦିବସ ପାଳନ ପାଇଁ ଆନୁଷ୍ଠାନିକ ଭାବରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

### ଅନ୍ତର୍ଜାତୀୟ ରେଡିଓଲୋଜି ଦିବସ



# ସରହଦ ଊର୍ଦ୍ଧ୍ୱରେ ପ୍ରେମ

### ୨୮ ବର୍ଷୀୟ ମେକାନିକ୍‌ଙ୍କୁ ବାହାହେବା ପାଇଁ ପାକିସ୍ତାନ ଗଲେ ପୋଲାଣ୍ଡର ୮୩ ବର୍ଷୀୟା ମହିଳା

**ଇସ୍‌ଲାମାବାଦ୍:** ପ୍ରେମ ସୀମା ସରହଦ, ବାଧା ବନ୍ଧନ କି ବୟସ ମାନେନା। ଏ କଥା ପ୍ରମାଣିତ ହୋଇଛି ପୋଲାଣ୍ଡର ଜଣେ ୮୩ ବର୍ଷୀୟା ମହିଳାଙ୍କ କ୍ଷେତ୍ରରେ, ଯିଏକି ନିଜ ୨୮ ବର୍ଷୀୟ ପୁରୁଷ ବନ୍ଧୁଙ୍କୁ ବାହାହେବା ପାଇଁ ପାକିସ୍ତାନ ଚାଲିଯାଇଛନ୍ତି। ତାଙ୍କ ନାଁ ବ୍ରୋମା। ଅଟୋ ମେକାନିକ୍ ହାଫିଜ୍ ମହମ୍ମଦ ନଦିମ୍ ପାକିସ୍ତାନର ହାଫିଜବାଦ୍‌ରେ ରୁହନ୍ତି। ୬ ବର୍ଷ ତଳେ ସେ ପୋଲାଣ୍ଡର ବ୍ରୋମାଙ୍କ ସହ ଫୋନ୍‌ରେ କଥା ହୋଇଥିଲେ। କଥା ହେଉ ହେଉ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ପରସ୍ପରକୁ କେବେ ସାକ୍ଷାତ୍ କରି ନ ଥିଲେ ମଧ୍ୟ ବାହାହେବା ପାଇଁ ଦୁହେଁ ନିଷ୍ପତ୍ତି ନେଇଥିଲେ। ବୟସରେ ଏତେ ବ୍ୟବଧାନ ଥାଇ ବି ପାରମ୍ପରିକ ରୀତିନୀତିରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ ଏହି ଯୋଡ଼ି। ବ୍ରୋମା ନାଲି ରଙ୍ଗର ଟ୍ରାଡିଶ୍‌ନାଲ ଡ୍ରେସ୍ ପିନ୍ଧି ବିବାହବେଳେ ଇସ୍‌ଲାମୀୟ ଆଇନ ଓ ପ୍ରଥା ଅନୁଯାୟୀ 'ହକ୍ ମେହର୍' ପାଉଣା ପୈଠ କରିଥିଲେ। ଦୁହେଁ ଏବେ ଭଲରେ ଅଛନ୍ତି ବୋଲି ହାଫିଜ୍ ଗଣମାଧ୍ୟମକୁ ଜଣାଇଛନ୍ତି। ଏହାପୂର୍ବରୁ ହାଫିଜ୍‌ଙ୍କ ବିବାହ ତାଙ୍କର ଜଣେ ସମ୍ପର୍କୀୟା ଭଉଣୀଙ୍କ ସହ ସ୍ଥିର ହୋଇଥିଲା।



ଗତମାସରେ ଆଉ ଏକ ଲଭ୍ ଷ୍ଟୋରି ଶୁଣିବାକୁ ମିଳିଥିଲା। ଫିଲିପାଇନ୍ସର ରଶଦ ମଙ୍ଗାକୋପ୍ (୭୮) ଜଣେ ୧୮ ବର୍ଷୀୟା ଝିଅକୁ ବାହା ହୋଇଥିଲେ। ପୂର୍ବରୁ କୃଷି କାର୍ଯ୍ୟ କରୁଥିବା ରଶଦ କାଗାୟାନର ଏକ ଡିନର ପାର୍ଟିରେ ସ୍ୱଳ୍ପ ବୟସ୍କା ହାଲିମା ଅବ୍‌ଦୁଲାଙ୍କୁ ଦେଖିବା ପରେ ପ୍ରେମରେ ପଡ଼ିଯାଇଥିଲେ। ହାଲିମାଙ୍କୁ ସେତେବେଳେ ୧୫ ବର୍ଷ ହୋଇଥିଲା। ଏହାପୂର୍ବରୁ ରଶଦ ବାହା ହୋଇ ନ ଥିଲେ କି ତାଙ୍କର କେହି ଗର୍ଲଫ୍ରେଣ୍ଡ ବି ନ ଥିଲେ। ଗତ ଅଗଷ୍ଟ ୨୫ରେ ଏହି ପ୍ରେମୀ ଯୁଗଳ ଜୀବନସାଥୀ ପାଲଟିବା ପୂର୍ବରୁ ୩ ବର୍ଷ ଏକାଠି ରହିଥିଲେ।

ଗତ ଅକ୍ଟୋବରରେ ଜଣେ ମହିଳା ନିଜ ଘରଠାରୁ ୧୪,୪୦୦ କିଲୋମିଟର ଯାତ୍ରା କରି କେନିଆର ମାସାଇ ସମ୍ପ୍ରଦାୟର ଜଣେ ଯୁବକଙ୍କୁ ବାହାହେଲେ, ଯିଏକି ତାଙ୍କଠାରୁ ୩୦ ବର୍ଷ ସାନ। ସେହିପରି ଦେବୋରାହ ବାବୁ ନାମ୍ନୀ ଜଣେ ୬୦ ବର୍ଷୀୟା ମହିଳା ସାମାଜିକ ନିନ୍ଦା ଅପବାଦକୁ ଖାତିର ନ କରି ଜଣେ କମ୍ ବୟସର ପୁଅଙ୍କୁ ବାହା ହୋଇଥିଲେ। ୨୦୧୭ ଅକ୍ଟୋବରରେ ଦେବୋରାହ ନିଜ ଝିଅଙ୍କ ସହ ତାଞ୍ଜାନିଆ ଯାତ୍ରା କରୁଥିବାବେଳେ ତାଙ୍କ ସ୍ୱପ୍ନର ମଣିଷ ସଇଟୋଟିଙ୍କୁ ଭେଟିଥିଲେ।

# ୫ ଲକ୍ଷ ଲୁଟି ପଳାଉଥିଲେ, ଧରିଲା ପୋଲିସ

■ ଅଭିଯୁକ୍ତଙ୍କଠାରୁ ଲୁଟ୍ ଟଙ୍କା ଉଦ୍ଧାର, ବାଇକ୍ ଜବତ
■ ଗିରଫ ୨ ଅଭିଯୁକ୍ତ ଯାଜପୁର, ଆସ୍କା ଅଞ୍ଚଳର

ବଲାଙ୍ଗୀର ଅଫିସ, ୭।୧୧

ପାଟଣାଗଡରୁ ୫ଲକ୍ଷ ଟଙ୍କା ଲୁଟି ଫେରାର ମାରୁଥିବା ୨ଲୁଟେରାଙ୍କୁ ବଲାଙ୍ଗୀର ପୋଲିସ ଫିଲ୍ମ ଷ୍ଟାଇଲରେ ଧରିଛି। ପୋଲିସକୁ ବାଇକ୍ ଧକ୍କା ଦେଇ ସେମାନେ ପଳାଉଥିଲେ। ଗିରଫ ଅଭିଯୁକ୍ତ ହେଲେ ଯାଜପୁରର ବିଜୟ ଦାସ (୨୫) ଓ ଆସ୍କାର ଏ ସିନ୍ଧୁ (୧୯)। ସେମାନଙ୍କଠାରୁ ପୋଲିସ ଲୁଟ୍ ହୋଇଥିବା ୫ ଲକ୍ଷ ଟଙ୍କା, ପଲ୍‌ସର ବାଇକ୍ (ଓଡି୦୨ବିଜି୮୩୩), ଏକ ମୋବାଇଲ ଏବଂ ଏକ ମାଷ୍ଟର ଚାବି ଜବତ କରିଛି। ସୋମବାର ମଧ୍ୟାହ୍ନ ୧୨ଟାରେ ପାଡ଼େଲ ଗାଁର ସର୍ବେଶ୍ୱର ପଟେଲ (୫୮) ଏକ କାର (ଓଡି୦୩ଏମ୍୨୦୧୨)ରେ ପାଟଣାଗଡ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ମୁଖ୍ୟଶାଖାକୁ ଆସି ୫ଲକ୍ଷ ଟଙ୍କା ଉଠାଇଥିଲେ। ସେଠାର ଏକ ଲୁଗା ଦୋକାନ ନିକଟରେ ଯାଉଥିବାବେଳେ ଦୁଇ ଲୁଟେରାଙ୍କ ମଧ୍ୟରୁ ଜଣେ ସେଇ କାର ପାଖକୁ ଆସି ମୁଥ ମାରି ଟଙ୍କା ଥିବା ବ୍ୟାଗ୍ ଛଡାଇ ନେଇ ଆଖିପିଛୁଳାକେ ବଲାଙ୍ଗୀର


ପାଟଣାଗଡ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଭିଯୁକ୍ତଙ୍କୁ ହାଜର କରାଯାଇଛି।

ପଟକୁ ଏକ ବାଇକ୍‌ରେ ଫେରାର ହୋଇଯାଇଥିଲେ। ଘଟଣା ସମ୍ପର୍କରେ ସର୍ବେଶ୍ୱର ପାଟଣାଗଡ ପୋଲିସକୁ ଖବର ଦେଇଥିଲେ। ପାଟଣାଗଡ ଥାନାଧିକାରୀ ଅନନ୍ତ ପ୍ରଧାନ ଘଟଣା ସମ୍ପର୍କରେ ପାଟଣାଗଡ ଇନଚାର୍ଜ ଭାବେ ଥିବା ବଲାଙ୍ଗୀର ସଦର ଏସ୍‌ଡିପିଓ ତୋଫାନ ବାଗଙ୍କୁ ଜଣାଇଥିଲେ। ଏହି ସମୟରେ ଏସ୍‌ଡିପିଓ ବାଗ ବଲାଙ୍ଗୀର-ପାଟଣାଗଡ ରାସ୍ତାର ଝାଙ୍କରପାଲିଠାରେ ଥିଲେ। ସେଠାରେ ସେ ୨ଲୁଟେରାଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ। ତେବେ ସେମାନେ ଏସ୍‌ଡିପିଓଙ୍କ ଗାଡିକୁ ଧକ୍କା ଦେଇ ବଲାଙ୍ଗୀର ପଟକୁ ପଳାଇ ଥିଲେ। କ୍ଷିପ୍ର ଗତିରେ ବାଇକ୍ ଚଳାଉଥିବା ଲୁଟେରାଙ୍କୁ ଏସ୍‌ଡିପିଓ ବାଗ ପିଛା କରି ସଦର ଥାନା ନିକଟରେ ଘେରାବନ୍ଦୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ସଦର ଥାନା ସମ୍ମୁଖରେ ପୋଲିସ ଘେରାବନ୍ଦୀ କରିଥିଲା। ଲୁଟେରା ସେଠାରେ ପହଞ୍ଚିବା ପରେ ପୋଲିସ ଘେରାବନ୍ଦୀ ଭିତରକୁ ବାଇକ ପୂରାଇ ଦେଇ ଛିଟିକି ପଡିଥିଲେ। ଏହାପରେ ପୋଲିସ ବାହିନୀ ଦୁଇ ଲୁଟେରାଙ୍କୁ କାବୁ କରିନେଇଥିଲେ। ଲୁଟ୍‌ର ପ୍ରାୟ ୧ଘଣ୍ଟା ଭିତରେ ପୋଲିସ ଟିମ୍ ଦୁଇ ଲୁଟେରାଙ୍କୁ ଗିରଫ କରି ସେମାନଙ୍କଠାରୁ ଲୁଟ୍ ୫ ଲକ୍ଷ ଟଙ୍କା ଜବତ କରିନେଇଥିଲେ। ପରେ ଏସ୍‌ଡିପିଓ ବାଗ ପାଟଣାଗଡ ଥାନାରେ ଖବରଦାତା ସମ୍ମିଳନୀ କରି ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ। ପୋଲିସର ଏହି ଟିମ୍‌ରେ ସବ୍‌ଇନ୍ସପେକ୍ଟର ବାସୁଦେବ ଭୋଇ, ରାକେଶ ବେହେରା, ଏଏସ୍‌ଆଇ ଲବଙ୍ଗ ସାହୁ, ମହେନ୍ଦ୍ର ତାଣ୍ଡି ଏବଂ ତରୁଣ ପଣ୍ଡା ସାମିଲ ଥିଲେ।

## ଗୁଳିଫୁଟି ଯୁବକ ଗୁରୁତର

ଦାରିଙ୍ଗବାଡ଼ି,୭।୧୧(ଡି.ଏନ.ଏ): କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଥାନାଠାରୁ ମାତ୍ର ଦୁଇ ଶହ ମିଟର ଦୂରରେ ନିଜ ପାଖରେ ଥିବା ଦେଶୀ ବନ୍ଧୁକରୁ ଗୁଳି ଫୁଟି ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ କୋଟଗଡ଼ ଥାନା ଅଞ୍ଚଳର ଏଲିଅ ସୁନାମାଝୀ। ଏଲିଅ ଏକ ବସ୍ତାରେ ଗୁଳିଭର୍ତ୍ତି ବନ୍ଧୁକଟି ଲୁଚାଇ ରଖିଥିବା ବେଳେ କୌଣସି ପ୍ରକାରେ ହାତ ପାପୁଲିରେ ଫୁଟି ଯାଇଥିଲା। ପୋଲିସ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରୁ ଅଧିକ ଚିକିତ୍ସା ଲାଗି ତାଙ୍କୁ ପୋଲିସ ହେପାଜତରେ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ପଠାଯାଇଛି। ଅନ୍ୟପକ୍ଷରେ ଦାରିଙ୍ଗବାଡ଼ି ପଞ୍ଚାୟତ କାର୍ଯ୍ୟାଳୟ ଏବଂ ବ୍ଲକ କାର୍ଯ୍ୟାଳୟ ନିକଟରେ ଏହି ଘଟଣା ଘଟିଥିବାରୁ ପୋଲିସ ଏହାକୁ ଗୁରୁତ୍ୱର ସହ ନେଇଛି। ଏଲିଅ ବନ୍ଧୁକ ଧରି କୋଟଗଡ଼ ଅଞ୍ଚଳରୁ ଦାରିଙ୍ଗବାଡିକୁ କାହିଁକି ଆସିଥିଲେ ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି ଆଇଆଇସି କୌଶିକ ମାଝୀ କହିଛନ୍ତି। ଏ ନେଇ ପୋଲିସ ନିଜ ଆଡୁ ଏକ ମାମଲା ରୁଜୁ କରି ତଦନ୍ତ କରିବ ବୋଲି ଆଇଆଇସି ସୂଚନା ଦେଇଛନ୍ତି।

## କଳାହାଣ୍ଡି-କନ୍ଧମାଳ ସୀମାନ୍ତରେ କୋମ୍ବିଂ

ଛତ୍ରଭଙ୍ଗ ଦେଲେ ମାଓବାଦୀ, ବିଭିନ୍ନ ସାମଗ୍ରୀ ଜବତ

ଭବାନୀପାଟଣା,୭।୧୧(ସ୍ୱ.ପ୍ର.)

କଳାହାଣ୍ଡି ଓ କନ୍ଧମାଳ ଜିଲା ସୀମାନ୍ତ ମଦନପୁର ରାମପୁର ଥାନା ଅନ୍ତର୍ଗତ ପାଙ୍ଗାବାଜୁ ସଂରକ୍ଷିତ ଜଙ୍ଗଲରେ ଡିଭିଏଫ୍ ଓ ଏସ୍‌ଓଜି ପକ୍ଷରୁ ମିଳିତ କୋମ୍ବିଂ ଅପରେଶନ କରାଯାଇଛି। ଏହି ସମୟରେ ଯବାନଙ୍କୁ ଦେଖି ଛତ୍ରଭଙ୍ଗ ଦେଇଛନ୍ତି ମାଓବାଦୀ। ବର୍ତ୍ତମାନ ସୁଦ୍ଧା ପାଙ୍ଗାବାଜୁ ସଂରକ୍ଷିତ ଜଙ୍ଗଲରେ କୋମ୍ବିଂ ଅପରେଶନ ଜାରି ରହିଥିବା ନେଇ କଳାହାଣ୍ଡି ଏସ୍‌ପି ଅଭିଲାଷ ଜି ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, କିଛି ଦିନ ହେଲା ପାଙ୍ଗାବାଜୁ ସଂରକ୍ଷିତ ଜଙ୍ଗଲରେ ମାଓବାଦୀଙ୍କ ଚଳପ୍ରଚଳ ନେଇ କଳାହାଣ୍ଡି ଏସ୍‌ପି ଅଭିଲାଷ ଜି ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲେ। ଏହା ପରେ ଏସଓଜି,



ଜବତ ସାମଗ୍ରୀ।

ଡିଭିଏଫକୁ ନେଇ ଏକ ଆଣ୍ଟି ମାଓବାଦୀ ଅପରେଶନ ଲଞ୍ଚ କରିଥିଲେ। ପାଙ୍ଗାବାଜୁ ସଂରକ୍ଷିତ ଜଙ୍ଗଲରେ ଯବାନଙ୍କ କୋମ୍ବିଂ ଅପରେଶନ ବେଳେ ମାଓବାଦୀ ଏହାର ଖବର ପାଇ ଛତ୍ରଭଙ୍ଗ ଦେଇଥିଲେ। କାଲେସୁର ଗାଁ ନିକଟରୁ ଯବାନମାନେ ଏକ ମାଓବାଦୀ କ୍ୟାମ୍ପ ଠାବ କରିଥିଲେ। କ୍ୟାମ୍ପରୁ ଅନେକ ମାଓବାଦୀ ପୁସ୍ତକ, ବ୍ୟାନର ସହ ବହୁ ସାମଗ୍ରୀ ଜବତ କରାଯାଇଛି।

## ମାଙ୍ଗାନିଜ ବୋଝେଇ ପିକ୍‌ଅପ୍ ଜବତ, ୨ ଗିରଫ




ଟିକିରି,୭।୧୧(ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ମାଳି ପର୍ବତ ଖଣିଜ ସମ୍ପଦରେ ଭରପୂର। ଏଠାରେ ବକ୍ସାଇଟ, ମାଙ୍ଗାନିଜ, ଗ୍ରାଫାଇଟ ଆଦି ସମ୍ପଦ ରହିଛି। କୋଡ଼ିଙ୍ଗାମାଳି ଏବଂ ଶାଶୁବହୁମାଳିଠାରେ ବକ୍ସାଇଟ ରହିଥିବା ବେଳେ ଅନ୍ୟ ପାହାଡ଼ରେ ମାଙ୍ଗାନିଜ, ଗ୍ରାଫାଇଟ ଓ ଅନ୍ୟ ଖଣିଜ ସମ୍ପଦ ରହିଛି। ହେଲେ ବିଭିନ୍ନ ସମୟରେ ଏହି ମୂଲ୍ୟବାନ ଖଣିଜ ସମ୍ପଦ ଚୋରାଚାଲାଣ ହେଉଥିବା ଦୃଷ୍ଟିକୁ ଆସୁଛି। ରବିବାର ରାତିରେ ମାଙ୍ଗାନିଜ ପଥର ଚୋରାଚାଲାଣ ବେଳେ ବନ ବିଭାଗ ଟିମ୍ ସୂଚନା ପାଇ ଜବତ କରିଛନ୍ତି। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଆନ୍ଧ୍ର ପ୍ରଦେଶ କୋମରଡ଼ା ଥାନା ଅଞ୍ଚଳର ମନୋଜ କୁମାର ଆରିକା ଏବଂ ଗୁମାଲକ୍ଷ୍ମୀପୁରମ ଥାନା ଅଞ୍ଚଳର କିଶୋର କାଲ୍‌ପା।

ମାଙ୍ଗାନିଜ ଚୋରାଚାଲାଣ ହେଉଥିବା ନେଇ ବିଶେଷ ସୂତ୍ରରୁ ଖବର ପାଇ ବନାଞ୍ଚଳ ଅଧିକାରୀ ଦିବ୍ୟାମାଧୁରୀ ସେଠୀଙ୍କ ନିର୍ଦ୍ଦେଶରେ ଲେଲିଗୁମା ବନପାଳ ୟେରେକେନା ଶବର, ବନରକ୍ଷୀ ନିରଞ୍ଜନ ସାରକା, ଜଗତମୋହନ ସାହୁ, ଗୌତମ ପଣ୍ଡା, ପାରାଗାର୍ଡ ଓ ଆଣ୍ଟିସ୍ମଗ୍ଲିଂ ସ୍କ୍ୱାଡ୍ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ରାତି ପ୍ରାୟ ୧୨ଟା ବେଳେ ଏକ ପିକ୍‌ଅପ(ଏପି ୩୫ ଭି ୮୮୯୧)କୁ ବନ ବିଭାଗ ଟିମ୍ ସନ୍ଦେହରେ ଅଟକାଇଥିଲା। ଯାଞ୍ଚବେଳେ ସେଥିରେ ମାଙ୍ଗାନିଜ ଚାଲାଣ ହେଉଥିବା ଜଣାପଡ଼ିଥିଲା। ଏ ନେଇ ଅଧିକ ତଦନ୍ତ ଚାଲିଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଲେଲିଗୁମା ସଂରକ୍ଷିତ ଜଙ୍ଗଲ ଅଧୀନ ନିଶିଖାଲ ଅଞ୍ଚଳରେ ଓଡ଼ିଶା ଖଣି ନିଗମ ଖଣି ଉତ୍ତୋଳନ କରୁଥିଲା। କିଛି ବର୍ଷ ହେଲା ଏଠାରେ ଖଣି ଖନନ ବନ୍ଦ ରହିଛି। ଖଣିଜ ପଥର ଏଣେତେଣେ ପଡ଼ିରହିଛି। ଖଣି ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ଠିକ୍ ନ ଥିବାରୁ ଏହାର ସୁଯୋଗ ନେଇ ମାଫିଆମାନେ ନିୟମିତ ମୂଲ୍ୟବାନ ସମ୍ପଦକୁ ଚୋରାଚାଲାଣ କରୁଛନ୍ତି। ଏହିପରି ବିଭିନ୍ନ ସମୟରେ ଖଣିଜ ସମ୍ପଦ ଚୋରାଚାଲାଣ ହେଉଥିବା ଦେଖିବାକୁ ମିଳୁଛି। ଏହାକୁ ରୋକିବା ଦିଗରେ ସ୍ଥାୟୀ ପଦକ୍ଷେପ ନେବାକୁ ଦାବି ହେଉଛି।

## ସବୁ ବିଧାନସଭା ସିଟ୍‌ରେ ପ୍ରାର୍ଥୀ ଦେବ କଳିଙ୍ଗ ସେନା

ଭୁବନେଶ୍ୱର,୭।୧୧(ବ୍ୟୁରୋ)

ଓଡ଼ିଶାର ସୀମା ସୁରକ୍ଷା ସହିତ ଯୁବବର୍ଗ ଏବଂ ଚାଷୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆଗାମୀ ୨୦୨୪ ନିର୍ବାଚନ ପାଇଁ ଦଳ ପ୍ରସ୍ତୁତ ହେଉଛି। ଆଗାମୀ ନିର୍ବାଚନରେ ଦଳ ସମସ୍ତ ବିଧାନସଭା ଆସନରେ ପ୍ରାର୍ଥୀ ଦେବ। ଏଥିପାଇଁ ଏବେଠାରୁ ଆଗ୍ରହୀ ଉଚ୍ଚ ଶିକ୍ଷିତମାନଙ୍କୁ ଦୃଷ୍ଟିରେ ରଖି କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି ବୋଲି କଳିଙ୍ଗ ସେନାର ସଭାପତି ହେମନ୍ତ ରଥ କହିଛନ୍ତି। ସୋମବାର ସ୍ଥାନୀୟ କସ୍ତୁରବା ନାରୀମହଲଠାରେ ସେନାର ୨୨ତମ ପ୍ରତିଷ୍ଠା ଦିବସରେ ସେ କହିଛନ୍ତି ଯେ, ବହୁ ଉତ୍ଥାନ ଓ ପତନ ଦେଇ କଳିଙ୍ଗ ସେନା ୨୨ ବର୍ଷରେ ପହଞ୍ଚିଛି। ରାଜ୍ୟବାସୀଙ୍କ ଅକୁଣ୍ଠ ସମର୍ଥନ ଓ ଭଲପାଇବା କଳିଙ୍ଗ ସେନାକୁ ଏଠାରେ ଆଣି ପହଞ୍ଚାଇଛି। ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ ସଦାଚେଷ୍ଟିତ କଳିଙ୍ଗ ସେନା ଆଗାମୀ ଦିନରେ କଳିଙ୍ଗର ହୃତ୍‌ଗୌରବ ଫେରାଇ ଆଣିବା ପାଇଁ ପ୍ରଚେଷ୍ଟା ଜାରି ରଖିବ।

### କଳିଙ୍ଗ ସେନାର ଦ୍ୱାବିଂଶତମ ପ୍ରତିଷ୍ଠା ଦିବସ

ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପୂର୍ବତନ ବରିଷ୍ଠ ଆଇଏଏସ୍ ଅଫିସର ତଥା ସ୍ୱନାମଧନ୍ୟ କବି ଡକ୍ଟର ହୃଷୀକେଶ ପଣ୍ଡା କହିଛନ୍ତି, କଳିଙ୍ଗର ଗୌରବାବହ ଇତିହାସ ରହିଛି। ଏହା ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ। ପୁଣିଥରେ ଏହି ହୃତ୍‌ଗୌରବକୁ ଫେରାଇ ଆଣିବାକୁ କଳିଙ୍ଗ ସେନାର ଦ୍ୱାବିଂଶତମ ପ୍ରତିଷ୍ଠା ଦିବସରେ ସମ୍ବର୍ଦ୍ଧିତ ହେବା ଅବସରରେ ପଣ୍ଡା ଆହ୍ୱାନ ଦେଇଛନ୍ତି। ସମୟ ନଷ୍ଟ ନ କରି କଳିଙ୍ଗର ପୂର୍ବ ଐତିହ୍ୟ ଫେରାଇ ଆଣିବା ପାଇଁ ଏକାଠି ହେବାର ବେଳ ଆସିଛି ବୋଲି ସେ କହିଛନ୍ତି। ଏହି ଅବସରରେ ଚଳିତବର୍ଷର କଳିଙ୍ଗରତ୍ନ ପୁରସ୍କାର ଡକ୍ଟର ପଣ୍ଡାଙ୍କୁ ପ୍ରଦାନ କରାଯାଇଛି। ଏଥିସହିତ ରାଜ୍ୟର ଗଣମାଧ୍ୟମ ସହ ଜଡ଼ିତ ଅନେକ ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

## ପରକୀୟା ପ୍ରୀତି ଯୋଗୁ ଜୀବନ ଗଲା

ମନୋଜ ହତ୍ୟା ଘଟଣାର ପର୍ଦ୍ଦାଫାଶ

ବରୀ, ୭।୧୧(ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲା ନିକିରାଇ ଥାନା ଅନ୍ତର୍ଗତ ଧୁମାତ ଗ୍ରାମର ମନୋଜ ଗୋଛାୟତ ହତ୍ୟା ଘଟଣାର ପର୍ଦ୍ଦାଫାଶ ହୋଇଛି। ପରକୀୟା ପ୍ରୀତି ଯୋଗୁ ତାଙ୍କୁ ହତ୍ୟା କରାଯାଇ ବାଲିଘାଟରେ ପୋତି ଦିଆଯାଇଥିଲା। ଏହି ଘଟଣାରେ ପୋଲିସ ଜଣେ ମହିଳାଙ୍କ ସମେତ ୩ ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ସ୍ଥାନୀୟ ମହାକାଳପଡ଼ାର କୁନି ପରିଡା, ତାଙ୍କ ସ୍ୱାମୀ କ୍ଷୀରୋଦ ପରିଡା ଓ ଗମୁଁ ଗ୍ରାମର ଅଭୟ ନାୟକ ଓରଫ ବାବୁଲା। ତଦନ୍ତ ବେଳେ ଅଭିଯୁକ୍ତମାନେ ହତ୍ୟାର ଡେମୋ ଦେଖାଇବା ପରେ ପୋଲିସ ସେମାନଙ୍କୁ ଗିରଫ ଦର୍ଶାଇ କୋର୍ଟ ଚାଲାଣ କରିଥିଲା।

## ଦୁର୍ଘଟଣାରେ ଭାଜପା ନେତ୍ରୀ ସୁନୀତି ମୁଣ୍ଡ ଗୁରୁତର

ଜୁନାଗଡ଼,୭।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ଅନ୍ତର୍ଗତ ମଥୁରା ପୁରୁଣା ଚିନିକଳ ନିକଟରେ ସୋମବାର ପୂର୍ବାହ୍ଣରେ ଭୁବନେଶ୍ୱର ଭାଜପା ମେୟର ପାର୍ଥିନୀ ତଥା କଳାହାଣ୍ଡି ବିକାଶ ପରିଷଦ ଅଧକ୍ଷା ସୁନୀତି ମୁଣ୍ଡ (୪୭) କାର ଦୁର୍ଘଟଣାରେ ଗୁରୁତର ହୋଇଛନ୍ତି।

ପ୍ରକାଶ ଯେ, ଜୁନାଗଡ଼ ବ୍ଲକ ଆଟିଗାଁରୁ ସୁନୀତି ନିଜ କାର୍ ଯୋଗେ ମହିଚଲା ଗ୍ରାମକୁ ଯାଉଥିଲେ। ମଥୁରା ପୁରୁଣା ଚିନିକଳ ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଗଛରେ ପିଟି ହୋଇଥିଲେ। ଏଥିରେ ତାଙ୍କ ମୁହଁ ଓ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା। ପରେ ଦଳୀୟ ନେତାଙ୍କ ସହାୟତାରେ ଜୁନାଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। କାରରେ ଥିବା ମାକରଶୋଲା ଗ୍ରାମର ତାଙ୍କ କକା ତ୍ରିନାଥ ମୁଣ୍ଡ (୭୦) ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଜୁନାଗଡ଼


ଜୁନାଗଡ଼ ଡାକ୍ତରଖାନାରେ ସୁନୀତି ଚିକିତ୍ସିତ ହେଉଛନ୍ତି।

ଡାକ୍ତରଖାନାରେ ସୁନୀତିଙ୍କ ଚିକିତ୍ସା ବେଳେ ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ଜୁନାଗଡ଼ ନଗରପାଳ ମୁକେଶ ଅଗ୍ରୱାଲ, ଅବସରପ୍ରାପ୍ତ ସେନା କର୍ମଚାରୀ ଦୀପ୍ତି ଲୋଚନ ମୁଣ୍ଡ ପ୍ରମୁଖ ଭେଟି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଥିଲେ।

## ନଳକୂପରୁ ପାଣି ନେବାକୁ କେନ୍ଦ୍ର କରି ଦଳିତ ଯୁବକଙ୍କୁ ପିଟି ହତ୍ୟା

ଜୟପୁର,୭।୧୧

ରାଜସ୍ଥାନ ଯୋଧପୁରରେ ଜଣେ ଦଳିତ ଯୁବକଙ୍କୁ ପିଟି ହତ୍ୟା କରାଯାଇଛି। ସୂରନଗର ଭୋମିୟାଜି କୀ ଘାଟର କିଶନଲାଲ ଭିଲ୍ (୪୬) ରବିବାର ରାତିରେ ସ୍ଥାନୀୟ ନଳକୂପକୁ ପାଣି ଆଣିବାକୁ ଯାଇଥିଲେ। ପାଣି ନେଇ ଘରକୁ ଫେରିବାବେଳେ କେତେଜଣ ଯୁବକ କିଶନଲାଲଙ୍କୁ ଲୁହା ରଡ୍‌ରେ ତାଙ୍କୁ ପିଟିଥିବା ପୋଲିସ କହିଛନ୍ତି। ଯୁବକଙ୍କ ମାଡ଼ରେ କିଶନଲାଲ ଅଚେତ ହୋଇ ତଳେ ପଡ଼ିଯାଇଥିଲେ। ଘଟଣାର ସୂଚନା ପାଇ ପୋଲିସ ସେଠାରେ ପହଞ୍ଚି ଗୁରୁତର ଆହତ କିଶନଲାଲଙ୍କୁ ହସ୍ପିଟାଲ ନେଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିବା କିଶନଲାଲଙ୍କ ଭାଇ ଅଶୋକ କହିଛନ୍ତି। କିଶନଲାଲଙ୍କ ସମୁଦାୟ ଲୋକେ ସମ୍ପୃକ୍ତ ଯୁବକଙ୍କୁ ଗିରଫ ସହିତ କ୍ଷତିପୂରଣ ଓ ମୃତକଙ୍କ ପରିବାରର ଜଣଙ୍କୁ ସରକାରୀ ଚାକିରି ଯୋଗାଇଦେବା ଦାବିରେ ବିକ୍ଷୋଭ କରିଥିଲେ। ସ୍ଥାନୀୟ ପ୍ରଶାସନ ଏବଂ ପୋଲିସର ବୁଝାଶୁଝା ପରେ ଲୋକେ ବିକ୍ଷୋଭରୁ ହଟିବା ସହ କିଶନଲାଲଙ୍କ ଦାହସଂସ୍କାର କରିଥିଲେ।

ସୂରନଗର ପୋଲିସ ଶକିଲ, ନଶିର ଏବଂ ବବଲୁ ନାମରେ ୩ ଯୁବକଙ୍କୁ ଗିରଫ କରି ଆଇପିସି ଧାରା ୩୦୨ ଅଧୀନରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ଝିଅର ମୃତଦେହକୁ ୬୮ କି.ମି ବାଇକ୍‌ରେ ନେଲେ ଦମ୍ପତି

ଟଙ୍କା ନ ଥିବାରୁ ଆମ୍ବୁଲାନ୍ସ ମିଳିଲାନି

ହାଇଦ୍ରାବାଦ୍, ୭।୧୧

ତେଲଙ୍ଗାନା ଖାମମରେ ଏକ ହୃଦୟବିଦାରକ ଘଟଣା ଦେଖିବାକୁ ମିଳିଛି। ୩ ବର୍ଷୀୟା ଝିଅର ମୃତଦେହକୁ ବାଇକ୍ ଯୋଗେ ନେବା ପାଇଁ ବାଧ୍ୟ ହୋଇଛନ୍ତି ଦମ୍ପତି। ଜ୍ୱରରେ ଝିଅ ଦେହ ଭୀଷଣ ଖରାପ ହେବା ପରେ ଘରଲୋକେ ତାଙ୍କୁ ଖାମମ ହସ୍ପିଟାଲକୁ ନେଇଆସିଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ ହିଁ କୁନି ଝିଅର ମୃତ୍ୟୁ ହୋଇଯାଇଥିଲା। ମୃତଦେହକୁ ନେବାଲାଗି ଦମ୍ପତି ଆମ୍ବୁଲାନ୍ସ ପାଇଁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ କହିଥିଲେ। କିନ୍ତୁ ଟଙ୍କା ନ ଦେଲେ ଆମ୍ବୁଲାନ୍ସ ସୁବିଧା ମିଳିବ ନାହିଁ ବୋଲି ସେଠାକାର କର୍ମଚାରୀ ମନା କରିଥିଲେ। ଏହାପରେ ସ୍ଥାନୀୟ ଲୋକେ ଦମ୍ପତିଙ୍କୁ ଏକ ବାଇକ୍ ଯୋଗାଡ଼ କରି ଦେଇଥିଲେ, ଯେଉଁଥିରେ ଉକ୍ତ ଦମ୍ପତି ଝିଅର ମୃତଦେହକୁ ନିଜ ଗ୍ରାମ କୋଠା ମେଡେପାଲି ଆଣିଥିଲେ।

## ରେଲ୍‌ୱେ ସାଇଡିଂ ମ୍ୟାନେଜରଙ୍କୁ ହତ୍ୟା

ଟେନ୍‌ସା/ଲହୁଣୀପଡ଼ା, ୭।୧୧ (ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ବରସୁଆଁ ରେଲ୍‌ୱେ ସାଇଡିଂଠାରେ ଏକ ଘରୋଇ ଖଣି କମ୍ପାନୀରେ କାମ କରୁଥିବା ମୋତିରାମ ପାଲ(୫୯)ଙ୍କୁ ରବିବାର ବିଳମ୍ବିତ ରାତିରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଖବରପାଇ ସୋମବାର ସକାଳେ ଲହୁଣୀପଡ଼ା ଥାନା ଓ ଟେନ୍‌ସା ଫାଣ୍ଡି ପୋଲିସ ସମେତ ସାଇଣ୍ଟିଫିକ ଦଳ ସନ୍ଧାନୀ କୁକୁର ସହ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ତେବେ ହତ୍ୟାକାରୀ ଓ ହତ୍ୟାକାଣ୍ଡର ପ୍ରକୃତ କାରଣ ଜଣାପଡି ନାହିଁ। ପ୍ରକାଶ ଯେ, ମୋତିରାମ ଘରୋଇ ଖଣି କମ୍ପାନୀର ବରସୁଆଁ ରେଲ୍‌ୱେ ସାଇଡିଂ ମ୍ୟାନେଜର ଭାବେ ଦାୟିତ୍ୱ ତୁଲାଇବା ସହିତ କମ୍ପାନୀ ଗେଷ୍ଟ ହାଉସରେ ଏକୁଟିଆ ରହୁଥିଲେ। ରବିବାର ରାତିରେ ସେ କାମ ସାରି ବରସୁଆଁ ସ୍ଥିତ କମ୍ପାନୀ ଗେଷ୍ଟ ହାଉସକୁ ଯାଇଥିଲେ। ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଲୁହାଛଡ଼ରେ ପିଟି ହତ୍ୟା କରିଥିଲେ। ସୋମବାର ସକାଳୁ ରୋଷେୟା ଚା' ଦେବା ପାଇଁ ଯାଇଥିବାବେଳେ ହତ୍ୟାକାଣ୍ଡ ଦେଖି ସମସ୍ତଙ୍କୁ ସୂଚନା ଦେଇଥିଲେ। ହତ୍ୟାକାଣ୍ଡର ପ୍ରକୃତ ତଥ୍ୟ ସାମ୍ନାକୁ ଆସି ନ ଥିଲେ ମଧ୍ୟ ଖୁବ୍‌ଶୀଘ୍ର ଘଟଣାର ପର୍ଦ୍ଦାଫାଶ ହେବ ବୋଲି ଲହୁଣୀପଡ଼ା ଥାନା ଅଧିକାରୀ କହିଛନ୍ତି।

## ଆର୍ଥିକ ଦୁର୍ବଳ ଶ୍ରେଣୀଙ୍କ...

ପ୍ରଥମ ପୃଷ୍ଠାରୁ...

ବେଲା ଏମ୍. ତ୍ରିବେଦୀ ଏବଂ ଜେ.ବି. ପର୍ଡିୱାଲା କୋଟା ଆଇନକୁ କାଏମ ରଖିଥିବାବେଳେ ସିଜେଆଇ ଜଷ୍ଟିସ୍ ଲଳିତ ଏବଂ ଜଷ୍ଟିସ ଏସ୍. ରବୀନ୍ଦ୍ର ଭଟ୍ଟ ଏହାକୁ ବିରୋଧ କରିଥିଲେ। ବିଚାରପତିମାନେ କୋର୍ଟରୁମ୍‌ରେ ୩୫ ମିନିଟରୁ ଊର୍ଦ୍ଧ୍ୱ ସମୟ ଧରି ୪ଟି ଭିନ୍ନ ରାୟକୁ ଶୁଣାଇଥିଲେ। ୧୦୩ତମ ସଂଶୋଧନକୁ ସମ୍ବିଧାନର ମୌଳିକ ଢାଞ୍ଚାର ପରିବର୍ତ୍ତନ କୁହାଯାଇ ପାରିବ ନାହିଁ ବୋଲି ଜଷ୍ଟିସ୍ ମାହେଶ୍ୱରୀ କହିଥିଲେ। ପାତରଅନ୍ତର ଦର୍ଶାଇ ଉକ୍ତ ସଂଶୋଧନକୁ ହଟାଇ ଦିଆଯାଇ ପାରିବ ନାହିଁ। ଆର୍ଥିକ ଦୁର୍ବଳ ଶ୍ରେଣୀଙ୍କ ସୁବିଧା ଲାଗି ପାର୍ଲାମେଣ୍ଟ ସକାରାତ୍ମକ ପଦକ୍ଷେପ ନେଇଥିବା ଜଷ୍ଟିସ୍ ତ୍ରିବେଦୀ ମତ ଦେଇଥିଲେ। ସେହିପରି ଜଷ୍ଟିସ୍ ପର୍ଡିୱାଲା ସେମାନଙ୍କ ସହ ସହମତ ହୋଇ ସଂଶୋଧନ ବୈଧ ବୋଲି ମତ ରଖିଥିଲେ। ସାମାଜିକ ନ୍ୟାୟ ସୁନିଶ୍ଚିତ କରିବା ସଂରକ୍ଷଣର ଉଦ୍ଦେଶ୍ୟ। ତେବେ ଏହା ଅନିର୍ଦ୍ଦିଷ୍ଟ କାଳ ଯାଏ ଜାରି ରହିବା ଉଚିତ ନୁହେଁ ବୋଲି ଜଷ୍ଟିସ୍ ପର୍ଡିୱାଲା କହିଥିଲେ।

ଅନ୍ୟପକ୍ଷରେ ଜଷ୍ଟିସ ଏସ୍. ରବୀନ୍ଦ୍ର ଭଟ୍ଟ ଇଡବ୍ଲ୍ୟୁଏସ୍ କୋଟା ଉପରେ ସମ୍ବିଧାନ ସଂଶୋଧନକୁ ନେଇ ଅସହମତି ପ୍ରକାଶ କରିବା ସହ ଏହାକୁ ଅଗ୍ରାହ୍ୟ କରିଥିଲେ। ସିଜେଆଇ ମଧ୍ୟ ଜଷ୍ଟିସ ଭଟ୍ଟଙ୍କ ଟିପ୍ପଣୀ ଉପରେ ସହମତି ପ୍ରକାଶ କରିଥିଲେ। ଇଡବ୍ଲ୍ୟୁଏସ୍ କୋଟା ପାଇଁ ସମ୍ବିଧାନ ସଂଶୋଧନର ବୈଧତାକୁ ନେଇ ପ୍ରଶ୍ନ ଉଠିଥିବାବେଳେ ସର୍ବୋଚ୍ଚ ଅଦାଲତ ସେପ୍ଟେମ୍ବର ୨୭ରେ ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ। ଶୁଣାଣି ବେଳେ ତତ୍କାଳୀନ ଆର୍ଟର୍ନି ଜେନେରାଲ କେ.କେ. ବେଣୁଗୋପାଳ ଏବଂ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କୋଟା ସପକ୍ଷରେ ଯୁକ୍ତି ଉପସ୍ଥାପନ କରିଥିଲେ। ଅନ୍ୟପକ୍ଷରେ ଶିକ୍ଷାବିତ୍ ମୋହନ ଗୋପାଳ ଖଣ୍ଡପୀଠରେ କୋଟାକୁ ବିରୋଧ କରିଥିଲେ। ଏଭଳି କପଟତାପୂର୍ଣ୍ଣ ଏବଂ ପଛଦ୍ୱାର ଉଦ୍ୟମ ସଂରକ୍ଷଣର ଧାରଣାକୁ ନଷ୍ଟ କରିଦେବ ବୋଲି ସେ ଯୁକ୍ତି ଦର୍ଶାଇଥିଲେ। ତାମିଲନାଡୁ ପକ୍ଷରୁ ବରିଷ୍ଠ ଆଇନଜୀବୀ ଶେଖର ନାଫେଡ୍ ଇଡବ୍ଲ୍ୟୁଏସ୍ କୋଟାକୁ ବିରୋଧ କରି କହିଥିଲେ, ଆର୍ଥିକ ଦୃଷ୍ଟିରୁ ବର୍ଗୀକରଣ କରାଯାଇପାରିବ ନାହିଁ। ସଂରକ୍ଷଣ କାଏମ ରଖିବା ଲାଗି ନିଷ୍ପତ୍ତି ନେବା ପୂର୍ବରୁ ସୁପ୍ରିମକୋର୍ଟ ଇନ୍ଦିରା ସାହ୍ନି (ମଣ୍ଡଳ) ରାୟକୁ ଅନୁଧ୍ୟାନ କରିବା ଲାଗି ସେ ଅନୁରୋଧ କରିଥିଲେ।

## ବାଇକ୍ ଚୋର ସନ୍ଦେହରେ...

କରି ବରପାଲି ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଯୋଗେଶ୍ୱରଙ୍କ ମୃତ୍ୟୁ ହୋଇଥିଲା। ଉଲ୍ଲେଖଯୋଗ୍ୟ, ଗତ ଅକ୍ଟୋବର ୨୭ତାରିଖରେ ବଳିଟିକ୍ରାର ରାଜେନ୍ଦ୍ର ଭୋଇଙ୍କ ଏକ ବାଇକ୍ ଚୋରି ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଯୋଗେଶ୍ୱରଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରି ତାଙ୍କ ଉପରେ ଏଭଳି ଆକ୍ରମଣ କରାଯାଇଥିବା ପୋଲିସ ଅନୁମାନ କରୁଛି।

**VSS Institute of Medical Sciences & Research (VIMSAR),**
Ayur Vihar, Burla, Sambalpur, Odisha-768017
**Walk-in-Interview for selection of Senior Residents/ Tutors in various disciplines of VIMSAR**
Advt. No. 892/ Director/VIMSAR/ Dt. 05.11.2022
**No.E-609:**Applications are invited from eligible candidates to fill up the above mentioned vacant posts at VIMSAR. The details of educational qualification, selection procedure, terms and conditions etc. are published in the institute website: www.vimsar.ac.in.
Date of Walk-in-Interview: 23.11.2022 [Wednesday]
**Sd./- Director, VIMSAR, Burla**
OIPR-11056/11/0033/2223

**OFFICE OF THE DEAN & PRINCIPAL**
M.K.C.G. MEDICAL COLLEGE, BRAHMAPUR-760004, ODISHA
Tel:0680 2292746/Fax:0680 2292809/email:mkcgmc.bam@gmail.com/ Website:www.mkcgmch.org.
No.11245/MCB-2022/Welfare/Brahmapur/Dated 05th Nov. 2022
**CORRIGENDUM**
**(VEHICLE PARKING)**
**No.E-606:**The last date for submission of tender & opening of technical bid for parking of vehicle inside the MKCG Medical College & Hospital campus may be read as 28.11.2022 instead of 4.11.2022 as per tender published for parking of vehicle vide No.11182, Dt.4.11.2022 in Dharitri. The other terms & conditions remain unchanged.
**Sd./- Dean & Principal, MKCG Medical College, Berhampur**
OIPR-10013/11/0008/2223

**The Odisha Small Industries Corporation Ltd.**
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-2409 OSIC GST No. 21AAACO2101M1Z1
**TENDER CALL NOTICE**
Tender Notice No.4804/OSIC/MKT Dt.07.11.2022
The OSIC Ltd., Cuttack invites sealed bids from experienced MSME's for supply of RCC Fencing post, Chain link Wire mesh (GI) & binding wire(GI) for APC DMF work in Keonjhar District. The detail schedules, terms and conditions of the tender document along with the specification of requirement can be downloaded from www.osicltd.in . Any addendum/corrigendum/cancellation of Tender etc. will appear in OSIC Ltd. website. www.osicltd.in only and the responsibility lies with the bidders to download the same before last date of submission of bids.
**By order of MD**
**Sd/-Manager(Mktg)**
OIPR-14073/11/0116/2223

**ODISHA STATE CIVIL SUPPLIES CORPORATION LTD.**
(A Govt. of Odisha Undertaking)
REGISTERED OFFICE : C/2, NAYAPALLI, BHUBANESWAR-751012
CIN : U51211OR1980SGC000894
Tel. No. : 0674-2395391, Fax : 0674-2395291, Website : www.oscsc.in
**Tender No. 16062/P-II/76/2021/PDS** **Dt.: 07.11.2022**
Managing Director, Odisha State Civil Supplies Corporation Ltd., invites tenders in Double Cover System through **ONLINE MODE ONLY** for the works below:

| | | |
|---|---|---|
| 1 | Name of the Work | Selection and appointment of transport contractor for inter-district transportation of Custom Milled Rice (CMR) from source districts to recipient districts in the State of Odisha |
| 2 | Availability of bid document in the portal | **From 08.11.2022** |
| 3 | Last Date / Time for receipt of bids in the portal | **Dt.14.11.2022 up to 5.00 P.M.** |
| 4 | Date/Time of Opening of Technical bid | **Dt.15.11.2022 at 11.00 A.M.** |
| 5 | Name and address of the Officer Inviting Tender | **Managing Director, OSCSC Ltd., C/2, Nayapalli, Bhubaneswar** |

Tender Documents & other details can be seen from the e-procurement portal **www.oscsc.in**, **www.foododisha.in** & **www.tendersodisha.gov.in**. Amendments / corrigendum / cancellation / retenders etc. if any shall be published only in above websites.
**By Order of Managing Director**
**Sd/- General Manager (PDS)**

**ODISHA PUBLIC SERVICE COMMISSION**
19, DR. P. K. PARIJA ROAD, CUTTACK - 753001
**NOTICE**
No.10208/PSC, Dt.07.11.2022
(DR-IV) (2PH-01-2021-22)
**No.D-211:**The Commission have conducted Written examination for recruitment to the post of Assistant Section Officer, pursuant to Advertisement No. 26 of 2021-22 on 27.08.2022. On the basis of the said examination, 1104 no. of candidates have provisionally qualified to appear for the Document Verification at the Office of the Commission, 19, Dr. P. K. Parija Road, Cuttack- 753001 which will be conducted from 14.11.2022 to 18.11.2022. The list of Roll Numbers of these candidates is available at the Website of the Commission i.e. www.opsc.gov.in.
It is also made clear that the candidature of these candidates for the above recruitment is purely provisional. The candidature is liable for rejection in the event of inadequacy/ deficiency found at any stage before or after the verification of original certificates/ documents and is subject to fulfilment of terms & conditions laid down in the Advertisement.
2. The detailed Programme for Verification of Original Certificates/ Documents will be notified later. Similarly, the detailed programme for the Computer Skill Test, likely to be conducted on 27.11.2022, will be notified later. The candidates are advised to visit the website of the Commission at www.opsc.gov.in regularly to keep track of publication of various notices to this effect.
OIPR-12002/11/0195/2223 **Sd./- Secretary**

**ଶେୟାର ବଜାରରେ ଉତ୍ସାହ** ନୂଆଦିଲ୍ଲୀ: କ୍ରମାଗତ ୨ଦିନ ଲାଗି ଷ୍ଟକ୍ ବଜାରର କାରବାର ବୃଦ୍ଧି ପାଇଛି। ଫଳରେ ଶେୟାର ବଜାରର ନିବେଶକମାନଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟଦିବସର ଫଳାଫଳ (ଶେୟାର ମାର୍କେଟ) ଅନୁଯାୟୀ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୨୩୫ (୨୩୪.୭୯) ପଏଣ୍ଟ ବୃଦ୍ଧି ଘଟି ୬୧,୧୮୫ (୬୧,୧୮୫.୧୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ) ର ନିଫ୍ଟି-୫୦ରେ ମଧ୍ୟ ୮୬ (୮୫.୬୫) ପଏଣ୍ଟ ବଢ଼ି ୧୮,୨୦୩ (୧୮,୨୦୨.୮୦) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି।

# ଅକ୍ଟୋବରରେ ୪୮% ବୃଦ୍ଧି ପାଇଛି ଗାଡ଼ି ବିକ୍ରି



- ୨ ଚକିଆ ସେଗ୍‌ମେଣ୍ଟରେ ୫୧% ଅଭିବୃଦ୍ଧି
- ଏସ୍‌ୟୁଭି, ପ୍ରିମିୟମ୍ କାର୍‌ର ଅଧିକ ଚାହିଦା

**ନୂଆଦିଲ୍ଲୀ, ୭।୧୧**

ଚଳିତ ବର୍ଷର ପାର୍ବଣ ଅବସରରେ ଗାଡ଼ିର ଖୁଚୁରା ବିକ୍ରି ଆଶାତୀତ ଭାବେ ବୃଦ୍ଧି ପାଇଛି। ବିଶେଷକରି ଚଳିତ ବର୍ଷ ଅକ୍ଟୋବରରେ ଗାଡି ବିକ୍ରି ୪୮% ବୃଦ୍ଧି ପାଇଥିବା ଫେଡେରେଶନ୍ ଅଫ୍ ଅଟୋ ମୋବାଇଲ୍ ଡିଲର୍ସ ଆସୋସିଏଶନ୍ (ଫାଡା) ପକ୍ଷରୁ ସୋମବାର ଜାରି କରାଯାଇଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏପରିକି ଚଳିତ ବର୍ଷ ଅକ୍ଟୋବରରେ ୨୦,୯୪,୩୭୮ ୟୁନିଟ୍ ଯାନବାହନ ବିକ୍ରି ହୋଇଥିଲା। ହେଲେ ଗତବର୍ଷ ଏହି ଅବଧି ମଧ୍ୟରେ ୧୪,୧୮,୭୨୬ ୟୁନିଟ୍ ଥିଲା। ଗତ ବର୍ଷର ବିକ୍ରି ତୁଳନାରେ ଚଳିତ ବର୍ଷର ବିକ୍ରିପରିମାଣ ୪୮% ଅଭିବୃଦ୍ଧି କରିଛି। ସେହିପରି ୨୦୧୯ରେ ମଧ୍ୟ ୧୯,୩୩,୪୮୪ ୟୁନିଟ୍ ଗାଡି ବିକ୍ରି ହୋଇଥିଲା। ୨୦୧୯ର ବିକ୍ରି ତୁଳନାରେ ୨୦୨୨ ଅକ୍ଟୋବରର ବିକ୍ରି ୮% ଅଧିକ ରହିଛି। ସେହିଭଳି ୨୦୧୯ ପ୍ରି-କୋଭିଡ୍ ମାସ ସହ ତୁଳନା କଲେ ମଧ୍ୟ ଚଳିତ ବର୍ଷ ପ୍ରଥମ ଥର ପାଇଁ ଯାନବାହନ ବିକ୍ରି ୮% ବୃଦ୍ଧି ପାଇଛି ବୋଲି ଫାଡାର ସଭାପତି ମନୀଷ ରାଜ ସିଙ୍ଘାନିଆ ମତ ପ୍ରକାଶ କରିଛନ୍ତି। ଅପରପକ୍ଷରେ ୨୦୨୨ ଅକ୍ଟୋବରରେ ୨ ଚକିଆ ଯାନ ବିକ୍ରି ୫୧% ହୋଇଥିବା ବେଳେ ୩ ଚାକିଆ ଯାନ ବିକ୍ରି ୬୬%, ଯାତ୍ରୀବାହୀ ଯାନ ୪୧%, ଟ୍ରାକ୍ଟର ୧୭ % ଏବଂ ବାଣିଜ୍ୟଭିତ୍ତିକ ଯାନ ୨୫% ବୃଦ୍ଧି ପାଇଥିବା ଜଣାପଡିଛି।

ଏ ସମ୍ପର୍କରେ ଫାଡାର ସଭାପତି କହିଛନ୍ତି, ଚଳିତ ବର୍ଷର ପାର୍ବଣ ଉପଲକ୍ଷେ ଅଟୋ ଶିଳ୍ପ ପୂର୍ବ ବର୍ଷ ଅପେକ୍ଷା ଭଲ ବ୍ୟବସାୟ କରିଛି। ପ୍ରଥମ ଥର ପାଇଁ ପ୍ରତ୍ୟେକ ବର୍ଗର ଗ୍ରାହକମାନେ ବହୁଳ ସଂଖ୍ୟାରେ ବଜାରକୁ ଆସି ଯାନବାହନ କିଣିଥିଲେ। ତେଣୁ ବିଗତ ୪ବର୍ଷ (୨୦୧୯-୨୨) ମଧ୍ୟରେ ଯାନବାହନ ବିକ୍ରି ସର୍ବୋତ୍ତମ ହୋଇପାରିଥିଲା ବୋଲି ସେ ମତବ୍ୟକ୍ତ କରିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ ୨୦୨୧ ଅକ୍ଟୋବରରେ ଟ୍ରାକ୍ଟର ବିକ୍ରି ୪୫,୪୪୫ ୟୁନିଟ ହୋଇଥିବା ବେଳେ ୨୦୨୨ ଅକ୍ଟୋବରରେ ଏହା ୫୩,୩୬୨ ୟୁନିଟକୁ ବୃଦ୍ଧି ସହ ୧୭% ଅଭିବୃଦ୍ଧି କରିଛି। ଏହି ସମୟ ମଧ୍ୟରେ ୨ଚକିଆ ଯାନ ବିକ୍ରି ୧୦,୩୯,୮୪୫ ୟୁନିଟରୁ ୧୫,୭୧,୧୬୫ ୟୁନିଟ୍‌କୁ ବୃଦ୍ଧି ପାଇ ୫୧% ଅଭିବୃଦ୍ଧି ଘଟିଛି। ସେହିପରି ୩ ଚକିଆ ଯାନ ବିକ୍ରି ଗତ ବର୍ଷ ତୁଳନାରେ ୬୬%କୁ ବୃଦ୍ଧି ହୋଇ ୬୬,୭୬୩ ୟୁନିଟ୍‌ରେ ପହଞ୍ଚିଛି। ସୂଚନାଯୋଗ୍ୟ ଯେ ସାରା ଦେଶରେ ୪୨ ଦିନର ଉତ୍ସବ ହେଉଥିବା ସମୟରେ ଯାନବାହନ ବିକ୍ରି ୨୯%ବୃଦ୍ଧି ପାଇ ୨୮,୮୮,୧୩୧ ୟୁନିଟରେ ପହଞ୍ଚିଛି, ଯାହାକି ଗତବର୍ଷ ୨୨,୪୨,୧୩୯ ୟୁନିଟ୍ ରହିଥିଲା। ଏହି ପରିପ୍ରେକ୍ଷୀରେ ୨ ଚକିଆ ଯାନ ୨୬%, ୩ ଚିକିଆ ଯାନ ୬୮%, ସିଭି ସେଗମେଣ୍ଟ ୨୯%, ଯାତ୍ରୀବାହୀ ଯାନ ୩୪% ଏବଂ ଟ୍ରାକ୍ଟର ୩୦% ବିକ୍ରି ହୋଇଛି ବୋଲି ଫାଡା ପକ୍ଷରୁ ଜାରି କରାଯାଇଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି।

# ସାମ୍‌ସଙ୍ଗ ୧ନଂ. ସ୍ମାର୍ଟଫୋନ୍ କମ୍ପାନୀ

**ନୂଆଦିଲ୍ଲୀ, ୭।୧୧**

ଦେଶର ପ୍ରମୁଖ ସ୍ମାର୍ଟଫୋନ୍ ବ୍ରାଣ୍ଡ ସାମ୍‌ସଙ୍ଗ କ୍ରମାଗତ ୧୦ ବର୍ଷ ହେବ ବଜାର ଲିଡର ଭାବେ ବିବେଚିତ ହୋଇଛି। ଏପରିକି ଭାରତରେ କମ୍ପାନୀ ତା'ର ବିସ୍ତୃତ ସ୍ମାର୍ଟଫୋନ୍ ବଜାରକୁ ଆଗକୁ ବଢାଇବା ଜାରି ରଖିଛି। ଚଳିତ ବର୍ଷ ସେପ୍ଟେମ୍ବର ଓ ଅକ୍ଟୋବର ମଧ୍ୟରେ ସାମସଙ୍ଗର ସ୍ମାର୍ଟଫୋନ୍, ୱେୟାରେବୁଲ ଓ ଟାବ୍‌ଲେଟ୍‌ଗୁଡିକର ବିକ୍ରି ପରିମାଣ ୧୪,୪୦୦ କୋଟି ଟଙ୍କା ରହିଥିବା ଜଣାପଡିଛି। ପାର୍ବଣ ସମୟରେ ପ୍ରିମିୟମ ଡିଭାଇସ୍‌ଗୁଡିକ ପାଇଁ କମ୍ପାନୀର ମଜଭୁତ ଚାହିଦା ସମର୍ଥନରେ ସ୍ମାର୍ଟଫୋନ୍ ବିକ୍ରି ୨ ଅଙ୍କରେ ଅଭିବୃଦ୍ଧି ଘଟିଛି। ଏ ସମ୍ପର୍କରେ ସାମ୍‌ସଙ୍ଗ ଇଣ୍ଡିଆର ମୋବାଇଲ ବିଜ୍‌ନେସ୍ ବିଭାଗର ପ୍ରଡକ୍ଟ ମାର୍କେଟିଙ୍ଗ୍ ମୁଖ୍ୟ ଓ ବରିଷ୍ଠ ନିର୍ଦ୍ଦେଶକ ଆଦିତ୍ୟ ବବର୍ କହିଛନ୍ତି ଯେ, ଗାଲାକ୍ସି ଏସ୍୨୨ ସିରିଜ୍ ଓ ନିକଟରେ ଶୁଭାରମ୍ଭ ହୋଇଥିବା ଫୋଲ୍ଡେବୁଲ ସ୍ମାର୍ଟଫୋନ୍ ଭଳି ପ୍ରିମିୟମ ଡିଭାଇସ୍‌ଗୁଡିକ ପାଇଁ ରହିଥିବା ମଜଭୁତ ଉପଭୋକ୍ତା ଚାହିଦା ସମର୍ଥନରେ ଚଳିତ ଆର୍ଥିକ ବର୍ଷରେ ସାମ୍‌ସଙ୍ଗ ଇଣ୍ଡିଆ ରେକର୍ଡ ସଂଖ୍ୟକ ସ୍ମାର୍ଟଫୋନ୍ ବିକ୍ରି କରିଛି। ସେହିପରି ଗତବର୍ଷ ତୁଳନାରେ ଚଳିତ ବର୍ଷ କମ୍ପାନୀର ପ୍ରିମିୟମ ସ୍ମାର୍ଟଫୋନ୍ ବିକ୍ରି ପ୍ରାୟ ୨ଗୁଣ ବୃଦ୍ଧି ପାଇଛି।

# ଟାଟା ମୋଟର୍ସର ଇଭି କାର ରାଲି




**ଭୁବନେଶ୍ୱର,୭।୧୧**

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ଟାଟା ମୋଟର୍ସର ଇଲେକ୍ଟ୍ରି ଭେଇକିଲ (ଇଭି) ବର୍ଗ ପକ୍ଷରୁ ଏକ ସଚେତନତା କାର ରାଲି ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ଭୁବନେଶ୍ୱରସ୍ଥିତ ପଟିଆ ତୃପ୍ତି ମୋଟର୍ସ ଆନୁକୂଲ୍ୟରେ ଉକ୍ତ କାର ରାଲିର ଆୟୋଜନ କରାଯାଇଥିଲା। ବିଶେଷକରି ଏହି ରାଲି ଭୁବନେଶ୍ୱରର କିଟ୍ ଛକରୁ ଜୟଦେବ ବିହାର (ଜିଞ୍ଜର ହୋଟେଲ) ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ମୋଟ ୨୫ ଜଣ ଇଭି ଗ୍ରାହକ ଓ ସେମାନଙ୍କ ପରିବାର ସଦସ୍ୟଙ୍କ ସମେତ ଉଭୟ ଟାଟା ମୋଟର୍ସ ଏବଂ ତୃପ୍ତି ମୋଟର୍ସର କର୍ମଚାରୀ ମଧ୍ୟ ଯୋଗ ଦେଇଥିଲେ। ଏହି ଅବସରରେ ଟାଟା ମୋଟର୍ସର ଇଭି କାରର ଏସ୍ଏମ୍ ସବ୍ୟସାଚୀ ଦାସ, କମ୍ପାନୀର ପିଏମ୍ ସୁବ୍ରତ ପଣ୍ଡା, ତୃପ୍ତି ଗ୍ରୁପର ଏମ୍‌ଡି ଶୁଭେନ୍ଦୁ ମହାନ୍ତି ଏବଂ ତୃପ୍ତି ମୋଟର୍ସର ସିଇଓ ରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବିଓଆଇ ପକ୍ଷରୁ ସତର୍କତା ସଚେତନତା ସପ୍ତାହ

**ଭୁବନେଶ୍ୱର,୭।୧୧**

ବ୍ୟାଙ୍କ ଅଫ୍ ଇଣ୍ଡିଆ(ବିଓଆଇ)ର ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଗତ ୩୧ ଅକ୍ଟୋବର ୨୦୨୨ରିଖଠାରୁ ଚଳିତ ମାସ ୬ ତାରିଖ ପର୍ଯ୍ୟନ୍ତ ସତର୍କତା ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କର କର୍ମଚାରୀ ଓ ଗ୍ରାହକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ନିମନ୍ତେ ବ୍ୟାଙ୍କ ପକ୍ଷରୁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବ୍ୟାଙ୍କ ପକ୍ଷରୁ ସତର୍କତା ସଚେତନତା ଉପରେ ଶପଥ ପାଠ, ମାନବଶୃଙ୍ଖଳ, କର୍ମଚାରୀ ଓ ଗ୍ରାହକମାନଙ୍କ ପାଇଁ ୱାର୍କଶପ୍ ଓ କର୍ମଚାରୀ ଏବଂ ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା ଆଦି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଅତିଥି ବକ୍ତା ରୂପେ ଯୋଗ ଦେଇଥିବା ସିବିଆଇ ଓ ପୋଲିସ ଅଧିକାରୀଙ୍କ ଉପସ୍ଥିତିରେ ଆୟୋଜନ କରାଯାଇଥିଲା। ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ମଳୟ ଦାସ ଏସ୍ ଓ ଉପ-ଆଞ୍ଚଳିକ ପ୍ରବନ୍ଧକ ଅଶୋକ କୁମାର ଜେନା ସମସ୍ତଙ୍କୁ ସମ୍ବୋଧନ କରିଥିଲେ। ଏଥିରେ ବ୍ୟାଙ୍କର ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ।



# 'ସୁପ୍ରିମ୍ ଡେଣ୍ଟାଲ୍ କେୟାର୍ସ' ଉଦ୍‌ଘାଟିତ



**ଭୁବନେଶ୍ୱର,୭।୧୧**

ବର୍ତ୍ତମାନ ସମୟରେ ଦାନ୍ତଜନିତ ରୋଗ ଓ ରୋଗୀଙ୍କ ସଂଖ୍ୟା ପୂର୍ବପେକ୍ଷା ଅଧିକ ଏବଂ ଦ୍ରୁତଗତିରେ ବୃଦ୍ଧି ପାଉଛି। ଏପରିକି ଦାନ୍ତ ରୋଗର ଠିକ୍ ଚିକିତ୍ସା ସାଙ୍ଗକୁ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ମଧ୍ୟ ଏକ ସାଙ୍ଗରେ ସହରରେ କେଉଁଠି ବି ନଥିବାର ଲକ୍ଷ୍ୟ କରାଯାଇଛି। ଏହାର ଅଭାବ ପୂରଣ ପାଇଁ ଭୁବନେଶ୍ୱରରେ ଏକ ସୁପର୍ ସ୍ପେଶାଲିଷ୍ଟ ଡେଣ୍ଟାଲ୍ କ୍ଲିନିକର ଶୁଭାରମ୍ଭ ହୋଇଯାଇଛି। ସୋମବାର ସ୍ଥାନୀୟ ଶହୀଦ ନଗରସ୍ଥିତ ବିଏମ୍‌ସି ଭବାନୀ ମଲ୍‌ଠାରେ 'ସୁପ୍ରିମ୍ ଡେଣ୍ଟାଲ୍ କେୟାର୍ସ'ର ଉଦ୍‌ଘାଟନ ମଧ୍ୟ ହୋଇଯାଇଛି। ଏହି ଅବସରରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶହୀଦ ନଗର କର୍ପୋରେଟର ରାଜକିଶୋର ଦାସ, ଡା. ସୁବାସ ଚନ୍ଦ୍ର ନାୟକ, ଡା. ଶୁଭ୍ରଜିତ୍ ରାଉତ, ଡା. ଉପାସନା ସାହୁ, ଡା. ଶୁଭସ୍ମିତା ବେହେରାଙ୍କ ସମେତ ମନୀଷା ପଣ୍ଡା, ସ୍ୱର୍ଣ୍ଣଲତା ମିତ୍ର, ମମତା ଦାସ ଏବଂ ଅନ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ସୁପ୍ରିମ୍ ଡେଣ୍ଟାଲ୍ କେୟାର୍ସର ସିଇଓ ମନୋଜ କୁମାର କର କହିଛନ୍ତି, ଏଠାରେ ଅତ୍ୟାଧୁନିକ ଜ୍ଞାନକୌଶଳ ସାଙ୍ଗକୁ ଆଧୁନିକ ଯନ୍ତ୍ରପାତି ଜରିଆରେ ଦନ୍ତ ଜନିତ ରୋଗର ଉତ୍ତମ ଚିକିତ୍ସା ରୋଗୀଙ୍କୁ ଯୋଗାଇ ଦିଆଯିବ। ସେହିଭଳି ଉକ୍ତ କ୍ଲିନିକରେ ବିଭିନ୍ନ ବର୍ଗର ସୁପର ସ୍ପେଶାଲିଷ୍ଟମାନେ ରୋଗୀଙ୍କୁ ଉତ୍ତମ ଚିକିତ୍ସା ପ୍ରଦାନ କରିବା ସଙ୍ଗେ ସଙ୍ଗେ ରୋଗ ନିରାକରଣ ପାଇଁ ମଧ୍ୟ ମାର୍ଗଦର୍ଶନ କରିବେ ବୋଲି ସେ ମତ ପ୍ରକାଶ କରିଥିଲେ। ସେହିପରି ଏଠାରେ କେବଳ ଦାନ୍ତ ଯନ୍ତ୍ରଣା ହେଲେ ତାକୁ ଉପାଡ଼ି ବାହାର କରିଦେବା ବଦଳରେ ତା'ର ଉପଯୁକ୍ତ ଚିକିତ୍ସା ପାଇଁ ରୋଗୀଙ୍କୁ ଉତ୍ତମ ସୁବିଧା ସହ ଆବଶ୍ୟକ ପରାମର୍ଶ ଦେବା ଉକ୍ତ ଅନୁଷ୍ଠାନର ମୂଳ ଲକ୍ଷ୍ୟ ରହିଛି।

CLASSIFIED DISPLAY
MORE SPACE • SAME PRICE
TARIFF

| | For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|---|
| | 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%
ALL EDITION - B/W (Everyday)
for Booking Contact: 0674-2580385, 8637280816, 7894447167, 9338226625

ମୁଦ୍ରା ଯୋଜନା
ଅଧୀନରେ ଘରେ ବସି
50000ରୁ 5000000
ପର୍ଯ୍ୟନ୍ତ ଋଣ ପାଆନ୍ତୁ
ସୁଧ 2% ଛାଡ଼ 40%
ଯୋଗାଯୋଗ କରନ୍ତୁ
ଠିକଣା: ମ.ନଂ. 675, ଗ୍ରାମ ଲୋହାରି ଜାଟୁ
ତହସିଲ- ବୱାନି ଖେଡ଼ା, ଜିଲ୍ଲା- ଭିୱାନି
8950329763

NATIONAL FINANCE
ଭାରତର ନଂ-୧ କମ୍ପାନୀ
ନ୍ୟାସନାଲ ଫାଇନାନ୍ସ
(Govt. Registered)
ପର୍ସନାଲ, ମାର୍କଶିଟ୍, ଆଧାରକାର୍ଡ, ପ୍ରପର୍ଟି, ଏଜୁକେଶନ୍, ସବୁପ୍ରକାର ଋଣ।
48 hours ଲୋନ୍ ପାଇଁ Agent ଆମନ୍ତ୍ରିତ।
2% interest 40% discount under all Government schemes
9499474088

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ନିୟମିତ ପରୀକ୍ଷା, ଚିକିତ୍ସା କର୍କଟରୁ ରକ୍ଷା କରିଥାଏ




**କଟକ,୭।୧୧**

ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ ଏସ୍‌ସିଜି ପଣ୍ଡା କ୍ୟାନସର ହସ୍ପିଟାଲ ପକ୍ଷରୁ ସୋମବାର ଜାତୀୟ କର୍କଟ ରୋଗ ସଚେତନତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବରିଷ୍ଠ କର୍କଟ ରୋଗ ବିଶେଷଜ୍ଞ ଡା. ପ୍ରଫେସର କୃପାସିନ୍ଧୁ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କର୍କଟ ରୋଗ ସମ୍ପର୍କରେ ବିସ୍ତୃତ ମତ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡା. ନୀତୀଶ ରଞ୍ଜନ ଆଚାର୍ଯ୍ୟ, ଡା. ପ୍ରକାଶ କୁମାର ସ୍ୱାଇଁ, ଡା. ତୁଷାର ମହାପାତ୍ର, ଡା. ଅମିତ ଶର୍ମା, ଡା.ଜ୍ୟୋତି ସାମଲ, ଡା. ରଣଜିତ୍ କର, ଡା. ଜ୍ୟୋତିରଞ୍ଜନ ସ୍ୱାଇଁ, ଡା. ସୁଶାନ୍ତ କୁମାର ପାଇକରାୟ, ଡା.ପ୍ରଶାନ୍ତ ପରିଡ଼ାଙ୍କ ସମେତ ମେଡ଼ିକାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ମଦନ ମୋହନ ଦତ୍ତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କର୍କଟ ରୋଗ ବିଷୟରେ ଏକ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଏପରିକି କର୍କଟ ରୋଗର କାରଣ ଓ ନିରାକରଣ ସହ କିପରି ଜଣେ ରୋଗୀ ନିୟମିତ ପରୀକ୍ଷା ଓ ଚିକିତ୍ସା ମାଧ୍ୟମରେ ନିଜକୁ ସୁସ୍ଥ ରଖିପାରିବେ, ତାହା ଉପରେ ସେମାନେ ବିସ୍ତୃତ ମତ ପ୍ରକାଶ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳ ତଥା ଓଡ଼ିଶାର କୋଣ ଅନୁକୋଣରୁ ବହୁ ବ୍ୟକ୍ତିବିଶେଷଙ୍କ ସମେତ ହସ୍ପିଟାଲର ସମସ୍ତ ଷ୍ଟାଫ ଯୋଗ ଦେଇଥିଲେ।

# ବ୍ୟାପକ ଛଟେଇ କରିବ ମେଟା

**ନୂଆଦିଲ୍ଲୀ, ୭।୧୧**

ବିଶ୍ୱର ପ୍ରମୁଖ ସୋସିଆଲ ମିଡିଆ ପ୍ଲାଟଫର୍ମ 'ମେଟା' (ପ୍ୟାରେଣ୍ଟସ କମ୍ପାନୀ ଫେସବୁକ) ଚଳିତ ସପ୍ତାହ ଶେଷ କିମ୍ବା ଆସନ୍ତା ସପ୍ତାହରେ ବ୍ୟାପକ କର୍ମଚାରୀ ଛଟେଇ କରିବ ବୋଲି ଜଣାପଡିଛି। ବିଶେଷକରି 'ମେଟା ପ୍ଲାଟଫର୍ମସ୍ ଇନକର୍ପୋରେଟେଡ୍' ଯୋଜନା ଅନୁଯାୟୀ କମ୍ପାନୀର ପ୍ରାୟ ୭୦% କର୍ମଚାରୀଙ୍କୁ ଛଟେଇ କରିବାର ଯୋଜନା କରୁଥିବା ରବିବାର 'ଦି ୱାଲ୍ ଷ୍ଟ୍ରିଟ୍ ଜର୍ନାଲ୍' ତା'ର ରିପୋର୍ଟ ପ୍ରକାଶ କରିଛି। ସେହିଭଳି ଛଟେଇ ସଂକ୍ରାନ୍ତରେ ମେଟାର କୌଣସି ମନ୍ତବ୍ୟ ମିଳିନାହିଁ। ହେଲେ କମ୍ପାନୀର ଏଭଳି ନିଷ୍ପତ୍ତି ସମ୍ପର୍କରେ 'ଦି ୱାଲ୍ ଷ୍ଟ୍ରିଟ୍ ଜର୍ନାଲ୍' କହିଛି ଯେ, ଆସନ୍ତା ବୁଧବାର ଏ ସଂକ୍ରାନ୍ତରେ କମ୍ପାନୀ ମଧ୍ୟ ଘୋଷଣା କରିପାରେ ଏବଂ ଏଥିଯୋଗୁ ହଜାର ହଜାର କର୍ମଚାରୀ ପ୍ରଭାବିତ ହେବେ।

ଅପରପକ୍ଷରେ ଦୀର୍ଘ ଦିନ ହେବ କମ୍ପାନୀର ରାଜସ୍ୱ ହ୍ରାସ ପାଉଥିବା ବେଳେ 'ଫେସବୁକ୍'କୁ ନିୟନ୍ତ୍ରଣ କରୁଥିବା 'ମେଟା' ଚଳିତ ବର୍ଷ ଅକ୍ଟୋବରରେ ମଧ୍ୟ ଏ ନେଇ ପୂର୍ବାନୁମାନ କରିଥିଲା। ଏହାଛଡ଼ା ଆସନ୍ତା ବର୍ଷ 'ମେଟା'ର ଷ୍ଟକ୍ ମାର୍କେଟ୍ ଭାଲ୍ୟୁ ମଧ୍ୟ ହ୍ରାସ ପାଇବ ବୋଲି କମ୍ପାନୀ ଆକଳନ କରିଛି। ଏହାଛଡ଼ା ଚଳିତ ବର୍ଷ କମ୍ପାନୀ ଶେୟାରରେ ମାର୍କେଟ୍ ଭାଲ୍ୟୁ ଅଧ ଟ୍ରିଲିୟନ୍ ଡଲାରରୁ ଅଧିକ କ୍ଷତି ହୋଇଥିବା କଥା ମଧ୍ୟ 'ମେଟା' ନିକଟରେ ସୂଚନା ଦେଇଥିଲା। ସେହିପରି ମନ୍ଥର ହୋଇ ଆସୁଥିବା ବୈଶ୍ୱିକ ଅର୍ଥନୈତିକ ଅଭିବୃଦ୍ଧି ସାଙ୍ଗକୁ ଅନେକ କଟକଣା ଯୋଗୁ 'ମେଟା'ର ପରିସ୍ଥିତି ନିମ୍ନଗାମୀ ହେଉଛି। ଏ ସମ୍ପର୍କରେ ମେଟାର ସିଇଓ ମାର୍କ ଜୁକରବର୍ଗ କହିଛନ୍ତି, ମେଟାଭର୍ସରେ କରାଯାଇଥିବା ବିନିଯୋଗ ପ୍ରାୟ ଏକ ଦଶନ୍ଧି ପରେ ଆୟ କରିବ ବୋଲି ମୋର ଆଶା ରହିଛି। ସେଥିପାଇଁ କମ୍ପାନୀ ବର୍ତ୍ତମାନ ସମୟରେ ନିଯୁକ୍ତି ସ୍ଥଗିତ ସହ ପ୍ରକଳ୍ପ ବନ୍ଦ କରିବା ଏବଂ ବ୍ୟୟ ହ୍ରାସ ନିମନ୍ତେ ବ୍ୟାପକ ଯୋଜନା କରିବାକୁ ପଡ଼ିବ ବୋଲି ସେ ମତପ୍ରକାଶ କରିଛନ୍ତି।

# ହେଲ୍‌ଥଭିଲେ ପକ୍ଷରୁ କର୍କଟ ସଚେତନତା ଶିବିର

**ଭୁବନେଶ୍ୱର,୭।୧୧**




ରାଜ୍ୟର ପ୍ରମୁଖ ପ୍ରାକୃତିକ ଚିକିତ୍ସାକେନ୍ଦ୍ର ହେଲ୍‌ଥଭିଲେ ଓ ଅୱାକନ୍ କ୍ୟାନସର୍ କେୟାର ଟ୍ରଷ୍ଟର ମିଳିତ ସହଯୋଗରେ ଏକ ୭ ଦିନିଆ କର୍କଟ ଚିକିତ୍ସା ଶିବିରର ଶୁଭାରମ୍ଭ ହୋଇଯାଇଛି। ଏପରିକି ସୋମବାର ସ୍ଥାନୀୟ ବାରଙ୍ଗ ଭାଲୁଙ୍କାସ୍ଥିତ ହେଲ୍‌ଥଭିଲେଠାରେ ଏକ ମାଗଣା କର୍କଟ ଚିକିତ୍ସା ଶିବିର ମଧ୍ୟ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ହେଲ୍‌ଥଭିଲେ୍‌ର ଚେୟାରମ୍ୟାନ୍ ଡ. ସତ୍ୟବ୍ରତ ମୀନକେତନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦଘାଟନ କରିଥିଲେ। ବିଶେଷ କରି କର୍କଟ ରୋଗରେ ପୀଡିତ ସମସ୍ତ ରୋଗୀ ମାଗଣାରେ ଡାକ୍ତରଙ୍କ ପରାମର୍ଶ ନେବାକୁ ଏହି ୭ ଦିନିଆ ଶିବିରର ଆୟୋଜନ କରାଯାଇଛି ବୋଲି ସତ୍ୟବ୍ରତ ମତବ୍ୟକ୍ତ କରିଛନ୍ତି। ସେହିଭଳି ଉକ୍ତ ଶିବିରରେ ନାଚୁରୋପାଥି ଚିକିତ୍ସାର ମଧ୍ୟ ଲାଭ ଉଠାଇବାକୁ ସେ ସମସ୍ତଙ୍କୁ ଅନୁରୋଧ କରିଥିଲେ। ସେହିପରି ଆସନ୍ତା ବର୍ଷରେ ଏକ ପ୍ରାକୃତିକ ଏବଂ ହର୍ବାଲ କର୍କଟ ଚିକିତ୍ସା ୟୁନିଟ୍ ହେଲ୍‌ଥଭିଲେ ଆଣିବାକୁ ଯାଉଛି ବୋଲି ସେ ମତପ୍ରକାଶ କରିଥିଲେ। ଅପରପକ୍ଷରେ ସମ୍ ହସ୍ପିଟାଲ୍‌ର ଡା. ଶୁଭ୍ରଜିତ୍ ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇ କର୍କଟ ରୋଗର ଲକ୍ଷଣ, ନିରାକରଣ ଓ ପ୍ରତିକାର ସାଙ୍ଗକୁ ଆବଶ୍ୟକ ସଚେତନତା ସମ୍ପର୍କରେ ବିସ୍ତୃତ ମତ ଉପସ୍ଥାପନ କରିଥିଲେ। ସେହିଭଳି ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଡା. ସଞ୍ଜୀବ ପାଢୀ ମଧ୍ୟ କର୍କଟ ରୋଗ ବିଷୟରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅୱାକନ୍ କ୍ୟାନସର୍ ଚିକିତ୍ସା ଟ୍ରଷ୍ଟର ପ୍ରତିଷ୍ଠାତା ସ୍ୱାଗତିକା ଆଚାରି ଏବଂ କ୍ରିୟା ଫାଉଣ୍ଡେଶନ୍ ଲିଲି ଜେନାମଣି ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ କିଛି କର୍କଟ ରୋଗୀଙ୍କୁ ମଧ୍ୟ ନିମନ୍ତ୍ରଣ କରାଯାଇଥିଲା। ସେମାନେ ମଧ୍ୟ କ୍ୟାନ୍‌ସରକୁ ପରାସ୍ତ କରିବାର ସଫଳ ଯାତ୍ରା ସମ୍ପର୍କରେ ନିଜର ଅଭିଜ୍ଞତା ବାଣ୍ଟିଥିଲେ। ଯେଉଁଥିରେ ସ୍ଥାନୀୟ ଅଞ୍ଚଳର ବହୁ ଲୋକ ଓ ରୋଗୀ ଯୋଗ ଦାନ କରି ଉକ୍ତ ଶିବିରରୁ ଲାଭାନ୍ୱିତ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଜାତୀୟ କର୍କଟ ସଚେତନତା ଦିବସ ଅବସରରେ ବାଇକର୍ସ କ୍ଲବ୍ 'ମୋଟୋ ସୋଲ୍ସ'ସହ ହେଲ୍‌ଥଭିଲେ ମିଳିତ ଭାବେ ୨୦୦୦ କି.ମି.ର ଏକ କର୍କଟ ସଚେତନତା ଯାତ୍ରାର ଶୁଭାରମ୍ଭ ନିକଟରେ କରିଥିଲା।

ମନେ ପଡ଼ନ୍ତି

ଷଷ୍ଠ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ଇଂ. ଶିଳାଦିତ୍ୟ ପଟ୍ଟନାୟକ
ଆବିର୍ଭାବ: ଆଶ୍ୱିନ ଶୁକ୍ଳପକ୍ଷ, ଏକାଦଶୀ- ୨୩।୧୦।୧୯୮୪
ତିରୋଧାନ: କାର୍ତ୍ତିକ ପୂର୍ଣ୍ଣିମା ୧୪।୧୧।୨୦୧୬
ଆଜିକୁ ଷଷ୍ଠବର୍ଷ ତଳେ ଏହି ପୁଣ୍ୟ ତିଥିରେ ତୁ ଆମ୍ଭ ସମସ୍ତଙ୍କୁ ଶୋକସାଗରରେ ବୁଡ଼ାଇ ଚିରଦିନ ପାଇଁ ପରମାରାଧ୍ୟଙ୍କ ଆଶ୍ରିତ ହୋଇଗଲୁ। ତୋର ସ୍ଥାନ ଆମ୍ଭ ପରିବାର ପାଇଁ ଅପୂରଣୀୟ। ତୋର ଅଧ୍ୟବସାୟ, କର୍ମନିଷ୍ଠା, ସ୍ନେହପ୍ରବଣତା ଆମ୍ଭ ସମସ୍ତଙ୍କ ପାଇଁ ଜ୍ୱଳନ୍ତ ଉଦାହରଣ ହୋଇ ରହିଗଲା। ପରମେଶ୍ୱର ପରିବାରର ସମସ୍ତଙ୍କୁ ତୋର ଆଦର୍ଶରେ ଅନୁପ୍ରାଣିତ କରନ୍ତୁ, ଏତିକି ମାତ୍ର ପ୍ରାର୍ଥନା।
ପରିବାର ଏବଂ ଆତ୍ମୀୟସ୍ୱଜନ ବୃନ୍ଦ।
ଧ-୧୯୪୩

WE MISS YOU KUNU

(04.06.2013 ~ 14.11.2016)
A day spent away from you is as good as a day not worth being alive ...
We Miss You Kunu
With Loving Memory
Felu & Family
Nikirai, Kendrapara
ଧ-୭୩୮୯୧

ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତ ରାମକୃଷ୍ଣ ମହାପାତ୍ର
ସଂସ୍କୃତ କଲେଜ ରୋଡ୍, ଦୋଳ ମଣ୍ଡପ ସାହି, ପୁରୀ
ଆବିର୍ଭାବ: ୦୨।୧୧।୧୯୪୮
ତିରୋଧାନ: ୦୨।୧୧।୨୦୦୯ (କାର୍ତ୍ତିକ ପୂର୍ଣ୍ଣିମା)
ଆଜି ଆପଣଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ।
ଧ-୧୯୧୭

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ

୰ଗୁରୁ ଚରଣ ମହାନ୍ତି
୧୦୧, ମଧୁସୂଦନ ନଗର, ଭୁବନେଶ୍ୱର
ଆବିର୍ଭାବ: ୧୦।୧୧।୧୯୩୩
ତିରୋଧାନ: ୧୮।୧୧।୨୦୨୧
ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ: ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୧୯୫୧

ତୃତୀୟ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି

୰ପ୍ରଫେସର (ଡଃ)କସ୍ତୁରୀ ଦାସ
ରାଜାବଗିଚା, କଟକ
ଆବିର୍ଭାବ : ୦୪.୦୬.୧୯୪୩ / ତିରୋଧାନ : ୧୩.୧୧.୨୦୧୯
ତୃତୀୟ ଶ୍ରାଦ୍ଧବାର୍ଷିକୀ :୦୮.୧୧.୨୦୨୨
ଆଜିର ଏହି ତୃତୀୟ ଶ୍ରାଦ୍ଧବାର୍ଷିକୀରେ ତୁମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ସ୍ୱାମୀ-ବିମଳ (ଫୁଲୁ), ପରିବାର-ଦାଦୁଲ,ଇଭା,ଡଲ୍, ମିତୁଲ୍, ପାପୁଲ, ରଚିତା, ଭିଆନ୍, କରୁଣାକର ଓ ଉମେଶ, ସହଯୋଗୀ ଓ କର୍ମଚାରୀ ବୃନ୍ଦ।
ଇଉନିକ ବିଲ୍ଡର୍ସ ଲିମିଟେଡ଼
ଡିମଲାଇଟ ଇଣ୍ଡଷ୍ଟ୍ରିଜ ପ୍ରାଇଭେଟ ଲିମିଟେଡ
କ୍ଲାଲିଟି ପେପର ମିଲ୍‌ସ ପ୍ରାଇଭେଟ ଲିମିଟେଡ
ଲକ୍ଷ୍ମୀନାରାୟଣ ଚାରିଟେବୁଲ ଟ୍ରଷ୍ଟ ଓ ଫୁଲୁ ଏବଂ ବୁଲୁ ଫାଉଣ୍ଡେସନ୍ ପବ୍ଲିକ ଚାରିଟେବୁଲର ସଦସ୍ୟବୃନ୍ଦ
ଧ-୧୯୫୪

ପ୍ରଥମ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତ ଚନ୍ଦ୍ରକାନ୍ତ ବେହେରା
(ଗ୍ରାମ: କେଶପୁର, ହରିବୋଲ କ୍ଷେତ୍ର, ଭଦ୍ରକ)
ଆବିର୍ଭାବ-୨୩।୧୦।୧୯୬୨
ତିରୋଧାନ- ୦୮।୧୧।୨୦୨୧
ମର୍ତ୍ତ୍ୟମଣ୍ଡଳେ ଦେବଦୂତ ସାଜି ଧରାକୁ କଲ ଧନ୍ୟ, ଗୁରୁ ସମ୍ମାନେ ସମ୍ମାନିତ ହେଲ ନିର୍ଦ୍ଦେଶକ ସାଜି କଳାକୁ ବାଣ୍ଟିଲ ଅସହାୟ ଲୋକଙ୍କ ସାହାର ବନିଲ ଅଦିନରେ ଝଡ଼ିଗଲ।
ଶୋକସନ୍ତପ୍ତ: କନ୍ୟା- ଚେତନା ଚିନ୍ମୟୀ ଓ ମୃଣାଳ ମୃଣ୍ମୟୀ, ପରିବାରବର୍ଗ, ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ।
ଧ-୧୯୫୩

# କୋଷ୍ଠକାଠିନ୍ୟର ଘରୋଇ ଉପଚାର

**ଶୀତଦିନ ଆସିଲେ ଅନେକଙ୍କଠାରେ କୋଷ୍ଠକାଠିନ୍ୟ ସମସ୍ୟା ବୃଦ୍ଧିପାଇଥାଏ। ଏହାକୁ ଅଣଦେଖା କଲେ ଧୀରେ ଧୀରେ ଜଟିଳ ରୂପ ନେଇଥାଏ। ଏହା ଦୂର କରିବା ଲାଗି ଅନେକେ ବିଭିନ୍ନ ପ୍ରକାର ଔଷଧ ମଧ୍ୟ ବ୍ୟବହାର କରିଥାନ୍ତି। ହେଲେ ଆପଣ ଚାହିଁଲେ କେତୋଟି ଘରୋଇ ଉପଚାର ଦ୍ୱାରା ମଧ୍ୟ ଏହି ସମସ୍ୟାର ସମାଧାନ କରିପାରିବେ...**



➤ଶୀତଦିନେ ଶରୀରରୁ ଜଳୀୟାଂଶ କମିଯିବାରୁ କୋଷ୍ଠକାଠିନ୍ୟ ସମସ୍ୟା ଦେଖାଦିଏ। ଏହାକୁ ଦୂର କରିବା ଲାଗି ପ୍ରତିଦିନ ପ୍ରଚୁର ପରିମାଣରେ ପାଣି ପିଅନ୍ତୁ। କମଳାଜୁସ୍, ଅପଲ୍ ଜୁସ୍ ପିଇଲେ ଉପକୃତ ହେବେ।

➤ଖାଦ୍ୟ ତାଲିକାରେ ଫାଇବରଯୁକ୍ତ ଖାଦ୍ୟର ମାତ୍ରା ବୃଦ୍ଧି କରିବା ଦ୍ୱାରା ମଧ୍ୟ ଏହି ସମସ୍ୟାକୁ କେତେକାଂଶରେ କମାଯାଇପାରେ।

➤ଯଥା ସମ୍ଭବ ଫାଷ୍ଟ ଫୁଡ୍ , ଅନ୍ୟ ତେଲ ମସଲାଯୁକ୍ତ ଖାଦ୍ୟ ଏବଂ ରେଡି ଟୁ ଇଟ୍ ବା ଫ୍ରୋଜେନ୍ କିମ୍ବା ପ୍ରୋସେସ୍‌ଡ୍ ଖାଦ୍ୟ ଖାଇବାଠାରୁ ଦୂରେଇ ରୁହନ୍ତୁ। ଆଲକହଲ୍ କିମ୍ବା ନିଶାଦ୍ରବ୍ୟ ସେବନ ଅଭ୍ୟାସ ଥିଲେ ସେଥିରୁ ନିବୃତ ରୁହନ୍ତୁ।

➤ପ୍ରତିଦିନ କିଛି ସମୟ ଶାରୀରିକ ବ୍ୟାୟାମ କରନ୍ତୁ। କାରଣ ଏହାଦ୍ୱାରା ଶରୀରରେ ମେଟାବଲିଜମ୍ ସ୍ତର ଠିକ୍ ରହିବା ସହ ହଜମ କ୍ରିୟା ଭଲ ଭାବେ ହୋଇଥାଏ । ଫଳରେ ମଳତ୍ୟାଗ ସମୟରେ ଅଧିକ କଷ୍ଟ ହୋଇ ନ ଥାଏ।

➤ବିଭିନ୍ନ ଔଷଧ ବିଶେଷକରି କେତେକ ପେନ୍‌କିଲର ସେବନ ଯୋଗୁ ଅନେକଙ୍କଠାରେ କୋଷ୍ଠକାଠିନ୍ୟ ସମସ୍ୟା ଦେଖାଦେଇଥାଏ। ସେହିପରି ଭିଟାମିନ୍ ଏବଂ ଆଇରନ୍ ସପ୍ଲିମେଣ୍ଟ ମଧ୍ୟ ଅନେକଙ୍କଠାରେ ଏହି ସମସ୍ୟା ସୃଷ୍ଟି କରିଥାଏ। ଏଭଳି ଅସୁବିଧା ହେଲେ ଡାକ୍ତରଙ୍କ ପରାମର୍ଶକ୍ରମେ ଔଷଧ ପରିବର୍ତ୍ତନ କରିପାରିବେ କିମ୍ବା ଝାଡ଼ା ପତଳା ହେବା ଲାଗି ଔଷଧ ଖାଇପାରିବେ।

➤ରାତିରେ ଶୋଇବା ପୂର୍ବରୁ ତ୍ରିଫଳା ଚୂର୍ଣ୍ଣ କିମ୍ବା ବଟିକା ଖାଇ ଉଷୁମପାଣି ପିଇବା ଦ୍ୱାରା ସକାଳେ ଆରାମ ଲାଗିଥାଏ।

# ଘର ସଜାଉଥିଲେ

**ଘର ସଜାଇବା ପାଇଁ ସବୁବେଳେ ଯେ ନୂଆ ଦାମୀ ସାମଗ୍ରୀ କିଣିବେ ତା' ନୁହେଁ, ବରଂ ଅଳ୍ପ ଖର୍ଚ୍ଚରେ ବି ଆପଣଙ୍କ ଘରକୁ ଦେଇ ପାରିବ ଆକର୍ଷଣୀୟ ଲୁକ୍...**



★ଘର ସଜାଇବା ଲାଗି ୱାଲ୍ ହ୍ୟାଙ୍ଗିଙ୍ଗ୍ ବେଷ୍ଟ ଆଇଡିଆ। ଏଥିପାଇଁ ଲଗ ବିଭିନ୍ନ ପେଣ୍ଟିଂ ଲଗାଇପାରିବେ। ଘରେ ଥିବା ପୁରୁଣା ଫଟୋ ଫ୍ରେମ୍‌ରେ କୌଣସି ସୁନ୍ଦର ପ୍ରିଣ୍ଟେଡ୍ ୱାଲ୍‌ପେପର୍, କ୍ୟାଲେଣ୍ଡର ଆଦି କାଟି ମଧ୍ୟ ପୁନର୍ବାର ବ୍ୟବହାର କରିପାରିବେ। ନିଜେ ମଧ୍ୟ ପେଣ୍ଟିଂ କିମ୍ବା ପ୍ୟାଚ୍ ୱାର୍କ କରି କାନ୍ଥରେ ଲଗାଇ ପାରିବେ।

★ଆପଣଙ୍କର ଆର୍ଟ କିମ୍ବା କ୍ରାଫ୍ଟ ୱାର୍କରେ ରୁଚି ଥିଲେ ଥର୍ମୋକୁଲ୍ କିମ୍ବା ଆଇସ୍‌କ୍ରିମ୍ ଷ୍ଟିକ୍‌ରେ ୱାଲ୍ ହ୍ୟାଙ୍ଗିଙ୍ଗ୍, ଫ୍ଲାୱାର ଭେସ୍ ପ୍ରସ୍ତୁତ କରି ସେଥିରେ ସୁନ୍ଦର ରଙ୍ଗର ଫୁଲ ରଖି ପାରିବେ। ଏହା ମଧ୍ୟ ଆପଣଙ୍କ ଘରର ଇଣ୍ଟେରିଅରକୁ ଅଧିକ ସୁନ୍ଦର କରିବ।

★ଡ୍ରଇଂ ରୁମ୍, ବଡ ହଲ୍ କିମ୍ବା ବାରଣ୍ଡାକୁ ରୟାଲ୍ ଲୁକ୍ ଦେବାକୁ ଚାହୁଁଥିଲେ ନିଜର କୌଣସି ସୁନ୍ଦର ଶାଢି କିମ୍ବା ଏମ୍ବ୍ରଏଡୋରି ବୁଣା ହୋଇଥିବା ଅବା ଅନ୍ୟ କାମ ହୋଇଥିବା କପଡାକୁ ବଡ ଓ ଲମ୍ବା କାର୍ଡବୋର୍ଡ ଉପରେ ଲଗାଇ କାନ୍ଥରେ ଟଙ୍ଗାଇ ପାରିବେ।

★ଘର ସଜାଇବା ଲାଗି ବିଭିନ୍ନ ପ୍ରକାରର ଟାଇଲ୍ ବ୍ୟବହାର କରିପାରିବେ। ଏହା ୱାନ୍ ଟାଇମ୍ ଇନ୍‌ଭେଷ୍ଟମେଣ୍ଟ। ହେଲେ ଆହୁରି କମ୍ ଖର୍ଚ୍ଚରେ କାନ୍ଥ ସଜାଇବାକୁ ଚାହୁଁଥିଲେ ମାର୍କେଟ୍‌ରେ ମିଳୁଥିବା ବିଭିନ୍ନ ପ୍ରକାରର ୱାଲ୍ ପେପର୍ ଲଗାଇ ପାରିବେ।

ଖାଦ୍ୟରୁଚି

# ଦହି-ଚଣା ତରକାରି

**ଆବଶ୍ୟକ ସାମଗ୍ରୀ:** ୧ କପ୍ ବତୁରାଯାଇଥିବା ବୁଟ(କଳାଚଣା), ୧/୨ ଟି ସ୍ପୁନ୍ ଜିରା, ୧/୪ ଟି ସ୍ପୁନ୍ ସୋରିଷ, ୨ଟି ଲେଖାଏଁ ତେଜପତ୍ର ଓ ଶୁଖିଲା ଲଙ୍କା, ଚିମୁଟାଏ ହେଙ୍ଗୁ, ୧ ଟି ସ୍ପୁନ୍ ଅଦା କଞ୍ଚାଲଙ୍କା ବଟା, ୧ ଟି ସ୍ପୁନ୍ ଲାଲ୍ ଲଙ୍କା ପାଉଡର, ୧ କପ୍ ଦହି, ୩ ଟେବଲ୍ ସ୍ପୁନ୍ ବେସନ, ୪ ଟେବଲ୍ ସ୍ପୁନ୍ କଟା ଧନିଆ, ୨ ଟେବୁଲ ସ୍ପୁନ୍ ତେଲ, ଲୁଣ ସ୍ୱାଦାନୁସାରେ।

**ପ୍ରସ୍ତୁତି ପ୍ରଣାଳୀ:** ଏକ ପ୍ରେସର କୁକରରେ ତେଲ ଗରମକରି ସେଥିରେ ଜିରା, ସୋରିଷ, ତେଜପତ୍ର, ଶୁଖିଲା ଲଙ୍କା ଏବଂ ହେଙ୍ଗୁ ପକାଇ ଗୋଳାନ୍ତୁ। ଏହା ଫୁଟିବା ଆରମ୍ଭ ହେଲେ ବତୁରା ବୁଟ, ଅଦା ଲଙ୍କା ପେଷ୍ଟ, ଲାଲ୍‌ଲଙ୍କା ଗୁଣ୍ଡ, ହଳଦୀଗୁଣ୍ଡ, ଲୁଣ ଏବଂ ୨ କପ୍ ପାଣି ଦିଅନ୍ତୁ। ବର୍ତ୍ତମାନ କୁକର ବନ୍ଦ କରି ୩ଟି ହ୍ୱିସିଲ୍ ହେବା ଯାଏ ରଖନ୍ତୁ। କିଛି ସମୟ ସେହିପରି ଛାଡ଼ି ଦିଅନ୍ତୁ। କୁକରରୁ ବାମ୍ଫ ବାହାରିଯିବା ପରେ ଢାଙ୍କୁଣି ଖୋଲନ୍ତୁ। ଦହି ଏବଂ ବେସନକୁ ଭଲଭାବେ ମିଶାଇ କୁକରରେ ଢାଳନ୍ତୁ। ଚୁଲା ଲଗାଇ ଏହାକୁ ଭଲ ଭାବେ ଘାଣ୍ଟନ୍ତୁ। ନଚେତ୍ ଦହି ଏବଂ ବେସନ ଅଲଗା ହୋଇଯିବା ଫଳରେ ତରକାରିର ଟେଷ୍ଟ ବିଗିଡ଼ିଯାଇପାରେ। ୪ରୁ ୫ମିନିଟ୍ ଗୋଳାଇବା ପରେ ଚୁଲା ବନ୍ଦ କରିଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଦହି ଚଣା ତରକାରି। ଏହାକୁ ଖାଇବାର ମଜା ନିଅନ୍ତୁ।



# ଗ୍ଲିଟର ଆଇଶ୍ୟାଡୋ



**ମୁହଁକୁ ଅଧିକ ଆକର୍ଷଣୀୟ କରିବା ଲାଗି ଆଇ ମେକ୍‌ଅପ୍‌ରେ ବର୍ତ୍ତମାନ ଗ୍ଲିଟର ଆଇଶ୍ୟାଡୋ ଲାଟେଷ୍ଟ ଟ୍ରେଣ୍ଡ ପାଲଟିଛି। ଯଦି ଆପଣ ବି ଏହି ମେକ୍‌ଅପ୍ ନେଇ ଡିଫରେଣ୍ଟ ଲୁକ୍ ପାଇବାକୁ ଚାହୁଁଛନ୍ତି ତେବେ ଜାଣିରଖନ୍ତୁ ଏହାକୁ ବ୍ୟବହାର କରିବାର କେତୋଟି ଉପାୟ...**

❖ଗ୍ଲିଟର ଆଇଶ୍ୟାଡୋକୁ ପାର୍ଟି, ଫଙ୍କଶନ ଆଦି ସମୟରେ ଲଗାଇଲେ ଭଲ ଲାଗିଥାଏ। ଏଥିପାଇଁ ନିଜ ଡ୍ରେସ୍ କଲର ସହ ମ୍ୟାଚ୍ କରୁଥିବା ଆଇଶ୍ୟାଡୋ ବାଛନ୍ତୁ। ଯଦି ତାହା ଉପଲବ୍ଧ ନାହିଁ ତେବେ ସବୁ ପୋଷାକର ରଙ୍ଗ ସହ ମ୍ୟାଚ୍ କରୁଥିବା ଭଳି ୟୁନିଭର୍ସାଲ୍ ରଙ୍ଗ ଯଥା- ହ୍ୱାଇଟ୍, ସିଲ୍‌ଭର, ଗୋଲ୍ଡେନ୍ ଆଦି ବାଛନ୍ତୁ।

❖ଆଇଶ୍ୟାଡୋ ଲଗାଇବା ପୂର୍ବରୁ ପ୍ରାଇମର ଲଗାଇବାକୁ ଭୁଲନ୍ତୁ ନାହିଁ। ଏହାଦ୍ୱାରା ଗ୍ଲିଟରର ସୁନ୍ଦରତା ଆହୁରି ଅଧିକ ବଢ଼ିଯାଇଥାଏ ଏବଂ ଏହା ଦୀର୍ଘ ସମୟ ପାଇଁ ମଧ୍ୟ ରହିଥାଏ।

❖ଯଦି ଆପଣ ବେସ୍ କଲର ଲଗାଇବା ପରେ ଏହାକୁ ବ୍ୟବହାର କରୁଛନ୍ତି ତେବେ ମେକ୍‌ଅପ୍ ଅପେକ୍ଷାକୃତ ଅଧିକ ଆକର୍ଷଣୀୟ ଲାଗିବ।

❖ଗ୍ଲିଟର ଆଇଶ୍ୟାଡୋ କ୍ରିମ୍ ବେସ୍‌ଡ୍ ବାଛିଲେ ଭଲ। ଯଦି ନ ମିଳୁଛି ତେବେ ଭେସ୍‌ଲିନ୍ କିମ୍ବା ଜେଲ୍ ଲଗାଇବା ପରେ ଏହାକୁ ଲଗାନ୍ତୁ। ଏପରି କରିବା ଦ୍ୱାରା ଗ୍ଲିଟର ବୋଳି ହୋଇ କିମ୍ବା ଛାଡିଯାଇ ମେକ୍‌ଅପ୍ ଖରାପ ହୋଇ ନ ଥାଏ ଏବଂ ଅପେକ୍ଷାକୃତ ଅଧିକ ସମୟ ମଧ୍ୟ ରହିଥାଏ।

❖ଏହାକୁ ଲଗାଇବା ଲାଗି ଗ୍ଲିଟର ଆପ୍ଲିକେଟର ବ୍ୟବହାର କରନ୍ତୁ। ପ୍ରଥମେ ସିଙ୍ଗଲ୍ କୋଟ୍ ଲଗାଇ ଦେଖନ୍ତୁ। ଠିକ୍ ଭାବେ ଲାଗିଲେ ଧୀରେ ଧୀରେ ଡବଲ କୋଟ୍ ଲଗାନ୍ତୁ।

❖ଏହି ମେକ୍‌ଅପ୍ ଛଡ଼ାଇବା ସମୟରେ କେବଳ ମୁହଁ ଧୋଇବା ପରିବର୍ତ୍ତେ କଟନ୍‌ରେ ବେବି ଅଏଲ୍ କିମ୍ବା ମେକ୍‌ଅପ୍ ରିମୁଭରରେ ଧୀରେ ଧୀରେ ପୋଛନ୍ତୁ।

❖ମନେରଖନ୍ତୁ, ପ୍ରଥମ ଥର ଲଗାଉଥିଲେ କୌଣସି ବ୍ୟୁଟି ଏକ୍ସପର୍ଟଙ୍କଠାରୁ ପରାମର୍ଶ ନିଅନ୍ତୁ। ଠିକ୍ ବ୍ରାଣ୍ଡ ତଥା କ୍ୱାଲିଟି ସମ୍ପର୍କରେ ଜାଣିବା ଦ୍ୱାରା ନା କେବଳ ଆପଣଙ୍କ ଆଖି ଆକର୍ଷଣୀୟ ଲାଗିବ ବରଂ ସୁରକ୍ଷିତ ମଧ୍ୟ ରହିବ।



# ଶୀତରେ ଶିଶୁଙ୍କ ଯତ୍ନ

**ଧୀରେ ଧୀରେ ଅନୁଭୂତ ହେଲାଣି ଶୀତ। ଆଉ ମା'ମାନଙ୍କଠାରେ ବଢୁଛି ପିଲାଙ୍କ ସ୍ୱାସ୍ଥ୍ୟ ଚିନ୍ତା। କାରଣ ବର୍ଷର ଅନ୍ୟଦିନ ତୁଳନାରେ ଏଦିନେ ଶିଶୁଙ୍କଠାରେ ଦେଖାଦେଇଥାଏ ବିଭିନ୍ନ ଥଣ୍ଡାଜନିତ ସ୍ୱାସ୍ଥ୍ୟ ସମସ୍ୟା। ଯେଉଁଥିରୁ ଶିଶୁଙ୍କୁ ରକ୍ଷା କରିବା ଲାଗି ଆବଶ୍ୟକ ବିଭିନ୍ନ ପ୍ରତିଷେଧକ ବ୍ୟବସ୍ଥା...**



**- ଡା. ନରେଶ ଚନ୍ଦ୍ର ଆଚାର୍ଯ୍ୟ**

ଶୀତଋତୁର ସ୍ଥାନ ବର୍ଷର ୬ ଋତୁ ମଧ୍ୟରୁ ସ୍ୱତନ୍ତ୍ର। ଏହି ଋତୁ ଆଣେ ଅନେକ ପର୍ବପର୍ବାଣି ଓ ଆନନ୍ଦ ଉଲ୍ଲାସର ଦିନ, ପାଚିଲା ଧାନକ୍ଷେତ, ଅନେକ ଫଳ ପୁଷ୍ପର ସମ୍ଭାର ସମସ୍ତଙ୍କୁ ଆତ୍ମହରା କରିଥାଏ।

ଏହିଦିନେ ଭଳିକି ଭଳି ଶୀତବସ୍ତ୍ର ପିନ୍ଧି ସଭିଏଁ ଏହାର ବେଶ୍ ଆନନ୍ଦ ଉଠାନ୍ତି। ହେଲେ ଏହି ଥଣ୍ଡା ପାଗ ଶିଶୁଙ୍କ ସ୍ୱାସ୍ଥ୍ୟକୁ ପ୍ରଭାବିତ କରିଥାଏ। କାରଣ ଏହିଦିନେ ପୃଥିବୀ ଦକ୍ଷିଣାୟନ ହେବା ଫଳରେ ସୂର୍ଯ୍ୟଙ୍କ ନିକଟରୁ ଆସୁଥିବା କିରଣ ପୃଥିବୀରେ ତୀର୍ଯ୍ୟକ ଭାବରେ ପଡ଼ିଥାଏ । ଫଳରେ ଭୂପୃଷ୍ଠର ଉତ୍ତାପ କମ୍ ହୋଇଥାଏ । ଉଷ୍ମ ବାୟୁରେ ଅଧିକ ଜଳୀୟ ବାଷ୍ପ ଥିବା ବେଳେ ବାୟୁ ଶୀତଳ ହେଲେ ଜଳୀୟ ବାଷ୍ପ ହ୍ରାସ ପାଏ। ଏହା ତ୍ୱଚାକୁ ଶୁଷ୍କ କରିଦିଏ । ଶୀତଳ ବାୟୁ ଭୂପୃଷ୍ଠରୁ ଉର୍ଦ୍ଧ୍ୱକୁ ଯାଏ ନାହିଁ । ତେଣୁ ଧୂଳିକଣା, ଧୂଆଁ, ଅଙ୍ଗାରକାମ୍ଳ ଭୂପୃଷ୍ଠରେ ରହିଯାଏ । କୁହୁଡ଼ି ସହ ମିଶି ଏହା ସ୍ମଗ୍ ସୃଷ୍ଟିକରେ, ଯାହାକି ଶ୍ୱାସକ୍ରିୟା ପାଇଁ ହାନିକାରକ। ବିଶେଷକରି ଏହା ଶିଶୁର ଛାତି ଭିତରକୁ ଯାଇ ଥଣ୍ଡା ଓ ଶ୍ୱାସଜନିତ ରୋଗ ସୃଷ୍ଟି କରିଥାଏ।

**ଶୀତରେ ଶିଶୁଙ୍କଠାରେ ଦେଖାଦେଉ ଥିବା ମୁଖ୍ୟ ସମସ୍ୟା:** ଶୀତରେ ସାଧାରଣ ଶିଶୁଙ୍କ ଠାରେ ଥଣ୍ଡାଜ୍ୱର ଦେଖାଦେଇଥାଏ। ଏହା ବ୍ୟତୀତ ଇନ୍‌ଫ୍ଲୁଏଞ୍ଜା, ବ୍ରୋଙ୍କିଓଲାଇଟିସ୍, କ୍ରୁପ୍, ନିମୋନିଆ, ଟନ୍‌ସିଲାଇଟିସ୍ ଓ ଫାରିଞ୍ଜାଇଟିସ୍, ଷ୍ଟୋମାକ୍ ଫ୍ଲୁ ଏବଂ କୋଭିଡ୍-୧୯, କାନପଚା, ଆଜ୍‌ମା, ଚର୍ମରୋଗ, ଡେଙ୍ଗୁ, ମ୍ୟାଲେରିଆ, ଜିଭ ଘା', ତରଳଝାଡ଼ା(ରୋଟା ଓ ନରୋଭାଇରସ୍ ଡାଇରିଆ) ଭଳି ସମସ୍ୟା ବି କେତେକଙ୍କ ଠାରେ ଦେଖିବାକୁ ମିଳିଥାଏ।

ତେବେ ଶୀତରେ ଶିଶୁମାନଙ୍କରଠାରେ ଦେଖାଦେଉଥିବା ପ୍ରଧାନ ରୋଗ ହେଲା ଥଣ୍ଡା। ପ୍ରାୟ ୨୦୦ ପ୍ରକାର ଭୂତାଣୁ ଦ୍ୱାରା ଥଣ୍ଡାରୋଗ ହୋଇଥାଏ । ଏମାନଙ୍କ ମଧ୍ୟରୁ ରାଇନୋ(Rhino) ରେସ୍ପିରେଟନ ସିନ୍‌ସିଟିଆଇ ଭାଇରସ୍(R.S.V), କରୋନା ଭୂତାଣୁ, ମିଳିମିଳା ଭୂତାଣୁ ପ୍ରଧାନ। ଥଣ୍ଡା ପ୍ରଥମ ଦିନ ଜ୍ୱର ହୁଏ ଓ ନାକରୁ ତରଳ ଜଳୀୟ ପଦାର୍ଥ ନିର୍ଗତ ହୁଏ। ୩ ଦିନ ପରେ ବହଳିଆ ହୋଇଥାଏ । କମ୍ ରୋଗ ପ୍ରତିରୋଧକ ଥିବା ଶିଶୁମାନଙ୍କର ଅଧିକ ଦିନ ଦେହରେ କାଶ ଥଣ୍ଡା ଲାଗିରହେ।

- ଇନ୍‌ଫ୍ଲୁଏଞ୍ଜା ରୋଗ ଓ କୋଭିଡ୍-୧୯ ଅଧିକ ମାରାତ୍ମକ ହୋଇଥାନ୍ତି । ଲାରିଙ୍ଗୋ ଟାକିଓ ବ୍ରୋଙ୍କାଇଟିସ୍ (Laryngo teacheo Bronchitis)ରେ ଶିଶୁର ସ୍ୱର ବଦଳିଯାଏ । କାଶ ଲାଗି ରହେ, ଅଣନିଃଶ୍ୱାସୀ ହୁଏ । ବ୍ରୋଙ୍କିଓଲାଇଟିସ୍ ହେଲେ ଶିଶୁଟି ମା'ଠାରୁ ଟାଣି କ୍ଷୀର ଖାଇପାରେ ନାହିଁ। ଅଣନିଃଶ୍ୱାସୀ ହୁଏ । ଏକ୍ଷେତ୍ରରେ ତୁରନ୍ତ ଶିଶୁକୁ ଡାକ୍ତରଖାନାରେ ରଖି ଚିକିତ୍ସା କରିବା ଜରୁରୀ।

-ନିମୋନିଆ ରୋଗ ଷ୍ଟ୍ରେପ୍ଟୋକୋକ୍‌ସ ନିଉମୋନି ବା ନିଉମୋ କୋକସ୍ ଜୀବାଣୁ ଦ୍ୱାରା ହୋଇଥାଏ । ଏଥିରେ ନିଃଶ୍ୱାସର ଗତି ବୃଦ୍ଧି ପାଏ। ନିଶ୍ୱାସନର ଗତି(ଜନ୍ମରୁ-୨ ମାସ ପର୍ଯ୍ୟନ୍ତ ଶିଶୁଙ୍କ ନିଃଶ୍ୱାସର ଗତି ପ୍ରତି ମିନିଟକୁ ୬୦ କିମ୍ବା ୬୦ରୁ ଉର୍ଦ୍ଧ୍ୱ, ୨ମାସରୁ-୧ବର୍ଷ ମଧ୍ୟରେ ଶିଶୁଙ୍କର ୫୦କିମ୍ବା ଉର୍ଦ୍ଧ୍ୱ, ୧ବର୍ଷରୁ -୫ ବର୍ଷ ଶିଶୁଙ୍କର ୪୦କିମ୍ବା ଉର୍ଦ୍ଧ୍ୱ ଏବଂ ୫ରୁ ଅଧିକ ବର୍ଷର ଶିଶୁଙ୍କର ୩୦ କିମ୍ବା ଉର୍ଦ୍ଧ୍ୱ)କୁ ମାପି ସେଥିରୁ ନିମୋନିଆ ଅଛି କି ନାହିଁ ଜାଣିହୁଏ । ନିମୋନିଆ ରୋଗ ହୋଇଥିଲେ ଶୀଘ୍ର ଡାକ୍ତରଙ୍କ ପରାମର୍ଶ ନେଇ ଡାକ୍ତରଖାନାରେ ରଖିବା ଆବଶ୍ୟକ।









**ପ୍ରତିଷେଧକ:** - ଶୀତଦିନ ଆରମ୍ଭରୁ ଶିଶୁଙ୍କୁ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାରୁ ରକ୍ଷାକରିବା ଲାଗି ବହୁ ପ୍ରତିଷେଧକ ବ୍ୟବସ୍ଥା ଆପଣେଇବା ଆବଶ୍ୟକ। ନିମୋନିଆ ନ ହେବା ପାଇଁ ପିସିଭି ବା ନିଉମୋକୋକାଲ ଭାକ୍ସିନ ମିଳୁଛି । ସରକାରୀ ଡାକ୍ତରଖାନା କିମ୍ବା କୌଣସି ଶିଶୁରୋଗ ବିଶେଷଜ୍ଞଙ୍କ ନିକଟରେ ଦେଢ଼ମାସ, ଅଢ଼େଇମାସ ଓ ସାଢ଼େ ୩ ମାସ ବୟସର ଶିଶୁଙ୍କୁ ଏହି ଭାକ୍ସିନ ଦିଅନ୍ତୁ। ଏହାର ବୁଷ୍ଟର ଡୋଜ୍ ୧୫ ମାସ ବୟସରେ ଦିଆଯାଏ । ଏହା ବ୍ୟତୀତ ଫ୍ଲୁ ଏବଂ କରୋନା ପାଇଁ ମିଳୁଥିବା ପ୍ରତିଷେଧକ ଟିକା ଦିଅନ୍ତୁ।

- ଶିଶୁମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ଶୀତଦିନରେ କମ୍ ରହେ। ଏହାକୁ ବୃଦ୍ଧି କରିବା ଲାଗି ଲେମ୍ବୁ, କମଳା ଇତ୍ୟାଦି ଭିଟାମିନ-ସି ଯୁକ୍ତ ଖାଦ୍ୟ ଖାଇବାକୁ ଦିଅନ୍ତୁ। ଏଦିନେ ତ୍ୱଚା ଶୁଷ୍କ ନ ହେବା ଲାଗି ଅଧିକ ପାଣି ପିଇବାକୁ ଦିଅନ୍ତୁ ଏବଂ ଜୁସ୍, ସୁପ୍ ଆଦି ମଧ୍ୟ ପିଇବାକୁ ଦିଅନ୍ତୁ।

- ଏହିଦିନେ ଶୀତ ଯୋଗୁ ଶୀତବସ୍ତ୍ର ପିନ୍ଧିବା ହେତୁ ପିଲାଙ୍କ ଚର୍ମ ଉପରେ ଆଦୌ ଖରା ପଡ଼େ ନାହିଁ। ଏହାଦ୍ୱାରା ଭିଟାମିନ୍-ଡି କମ୍ ହୋଇଥାଏ। ତେଣୁ ପିଲାଙ୍କୁ ସକାଳୁ କିଛି ସମୟ ସୂର୍ଯ୍ୟାଲୋକରେ ବୁଲାବୁଲି କରାଇବା ଦରକାର।

- ତା'ଛଡ଼ା ଅନେକ ଶିଶୁ ଥଣ୍ଡା ଲାଗୁଥିବାରୁ ଏହିଦିନେ ଗାଧେଇ ନ ଥାନ୍ତି। ଏହାଦ୍ୱାରା ମଧ୍ୟ ଶିଶୁଙ୍କଠାରେ ସ୍ୱାସ୍ଥ୍ୟ ସମସ୍ୟା ବଢ଼ିଥାଏ। ତେଣୁ ସେମାନଙ୍କୁ ପ୍ରତିଦିନ ଗାଧୋବାକୁ କୁହନ୍ତୁ। ବାହାରକୁ ଗଲେ ଫେରିବା ମାତ୍ରେ ହ୍ୟାଣ୍ଡୱାଶ୍ କରନ୍ତୁ। ଥଣ୍ଡା, କାଶ, ଜ୍ୱର ହୋଇଥିବା କୌଣସି ବ୍ୟକ୍ତିଙ୍କ ନିକଟକୁ ପିଲାଙ୍କୁ ଛାଡ଼ନ୍ତୁ ନାହିଁ।

- ଅନେକ ଅଭିଭାବକ ଥଣ୍ଡା ପବନ ବାଜିଲେ ପିଲାଙ୍କ ଦେହ ଖରାପ ହେବା ଡରରେ ଆଦୌ ବାହାରକୁ ଛାଡି ନ ଥାନ୍ତି। ହେଲେ ଏହାଦ୍ୱାରା ଅଧିକ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବାର ଆଶଙ୍କା ରହିଛି। ତେଣୁ ପିଲାଙ୍କ ରୋଗ ପ୍ରତିରୋଧକ ଶକ୍ତି ବଢାଇବା ଲାଗି କିଛି ସମୟ ଖରାରେ ଖେଳକୁଦ କରିବାକୁ ଛାଡନ୍ତୁ।

- ତା'ଛଡା ସମ୍ପୂର୍ଣ୍ଣ ଘରେ ରହିବା ଅବା ସ୍କୁଲରେ କୋଠରି ଭିତରେ ଅନେକ ପିଲା ଏକାଠି ରହିବା ଫଳରେ ରୋଗ ସଂକ୍ରମଣର ଅଧିକ ଭୟ ଥାଏ। କାରଣ ଶୀତରେ ଭୂତାଣୁମାନଙ୍କର ସୃଷ୍ଟି ଅଧିକ ହୁଏ । ଏମାନେ ଅଧିକ ଦିନ ବଞ୍ଚିଥାନ୍ତି। ଭୂତାଣୁ ଉପରେ ଆଣ୍ଟିବାୟୋଟିକ୍‌ର ପ୍ରଭାବ ନାହିଁ । ତେଣୁ ଭୂତାଣୁ ଜ୍ୱରରେ ଆଣ୍ଟିବାଓଟିକ୍ ଖାଇବା ଠିକ୍ ନୁହେଁ । ପ୍ରତିଷେଧକ ଟିକା ହିଁ ପ୍ରକୃତ ରକ୍ଷକ।

- ଶିଶୁରୋଗ ବିଶେଷଜ୍ଞ, ଲିଙ୍ଗରାଜ ବିହାର, ପୋଖରୀପୁଟ,ଭୁବନେଶ୍ୱର

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୮/୨୦୨୨ Bhubaneswar, Tuesday, November 8/ 2022

# ନ୍ୟୁଜିଲାଣ୍ଡ ଲାଗି ଇତିହାସ ରଚିବା ସୁଯୋଗ

ଚଳିତ ଆଇସିସି ଟି୨୦ କ୍ରିକେଟ ବିଶ୍ୱକପ୍‌ର ଗ୍ରୁପ୍ ପର୍ଯ୍ୟାୟ ଶେଷ ହୋଇଛି। ଏବେ ଆସୁଛି ନକ୍‌ଆଉଟ ପର୍ଯ୍ୟାୟ। ସୁପର-୧୨ରେ ଭଲ ପ୍ରଦର୍ଶନ କରି ପଏଣ୍ଟ ଭିତ୍ତିରେ ୪ଟି ଦଳ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଗ୍ରୁପ୍ 'ଏ'ରୁ ଆସିଛନ୍ତି ନ୍ୟୁଜିଲାଣ୍ଡ ଓ ଇଂଲଣ୍ଡ ଏବଂ ଗ୍ରୁପ୍ 'ବି'ରୁ ଭାରତ ଓ ପାକିସ୍ତାନ। ରେକର୍ଡ ଅନୁସାରେ ପୂର୍ବରୁ ଭାରତ, ପାକିସ୍ତାନ ଓ ଇଂଲଣ୍ଡ ଥରେ ଲେଖାଏ ଚାମ୍ପିୟନ ହୋଇସାରିଛନ୍ତି। ଯଦି ଏହି ୩ ଦଳ ମଧ୍ୟରୁ କେଉଁ ଦଳ ଟାଇଟଲ ବିଜୟୀ ହେବ ତେବେ ୱେଷ୍ଟଇଣ୍ଡିଜ ରେକର୍ଡ ସହ ସମକକ୍ଷ ହେବ। କାରଣ ଟୁର୍ନାମେଣ୍ଟ ଇତିହାସରେ ଏକମାତ୍ର ଦଳ ଭାବେ ୱେଷ୍ଟଇଣ୍ଡିଜ ୨୦୧୨ ଓ ୨୦୧୬ରେ ୨ ଥର ଚାମ୍ପିୟନ ହୋଇଛି। ମାତ୍ର ଦୁର୍ଭାଗ୍ୟ ଯେ ଏହି ଦଳ ଏଥର ସୁପର-୧୨ ଖେଳିବା ପାଇଁ ଯୋଗ୍ୟତା ଅର୍ଜନ କରିପାରି ନ ଥିଲା। ଭାରତ ୨୦୦୭, ପାକିସ୍ତାନ ୨୦୦୯ ଓ ଇଂଲଣ୍ଡ ୨୦୧୦ରେ ଚାମ୍ପିୟନ ହୋଇଥିଲେ।



ନ୍ୟୁଜିଲାଣ୍ଡ କ୍ରିକେଟ ଦଳ।

ବାକି ରହିଲା ନ୍ୟୁଜିଲାଣ୍ଡ। ଏହି ଦଳ କେବେହେଲେ ଟ୍ରଫି ଜିତିବାର ସୌଭାଗ୍ୟ ପାଇନାହିଁ। ତେଣୁ ଏଥର ଦଳ ନିକଟରେ ଇତିହାସ ରଚିବାର ସୁଯୋଗ ରହିଛି। ନ୍ୟୁଜିଲାଣ୍ଡ ଏପର୍ଯ୍ୟନ୍ତ ପ୍ରତିଯୋଗିତାର ସମସ୍ତ ସଂସ୍କରଣରେ ଭାଗ ନେଇଆସିଥିଲେ ହେଁ ୨୦୨୧ରେ ସର୍ବାଧିକ ରନରଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ଏହି ସଂସ୍କରଣରେ ଦଳ ଭଲ

**ଟି୨୦ ବିଶ୍ୱକପ୍**

ପ୍ରଦର୍ଶନ କରିଥିଲେ ହେଁ ଫାଇନାଲ ହର୍ଡଲ୍ସ ଅତିକ୍ରମ କରିପାରି ନ ଥିଲା। ଗତ ନଭେମ୍ବର ୧୪ରେ ଦୁବାଇରେ ଅନୁଷ୍ଠିତ ଫାଇନାଲରେ ନ୍ୟୁଜିଲାଣ୍ଡ ୨୦ ଓଭରରେ ୪ ଉଇକେଟ ହରାଇ ୧୭୨ ରନ୍ କରିଥିବାବେଳେ ଅଷ୍ଟ୍ରେଲିଆ ୧୮.୫ ଓଭରରେ ମାତ୍ର ୨ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ଅତିକ୍ରମ କରିଯାଇଥିଲା। ଫଳରେ କେନ୍ ୱିଲିୟମସନ୍‌ଙ୍କ ଦଳର ଟ୍ରଫି ଜିତିବା ଆଶା ଅଧୁରା ରହିଯାଇଥିଲା। ଦଳ ୨ ଥର ୨୦୦୭ ଓ ୨୦୧୬ରେ ସେମିଫାଇନାଲରୁ ବିଦାୟ ନେଇଥିଲା। ଅନ୍ୟ ସମସ୍ତ ସଂସ୍କରଣରେ ଦଳର ଅଭିଯାନ ରାଉଣ୍ଡ-୨ରୁ ଶେଷ ହୋଇଥିଲା। ତେଣୁ ଏଥର ଦଳ ନିକଟରେ ପୂର୍ବ ରେକର୍ଡରେ ଉନ୍ନତି ଆଣିବାର ସୁଯୋଗ ରହିଛି।

### ୩ ବିଜୟ, ୧ ପରାଜୟ

ଚଳିତ ସଂସ୍କରଣରେ ର୍‍ୟାଙ୍କିଙ୍ଗ୍ ଦୃଷ୍ଟିରୁ ନ୍ୟୁଜିଲାଣ୍ଡ ସିଧାସଳଖ ସୁପର-୧୨ ଖେଳିଥିଲା। ସିଡ୍‌ନୀରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଡିଫେଣ୍ଡିଂ ଚାମ୍ପିୟନ ତଥା ଘରୋଇ ଅଷ୍ଟ୍ରେଲିଆକୁ ୮୯ ରନ୍‌ରେ ହରାଇ ଅଭିଯାନ ଆରମ୍ଭ କରିଥିଲା। ଆଫଗାନିସ୍ତାନ ବିପକ୍ଷ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଯାଇଥିବାବେଳେ ପରବର୍ତ୍ତୀ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ୬୫ ରନ୍‌ରେ ହରାଇ ଆଗକୁ ବଢ଼ିଥିଲା। ମାତ୍ର ଏହାର ବିଜୟରେ ବ୍ରେକ୍ ଲଗାଇଥିଲା ଇଂଲଣ୍ଡ। ବ୍ରିସ୍‌ବେନଠାରେ ଅନୁଷ୍ଠିତ ମ୍ୟାଚ୍‌ରେ ଇଂଲଣ୍ଡଠାରୁ ୨୦ ରନ୍‌ରେ ହାରିଯାଇଥିଲା ନ୍ୟୁଜିଲାଣ୍ଡ। ତେବେ ଅନ୍ତିମ ଗ୍ରୁପ୍ ମ୍ୟାଚ୍‌ରେ ଆୟର୍ଲାଣ୍ଡକୁ ୩୫ ରନ୍‌ରେ ହରାଇ ଏହି ଦଳ ଗ୍ରୁପ୍ ଟପ୍ପର ଭାବେ ସେମିଫାଇନାଲରେ ପହଞ୍ଚିଥିଲା। ଆସନ୍ତା ୯ ତାରିଖରେ ନ୍ୟୁଜିଲାଣ୍ଡ ଗ୍ରୁପ୍ 'ବି'ର ଦ୍ୱିତୀୟ ସ୍ଥାନୀୟ ଦଳ ପାକିସ୍ତାନକୁ ଭେଟିବ। ପାକିସ୍ତାନ ବାଧା ଅତିକ୍ରମ କରିପାରିଲେ ଦଳ ଦ୍ୱିତୀୟ ଥର ପାଇଁ ପ୍ରତିଯୋଗିତାର ଫାଇନାଲ ଖେଳିବ।

### ନଜରରେ ଗ୍ଲେନ୍ ଫିଲିପ୍ସ

ଏଥର ନ୍ୟୁଜିଲାଣ୍ଡକୁ ସେମିଫାଇନାଲରେ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି ବ୍ୟାଟର ଗ୍ଲେନ୍ ଫିଲିପ୍ସ। ସେ ଗୋଟିଏ ଶତକ ହାସଲ କରିବା ସହ ୪ ମ୍ୟାଚ୍‌ରୁ ୪୮.୭୫ ଆଭରେଜ୍‌ରେ ଦଳ ପକ୍ଷରୁ ସର୍ବାଧିକ ୧୯୫ ରନ୍ ସଂଗ୍ରହ କରିଛନ୍ତି। ତାଙ୍କ ଷ୍ଟ୍ରାଇକ୍ ହାର ରହିଛି ୧୬୩.୮୬। ସେହିପରି ଡେଭନ କନ୍‌ୱେ ୪୧.୩୩ ଆଭରେଜ୍‌ରେ ୧୨୪ ଓ ୱିଲିୟମସନ ୩୩ ଆଭରେଜ୍‌ରେ ୧୩୨ ରନ୍ କରି ପଛରେ ରହିଛନ୍ତି। ବୋଲିଂରେ ମିଚେଲ ସାଣ୍ଟନର ସର୍ବାଧିକ ୮ଟି, ଟିମ୍ ସୌଦୀ ଓ ଲୋକି ଫର୍ଗୁସନ ୭ଟି ଲେଖାଏ ଏବଂ ଟ୍ରେଣ୍ଟ ବୋଲ୍ଟ ଓ ଇଶ୍ ସୋଧୀ ୬ଟି ଲେଖାଏ ଉଇକେଟ ନେଇ ନ୍ୟୁଜିଲାଣ୍ଡ ସଫଳତାରେ ଭାଗୀଦାର ରହିଛନ୍ତି।

# ପାକିସ୍ତାନ ପାଇଁ କଡ଼ା ପରୀକ୍ଷା

ଟୁର୍ନାମେଣ୍ଟରୁ ଏଲିମିନେଟ୍ ହେବାର ଦ୍ୱାରଦେଶରୁ ଅପ୍ରତ୍ୟାଶିତ ଭାବେ ପ୍ରତ୍ୟାବର୍ତ୍ତନ କରିଥିଲା ପାକିସ୍ତାନ। ନେଦରଲାଣ୍ଡ୍ସ ନିକଟରୁ ଦକ୍ଷିଣ ଆଫ୍ରିକା ପରାଜିତ ହୋଇ ନ ଥିଲେ ଏବେ ସେମିଫାଇନାଲ ଲାଇନ୍‌ଅପ୍ ଭିନ୍ନ ଧରଣର ହୋଇଥାନ୍ତା। ଦକ୍ଷିଣ ଆଫ୍ରିକା ଏହାର କ୍ରିକେଟ ଇତିହାସରେ ସବୁଠାରୁ ବଡ଼ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ନେଦରଲାଣ୍ଡ୍ସଠାରୁ ମାତ୍ର ୧୩ ରନ୍‌ରେ ହାରିଯିବା ଦ୍ୱାରା ବିଦାୟ ପଥରେ ଥିବା ପାକିସ୍ତାନ ପାଇଁ ସୁଯୋଗ ସୃଷ୍ଟି ହୋଇଥିଲା। ଶେଷ ଗ୍ରୁପ୍ ମ୍ୟାଚ୍‌ରେ ଦଳକୁ ଭାଗ୍ୟ ମଧ୍ୟ ସାଥ୍ ଦେଇଥିଲା। ପ୍ରତିଦ୍ୱନ୍ଦ୍ୱୀ ବାଂଲାଦେଶ ଦକ୍ଷତାଠାରୁ ନିମ୍ନ ଧରଣର ପ୍ରଦର୍ଶନ କରିଥିଲା। ସେମିଫାଇନାଲରେ ପହଞ୍ଚି ଯାଇଥିବାରୁ ପାକିସ୍ତାନ ପାଇଁ ଏବେ ଶ୍ରେଷ୍ଠ ପ୍ରଦର୍ଶନ ଦେବାର ସମୟ ଆସିଛି। ଭାରତଠାରୁ ୪ ଉଇକେଟରେ ଏବଂ ଜିମ୍ବାୱେ ନିକଟରୁ ୧ ରନ୍‌ରେ ହାରିଯିବା ପରେ ପାକିସ୍ତାନର ଆଶା ମଉଳିଥିଲା। ମାତ୍ର ପରବର୍ତ୍ତୀ ୩ ମ୍ୟାଚ୍‌ରେ ଯଥାକ୍ରମେ ନେଦରଲାଣ୍ଡ୍ସ, ଦକ୍ଷିଣ ଆଫ୍ରିକା ଓ ବାଂଲାଦେଶକୁ ହରାଇ ଦଳ ବଡ଼ ମୁକାବିଲାରେ ପହଞ୍ଚିଯାଇଛି। ଟୁର୍ନାମେଣ୍ଟର ଅନ୍ୟତମ ସଫଳ ଦଳ ହେଉଛି ପାକିସ୍ତାନ। ଏହି ଦଳ ୨୦୦୭ ପ୍ରଥମ ସଂସ୍କରଣରେ ଭାରତଠାରୁ ହାରି ରନରଅପ୍ ହୋଇଥିଲେ ହେଁ ପରବର୍ତ୍ତୀ ୨୦୦୯ ଦ୍ୱିତୀୟ ସଂସ୍କରଣରେ ଚାମ୍ପିୟନ ହେବାର ସୌଭାଗ୍ୟ ପାଇଥିଲା। କେବଳ ସେତିକି ନୁହେଁ ଏହି ଦଳ ୨୦୧୦, ୨୦୧୨ ଓ ୨୦୨୧ରେ ସେମିଫାଇନାଲ ମଧ୍ୟ ଖେଳିଥିଲା।

ଅଧିନାୟକ ବାବର ଆଜମଙ୍କ ବିଫଳତା ଦଳକୁ ଚିନ୍ତାରେ ପକାଇଛି। ବାବର ୫ଟି ମ୍ୟାଚ୍ ଖେଳି ଏପର୍ଯ୍ୟନ୍ତ ମାତ୍ର ୭.୮୦ ଆଭରେଜ୍‌ରେ ୩୯ ରନ୍ କରିପାରିଛନ୍ତି। ଅନ୍ୟତମ ଓପ୍‌ନର ମହମ୍ମଦ ରିଜ୍‌ୱାନ ମଧ୍ୟ ୨୦.୬୦ ଆଭରେଜ୍‌ରେ ୧୦୩ ରନ୍ କରିପାରିଛନ୍ତି। ଶାନ୍ ମାସୁଦ ସର୍ବାଧିକ ୧୩୪ ରନ୍ ସଂଗ୍ରହ କରିଛନ୍ତି। ଇଫ୍‌ତିକାର ଅହମଦ ଓ ଶଦାବ ଖାଁ ମଧ୍ୟ ଭଲ ଯୋଗଦାନ ଦେଇଛନ୍ତି। ବୋଲିଂରେ ଶଦାବ ସର୍ବାଧିକ ୧୦, ଶାହିନ ଶାହା ଆଫ୍ରିଦୀ ୮, ମହମ୍ମଦ ୱାସିମ ୭ ଓ ହାରିସ ରୌଫ ୬ଟି ଉଇକେଟ ନେଇଛନ୍ତି। ତେଣୁ ଆଗାମୀ ମ୍ୟାଚ୍‌ରେ ଟପ୍ ଅର୍ଡର କ୍ଲିକ୍ କରିବା ସହ ପାକିସ୍ତାନକୁ ଦଳଗତ ପ୍ରଦର୍ଶନ ଦେବାକୁ ହେବ। ଗ୍ରୁପ୍ ପର୍ଯ୍ୟାୟ ଅପେକ୍ଷା ଏହି ଦଳ ନକ୍‌ଆଉଟ ମ୍ୟାଚ୍‌ଗୁଡ଼ିକରେ ବିପଜ୍ଜନକ ସାବ୍ୟସ୍ତ ହୋଇଥିବା ଇତିହାସ ରହିଛି। ତେଣୁ ନ୍ୟୁଜିଲାଣ୍ଡକୁ ଆଗାମୀ ମ୍ୟାଚ୍ ସତର୍କତାର ସହ ଖେଳିବାକୁ ହେବ।



ଅଭ୍ୟାସ ଅବସରରେ ବାବର ଆଜମ।

# କୋହଲି ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ୍

**ଦୁବାଇ, ୭।୧୧(ପି.ଟି.)**

ଷ୍ଟାର ବ୍ୟାଟର ବିରାଟ କୋହଲି ସୋମବାର ଅକ୍ଟୋବର ମାସ ପାଇଁ ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ୍ ବିବେଚିତ ହୋଇଛନ୍ତି। ଅଷ୍ଟ୍ରେଲିଆରେ ଚାଲିଥିବା ଟି୨୦ ବିଶ୍ୱକପ୍‌ରେ ତାଙ୍କର ପ୍ରଭାବୀ ପ୍ରଦର୍ଶନ ଯୋଗୁ ଭାରତ ସେମିଫାଇନାଲରେ ପ୍ରବେଶ କରିପାରିଛି। ମହିଳା ବିଭାଗରେ ପାକିସ୍ତାନର ଭେଟେରାନ ଅଲ୍‌ରାଉଣ୍ଡର ନିଦା ଦାର୍ ପ୍ଲେୟର ଅଫ୍ ଦି ମନ୍ଥ୍ ସାବ୍ୟସ୍ତ ହୋଇଛନ୍ତି। ଏସିଆ କପ୍ ଅଭିଯାନରେ ତାଙ୍କ ପ୍ରଦର୍ଶନ ଉଲ୍ଲେଖନୀୟ ରହିଥିଲା। ଦାର୍ ପୁରସ୍କାର ଦୌଡ଼ରେ ଜେମିମା ରୋଡ୍ରିଗୁଏଜ୍ ଓ ଦୀପ୍ତି ଶର୍ମାଙ୍କୁ ପଛରେ ପକାଇ ଦେଇଥିଲେ। ଭାରତର ଏହି ଦୁଇ ଖେଳାଳିଙ୍କର ମଧ୍ୟ ଏସିଆ କପ୍‌ରେ ଭଲ ପ୍ରଦର୍ଶନ ରହିଥିଲା। ବିଶ୍ୱସ୍ତରରେ ମିଡିଆ ପ୍ରତିନିଧି, ହଲ୍ ଅଫ୍ ଫେମ୍‌ରେ ସ୍ଥାନ ପାଇଥିବା ଖେଳାଳି, ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ଓ ପଞ୍ଜୀକୃତ ଖେଳପ୍ରେମୀମାନଙ୍କ ଭୋଟ୍ ଜରିଆରେ ବିଜେତାଙ୍କୁ ବଛାଯାଇଥିଲା। ପ୍ରଥମଥର ପ୍ଲେୟର ଅଫ୍ ଦି ମନ୍ଥ ବିବେଚିତ ହୋଇଥିବା କୋହଲି ଅକ୍ଟୋବରରେ ୨୦୫ ରନ୍ ସ୍କୋର କରିଛନ୍ତି। ସିଡ୍‌ନୀଠାରେ ନେଦରଲାଣ୍ଡ୍ସ ବିପକ୍ଷରେ ସେ ଏକ ଚମତ୍କାର ଅର୍ଦ୍ଧଶତକ ହାସଲ କରିଥିଲେ। ଏମ୍‌ସିଜିଠାରେ ପାକିସ୍ତାନ ବିପକ୍ଷ ବିଜୟ ମ୍ୟାଚ୍‌ରେ ସେ ଏକ ସ୍ମରଣୀୟ ଇନିଂସ ଖେଳିଥିଲେ। ପୁରୁଷ ପ୍ଲେୟର ଅଫ୍ ଦି ମନ୍ଥ ପୁରସ୍କାର ଦୌଡ଼ରେ ଅନ୍ୟ ଯେଉଁ ଖେଳାଳି ଥିଲେ ସେମାନେ ହେଲେ ଦକ୍ଷିଣ ଆଫ୍ରିକୀୟ ଫିନିଶର ଡେଭିଡ୍ ମିଲର ଓ ଫର୍ମରେ ରହିଥିବା ଜିମ୍ବାୱେର ସିକନ୍ଦର ରାଜା। ଟି୨୦ ବିଶ୍ୱକପ୍‌ରେ ସେମାନଙ୍କର ଦଳ ପାଇଁ ବିଶେଷ ଅବଦାନ ରହିଥିଲା। ଅନ୍ୟପକ୍ଷରେ ବାଂଲାଦେଶରେ ଅନୁଷ୍ଠିତ ମହିଳା ଏସିଆ କପ୍‌ରେ ପାକିସ୍ତାନର ସେମିଫାଇନାଲ ପ୍ରବେଶରେ ଦାର୍‌ଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା।



ବିରାଟ କୋହଲି

# ୩ ବର୍ଗରେ ରାଜ୍ୟ ଚେସ୍

**ଭୁବନେଶ୍ୱର, ୭।୧୧ (କ୍ରୀଡ଼ା ପ୍ରତିନିଧି)**

ଆସନ୍ତା ୧୧ରୁ ୧୬ ତାରିଖ ମଧ୍ୟରେ ୩ଟି ବର୍ଗରେ ରାଜ୍ୟ ଚେସ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। କୋଭିଡ୍-୧୯ଯୋଗୁ ଦୀର୍ଘଦିନର ବ୍ରେକ୍ ପରେ ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ, ମାଷ୍ଟର୍ସ ଚେସ୍ ଫାଉଣ୍ଡେଶନ ଏବଂ ବେଟି ବଚାଓ ଓ ବେଟି ପଢ଼ାଓ, ଦେଶ୍‌କୋ ଆଗେ ବଢାଓ ଅନୁଷ୍ଠାନର ମିଳିତ ଉଦ୍ୟମରେ ଏହି ପ୍ରତିଯୋଗିତା ଆୟୋଜନ ହେବ। ପଟିଆସ୍ଥିତ ମଧୁସୂଦନ ଦେବ ଡିଗ୍ରୀ କଲେଜରେ ପ୍ରଥମେ ୧୫ ବର୍ଷରୁ କମ୍ ବାଳିକା/ବାଳକ ଚାମ୍ପିୟନଶିପ୍ ୧୧ ଓ ୧୨ ତାରିଖରେ ଅନୁଷ୍ଠିତ ହେବ। ଏହାପରେ ୧୩ ବର୍ଷରୁ କମ୍ ବାଳିକା ଓ ବାଳକ ପ୍ରତିଯୋଗିତା ୧୩ ଓ ୧୪ରେ ଏବଂ ରାଜ୍ୟ ମହିଳା ଚେସ୍ ଚାମ୍ପିୟନଶିପ୍ ୧୫ ଓ ୧୬ ତାରିଖରେ ଆୟୋଜନ ହେବ। ଏହି ପ୍ରତିଯୋଗିତାଗୁଡ଼ିକରୁ ପ୍ରଦର୍ଶନ ଭିତ୍ତିରେ ଜାତୀୟ ଚେସ୍ ପାଇଁ ଖେଳାଳି ମନୋନୀତ ହେବେ। ୧୫ ବର୍ଷରୁ କମ୍ ବର୍ଗରେ ଜାତୀୟ ପ୍ରତିଯୋଗିତା ଦିଲ୍ଲୀରେ ନଭେମ୍ବର ୨୮ରୁ ଡିସେମ୍ବର ୬, ୧୩ ବର୍ଷରୁ କମ୍ ପାଇଁ ପୁଡୁଚେରୀରେ ଡିସେମ୍ବର ୧୦ରୁ ୧୮ ଏବଂ ମହିଳା ଚେସ୍ ପାଇଁ ଜାତୀୟ ଟୁର୍ନାମେଣ୍ଟ କୋହ୍ଲାପୁରରେ ଡିସେମ୍ବର ୨୬ରୁ ଜାନୁୟାରୀ ୫ ପର୍ଯ୍ୟନ୍ତ ହେବ। ପ୍ରତି ବର୍ଗର ପ୍ରତିଯୋଗିତା ପାଇଁ ଏଣ୍ଟ୍ରି ଫି' ୩୦୦ ଟଙ୍କା ରଖାଯାଇଛି। ଖେଳାଳିମାନେ ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ, ମାଷ୍ଟର ଚେସ୍ ଫାଉଣ୍ଡେଶନର ସମ୍ପାଦକ ସନ୍ତୋଷ ମହାପାତ୍ର ପ୍ରମୁଖଙ୍କ ସହ ଯୋଗାଯୋଗ କରିବାକୁ କୁହାଯାଇଛି।




# ଜାମିନ ମିଳିଲାନି, ଗୁଣତିଲକା ସସ୍‌ପେଣ୍ଡ

**ସିଡ୍‌ନୀ/କଲମ୍ବୋ, ୭।୧୧(ପି.ଟି.)**

ଶ୍ରୀଲଙ୍କାର ଦନୁଷ୍କା ଗୁଣତିଲକାଙ୍କ ଜାମିନ ଆବେଦନକୁ ସିଡ୍‌ନୀର ଏକ କୋର୍ଟ ଖାରଜ କରିଦେଇଛନ୍ତି। ଅନ୍ୟପଟେ ଦେଶର କ୍ରିକେଟ୍ ବୋର୍ଡ (ଏସ୍‌ଏଲ୍‌ସି) ମଧ୍ୟ ଗୁଣତିଲକାଙ୍କୁ କ୍ରିକେଟ୍‌ର ସମସ୍ତ ଫର୍ମାଟ୍‌ରୁ ତୁରନ୍ତ ସସ୍‌ପେଣ୍ଡ କରିଛି। ଅଷ୍ଟ୍ରେଲିଆରୁ ଶ୍ରୀଲଙ୍କା କ୍ରିକେଟ୍ ଦଳର ପ୍ରସ୍ଥାନ ପୂର୍ବରୁ ଜଣେ ମହିଳାଙ୍କୁ ଯୌନଶୋଷଣ କରିଥିବା ଅଭିଯୋଗରେ ପୋଲିସ ୩୧ ବର୍ଷୀୟ ଗୁଣତିଲକାଙ୍କୁ ରବିବାର ପ୍ରତ୍ୟୁଷରେ ଗିରଫ କରିଥିଲା। ବର୍ତ୍ତମାନ ସେ ସରେ ହିଲ୍ସସ୍ଥିତ ଏକ ବନ୍ଦୀଶାଳାରେ ଅଛନ୍ତି। ଭିଡିଓ ଲିଙ୍କ୍ ଜରିଆରେ ତାଙ୍କର ଡାଓନିଂ ସେଣ୍ଟର ଲୋକାଲ କୋର୍ଟରେ ଶୁଣାଣି ହୋଇଥିଲା। 'ସିଡ୍‌ନୀ ମର୍ନିଂ ହେରାଲ୍ଡ'ରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ, ଭର୍ଚୁଆଲ ଉପସ୍ଥିତିରେ ଶୁଣାଣି ବେଳେ ଗୁଣତିଲକା ଏକ ଧୂସର ରଙ୍ଗ ଟି-ଶର୍ଟ ଓ ନୀଳରଙ୍ଗର ଜିନ୍ସ ପରିଧାନ କରିଥିଲେ। ଶୁଣାଣି ପରେ ମାଜିଷ୍ଟ୍ରେଟ୍ ରବର୍ଟ ୱିଲିୟମ୍ସ ଜାମିନ ଆବେଦନକୁ ଖାରଜ କରିଥିବା ତାଙ୍କ ଓକିଲ ଆନନ୍ଦ ଅମରନାଥ ପ୍ରକାଶ କରିଛନ୍ତି। ଶନିବାର ଟି୨୦ ବିଶ୍ୱକପ୍‌ରୁ ବାଦ୍ ପଡ଼ିବା ପରେ ଶ୍ରୀଲଙ୍କା ଟିମ୍ ଗୁଣତିଲକାଙ୍କୁ ଛାଡ଼ି ଅଷ୍ଟ୍ରେଲିଆରୁ ପ୍ରସ୍ଥାନ କରିଛି। ହେଲେ ଦଳର କେତେଜଣ ଅଫିସିଆଲ ସେମାନଙ୍କ ସହ ଫେରିନାହାନ୍ତି। ଅନ୍ୟପକ୍ଷରେ କଲମ୍ବୋରେ ଗୁଣତିଲକାଙ୍କୁ ତୁରନ୍ତ ସସ୍‌ପେଣ୍ଡ କରି ଘଟଣାର ତଦନ୍ତ ପାଇଁ ଦେଶର ସରକାର ଶ୍ରୀଲଙ୍କା କ୍ରିକେଟ ବୋର୍ଡ (ଏସ୍‌ଏଲ୍‌ସି)କୁ ନିର୍ଦ୍ଦେଶ ଦେଇଛନ୍ତି। ଏସ୍‌ଏଲ୍‌ସିର କାର୍ଯ୍ୟନିର୍ବାହୀ କମିଟି ତୁରନ୍ତ ଦନୁଷ୍କାଙ୍କୁ କ୍ରିକେଟ୍‌ର ସମସ୍ତ ଫର୍ମାଟ୍‌ରୁ ସସ୍‌ପେଣ୍ଡ କରିବା ସହ ଖେଳାଳି ଚୟନ ବେଳେ ତାଙ୍କ ନାମ ବିଚାରକୁ ନ ନେବା ଲାଗି ନିଷ୍ପତ୍ତି ନେଇଛି। ଖେଳାଳି ଜଣକ ଦୋଷୀସାବ୍ୟସ୍ତ ହେଲେ ତାଙ୍କୁ ଦଣ୍ଡିତ କରାଯିବ ବୋଲି କ୍ରିକେଟ୍ ବୋର୍ଡ କହିଛି। ସୂଚନାଯୋଗ୍ୟ, ବାମହାତୀ ବ୍ୟାଟର ଗୁଣତିଲକା ନାମିୟା ବିପକ୍ଷ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ବିନା କୌଣସି ରନ୍‌ରେ ଆଉଟ ହୋଇଥିଲେ। ପରେ ଏକ ଇଞ୍ଜୁରି ଯୋଗୁ ସେ ଟୁର୍ନାମେଣ୍ଟରେ ଦଳର ଅବଶିଷ୍ଟ ମ୍ୟାଚ୍‌ରୁ ବାଦ୍ ପଡ଼ିଥିଲେ। ସ୍ଥାନୀୟ ଏକ ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଗୁଣତିଲକା ଓ ଜଣେ ମହିଳା କିଛିଦିନ ଧରି ସମ୍ପର୍କରେ ଥିଲେ। ଅନ୍‌ଲାଇନ ଡେଟିଂ ଆପ୍ ଜରିଆରେ ସେମାନଙ୍କର ଯୋଗାଯୋଗ ସ୍ଥାପନ ହୋଇଥିଲା। ଗୁଣତିଲକା ବିବାଦରେ ରହିବା ଏହା ପ୍ରଥମ ଦୃଷ୍ଟାନ୍ତ ନୁହେଁ। ୨୦୨୧ରେ ଇଂଲଣ୍ଡ ଟୁର୍ ବେଳେ ସେ ଓ ସାଥୀ ଖେଳାଳି କୁଶାଲ ମେଣ୍ଡିସ ଏବଂ ନିରୋସାନ ଡିକ୍‌ୱେଲା ବାୟୋ-ବବଲ ନିୟମ ଉଲ୍ଲଂଘନ ଅଭିଯୋଗରେ ବର୍ଷକ ପାଇଁ ସସ୍‌ପେଣ୍ଡ ହୋଇଥିଲେ।



# ପୃଥ୍ୱୀରାଜ ସଭାପତି, ତରୁଣ ସମ୍ପାଦକ

**ଭୁବନେଶ୍ୱର, ୭।୧୧ (କ୍ରୀଡ଼ା ପ୍ରତିନିଧି)**

ଭୁବନେଶ୍ୱର ବଲ୍ ବ୍ୟାଡ୍‌ମିଣ୍ଟନ ଆସୋସିଏଶନର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୪ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ ଏହି ଅବସରରେ ଅନୁଷ୍ଠିତ ହୋଇଛି। ଏଥିରେ ପୃଥ୍ୱୀରାଜ ପଣ୍ଡା ସଭାପତି ଓ ତରୁଣ ଚନ୍ଦ୍ର ପାଲ ସମ୍ପାଦକ ଭାବେ ମନୋନୀତ ହୋଇ ଦାୟିତ୍ୱ ଗ୍ରହଣ କରିଛନ୍ତି। ସୁକାନ୍ତ ଦାଶ କାର୍ଯ୍ୟକାରୀ ସଭାପତି, ଅନଙ୍ଗ ପ୍ରସାଦ ପଟ୍ଟନାୟକ ଓ ସତ୍ୟବାଦୀ ଜେନା ଉପସଭାପତି, ଅତୁଲ କୁମାର ମହାରଣା କାର୍ଯ୍ୟନିର୍ବାହୀ ସମ୍ପାଦକ, ଅର୍ଦ୍ଧେନ୍ଦୁ ଦାସ ଓ ବିଜୟ କୁମାର ଖୁଣ୍ଟିଆ ଯୁଗ୍ମସମ୍ପାଦକ, ଶ୍ୟାମସୁନ୍ଦର ପାତ୍ର କୋଷାଧ୍ୟକ୍ଷ ଏବଂ ଅପରାଜିତ ମହାନ୍ତି, ରାମେଶ୍ୱର ମହାରଣା, ଏସ୍.କେ. ହାଇଦର ମହମ୍ମଦ ଓ ଆଭାସ ମହାନ୍ତି କାର୍ଯ୍ୟକାରୀ ସଭ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ଆଗାମୀ ଦିନରେ ରାଜ୍ୟସ୍ତରୀୟ ସିନିୟର ବଲ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟକୁ ଉନ୍ନତ ଭାବେ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି।

# ଧର୍ମସେନା, ରିଫେଲ ଅମ୍ପାୟର

**ଦୁବାଇ, ୭।୧୧ (ପି.ଟି.):** ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ସୋମବାର ଟି୨୦ ବିଶ୍ୱକପ୍ ପାଇଁ ମ୍ୟାଚ ଅଫିସିଆଲଙ୍କ ନାମ ଘୋଷଣା କରିଛି। ଆଡିଲେଡ୍‌ରେ ହେବାକୁ ଥିବା ଭାରତ ବନାମ ଇଂଲଣ୍ଡ ମ୍ୟାଚ୍‌ରେ କୁମାର ଧର୍ମସେନା ଓ ପଲ୍ ରିଫେଲ ଫିଲ୍ଡ ଅମ୍ପାୟର ଦାୟିତ୍ୱ ତୁଲାଇବେ। କ୍ରିସ୍ ଗାଫାନୀଙ୍କୁ ତୃତୀୟ ଅମ୍ପାୟର ଭାବେ ମନୋନୀତ କରାଯାଇଛି। ଏହି ମ୍ୟାଚ୍ ଚଳିତ ମାସ ୧୦ରେ ଖେଳାଯିବ। ସେହିପରି ଆସନ୍ତା ୯ ତାରିଖରେ ସିଡ୍‌ନୀଠାରେ ଖେଳାଯିବାକୁ ଥିବା ନ୍ୟୁଜିଲାଣ୍ଡ-ପାକିସ୍ତାନ ମ୍ୟାଚ୍ ପାଇଁ ମାରାଇସ୍ ଇରାସମସ୍ ଓ ରିଚାର୍ଡ ଇଲିଙ୍ଗୱର୍ଥ ଫିଲ୍ଡ ଅମ୍ପାୟର ଦାୟିତ୍ୱ ତୁଲାଇବେ।

**ଭାରତ-ଇଂଲଣ୍ଡ ସେମିଫାଇନାଲ**

ରିଚାର୍ଡ କେଟଲବୋରୋ ତୃତୀୟ ଅମ୍ପାୟର ରହିବେ। ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ନଭେମ୍ବର ୧୩ରେ ଫାଇନାଲ ଖେଳାଯିବ। ଏଥିପାଇଁ ପରେ ଅମ୍ପାୟର ନିଯୁକ୍ତ ହେବେ ବୋଲି ଆଇସିସି କହିଛି।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ମାଙ୍କଡ଼ା ପଥର ଖଣିରେ ଚଢ଼ାଉ: ଜଣେ ଗିରଫ




**ନିରାକାରପୁର,୭।୧୧(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ନିରାକାରପୁର ରାଜସ୍ୱ ଅନ୍ତର୍ଗତ ଖଜୁରିପଡା ଅଞ୍ଚଳରେ ବେଆଇନ ଭାବେ ଚାଲିଥିବା ମାଙ୍କଡ଼ା ପଥର ଖଣିରେ ପୋଲିସ ଚଢ଼ାଉ କରି ଗୋଟିଏ ଜେସିବି, ଟ୍ରକ୍ ଜବତ କରିଛି। ଏଥିରେ ସମ୍ପୃକ୍ତି ନେଇ ପୁରୀ ଜିଲା କଣାସ ଥାନା ଅଧୀନ ତେନ୍ତୁଳିମୂଳ ଗ୍ରାମର ଦୁର୍ଯ୍ୟୋଧନ ପାଲ୍‌ଟାସିଂହଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏନେଇ ଥାନାରେ ଏକ ମାମଲା (ନଂ.୨୨୦/୨୨) ରୁଜୁ ହୋଇଛି। ପ୍ରକାଶ ଯେ, ଏହି ଅଞ୍ଚଳରେ ବେଆଇନ ଭାବେ ମାଙ୍କଡ଼ା ପଥର, ମୋରମ ଚାଲାଣ ହେଉଥିଲେ ମଧ ପ୍ରଶାସନ ଓ ପୋଲିସ ନୀରବଦ୍ରଷ୍ଟା ସାଜିଛି। ଅନ୍ୟପଟେ ଫଟୋ ଉତ୍ତୋଳନ କରୁଥିବା ଖବରଦାତାଙ୍କୁ ମାଫିଆମାନେ ଜୀବନରେ ମାରିଦେବାକୁ ଧମକ ଦେଉଥିବା ଜଣାପଡ଼ିଛି।

### ଭାଗବତ ପଠନ ପ୍ରତିଯୋଗିତା

**ବେଗୁନିଆ,୭।୧୧(ଡି.ଏନ୍.ଏ.):** ବେଗୁନିଆ ବ୍ଲକ ବଡବେରଣା ପଞ୍ଚାୟତ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମସ୍ଥିତ ଆଦିବାସୀ ସାହି ନିକଟରେ ଥିବା ଚୈତନ୍ୟ ବାବାଙ୍କ ପୀଠ ଉତ୍ସବ ମୁଖର ହୋଇ ଉଠିଛି। ପୀଠ ପରିସରରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ସୋମବାର ହରିନାମ ସଙ୍କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ମା'ଆଦିଶକ୍ତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଆନୁକୂଲ୍ୟରେ ଭାଗବତ ପଠନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଅଞ୍ଚଳର ବହୁ ଭାଗବତ ଦଳର ଶ୍ରଦ୍ଧାଳୁ ଯୋଗଦେଇଥିଲେ। ପୀଠ ପରିସରରେ ଶ୍ରୀତ୍ରିନାଥ ଦେବଙ୍କୁ ନିମନ୍ତ୍ରଣ କରାଯାଇ ବିଦ୍ଧି ମୁତାବକ ପୂଜା ପାଠ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ଚବିଶପ୍ରହର ନାମଯଜ୍ଞ ଉଦ୍‌ଯାପିତ



**ବାଲୁଗାଁ,୭।୧୧(ଡି.ଏନ୍.ଏ.):** କାର୍ତ୍ତିକ ମାସ ଉପଲକ୍ଷେ ପଞ୍ଚକ ପାଞ୍ଚ ଦିନଧରି ବାଲୁଗାଁ ଏନଏନସି ଅଧିନ କୁଳାକୁଣ୍ଡେଇ ନୂଆଗାଁ ଗ୍ରାମରେ ଲକ୍ଷ୍ମୀନାରାୟଣଙ୍କ ପୂଜା ଉତ୍ସବ ସହ ଅନ୍ନଯଜ୍ଞ ଓ ଚବିଶ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ଅଧିବାସ ଆରମ୍ଭ ହୋଇ ସୋମବାର ଉଦ୍‌ଯାପିତ ହୋଇଥିଲା। ଦୈନିକ ଅନ୍ନଯଜ୍ଞର କାର୍ଯ୍ୟକ୍ରମ ଗ୍ରାମବାସୀଙ୍କ ତରଫରୁ କରାଯାଇଥିଲା। ଶତାଧିକ ଶ୍ରଦ୍ଧାଳୁ ଠାକୁରଙ୍କ ଦର୍ଶନ କରିବା ସହ ଗ୍ରାମରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଗ୍ରାମ ଆଲୋକମାଳାରେ ଝଲସି ଉଠିଥିବା ବେଳେ ଉଦ୍‌ଯାପନୀ ଦିବସରେ ୫ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା

# ୯ରେ ନାମାଙ୍କନ, ୧୭ରେ ମତଦାନ

**କେସିସିବି ପରିଚାଳନା ପରିଷଦ ଚେୟାରମ୍ୟାନ ନିର୍ବାଚନ**

- ବନ୍ଦ ଲଫାପାରେ ଲଟକିଛି ଭାଗ୍ୟ
- ଅଧ୍ୟକ୍ଷ ପଦବୀ ପାଇଁ ଛକାପଞ୍ଝା

**ଖୋର୍ଦ୍ଧା ଅଫିସ,୭।୧୧**

ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ (କେସିସିବି) ପରିଚାଳନା ପରିଷଦ ଚେୟାରମ୍ୟାନ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଆସନ୍ତା ୯ ତାରିଖ(ବୁଧବାର) ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ନାମାଙ୍କନ ଦାଖଲ କରାଯିବ। ୧୦ ତାରିଖ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଆପତ୍ତି ଓ ଅଭିଯୋଗ, ନାମାଙ୍କନ ଦାଖଲକାରୀଙ୍କ ନାମ ପ୍ରକାଶ ପାଇବ। ୧୧ ତାରିଖ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୧ଟା ମଧ୍ୟରେ ନାମାଙ୍କନ ପ୍ରତ୍ୟାହାର ଏବଂ ଅପରାହ୍ନ ୨ଟାରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ। ଆବଶ୍ୟକ ପଡ଼ିଲେ ୧୭ ତାରିଖ ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ମତଦାନ ପରେ ଭୋଟ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ ବୋଲି ଅତିରିକ୍ତ ଜିଲାପାଳ ମନୋଜ ପାଢ଼ୀ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ପୂର୍ବରୁ ୪ଟି ଜୋନ୍ ଯଥା ୬ନଂ.ରୁ ପ୍ରଶାନ୍ତ କୁମାର ଜାଲି, ୭ନଂ.ରୁ ପଦ୍ମିନୀପ୍ରଭା ଷଡ଼ଙ୍ଗୀ, ୧୦ନଂ.ରୁ ଜୟଶ୍ରୀ ଗଡ଼ନାୟକ ଏବଂ ୧୪ନଂ.ରୁ ଅଭିଷେକ ସିଂସାମନ୍ତ ଅପ୍ରତିଦ୍ୱନ୍ଦ୍ୱୀ ରହିଛନ୍ତି। ଗତ ଅକ୍ଟୋବର ୩୦ରେ ବୋର୍ଡ ନିର୍ଦ୍ଦେଶକ ପାଇଁ ୧୧ଟି ଜୋନ୍ ନିମନ୍ତେ ବିଜେବି ହାଇସ୍କୁଲ ପରିସରରେ ମତଦାନ ହୋଇଥିଲା। ଏଥିରେ ୧ନଂ.ରୁ ସୁଧାଂଶୁ ଶେଖର ବଡ଼ଜେନା, ୨ନଂ.ରୁ ପ୍ରକାଶ ଚନ୍ଦ୍ର ରାଉତରାୟ, ୩ ନଂ.ରୁ ପବିତ୍ର ମୋହନ ମାଝି, ୪ନଂ.ରୁ ପ୍ରଦୀପ୍ତ କୁମାର ବାରିକ, ୫ନଂ.ରୁ ରଞ୍ଜନ କୁମାର ଛୋଟରାୟ, ୮ନଂ.ରୁ ବିପିନ ବିହାରୀ ପାତ୍ର, ୯ନଂ.ରୁ କୃଷ୍ଣଚନ୍ଦ୍ର ପୃଷ୍ଟି, ୧୧ନଂ.ରୁ ଭାଗଗ୍ରାହୀ ସାହୁ, ୧୨ନଂ.ରୁ ସୁକାନ୍ତ ଚନ୍ଦ୍ର ସାମନ୍ତରାୟ, ୧୩ନଂ.ରୁ ସୁମତି ଶତ୍ରୁଶଲ୍ୟ ଓ ୧୫ନଂ.ରୁ ସୁରେଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ନିର୍ବାଚିତ ପ୍ରତିନିଧିଙ୍କ ମଧ୍ୟରୁ ୧, ୫ ଓ ୧୫ ନମ୍ବର ଜୋନ୍‌କୁ ଛାଡିଦେଲେ ୧୨ ବୋର୍ଡ ନିର୍ଦ୍ଦେଶକ ପଦବୀରେ ବିଜେଡି ସମର୍ଥିତ ପ୍ରାର୍ଥୀ ନିର୍ବାଚିତ ହୋଇଛନ୍ତି। ତେଣୁ ବିଜେଡି ସମର୍ଥିତ ପ୍ରାର୍ଥୀ ଚେୟାରମ୍ୟାନ ହେବା ନିଶ୍ଚିତ। ତେବେ ଦଳରୁ କିଏ ପ୍ରାର୍ଥୀ ହେବ ତାହାକୁ ନେଇ ଛକାପଞ୍ଝା ଲାଗି ରହିଛି। ଦୌଡ଼ରେ ୨ ପ୍ରାର୍ଥୀ ରହିଥିବା ବେଳେ ଦଳ ନୂଆ ମୁହଁରେ ମୋହର ମାରିବା ନେଇ ଚର୍ଚ୍ଚା ହେଉଛି। ପୂର୍ବରୁ ବୋର୍ଡ ନିର୍ଦ୍ଦେଶକଙ୍କୁ ଜିତାଇବା ପାଇଁ ବିଜେଡିର ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଉତ୍ତର ବିଧାୟକ ସୁଶାନ୍ତ ରାଉତ, ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ, ପୂର୍ବତନ ମନ୍ତ୍ରୀ ଦେବେନ୍ଦ୍ର ମାନସିଂ, ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ, ବିଜେଡି ଜିଲା ସଭାପତି ବିଭୂତି ଭୂଷଣ ବଳବନ୍ତରାୟ, ଜିଲା ପର୍ଯ୍ୟବେକ୍ଷକ ବୁଟୁ ପାତ୍ର ପ୍ରମୁଖ ଉଦ୍ୟମ କରିଥିଲେ। ଏବେ ଚେୟାରମ୍ୟାନ ପାଇଁ ଖୋର୍ଦ୍ଧା, ବେଗୁନିଆ, ଭୁବନେଶ୍ୱର ଦଳୀୟ ବିଧାୟକ, ନେତାଙ୍କ ମଧ୍ୟରେ ଛକାପଞ୍ଝା ଲାଗି ରହିଛି। ଏନେଇ ଚେୟାରମ୍ୟାନ ବାଛିବା ପାଇଁ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯାଇଛି। ଏହି କମିଟି ପ୍ରାର୍ଥୀଙ୍କ ନାମ ସ୍ଥିର କରି ହାଇକମାଣ୍ଡଙ୍କୁ ପଠାଇବ। ଦଳୀୟ ନିଷ୍ପତ୍ତି ଯାହା ହେବ, ତାକୁ ସମସ୍ତେ ମାନିବେ ବୋଲି କୁହାଯାଇଛି। ଏନେଇ ବିଧାୟକମାନେ ପୃଥକ୍ ଭାବେ ଜିଲା ପର୍ଯ୍ୟବେକ୍ଷକ ବୁଟୁ ପାତ୍ର, ଜିଲା ସଭାପତି ବଳବନ୍ତରାୟଙ୍କ ସହ ଆଲୋଚନା ଜାରି ରଖିଛନ୍ତି। ତେବେ କମିଟି ରିପୋର୍ଟକୁ ଆଧାର କରି ହାଇକମାଣ୍ଡ ନିଷ୍ପତ୍ତି ନେଇଛନ୍ତି। ବନ୍ଦ ଲଫାପାରେ ରହିଛି ଚେୟାରମ୍ୟାନ ପଦବୀ ଆଶାୟୀଙ୍କ ନାମ। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ବୁଧବାର ସକାଳ ୯ଟାରେ ସମସ୍ତଙ୍କ ଆଗରେ ଖୋଲିବ ଲଫାପା। ତେବେ ପ୍ରାର୍ଥୀ କିଏ ହେବ, ତାହାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି।



**ଜଟଣୀ:** ସୋସାଇଟି ଫର୍ ଚିଲ୍‌ଡ୍ରେନ୍ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ନିଶା ନିବାରଣ ଶିବିରରେ ଅତିଥିଙ୍କ ଗହଣରେ ପିଲାମାନେ।

### ପିଲାଙ୍କୁ ନିଶା କବଳରୁ ମୁକ୍ତ ପାଇଁ ପ୍ରୟାସ

**ଜଟଣୀ,୭।୧୧(ଡି.ଏନ୍.ଏ.)**

ଜଟଣୀସ୍ଥିତ ସୋସାଇଟି ଫର୍ ଚିଲ୍‌ଡ୍ରେନ୍ (ସୋଚ୍) ଅନୁଷ୍ଠାନ ପକ୍ଷରୁ ସପ୍ତମ ନିଶା ନିବାରଣ ତଥା ବ୍ୟବହାର ପରିବର୍ତ୍ତନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏସବିଆଇ ଇଜିଏମ ଏଲଏଚଓ ଅମରେଶ ଦାଶ, ୟାଜ୍ଞଶୀଶ ମହାପାତ୍ର, ଅହସାସ ହୋତା, ମାନସୀ ପାଢ଼ୀ, ବିପିନ ମହାନ୍ତି, ପଦାରବିନ୍ଦ ସାହୁ, ମନୋଜ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ପିଲାମାନଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଫେରିବା ଓ ପିଲାଙ୍କ ଜୀବନରେ ଶିକ୍ଷା ଏବଂ ଅନୁଶାସନର ମହତ୍ତ୍ୱ ସମ୍ପର୍କରେ କହିଥିଲେ। ସୋଚର ମୁଖ୍ୟ ମନୋଜ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପ୍ରୋଗ୍ରାମ ପୁନର୍ଜୀବନ ମୁଖ୍ୟ ଲକ୍ଷ୍ମୀପ୍ରିୟା ସିଂ କାର୍ଯ୍ୟକ୍ରମ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପିଲାମାନେ ସାଂସ୍କୃତିକ କାର୍ଯକ୍ରମ ପରିବେଷଣ କରିଥିଲେ।ରଞ୍ଜନ ଧଳ, ରୋଜାଲିନ ବେହେରା, ମନସ୍ୱିନୀ ସ୍ୱାଇଁ, ସାଧନା, ରିଲୁ ପରିଡ଼ା, ସୁକାନ୍ତ ପରିଡ଼ା, କୁମାର ମହାପାତ୍ର, ଟୁନୀ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଜୟଦୁର୍ଗା-ଶରଧାପୁର ମ୍ୟାଚ୍ ଡ୍ର

**ଖୋର୍ଦ୍ଧା ଲିଗ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ**

**ଖୋର୍ଦ୍ଧା ଅଫିସ,୭।୧୧**

ଖୋର୍ଦ୍ଧା କ୍ରୀଡ଼ା ସଂସଦ ଓ ଜୟଦୁର୍ଗା କ୍ଲବର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଷ୍ଟାଡିୟମରେ ଚାଲିଥିବା ଖୋର୍ଦ୍ଧା ଲିଗ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ସୋମବାର ଆୟୋଜକ ଜୟଦୁର୍ଗା କ୍ଲବ ଓ ଶରଧାପୁର ସ୍ପୋର୍ଟସ୍ ଆସୋସିଏଶନ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମାର୍ଦ୍ଧରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଉଭୟ ଟିମ୍ ଆକ୍ରମଣାତ୍ମକ ଢଙ୍ଗରେ ଖେଳିଥିଲେ ମଧ ଦ୍ୱିତୀୟ ରାଉଣ୍ଡ ଶେଷ ସୁଦ୍ଧା ଗୋଲ ହୋଇପାରି ନ ଥିଲା। ଫଳରେ ମ୍ୟାଚ୍ ଡ୍ର ରହିଥିଲା। ମନୋରଞ୍ଜନ ଖୁଣ୍ଟିଆ, ଅରୁଣ କୁମାର ଦାସ, ପ୍ରଫୁଲ୍ଲ କୁମାର ବେହେରା, ଯୋଗେନ୍ଦ୍ର ନାୟକ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ଆଗାମୀ ଦିନରେ ସେମିଫାଇନାଲ ମ୍ୟାଚ୍ ଆରମ୍ଭ ହେବ ବୋଲି ସଂସଦ ସାଧାରଣ ସମ୍ପାଦକ ଉପେନ୍ଦ୍ର କୁମାର ଦାସ ସୂଚନା ଦେଇଛନ୍ତି।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିଙ୍କ ସହ ଅନ୍ୟମାନେ।

### ବିଶ୍ୱଶାନ୍ତି ମହାଯଜ୍ଞ

**ଯାଁଳା, ୭।୧୧(ଡି.ଏନ୍.ଏ.)**

କାର୍ତ୍ତିକ ମାସ ପାଇଁ ବିଭିନ୍ନ ମନ୍ଦିର ଉତ୍ସବମୁଖର ହୋଇପଡ଼ିଛି। କେତେକ ସ୍ଥାନରେ ଶ୍ରଦ୍ଧାଳୁ ବିଶ୍ୱର ମଙ୍ଗଳ କାମନା କରି ବିଶ୍ୱଶାନ୍ତି ମହାଯଜ୍ଞର ଆୟୋଜନ କରିଥାନ୍ତି। ଭୁବନେଶ୍ୱର ଉପକଣ୍ଠ ନଁପୁଟ ପଞ୍ଚାୟତର ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପୂର୍ଣ୍ଣାହୁତିରେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

## ଜନଶୁଣାଣି ଶିବିରରେ ୪୬ ଅଭିଯୋଗ



ଜନଶୁଣାଣି ଶିବିରରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ସହ ଅନ୍ୟ ଅଧିକାରୀ।

**ଖୋର୍ଦ୍ଧା ଅଫିସ,୭।୧୧**

ଖୋର୍ଦ୍ଧା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ମିଳିତ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ୍ ୪୬ଟି ଅଭିଯୋଗ ଦାଖଲ ହୋଇଥିବା ବେଳେ ସେଥିରୁ କେବଳ ଗୋଟିଏ ଗ୍ରାମର ସାମୂହିକ ସମସ୍ୟା ରହିଥିଲା। ଦୁଇଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଜଣଙ୍କୁ ରେଡ୍‌କ୍ରସ୍‌ରୁ ୩ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଏହି ଶିବିରରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ, ଅତିରିକ୍ତ ଜିଲାପାଳ(ପ୍ରଶାସନ) ମନୋଜ ପାଢ଼ୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ, ବିଡିଓ କ୍ଷୀରାବ୍ଧିତନୟା ସାହୁ, ତହସିଲଦାର ଈପ୍‌ସିତ ସାହୁ, ଡେପୁଟି କଲେକ୍ଟର ସୁଚେତା ମହାପାତ୍ରଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ପୋଖରୀରେ ବୁଡ଼ି ନାବାଳକ ମୃତ

**ବେଗୁନିଆ/ବୋଲଗଡ଼, ୭।୧୧(ଡି.ଏନ୍.ଏ.)**

ବେଗୁନିଆ ଥାନା ବୋଲଗଡ଼ ବ୍ଲକ ଅଧୀନ ନାରାୟଣୀପଡା ଗ୍ରାମର ସୋମବାର ଏକ ଦୁଃଖଦ ଘଟଣା ଘଟିଛି। ପୋଖରୀରେ ବୁଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଷଷ୍ଠ ଶ୍ରେଣୀରେ ପଢୁଥିବା ରାଜା ରାଉତ(୧୨)। ସୂଚନା ମୁତାବକ, ଗ୍ରାମ ନିକଟ ହନୁମାନ ମନ୍ଦିରରେ କାର୍ତ୍ତିକ ପୂର୍ଣ୍ଣିମା ଉତ୍ସବ ଦେଖିବା ପାଇଁ ରାଜା ପୂର୍ବାହ୍ନ ୧୦ଟାରେ ଘରୁ ଆସିଥିଲେ। ତେବେ ସେ ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାରଲୋକେ ଖୋଜାଖୋଜି କରିଥିଲେ। ରାସ୍ତା ପାର୍ଶ୍ୱ ଏକ ପୋଖରୀ ପାଖରେ ରାଜାଙ୍କ ଡ୍ରେସ ଥିବା ଦେଖି ସାଙ୍ଗ ଗ୍ରାମବାସୀଙ୍କୁ ଜଣାଇଥିଲେ। ପରେ ପୋଖରୀରେ ପଶି କେତେଜଣ ଗ୍ରାମବାସୀ ଖୋଜାଖୋଜି କରିଥିଲେ ମଧ ତାଙ୍କ ସନ୍ଧାନ ପାଇ ନ ଥିଲେ। ବଗୁନିଆ ଅଗ୍ନିଶମ କର୍ମଚାରୀ ପହଞ୍ଚି ପୋଖରୀରୁ ରାଜାଙ୍କୁ ଉଦ୍ଧାର କରି ବୋଡଳମା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି।

## ଆର୍‌ଆଇ କାର୍ଯ୍ୟାଳୟ ମରାମତି ନିମ୍ନମାନର



**ବୋଲଗଡ଼,୭।୧୧(ଡି.ଏନ୍.ଏ.)**

ସରକାରୀ କାର୍ଯ୍ୟାଳୟ, ଡ୍ରେନେଜ୍ ଓ ଅନ୍ୟାନ୍ୟ ପ୍ରକଳ୍ପର ରକ୍ଷଣାବେକ୍ଷଣ ଓ ମରାମତି ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ତେବେ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ କାର୍ଯ୍ୟ ନିମ୍ନମାନର ହେଉଛି। ଖୋର୍ଦ୍ଧା ଜିଲା ବୋଲଗଡ ବ୍ଲକ ଅଞ୍ଚଳରେ ଏଭଳି ଦୃଶ୍ୟ ଦେଖିବାକୁ ମଳିଛି। ଦୀର୍ଘଦିନ ଧରି ବୋଲଗଡ ରାଜସ୍ୱ କାର୍ଯ୍ୟାଳୟ ମରାମତି ଅଭାବରୁ ଜରାଜୀର୍ଣ୍ଣ ହୋଇପଡିଥିଲା। ବେଳେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଏହାର ମରାମତି ପାଇଁ ଅର୍ଥ ମଞ୍ଜୁର ହୋଇଥିଲା। ପରେ ମରାମତି କାର୍ଯ୍ୟ ହୋଇଥିଲା। ତେବେ ଦୁଇ ମାସ ମଧ୍ୟରେ ଉକ୍ତ କାର୍ଯ୍ୟାଳୟ ଛାତରୁ ପାଣି ଗଳୁଥିବା ଦେଖିବାକୁ ମିଳିଛି। ଫଳରେ ସେଠାରେ ଥିବା ନଥିପତ୍ର, ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାର ଆଶଙ୍କା ରହିଛି। ଅନ୍ୟପଟେ ମରାମତି ପରେ ଜଳ ସିଞ୍ଚନ ଠିକ୍ ନ ହେବାରୁ କାନ୍ଥରୁ ସିମେଣ୍ଟ ପଡ଼ି ଅପରିଷ୍କାର ହୋଉଛି। ଏହାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାଜସ୍ୱ ନିରୀକ୍ଷକ ମମତା ନାୟକ ଅସନ୍ତୋଷ ବ୍ୟକ୍ତ କରିବା ସହ ବର୍ଷା ହେଲେ ଛାତରୁ ପାଣି ଝରୁଥିବା କହିଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ଏହାର ସମୀକ୍ଷା କରି ପୁନଃ ମରାମତି କରିବାକୁ ସାଧାରଣରେ ଦାବି ହେଉଛି ।

## ମହାବୀର, ସତ୍ୟପୀର ସ୍ପୋର୍ଟିଂ କ୍ଲବ ବିଜୟୀ

**କାଇପଦର କ୍ରିକେଟ ଟୁର୍ଣ୍ଣାମେଣ୍ଟ**

**ଖୋର୍ଦ୍ଧା ଅଫିସ,୭।୧୧**

କାଇପଦର ସତ୍ୟପୀର ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଖେଳପଡିଆରେ ଚାଲିଥିବା କାଇପଦର କ୍ରିକେଟ ଟୁର୍ଣ୍ଣାମେଣ୍ଟର ସୋମବାର ଦୁଇଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା ପ୍ରଥମ ମ୍ୟାଚ୍ ଜଗିପୁଟ ମହାବୀର କ୍ଲବ ଓ କୁମାରବସ୍ତ ରାଇଜିଂଷ୍ଟାର ମଧ୍ୟରେ ହୋଇଥିଲା। ଟସ୍ ଜିତି ମହାବୀର କ୍ଲବ ନିର୍ଦ୍ଧାରିତ ଓଭରରେ ୨ ଉଇକେଟ ବିନିମୟରେ ୨୦୪ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସୁଶାନ୍ତ କୁମାର ମାର୍ଥା ୯୧ରନ କରିଥିବା ବେଳେ କୁମାରବସ୍ତର ବିପ୍ଳବ ରାଉତରାୟ ୨ ଓଭର ବୋଲିଂ କରି ୧୦ରନ ଦେଇ ଗୋଟିଏ ଉଇକେଟ ନେଇଥିଲେ। ଜବାବରେ କୁମାରବସ୍ତ ଟିମ୍ ୧୫ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୬୮ରନ ସଂଗ୍ରହ କରି ପରାଜିତ ହୋଇଥିଲେ। ଦଳ ପକ୍ଷରୁ ଦେବାଶିଷ ବଳିୟାରସିଂ ସର୍ବାଧିକ ୨୨ଟି ବଲ ଖେଳି ୪୬ରନ କରିଥିଲେ। ଜଗିପୁଟ ରି ସି.କେ.ସୋମୁ ୩ ଓଭରରେ ୨ଟି ଉଇକେଟ ନେଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ଆୟୋଜକ ସତ୍ୟପୀର ସ୍ପୋର୍ଟିଂ କ୍ଲବ ଓ ପଳାସପୁର ମଧ୍ୟରେ ହୋଇଥିଲା। ଟସ୍ ଜିତି ପଳାସପୁର ଟିମକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା ସତ୍ୟପୀର। ପଳାସପୁର ଟିମ୍ ନିର୍ଦ୍ଧାରିତ ୧୬ଓଭରରେ ୧୨୨ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ବସନ୍ତ କୁମାର ସାହୁ ୨୧ବଲରେ ୩୯ କରିଥିବା ବେଳେ ସୁରେନ୍ଦ୍ର ଚମ୍ପତିସିଂ ୨୫ବଲରେ ୪୧ରନ କରିଥିଲେ। ସତ୍ୟପୀର ଟିମ୍ ପକ୍ଷରୁ ଦେବାଶିଷ ସାମନ୍ତରାୟ ୩ ଓଭରରେ ୧୩ରନ ଦେଇ ୩ଟି ଉଇକେଟ ନେଇଥିଲେ। ଏହାର ଜବାବାରେ ସତ୍ୟପୀର ଟିମ୍ ୧୪.୪ ଓଭରରେ ୭ ଉଇକେଟ ହରାଇ ୧୨୩ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ସୁରଜ ପାଇକରାୟ ଓ ଆଦିତ୍ୟ ବଳିଆରସିଂ ଉଦ୍‌ଘୋଷକ, ସ୍କୋର ଝଜ ସାମନ୍ତରାୟ, ବିଜୟ କୁମାର ରଣା ଓ ପ୍ରଶାନ୍ତ ମାର୍ଥା ମ୍ୟାଚ୍ ପରିଚାଳନା କରିଥିଲେ।




ଅତିଥିଙ୍କଠାରୁ ୨ ଖେଳାଳି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

## ନୌ-ବାଣିଜ୍ୟ ପରମ୍ପରାର କିମ୍ବଦନ୍ତୀ ବହନ କରେ ଚିଲିକା

**ବାଲୁଗାଁ,୭।୧୧(ଡି.ଏନ୍.ଏ.)**

ପ୍ରାଚୀନ ଉତ୍କଳର ନୌବାଣିଜ୍ୟ ପରମ୍ପରା, ଐତିହ୍ୟ ଓ ସଂସ୍କୃତିକୁ ଉଜ୍ଜୀବୀତ ଉଦ୍ଦେଶ୍ୟରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ବାଲୁଗାଁ ଚିଲିକା କୂଳଠାରେ 'ଚିଲିକା ବୋଇତ ବନ୍ଦାଣ ମହୋତ୍ସବ-୨୦୨୨' ସୋମବାର ଉଦ୍‌ଘାଟିତ ହୋଇଯାଇଛି । ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ସୁକାନ୍ତି ପାଇକରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ମହୋତ୍ସବରେ ଅତିଥିଭାବେ ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁ, ରାଜ୍ୟ ସଭା ସଦସ୍ୟ ମୁନା ଖାଁ, ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଜିଲା ବିଜେଡି ସଭାପତି ବିଭୂତି ଭୂଷଣ ବଳବନ୍ତରାୟ, ଚିଲିକା ବିଧାୟକଙ୍କ ସହଧର୍ମିଣୀ ତଥା ସଙ୍ଗଠିକା ସ୍ୱାଗତିକା ଜଗଦେବ, ଜିଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ବାଣପୁର ଏନ୍‌ଏସି ଅଧ୍ୟକ୍ଷ ମିଟୁ ନାୟକ, ବାଲୁଗାଁ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱପ୍ନାରାଣୀ ପାଢ଼ୀ, ଚିଲିକା ତହସିଲଦାର ପ୍ରଦୀପ ସାହୁ, ଯୁବ ନେତା ପ୍ରଭାସ ସୁନ୍ଦରାୟ, ମାନସ ରଞ୍ଜନ ପ୍ରଧାନଙ୍କ ସମେତ ସମସ୍ତ କାଉନସିଲର ମଞ୍ଚାସୀନ ଥିଲେ। ଚିଲିକା ନୌବାଣିଜ୍ୟ ପରମ୍ପରାର କିମ୍ବଦନ୍ତୀ ଭାବେ ସମଗ୍ର ବିଶ୍ୱରେ ଏକ ପ୍ରତୀକ।



ଚିଲିକା ବୋଇତ ବନ୍ଦାଣ ମହୋତ୍ସବ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ତେଣୁ ଏହି ପରମ୍ପରାର ସ୍ମୃତିଚାରଣ ନିମନ୍ତେ ତଥାକଥିତ ସାଧବ ପୁଅଙ୍କ ଚିଲିକା ଜଳରାଶିରେ ନୌ-ଯାତ୍ରାକୁ ମନେପକାଇ ମଞ୍ଚାସୀନ ଅତିଥିବୃନ୍ଦ ଆଲୋକପାତ କରିବା ସହ ଆଗାମୀ ବର୍ଷରେ ଏହି କାର୍ଯ୍ୟକ୍ରମକୁ କିପରି ଅଧିକରୁ ଅଧିକ ଆଦୃତ ହୋଇପାରିବ ବକ୍ତବ୍ୟ ରଖିଥିଲେ। ବିଗତ ବର୍ଷରେ ଏହି ମହୋତ୍ସବ ତିନିଦିନ ଧରି ଅନୁଷ୍ଠିତ ହେଉଥିବା ବେଳେ ଚଳିତ ବର୍ଷ କାର୍ତ୍ତିକ ପୂର୍ଣ୍ଣମୀରେ ଚନ୍ଦ୍ରଗ୍ରହଣ ଯୋଗୁ କାର୍ଯ୍ୟକ୍ରମକୁ ଗୋଟିଏ ଦିନ ସୀମିତ ରଖାଯାଇଛି। କରୋନା କଟକଣା ଯୋଗୁ ଗତ ୨ବର୍ଷ ହେବ ବୋଇତ ବନ୍ଦାଣ ଉତ୍ସବକୁ ନିରାଡ଼ମ୍ବର ଭାବେ ପାଳିତ ହୋଇଆସୁଥିଲା । ଚଳିତ ବର୍ଷ ପାରମ୍ପରିକ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ମହୋତ୍ସବକୁ ଶଙ୍କର ପାଇକରାୟ, ଯୁବ ସଙ୍ଗଠକ ସନ୍ତୋଷ ପାଇକରାୟ, ପ୍ରକାଶ କୁମାର ପ୍ରଧାନ, ଅକ୍ଷୟ କୁମାର ରଣସିଂହ, ଅଭିମନ୍ୟୁ ସ୍ୱାଇଁଙ୍କ ସମେତ ଅଞ୍ଚଳର ବିଭିନ୍ନ ସଙ୍ଗଠନର ସଦସ୍ୟ ପ୍ରମୁଖ ପରିଚାଳନା କରିଥିଲେ। ଅଧ୍ୟାପକ କୈଳାସ ଚନ୍ଦ୍ର ମହାରଣା ଅତିଥିଙ୍କ ପରିଚୟ ଓ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକଙ୍କ ତତ୍ତ୍ୱାବଧାନରେ ବାଣପୁର, ବାଲୁଗାଁ, ଟାଙ୍ଗୀ, ନିରାକାରପୁର ଥାନା ଆଇଆଇସିଙ୍କ ସମେତ ୧୨ଜଣ ସବ୍ ଇନ୍ସପେକ୍ଟର ଓ ୨ପ୍ଲାଟୁନ ଫୋର୍ସ ମୁତୟନ ଥିଲେ।

### ଚିଲିକା ବୋଇତ ବନ୍ଦାଣ ମହୋତ୍ସବ ଉଦ୍‌ଘାଟିତ

ଏହି ଉତ୍ସବରେ ପ୍ରାୟ ୩୦ହଜାରରୁ ଊର୍ଦ୍ଧ୍ୱ ଜନସମାଗମ ହୋଇଛି । ରାତ୍ର ତମାମ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହ୍ୟୁମାନ ସାଗରଙ୍କ ମେଲୋଡ଼ି, ଅଭିନେତ୍ରୀ ଏଲିନା ସାମନ୍ତରାୟ ଏବଂ ବିଭିନ୍ନ ହାସ୍ୟଅଭିନେତାଙ୍କ ମନୋରଞ୍ଜନ କାର୍ଯ୍ୟକ୍ରମ ଜାରି ହେବାକୁ ଥିବା ବେଳେ ଭୋର ୫ଟାରେ ଆତସବାଜି ପ୍ରଦର୍ଶନ କରାଯିବ। ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସଦସ୍ୟଙ୍କ ଆନୁକୂଲ୍ୟରେ ଚିଲିକା ତଟଦେଶରେ ପ୍ରସ୍ତୁତି ହୋଇଥିବା ସୁସଜ୍ଜିତ ବୋଇତରେ




୭।୧୧।୨୦୨୨

| | |
|---|---|
| ୮, ୫୦, ୨୬୯ ଟଙ୍କା | |
| ସୁନା | ୩ ଗ୍ରାମ |
| ରୁପା | ୩୯ ଗ୍ରାମ |

# ସମସ୍ୟା ଘେରରେ ଭଗବତୀ ମହାବିଦ୍ୟାଳୟ

■ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦାନା ବାନ୍ଧୁଛି ଅସନ୍ତୋଷ
■ ୫ ଦଫା ଦାବି ନେଇ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

କୋଣାର୍କ,୭।୧୧(ଡି.ଏନ୍.ଏ.)

କୋଣାର୍କର ସର୍ବପୁରାତନ ଭଗବତୀ ମହାବିଦ୍ୟାଳୟରେ ବହୁବିଧ ସମସ୍ୟା ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। କଲେଜରେ ବିଭିନ୍ନ ସମସ୍ୟା ଲାଗିରହିଥିଲେ ସୁଦ୍ଧା କର୍ତ୍ତୃପକ୍ଷ ସମାଧାନ ଦିଗ ପ୍ରତି ଧ୍ୟାନ ଦେଉ ନ ଥିବା ଛାତ୍ରୀଛାତ୍ରମାନେ ଅଭିଯୋଗ କରିଛନ୍ତି। ଖବର ଅନୁଯାୟୀ, କୋଣାର୍କରେ ଉଚ୍ଚଶିକ୍ଷାର ପ୍ରଚାର ପ୍ରସାର କରିବା ଲକ୍ଷ୍ୟ ନେଇ ଅଞ୍ଚଳର ବରିଷ୍ଠ ନାଗରିକ ଓ ଶିକ୍ଷାବିତମାନଙ୍କ ଦ୍ୱାରା ୧୯୭୮ ମସିହାରେ ଭଗବତୀ ମହାବିଦ୍ୟାଳୟ ସ୍ଥାପନ କରାଯାଇଥିଲା। ଦୀର୍ଘ ୪୪ ବର୍ଷର ପୁରାତନ ମହାବିଦ୍ୟାଳୟ ପରିଚାଳନାଗତ ଦୂରଦୃଷ୍ଟିର ଅଭାବ ଓ ପ୍ରଶାସନିକ ଅବହେଳା ଯୋଗୁ ଅବନତିର ଚରମସୀମାରେ ପହଞ୍ଚିଛି। ଏହି ମହାବିଦ୍ୟାଳୟରେ ଯୁକ୍ତ ଦୁଇ କଳା, ଯୁକ୍ତ ଦୁଇ ବିଜ୍ଞାନ ଓ ଯୁକ୍ତ ତିନି ବିଜ୍ଞାନ, ଯୁକ୍ତ ଦୁଇ ଓ ତିନି ବାଣିଜ୍ୟ ଶ୍ରେଣୀରେ ୨ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଏହି କଲେଜରେ ସ୍ଥାୟୀ ଅଧ୍ୟକ୍ଷ ନ ଥିବା ଯୋଗୁ କୌଣସି ଉନ୍ନତିମୂଳକ କାର୍ଯ୍ୟ ହୋଇପାରୁ ନ ଥିବାବେଳେ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନଙ୍କୁ ନିୟମିତ ଦରମା ନ ମିଳିବା ଓ କଲେଜର କୌଣସି ମହନୀୟ ଦିବସ ପାଳିତ ହୋଇପାରୁନାହିଁ। ଏହି କଲେଜରେ ଆବଶ୍ୟକ ଶ୍ରେଣୀଗୃହ ଅଭାବ ଯୋଗୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଏହି ମହାବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ପାଇଁ ହଷ୍ଟେଲ ଗୃହ ନିର୍ମାଣ, କଲେଜ ପାଠାଗାରର ନବୀକରଣ ସହ ଆବଶ୍ୟକ ପୁସ୍ତକ ଯୋଗାଣ, ଶ୍ରେଣୀଗୃହ ମରାମତି, ଶିକ୍ଷାଦାନରେ ଉନ୍ନତି ଆଣିବା ପାଇଁ ଆବଶ୍ୟକ ଅଧ୍ୟାପକ ନିଯୁକ୍ତି ସହ କଲେଜ ନାମରେ ସରକାରୀ ନିର୍ଦ୍ଦେଶ ମୁତାବକ ଜମି ପଟ୍ଟା ପ୍ରଦାନ ଆଦି ୫ଦଫା ଦାବି ସମ୍ବଳିତ ଦାବିପତ୍ର ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ, ସଚିବ, ଉଚ୍ଚଶିକ୍ଷା ନିର୍ଦ୍ଦେଶକ, ପୁରୀ ଜିଲାପାଳ ଓ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ପୁରୀ ଉପଜିଲାପାଳଙ୍କୁ ମେଲ୍ ଜରିଆରେ ପ୍ରଦାନ କରିଛନ୍ତି। ଏଥିସହ ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ଅଧ୍ୟୟନରତ ଛାତ୍ରୀଛାତ୍ର ଦାବି କରିଛନ୍ତି। ଏହି ଦାବି ପୂରଣ କରା ନ ଗଲେ ମହାବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଅଧ୍ୟୟନରତ ଓ ପୁରାତନ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଗଣଧାରଣା ଦିଆଯିବ ବୋଲି ଛାତ୍ର ଆଶିଷ ପରିଡା, କୈବଲ୍ୟ ପ୍ରସାଦ ମହାପାତ୍ର, ଆଶୁତୋଷ ପାଢୀ, ପ୍ରିୟଦର୍ଶିନୀ ମହାପାତ୍ର, ବର୍ଷା ପ୍ରିୟଦର୍ଶିନୀ, ଶ୍ରଦ୍ଧାଞ୍ଜଳି ନାୟକ, ଲକ୍ଷ୍ମୀପ୍ରିୟା କାଣ୍ଡି, ପୂର୍ବତନ ଛାତ୍ର ସୌଭାଗ୍ୟ ସ୍ୱାଇଁ ଓ ଅନିଲ କୁମାର ସ୍ୱାଇଁଙ୍କ ସମେତ ମହାବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ପ୍ରକାଶ କରିଛନ୍ତି।

# ଦାବି ପୂରଣ ନ ହେଲେ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ



ଦାବିପତ୍ର ଦେବାକୁ ଆସିଥିବା ଅଲ୍ ଓଡ଼ିଶା ପରିବହନ ଚାଳକ ସଂଘ ପୁରୀ ଶାଖାର କର୍ମକର୍ତ୍ତା।

ପୁରୀ ଅଫିସ, ୭।୧୧

ଅଲ୍ ଓଡ଼ିଶା ପରିବହନ ଚାଳକ ସଂଘ ପୁରୀ ଶାଖା ପକ୍ଷରୁ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ୧୨ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଜନସାଧାରଣଙ୍କ ଆକ୍ରୋଶର ଶିକାର ହେଉଥିବା ଡ୍ରାଇଭରମାନଙ୍କ ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ଆଇନ୍ ପ୍ରଣୟନ ହେଉ। ଗାଡ଼ି ପାର୍କିଂ ଏବଂ ଡ୍ରାଇଭରଙ୍କ ବିଶ୍ରାମ ପାଇଁ ପ୍ରତି ୧୦୦ କି.ମି. ଅନ୍ତରରେ ବିଶ୍ରାମଗାର ଓ ଶୌଚାଳୟ ବ୍ୟବସ୍ଥା କରାଯାଉ। ୫୫ ବର୍ଷ ବୟସ ପରେ ପେନସନ ପ୍ରଦାନ, ଦୁର୍ଘଟଣାରେ ପ୍ରାଣ ହରାଇଥିବା ଡ୍ରାଇଭରଙ୍କ ପରିବାର ପାଇଁ ୨୦ ଲକ୍ଷ ଟଙ୍କାର ବୀମା ରାଶି ଏବଂ ଦୁର୍ଘଟଣାରେ ଅର୍କମଣ୍ୟ ଡ୍ରାଇଭରଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ବୀମାରାଶି ସହିତ ଚିକିତ୍ସା ଲାଗି ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ବୀମା ଯୋଗାଇ ଦିଆଯାଉ। ନିର୍ଦ୍ଧାରିତ ମୂଲ୍ୟାଙ୍କନଓ ସମୟ ସୀମା ଧାର୍ଯ୍ୟ ହେଉ। ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ ଟଙ୍କା ଦେବା, ପିଲାଙ୍କ ଉଚ୍ଚ ଶିକ୍ଷା ନିମନ୍ତେ ବ୍ୟବସ୍ଥା କରାଯିବା, ଡ୍ରାଇଭରଙ୍କୁ କରୋନା ଯୋଦ୍ଧା ମାନ୍ୟତା ଦେବା, ଡ୍ରାଇଭର କଲ୍ୟାଣ ପାଣ୍ଠି ଗଠନ କରାଯିବା, ବିଧାନସଭାରେ ସ୍ୱତନ୍ତ୍ର ବଜେଟ ଉପସ୍ଥାପନ କରାଯିବାକୁ ଦାବି କରାଯାଇଛି। ଦାବି ପୂରଣ ନହେଲେ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରାଯିବ ବୋଲି ସଂଘର ସଭାପତି ଦୀପକ ବଡଜେନା କହିଛନ୍ତି।

## ସଂକ୍ଷେପରେ

### ୨ ବାଇକ୍ ମଧ୍ୟରେ ଧକ୍କା ଜଳିଗଲା ଗୋଟିଏ ବାଇକ୍

କଣାସ,୭।୧୧(ସ୍ୱ.ପ୍ର.): କଣାସ ବ୍ଲକ ଗଡିଶାଗୋଦା ଥାନା ଅନ୍ତର୍ଗତ ତେଲେଙ୍ଗାପଡା ନିକଟରେ ସୋମବାର ଅପରାହ୍ନରେ ୨ଟି ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଗୋଟିଏ ବାଇକ୍‌ରେ ଥିବା ଏକ ତୈଳ ଜାରକିନ ଫାଟିଯାଇ ଅନ୍ୟ ବାଇକ୍ ଉପରେ ପଡିଯିବାରୁ ସେହି ବାଇକ୍‌ଟି ପୋଡିଯାଇଛି। ଉଭୟ ବାଇକ୍ ଆରୋହୀ ଗୁରୁତର ଆହତ ହୋଇ ଖୋର୍ଦ୍ଧା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଖବରପାଇ ଗଡିଶାଗୋଦା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ୍‌କୁ ଉଦ୍ଧାର କରିଥିଲେ। ହେଲେ ଏପର୍ଯ୍ୟନ୍ତ ପୋଲିସ ପାଖରେ ଉଭୟ ବାଇକ୍ ଆରୋହୀଙ୍କ ପକ୍ଷରୁ କୌଣସି ଏତଲା ଦିଆଯାଇ ନ ଥିବା ଗଡିଶାଗୋଦା ଥାନା ଅଧିକାରୀ କହିଛନ୍ତି।

### ଏନ୍‌ଏସ୍‌ଏସ୍ ପକ୍ଷରୁ ଜନସଚେତନତା ସପ୍ତାହ ପାଳିତ

ପୁରୀ ଅଫିସ, ୭।୧୧: ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା (ଏନ୍ ଏସ୍‌ଏସ୍) ପକ୍ଷରୁ ଜନସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଏଥିରେ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଶୋକ କୁମାର ସିଂହ ଯୋଗଦେଇ ଶିବିର ଆରମ୍ଭ କରିଥିଲେ। ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ମିହିର କୁମାର ମିଶ୍ର, ଜାତୀୟ ସେବା ଯୋଜନାର ଭି. ଶାରଦା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଛାତ୍ର ଓ ଯୁବଗୋଷ୍ଠୀଙ୍କ ପକ୍ଷରୁ ସଚେତନତା ଆରମ୍ଭ ହେଲେ ଆଗାମୀ ଦିନରେ ଭାରତର ଅଗ୍ରଗତି ହେବ ବୋଲି ଭାରପ୍ରାପ୍ତ ଅଧ୍ୟକ୍ଷ ମିଶ୍ର କହିଥିଲେ। ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ଅସିତ ମହାପାତ୍ର, ସୌମ୍ୟ ରଞ୍ଜନ ବାରିକ, କଲ୍ୟାଣୀ ସେଠୀ, ଅମ୍ରିତା ମିଶ୍ର, କ୍ଷେତ୍ରମୋହନ ଜେନା ଏବଂ ଅଭିଳାଷ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ପୋଖରୀରେ ବୁଡ଼ି ନାବାଳକଙ୍କ ମୃତ୍ୟୁ

ବେଗୁନିଆ/ବୋଲଗଡ଼,୭।୧୧: (ଡି.ଏନ୍.ଏ.): ବେଗୁନିଆ ଥାନା ବୋଲଗଡ଼ ବ୍ଲକ ଅଧୀନ ନାରାୟଣୀପଡା ଗ୍ରାମର ସୋମବାର ଏକ ଦୁଃଖଦ ଘଟଣା ଘଟିଛି। ପୋଖରୀରେ ବୁଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଷଷ୍ଠ ଶ୍ରେଣୀରେ ପଢୁଥିବା ରାଜା ରାଉତ(୧୨)।

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୮ ଦଫା ଦାବିପତ୍ର

ପୁରୀ ଅଫିସ, ୭।୧୧: ପୁରୀ ଜିଲାର ଗ୍ରାମପଞ୍ଚାୟତଗୁଡ଼ିକରେ କାର୍ଯ୍ୟରତ ଅସ୍ଥାୟୀ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ପାଇଁ ରାଜ୍ୟ ବଜେଟରେ ସ୍ୱତନ୍ତ୍ର ବଜେଟ ରଖିବା ସହ ଇ-ଗଭର୍ନାନ୍ସ ପୋର୍ଟାଲରେ ପଞ୍ଜୀକରଣ କରିବା ଭଳି ୮ଟି ଦାବି ନେଇ ସୋମବାର ଗ୍ରାମପଞ୍ଚାୟତ ୪ର୍ଥ ଶ୍ରେଣୀ କର୍ମଚାରୀ ପୁରୀ ଜିଲା ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର ଦିଆଯାଇଛି। ସଂଘ ପକ୍ଷରୁ ଦର୍ଶାଯାଇଛି, ଜିଲାର ୧୧ଟି ବ୍ଲକ୍ ଅଧୀନ ୨୬୮ ଗ୍ରାମପଞ୍ଚାୟତରେ ୨୭୫ଜଣ ୪ର୍ଥ ଶ୍ରେଣୀ କର୍ମଚାରୀ ରହିଛନ୍ତି। ନିକଟରେ ମୁଖ୍ୟମନ୍ତ୍ରୀ ଚୁକ୍ତିଭିତ୍ତିକ ପ୍ରଥା ଉଚ୍ଛେଦ କରି ନିୟମିତ ଘୋଷଣା କଲେ। ମାତ୍ର ଏହି ୪ର୍ଥ ଶ୍ରେଣୀ କର୍ମଚାରୀମାନେ ଏଥିରୁ ବାଦ୍ ପଡ଼ିଛନ୍ତି। ଏପଟେ ଗ୍ରାମପଞ୍ଚାୟତରେ ଯଥେଷ୍ଟ ରାଜସ୍ୱ ସଂଗ୍ରହ ହେଉ ନ ଥିବାରୁ କର୍ମଚାରୀମାନଙ୍କ ପାରିଶ୍ରମିକ ପାଇବାରେ ଅସଙ୍ଗତି ରହୁଛି। ଠିକ୍ ସମୟରେ ପାରିଶ୍ରମିକ ମିଳୁ ନ ଥିବାରୁ କର୍ମଚାରୀମାନଙ୍କ ପରିବାର ଅତି ଦୟନୀୟ ଅବସ୍ଥାରେ ଜୀବନ ନିର୍ବାହ କରୁଛନ୍ତି। ତେଣୁ ଗ୍ରାମପଞ୍ଚାୟତ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କୁ ସରକାରୀ ଅନୁଦାନ ଦେବା ପାଇଁ ସଂଘ ପକ୍ଷରୁ ଅନୁରୋଧ କରାଯାଇଛି। ସଂଘର ଜିଲା ସଭାପତି ଦେବରାଜ ପଲେଇଙ୍କ ନେତୃତ୍ୱରେ ଜିଲାପାଳଙ୍କୁ ଏହି ସ୍ମାରକପତ୍ର ଦିଆଯାଇଛି।




ନିମାପଡ଼ାରେ ନିଗମ କଳାସଂସଦ ପକ୍ଷରୁ ଆୟୋଜିତ ବୋଇତ ବନ୍ଦାଣ ଉତ୍ସବ, କାର୍ତ୍ତିକ ପୂର୍ଣ୍ଣିମା ଭଜନ ସମାରୋହ ଓ ସମ୍ବର୍ଦ୍ଧନା ସମାରୋହ।

# ବୋଇତ ବନ୍ଦାଣ ଉତ୍ସବ: ମନମୋହିଲା ନୃତ୍ୟ, ସଙ୍ଗୀତ

ନିମାପଡ଼ା,୭।୧୧(ଡି.ଏନ୍.ଏ.)

ନିମାପଡ଼ାର ସାଂସ୍କୃତିକ ଅନୁଷ୍ଠାନ ନିଗମ କଳାସଂସଦ ପକ୍ଷରୁ ୧୪ତମ ବୋଇତ ବନ୍ଦାଣ ଉତ୍ସବ, କାର୍ତ୍ତିକ ପୂର୍ଣ୍ଣିମା ଭଜନ ସମାରୋହ ଓ ସମ୍ବର୍ଦ୍ଧନା ସମାରୋହ ସୋମବାର ସନ୍ଧ୍ୟାରେ ନିମାପଡ଼ା ଗଜଲକ୍ଷ୍ମୀ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଗୀତ ଗୁରୁ କୃଷ୍ଣଚନ୍ଦ୍ର ମଲ୍ଲିକ ଏହାର ନେତୃତ୍ୱ ଓ ସଂଯୋଜନା ନେଇଥିଲେ। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପ୍ରତିଷ୍ଠିତ କଳାକାରଙ୍କ ସମେତ ବହୁ ଶିଶୁ କଣ୍ଠଶିଳ୍ପୀ, କଳାକାର ଭଜନ ଓ ଆକର୍ଷଣୀୟ ନୃତ୍ୟ, ସଙ୍ଗୀତ ପରିବେଷଣରେ ଦର୍ଶକ ବିମୋହିତ ହୋଇଥିଲେ। ଏହି ଅବସରରେ ମହିଳା ସ୍ୱେଚ୍ଛାସେବୀ ସଂସ୍ଥା ମାତୃଶକ୍ତି ଫାଉଣ୍ଡେଶନ ଟ୍ରଷ୍ଟ ବୋର୍ଡ (ନିମାପଡ଼ା) ଓ ରାଜ୍ୟ ଗଣ ପରିଷଦ ଓଡ଼ିଶା, ନିମାପଡ଼ା ଶାଖା ପକ୍ଷରୁ ଏକ ସମ୍ବର୍ଦ୍ଧନା ସମାରୋହ ଓ ମାନପତ୍ର ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ସଙ୍ଗୀତ ଗୁରୁ କେଶବଚନ୍ଦ୍ର ରାଉତ, ସାମାଜିକ କର୍ମୀ ଦିନେଶ ତ୍ରିପାଠୀ, ଦକ୍ଷ ସଂଗଠିକା ଓ ସାମାଜିକ କର୍ମୀ ଜ୍ୟୋତ୍ସ୍ନାମୟୀ ତ୍ରିପାଠୀ, ସଙ୍ଗୀତଜ୍ଞ ନବୀନ କିଶୋର ପଟ୍ଟନାୟକ, ଡାକ୍ତର ନେତ୍ରାନନ୍ଦ ଭୋଇ, ସଙ୍ଗୀତଗୁରୁ କୃଷ୍ଣଚନ୍ଦ୍ର ମଲ୍ଲିକ, ଟ୍ରଷ୍ଟ ବୋର୍ଡ ସଭାନେତ୍ରୀ ଜ୍ୟୋତ୍ସ୍ନାମୟୀ ସ୍ୱାଇଁ, ସମ୍ପାଦିକା ଜୟଶ୍ରୀ ପାତ୍ର ପ୍ରମୁଖ ଯୋଗଦେଇ ନିଗମ କଳା ସଂସଦର ନିଆରା ସାଂସ୍କୃତିକ ଧମାକା ଓ ଟ୍ରଷ୍ଟ ବୋର୍ଡର ବିଭିନ୍ନ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ରାଜ୍ୟ ଗଣ ପରିଷଦ ଓ ଟ୍ରଷ୍ଟ ବୋର୍ଡ ପକ୍ଷରୁ ସଙ୍ଗୀତଗୁରୁ ରାଉତ, ସାମାଜିକ କର୍ମୀ ପର୍ଶୁରାମ ସ୍ୱାଇଁଙ୍କ ସମେତ ୭ ଜଣ ଗଣମାଧ୍ୟମର ପ୍ରତିନିଧି, ଟ୍ରଷ୍ଟ ବୋର୍ଡ ସଭାନେତ୍ରୀ ସ୍ୱାଇଁ, ସମ୍ପାଦିକା ପାତ୍ରଙ୍କୁ ମାନପତ୍ର, ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ୫୫ଜଣ କୃତୀ ନୃତ୍ୟ ଓ କଣ୍ଠଶିଳ୍ପୀଙ୍କୁ ମାନପତ୍ର ଦିଆଯାଇଥିଲା।




ପୁରୀ ମୁକ୍ତାକାଶ ରଙ୍ଗମଞ୍ଚରେ ଆୟୋଜିତ ୭୩ତମ କାର୍ତ୍ତିକ ପୂର୍ଣ୍ଣିମା ଭଜନ ସମାରୋହରେ ଅତିଥିଙ୍କ ଗହଣରେ ଶିଶୁ କଣ୍ଠଶିଳ୍ପୀମାନେ ଭକ୍ତି ସଙ୍ଗୀତ ପରିବେଷଣ କରୁଛନ୍ତି।

### ୧୩ରୁ ୮ମ ରାଜ୍ୟସ୍ତରୀୟ ଫୁଟବଲ୍ ପ୍ରତିଯୋଗିତା

ନିମାପଡ଼ା,୭।୧୧(ଡି.ଏନ୍.ଏ.)

ନିମାପଡ଼ା ଆଥ୍‌ଲେଟିକ୍ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ବାରବାଟୀ ଗ୍ରାଉଣ୍ଡରେ ୧୩ ତାରିଖଠାରୁ ୮ମ ରାଜ୍ୟସ୍ତରୀୟ ପଦ୍ମଚରଣ ସାମନ୍ତସିଂହାର ସ୍ମାରକୀ ଫୁଟବଲ୍ ପ୍ରତିଯୋଗିତା ଆୟୋଜିତ ହେଉଛି। ଏଥିରେ ରାଜ୍ୟର ବିଭିନ୍ନ ଜିଲାରୁ ଓ ରାଜ୍ୟ ବାହାରୁ ୯ଟି ଖ୍ୟାତନାମା ଫୁଟବଲ୍ ଟିମ୍ ଅଂଶଗ୍ରହଣ କରିବେ। ପ୍ରତିଯୋଗିତାରେ କୃତୀ ଚାମ୍ପିୟନ୍ ଦଳକୁ ନଗଦ ୩୫ ହଜାର ଟଙ୍କା ଓ ଚାମ୍ପିୟନ୍ ଟ୍ରଫି, ରନର୍ସ ଅପ୍ ଦଳକୁ ନଗଦ ୨୫ ହଜାର ଟଙ୍କା ଓ ରନର୍ସ ଅପ୍ ଟ୍ରଫି ପ୍ରଦାନ କରାଯିବ। ଏଥିସହ କୃତୀ ଖେଳାଳି, ମ୍ୟାନ ଅଫ୍ ଦି ମ୍ୟାଚ୍ ଓ ମ୍ୟାନ ଅଫ୍ ଦି ସିରିଜ୍ ଓ ରେଫରିଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯିବ ବୋଲି ଆୟୋଜକ ନିମାପଡ଼ା ଆଥ୍‌ଲେଟିକ୍ ଆସୋସିଏଶନ୍‌ର ସମ୍ପାଦକ ଜୀବନାନନ୍ଦ ମହାପାତ୍ର ଏକ ବିବୃତିରେ ଜଣାଇଛନ୍ତି। ଏହି ପ୍ରତିଯୋଗିତା ୨୦ ତାରିଖରେ ଶେଷ ହେବ।

### ପିଲାଙ୍କୁ ନିଶା କବଳରୁ ମୁକ୍ତ ପାଇଁ ପ୍ରୟାସ

ଜଟଣୀ,୭।୧୧(ଡି.ଏନ୍.ଏ.)

ଜଟଣୀସ୍ଥିତ ସୋସାଇଟି ଫର୍ ଚିଲ୍‌ଡ୍ରେନ୍ (ସୋଚ୍) ଅନୁଷ୍ଠାନ ପକ୍ଷରୁ ସପ୍ତମ ନିଶା ନିବାରଣ ତଥା ବ୍ୟବହାର ପରିବର୍ତ୍ତନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏସବିଆଇ ଇଜିଏମ ଏଲଏଚଓ ଅମରେଶ ଦାଶ, ଯାଜ୍ଞଶୀଶ ମହାପାତ୍ର, ଅହସାସ ହୋତା, ମାନସୀ ପାଢ଼ୀ, ବିପିନ ମହାନ୍ତି, ପଦାରବିନ୍ଦ ସାହୁ, ମନୋଜ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ପିଲାମାନଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଫେରିବା ଓ ପିଲାଙ୍କ ଜୀବନରେ ଶିକ୍ଷା ଏବଂ ଅନୁଶାସନର ମହତ୍ତ୍ୱ ସମ୍ପର୍କରେ କହିଥିଲେ। ସୋଚର ମୁଖ୍ୟ ମନୋଜ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପ୍ରୋଗ୍ରାମ ପୁନର୍ଜୀବନ ମୁଖ୍ୟ ଲକ୍ଷ୍ମୀପ୍ରିୟା ସିଂ କାର୍ଯ୍ୟକ୍ରମ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପିଲାମାନେ ସାଂସ୍କୃତିକ କାର୍ଯକ୍ରମ ପରିବେଷଣ କରିଥିଲେ।



ପଞ୍ଚକର ୪ର୍ଥ ଦିନରେ ସୋମବାର ଦାରୁଦିଅଁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଭକ୍ତଙ୍କ ଗହଳି।

# ସାଂସ୍କୃତିକ ପ୍ରତିଯୋଗିତା, ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

ପୁରୀ ଅଫିସ ୭।୧୧

ସିପସରୁବାଲି ବଳିଆପଣ୍ଡାସ୍ଥିତ ଟେଡି କିଡ୍ ପବ୍ଲିକ୍ ସ୍କୁଲର ବାର୍ଷିକ ସାଂସ୍କୃତିକ ପ୍ରତିଯୋଗିତା ଓ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ନୃତ୍ୟଗୁରୁ ଓ ନିର୍ଦ୍ଦେଶକ ଚନ୍ଦ୍ରଶେଖର ସାହୁ, ତୁଷାର ଜୈନ, ଭକ୍ତି ସଙ୍ଗୀତ ଗାୟକ ଯଜ୍ଞଦତ୍ତ ଶକ୍ତି ପ୍ରସାଦ ନାୟକ, ନାଟ୍ୟକାର ସତ୍ୟ ଦାଶ, ପୁରୀ ଆର୍ଟିଷ୍ଟ ଆସୋସିଏଶନ୍‌ର ସମ୍ପାଦକ ରାମକୃଷ୍ଣ ମହାପାତ୍ର, ଓଡ଼ିଶୀ ନୃତ୍ୟ ନିର୍ଦ୍ଦେଶିକା ସାଗରିକା ମହାପାତ୍ର, ନୃତ୍ୟଗୁରୁ ବିବେକ ମହାନ୍ତି, ନାରୀନେତ୍ରୀ ରୋଜାଲିନ୍ ପଣ୍ଡା ଏବଂ ଅଭିନେତା ସୁରଜିତ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ବିଦ୍ୟାଳୟର ଉନ୍ନତି କାମନା କରିବା ସହ ଛାତ୍ରୀଛାତ୍ରମାନେ ରାଜ୍ୟ ଓ ବିଦ୍ୟାଳୟ ପାଇଁ ଗୌରବ ଆଣିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶୁଭଦର୍ଶିନୀ ଦାଶ ଓ ସମ୍ପାଦକ ଆଶୁତୋଷ ମିଶ୍ର ମଞ୍ଚାସୀନ ଥିଲେ। ଛାତ୍ରୀଛାତ୍ରମାନେ ସେମାନଙ୍କ କଳା ପ୍ରଦର୍ଶନ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଧନ୍ୟବାଦ ଦେଇଥିଲେ।

# ଶିଶୁ ଅଧିକାର ସଂକ୍ରାନ୍ତ ବକ୍ତୃତା ପ୍ରତିଯୋଗିତା

ପୁରୀ ଅଫିସ, ୭।୧୧

ଶିଶୁ ସମାଚାର ପକ୍ଷରୁ 'ଶିଶୁ ଅଧିକାର କେତେ ଜରୁରୀ' ଶୀର୍ଷକ ବିଦ୍ୟାଳୟସ୍ତରୀୟ ବକ୍ତୃତା ପ୍ରତିଯୋଗିତା ରବିବାର ପୋଲିସ ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ଜିଲାର ବିଭିନ୍ନ ବିଦ୍ୟାଳୟରୁ ୫୨ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ପୋଲିସ ହାଇସ୍କୁଲର ପ୍ରଧାନ ଶିକ୍ଷକ ଶିବରାମ ମିଶ୍ର ଓ ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବକ୍ତୃତାରେ ସ୍ଥାନୀୟ ସେଣ୍ଟ ଜାଭିୟର ସ୍କୁଲର ଆସ୍ଥା ରଥ ପ୍ରଥମ, ଆଦର୍ଶ ବିଦ୍ୟାଳୟ ସତ୍ୟବାଦୀର ସିମରଣ ମହାପାତ୍ର ଦ୍ୱିତୀୟ, କାଳିକା ବିଦ୍ୟାପୀଠର ଶୁଭଶ୍ରୀ ମଲିକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଚାରକ ଭାବେ ଶୁଭନାରାୟଣ ଶତପଥୀ, ଶକ୍ତିପଦ ମିଶ୍ର, କମଳା ମହାରଣା, ସ୍ମିତାରାଣୀ ସାହୁ ଓ ଶରତ କୁମାର ରାୟଗୁରୁ ଯୋଗଦେଇ ପିଲାଙ୍କ ପ୍ରତିଭା ସମ୍ପର୍କରେ ମୂଲ୍ୟାୟନ କରିଥିଲେ। ଆସନ୍ତା ନଭେମ୍ବର ୨୦ତାରିଖରେ ବିଶ୍ୱ ଶିଶୁ ଅଧିକାର ଦିବସ ସୁଖଲତା ବାଳିକା ବିଦ୍ୟାଳୟରେ ପାଳନ କରାଯିବା ସହ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା କହିଛନ୍ତି। ଏହି କାର୍ଯ୍ୟକ୍ରମ ପରିଚାଳନାରେ ବିଜୟ ପଣ୍ଡା, ଅମର ମହାନ୍ତି ଓ ସତ୍ୟ ନାରାୟଣ ସାହୁ ପ୍ରମୁଖ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଭାଗନେଇଥିବା ପ୍ରତିଯୋଗୀ।

# ଫସଲବୀମା ପ୍ରଦାନରେ ଅବହେଳା




ପ୍ରତିବାଦ ସଭାରେ ଯୋଗଦେଇଥିବା ଶୁକଳ ଓ ଆଳିଶ ପଞ୍ଚାୟତର କୃଷକମାନେ।

ସାକ୍ଷୀଗୋପାଳ,୭।୧୧(ଡି.ଏନ୍.ଏ./ସ୍ୱ.ପ୍ର.)

ପ୍ରଧାନମନ୍ତ୍ରୀ ଫସଲବୀମା କ୍ଷତିପୂରଣ ପ୍ରଦାନରେ ଅବହେଳା ଅଭିଯୋଗ କରି ସତ୍ୟବାଦୀ ବ୍ଲକର ଶୁକଳ ଓ ଆଳିଶ ପଞ୍ଚାୟତର ଶତାଧିକ କୃଷକ ଆନ୍ଦୋଳନ ଡାକରା ଦେଇଛନ୍ତି। ନୂଆ ଜଗନ୍ନାଥ ସଡ଼କ ପାର୍ଶ୍ୱ ମହାବୀର ମନ୍ଦିରରେ କୃଷକମାନେ ସୋମବାର ଏକ ପ୍ରତିବାଦ ସଭାରେ ଏକାଠି ହୋଇଥିଲେ। ସୂଚନାଯୋଗ୍ୟ, ୨୦୨୧ ମସିହା ଖରିଫ ଧାନ ଫସଲ ପାଇଁ କୃଷକମାନେ ପ୍ରଧାନମନ୍ତ୍ରୀ ଫସଲବୀମା ପ୍ରିମିୟମ ଦେଇଥିଲେ। ପ୍ରାକୃତିକ ବିପତ୍ତିରେ ସେମାନଙ୍କ ଫସଲ ନଷ୍ଟ ହୋଇଥିଲା। ସରକାରୀ କର୍ମଚାରୀ ଓ ବୀମା କମ୍ପାନୀ ମିଳିତ ଭାବେ କ୍ରପ୍ କଟିଙ୍ଗ କରି କ୍ଷୟକ୍ଷତି ହାର ଆକଳନ କରିଥିଲେ। ଇତିମଧ୍ୟରେ ଏକ ବର୍ଷ ବିତିଯାଇଛି। ହେଲେ କ୍ଷତିପୂରଣ ମିଳୁ ନାହିଁ। ଫଳରେ ଚାଷୀମାନେ ନାନା ଅସୁବିଧାର ସମ୍ମୁଖୀନ ହେବା ସହ ଅସନ୍ତୋଷ ପ୍ରକାଶ କରିଛନ୍ତି। ତେଣୁ କ୍ଷତିପୂରଣ ପାଇ ନ ଥିବା କୃଷକମାନେ ଜୟ ବଜରଙ୍ଗୀ କୃଷକ ସଂଗଠନ ଜରିଆରେ ଏହି ସମସ୍ୟାର ସମାଧାନ କରିବା ସହ ତୁରନ୍ତ କ୍ଷତିପୂରଣ ରାଶି ପ୍ରଦାନ ଦିଗରେ ପଦକ୍ଷେପ ନେବାକୁ ବୀମା କମ୍ପାନୀ, ରାଜ୍ୟ ସରକାରଙ୍କ କୃଷି ବିଭାଗ ଆଞ୍ଚଳିକ ଅଧିକାରୀ, ପୁରୀ ଜିଲାପାଳ, ଏସ୍‌ପି ଓ ଜିଲା କୃଷି ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କିଛି ସୁଫଳ ନ ମିଳିବାରୁ ସେମାନେ ଅନୁଷ୍ଠିତ ପ୍ରତିବାଦ ସଭାରେ ଆଗକୁ ଆନ୍ଦୋଳନ ଜୋରଦାର କରିବେ ବୋଲି କଡ଼ା ଚେତାବନୀ ଦେଇଛନ୍ତି। ଉକ୍ତ ସଭାରେ ସଂଗଠନର ଆବାହକ କୁଞ୍ଜବିହାରୀ ସାହୁ, ଶ୍ରୀଧର ବିଶାଳ, କାର୍ତ୍ତିକ ସାଇଁ ପ୍ରମୁଖ କୃଷକ ନେତା ଏବଂ ସରପଞ୍ଚ ଲଳିତ ମୋହନ ସେନାପତି ଓ ସୁରେଶ ଚନ୍ଦ୍ର ସେଠୀ ଉଦ୍‌ବୋଧନ ଦେଇ ୧୦ଦିନ ମଧ୍ୟରେ ଦାବି ପୂରଣ ନ ହେଲେ କ୍ଷତିଗ୍ରସ୍ତ ଚାଷୀମାନେ ରାସ୍ତାରୋକୋ କରିବେ ବୋଲି କହିଛନ୍ତି। ଏ ନେଇ ରାଜ୍ୟ କୃଷି ବିଭାଗର ଫସଲବୀମା ନୋଡାଲ ଅଫିସର ଡ. ରାଜେଶ ଦାସଙ୍କୁ ଯୋଗାଯୋଗ କରିବାରେ କେତେକ ଅଞ୍ଚଳର କ୍ଷୟକ୍ଷତି ଆକଳନ ରିପୋର୍ଟ ଉପରେ ବୀମା କମ୍ପାନୀର ଆପତ୍ତି ରହିଛି। ଏହି ସମସ୍ୟା ସମ୍ପର୍କରେ କମ୍ପାନୀ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ।

### ଦାବି ପୂରଣ ପାଇଁ କୃଷକଙ୍କ ଆନ୍ଦୋଳନ

## ଭୂମିହୀନ ପରିବାରକୁ ରୋଜଗାରକ୍ଷମ ପାଇଁ ପ୍ରଶିକ୍ଷଣ

**ବାଙ୍କୀ,(ସ୍ୱ.ପ୍ର.):** ବାଙ୍କୀ ବ୍ଲକ ଅନ୍ତର୍ଗତ ଓସ୍ତିଆ ପଞ୍ଚାୟତ କାର୍ଯ୍ୟାଳୟରେ କାଳିଆ ଯୋଜନା ମାଧ୍ୟମରେ ଭୂମିହୀନ ପରିବାରମାନଙ୍କୁ ରୋଜଗାରକ୍ଷମ କରିବା ନିମନ୍ତେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଆର୍ତ୍ତବନ୍ଧୁ ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ଉଦ୍ୟାନ ବିଭାଗ ସହକାରୀ ଯନ୍ତ୍ରୀ ସାଗରିକା ସାହୁ ଓ କର୍ମଚାରୀ ଦୋଳଗୋବିନ୍ଦ ଜେନା ଯୋଗଦେଇଥିଲେ। ଶିବିରରେ ୨୩ ଭୂମିହୀନ ପରିବାର ଅଂଶଗ୍ରହଣ କରିଥିଲେ।

## ସଂକ୍ଷେପରେ

### କାର୍ତ୍ତିକେଶ୍ୱର ପୂଜା ଉଦ୍‌ଯାପିତ



**ବଡ଼ମ୍ବା,୭।୧୧(ଡି.ଏନ୍.ଏ.):** ବଡ଼ମ୍ବା ବ୍ଲକ ଅନ୍ତର୍ଗତ ମଙ୍ଗରାଜପୁର ଗ୍ରାମ ପୀଠରେ ଏକ ସପ୍ତାହ ଧରି ଚାଲିଥିବା ବିଶ୍ୱ ଶାନ୍ତି ମହାଯଜ୍ଞ ଓ କାର୍ତ୍ତିକେଶ୍ୱର ପୂଜା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଅଙ୍କୁରାରୋପଣ, କଳସ ଯାତ୍ରା, ଘଟ ସ୍ଥାପନ, ଗୀତା ଯଜ୍ଞ, ଶ୍ରୀରାମ ଯଜ୍ଞ, ଶୈବ ଯଜ୍ଞ, ଦେବୀ ଯଜ୍ଞ ଓ ପୂର୍ଣ୍ଣାହୁତି ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥିଭାବେ ବ୍ଲକ ଅଧକ୍ଷ ରଘୁପତି ମହାନ୍ତି, ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ, ସାମାଜିକ କର୍ମୀ ସୁଶାନ୍ତ କୁମାର ଜେନା, ଆମ୍ବ କମିଟି ଅଧକ୍ଷ ପ୍ରଦୀପ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

# କେନ୍ଦ୍ରାପଡ଼ା କେନାଲରେ ୬ଫୁଟ୍‌ର ଘଳିଆ

**ନିଶ୍ଚିନ୍ତକୋଇଲି, ୭।୧୧(ସ୍ୱ.ପ୍ର)**

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ କୋଲଣପୁରଠାରେ କେନ୍ଦ୍ରାପଡ଼ା କେନାଲରେ ସୋମବାର ଏକ ୬ଫୁଟ୍‌ର ଘଳିଆ ସୃଷ୍ଟି ହୋଇଛି। ତେବେ ଉତ୍ତର ଜଳ ସମ୍ପଦ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀଙ୍କ ଦୂରଦୃଷ୍ଟି ଅଭାବ ଓ କେନାଲ ବନ୍ଧ ମରାମତିରେ ସ୍ୱଚ୍ଛତା ରହୁ ନ ଥିବାରୁ ବନ୍ଧ ଦୁର୍ବଳ ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସରକାର କେନାଲ ଓ ନଦୀବନ୍ଧ ସୁଦୃଢ଼ୀକରଣ ପାଇଁ ବହୁ କୋଟି ଟଙ୍କା ବ୍ୟୟ କରୁଥିବା ବେଳେ ବର୍ଷାଦିନ ପରିବର୍ତ୍ତେ ଶୀତଦିନେ କେନାଲ ବନ୍ଧ ଭାଙ୍ଗିବା ବିଭାଗୀୟ ଅଧିକାରୀଙ୍କ ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି କେନାଲ ବନ୍ଧର ଦକ୍ଷିଣ ପାର୍ଶ୍ୱ ରାସ୍ତାଟି ଖଇରାପୋଲ ଠାରୁ ବାହାରି ଅସୁରେଶ୍ୱର ପର୍ଯ୍ୟନ୍ତ ଯାଇଛି। ଏହି ବନ୍ଧ ରାସ୍ତା ଉପରେ ଦୈନନ୍ଦିନ କେନ୍ଦ୍ରାପଡା, ପାଟକୁରା, ଗରଦପୁର, ନିଶ୍ଚିନ୍ତକୋଇଲି, ସାଲେପୁର ପ୍ରଭୃତି ବହୁ ଅଞ୍ଚଳର ଲୋକେ ଗମନା ଗମନ କରୁଥିବା ବେଳେ କେନାଲ ଉପରେ ଶତାଧିକ ଚାଷୀ ଜଳ ସେଚନ ନିମନ୍ତେ ନିର୍ଭର କରିଥାନ୍ତି। ପ୍ରତିବର୍ଷ ଏହି କେନାଲ ବନ୍ଧ ମରାମତି କରାଯିବା ନିମନ୍ତେ ପୂର୍ତ୍ତ ବିଭାଗ ଓ ଜଳ ସମ୍ପଦ ବିଭାଗ ତରଫରୁ ବହୁ ଟଙ୍କା ବିଲ କରାଯାଇଥାଏ। ନିମ୍ନମାନର କାର୍ଯ୍ୟ ଯୋଗୁ ନିର୍ମାଣର ମାତ୍ର ଅଳ୍ପ ଦିନ ପରେ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡୁଛି। ତେବେ ସୋମବାର ଏହି ରାସ୍ତାର କୋଲଣପୁରଠାରେ ଥିବା ଦକ୍ଷିଣପାର୍ଶ୍ୱ ରାସ୍ତାରେ ଏକ ୬ ଫୁଟର ଘଳିଆ ସୃଷ୍ଟି ହୋଇଥିଲା। ଖବର ପାଇ ଜଳ ସମ୍ପଦ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ବାଲିବସ୍ତା ପକାଇ ଏହାକୁ ପୋତି ଦେଇଛନ୍ତି। ତେବେ ନିମ୍ନମାନର କାର୍ଯ୍ୟ ପାଇଁ ବାରମ୍ବାର ବନ୍ଧରେ ଘାଇ ଓ ଘଳିଆ ସୃଷ୍ଟି ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତୁରନ୍ତ ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ଉତ୍ତର ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ସଞ୍ଜୀବ ବେହେରା କୁହନ୍ତି ମୂଷା ଗାତ ଓ ମାଟିର ଆର୍ଦ୍ରତା ପାଇଁ କେନାଲ ବନ୍ଧ ଦୁର୍ବଳ ହେବା କାରଣରୁ ପାଣି ଲିକେଜ କରୁଥିଲା। ଉଭୟ ମାହାଙ୍ଗା ଓ ନିଶ୍ଚିନ୍ତକୋଇଲିର କୋଲଣପୁର କେନାଲ ବନ୍ଧକୁ ଅସ୍ଥାୟୀ ମରାମତି କରାଯାଇଛି।



କେନ୍ଦ୍ରାପଡ଼ା କେନାଲରେ ସୃଷ୍ଟ ଘାଇକୁ ଲୋକେ ଦେଖାଉଛନ୍ତି।

# ଛେଳି ପାଳକଙ୍କୁ ମରଣାନ୍ତକ ଆକ୍ରମଣ

**ସାଲେପୁର, ୭।୧୧(ଡି.ଏନ୍.ଏ.)**

ଛେଳିଚରାକୁ କେନ୍ଦ୍ରକରି ଛେଳି ପାଳକଙ୍କୁ ଫାଉଡ଼ାରେ ହାଣି ରକ୍ତାକ୍ତ କରିଥିବା ନେଇ ସାଲେପୁର ଥାନାରେ ଅଭିଯୋଗ ହୋଇଛି। ପଟଣା ଗ୍ରାମର ପ୍ରେମାନନ୍ଦ କାଣ୍ଡି ନିଜ ଛେଳିଙ୍କୁ ଶୁଖିଲା ଚାଷଜମିରେ ଚରାଉଥିବା ବେଳେ ବାଲିସମଳା ଗ୍ରାମର ଅରଜିତ୍ ରାଉତରାୟ (ମୁନା), ପ୍ରେମାନନ୍ଦଙ୍କ ୪ଟି ଛେଳିକୁ ଧରିନେଇ ଏକ ଫାର୍ମହାଉସ୍‌ରେ ବାନ୍ଧି ରଖିଥିଲା। ଏ ସମ୍ପର୍କରେ ପ୍ରେମାନନ୍ଦ ପଚାରିବାରୁ ଉତ୍‌କ୍ଷିପ୍ତ ହୋଇ ଅରଜିତ୍ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ନିକଟରେ ଥିବା ଏକ ଫାଉଡ଼ାରେ ପ୍ରେମାନନ୍ଦଙ୍କ ବାମ ହାତକୁ ହାଣି ରକ୍ତାକ୍ତ କରିଦେଇଥିଲା। ପ୍ରେମାନନ୍ଦଙ୍କ ସାନଭାଇ ସେଠାରେ ପହଞ୍ଚି ପ୍ରତିରୋଧ କରିବାରୁ ତାଙ୍କୁ ମଧ୍ୟ ଆକ୍ରମଣ କରି ହାତ ଭାଙ୍ଗିଦେଇଥିବା ପ୍ରେମାନନ୍ଦ ସାଲେପୁର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ପ୍ରେମାନନ୍ଦ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି।

# ଭାରତ ସ୍କାଉଟ୍ସ ଓ ଗାଇଡ୍ସ ପ୍ରତିଷ୍ଠା ଦିବସ

**ବାଙ୍କୀ,୭।୧୧ (ସ୍ୱ.ପ୍ର)**

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ରୋଭର ରେଞ୍ଜର ଅନୁଷ୍ଠାନ ପକ୍ଷରୁ ଭାରତ ସ୍କାଉଟ୍ସ ଓ ଗାଇଡ୍ସର ୭୨ତମ ପ୍ରତିଷ୍ଠା ଦିବସ ସୋମବାର କଲେଜ ପରିସରରେ ପାଳିତ ହୋଇଯାଇଛି । ରୋଭର ଲିଡର ଭୂପତି ଭୂଷଣ ପ୍ରଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବରେ ଭାରପ୍ରାପ୍ତ ଅଧ୍ୟକ୍ଷ ମନୋଜ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଡ.ବିଶ୍ୱରଞ୍ଜନ ସାହୁ, ପଦାର୍ଥ ବିଜ୍ଞାନ ବିଭାଗର ଡେମୋନୋଷ୍ଟ୍ରେଟର ବୃନ୍ଦାବନ ପ୍ରଧାନ, ପ୍ରାଧ୍ୟାପକ ମନୋରଞ୍ଜନ ସାହୁ, କଲେଜର ଗ୍ରନ୍ଥାଗାରିକ ପ୍ରଭାତ କୁମାର ବଳିୟାର ସିଂହ ପ୍ରମୁଖ ଯୋଗଦାନ କରି ସ୍କାଉଟ୍ସ ଓ ଗାଇଡ୍ସର ବହୁମୁଖୀ ଲୋକହିତକର କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଶେଷରେ ରେଞ୍ଜର ଲିଡର ଅଧ୍ୟାପିକା ଦେବସ୍ମିତା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।




ସ୍କାଉଟ୍ସ ଗାଇଡ୍ସର ପ୍ରତିଷ୍ଠା ଦିବସରେ ଅତିଥି ଓ ଛାତ୍ରୀଛାତ୍ର।

## ନୃତ୍ୟଗୁରୁ ଗୋପୀକୃଷ୍ଣ ବେହେରାଙ୍କ ଶ୍ରାଦ୍ଧବାର୍ଷିକୀ

**ବାଙ୍କୀ,୭।୧୧ (ସ୍ୱ.ପ୍ର):** ବାଙ୍କୀର ବରପୁତ୍ର ତଥା ଓ ପ୍ରଖ୍ୟାତ ନୃତ୍ୟଗୁରୁ ଗୋପୀକୃଷ୍ଣ ବେହେରାଙ୍କ ୫ମ ଶ୍ରାଦ୍ଧ ଉତ୍ସବ ସୋମବାର କଳା, ସାହିତ୍ୟ ଓ ସଂସ୍କୃତି ପରିଷଦ ପରିସରରେ ପାଳିତ ହୋଇଯାଇଛି। ସଂସ୍କୃତି ପରିଷଦର ଉପସଭାପତି ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ପରିଷଦ ପରିସରରେ ଥିବା ଗୋପୀକୃଷ୍ଣଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । କାର୍ଯ୍ୟକ୍ରମରେ ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, ଗୋପୀକୃଷ୍ଣ ସ୍ମୃତି ସଂସଦର ସମ୍ପାଦକ ଶିକ୍ଷାବିତ ମନୋଜ କୁମାର ରାଉତ, ସଂସ୍କୃତି ଜାଗରଣ ମଞ୍ଚର ସମ୍ପାଦକ ଅଶୋକ କୁମାର ଗିରି, ପୂର୍ବତନ ଏନଏସି କାଉନସିଲର ସୌମେନ୍ଦ୍ର ମିଶ୍ର, ସାମାଜିକ କର୍ମୀ ଅକ୍ଷୟ କୁମାର ସାମଲ, ବିଜୟ କୁମାର ଦିକ୍ଷୀତ, ଜଳଧର ପ୍ରଧାନ, ବୀରବର ଦଳେଇ, ପୂର୍ଣ୍ଣଚନ୍ଦ୍ର ମଙ୍ଗୁଆଲ, ରୋହିତ ବେହେରା, ନାରାୟଣ ପଣ୍ଡା ପ୍ରମୁଖ ଯୋଗଦାନ କରି ସ୍ୱର୍ଗତ ବେହେରାଙ୍କ ନୃତ୍ୟ ପ୍ରତି ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ନୃତ୍ୟ ଶିକ୍ଷକ ମହେଶ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।



ଯୋବ୍ରାସ୍ଥିତ ମାରିଟାଇମ୍ ମ୍ୟୁଜିୟମକୁ ସୋମବାର ଓଡ଼ିଶା-ଇଣ୍ଡୋନେସିଆର ପାରମ୍ପରିକ ସାମଗ୍ରୀ ପ୍ରଦାନ ଅବସରରେ ଦିଲ୍ଲୀସ୍ଥିତ ଇଣ୍ଡୋନେସିଆ ଦୂତାବାସର ଅଧିକାରୀ ଓ ଅନ୍ୟମାନେ।

## ଦକ୍ଷିଣକାଳୀ ମନ୍ଦିରରେ ବିଗ୍ରହ ପ୍ରତିଷ୍ଠା ଉତ୍ସବ

**ବଡ଼ମ୍ବା, ୭।୧୧(ଡି.ଏନ୍.ଏ.)**

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ମୁଗଗହୀର ଗ୍ରାମ ଦକ୍ଷିଣକାଳୀ ମନ୍ଦିରରେ ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଅଙ୍କୁରାରୋପଣ, କଳସ ଯାତ୍ରା, ଗୋପୂଜା, ସୂର୍ଯ୍ୟପୂଜା ଓ ବିଶ୍ୱଶାନ୍ତି ଯଜ୍ଞ ଆଦି ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଆଚାର୍ଯ୍ୟ ଭାବେ ମାଧବ ଚନ୍ଦ୍ର ମିଶ୍ର କାର୍ଯ୍ୟ ନିର୍ବାହ କରିଥିଲେ। ସଭାପତି ଚନ୍ଦ୍ର ଶେଖର ପାଢ଼ୀ, ଗୋକୁଳାନନ୍ଦ ବେହେରା, ବିପିନି ବିହାରୀ ଦେବତା, ବସୁଦେବ ଖଟୁଆ, ସର୍ବେଶ୍ୱର ପଣ୍ଡା, ସୁବାସ ଚନ୍ଦ୍ର ଦାଶ ପ୍ରମୁଖ ଦ୍ୱାରା ପୂର୍ଣ୍ଣାହୁତି କରାଯାଇଥିଲା। ସେହିଭଳି ଭାଗବତ, ସଂକୀର୍ତ୍ତନ ଓ ଭଜନ ସମାରୋହ ଆଦି ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବଡ଼ମ୍ବା ଓକିଲ ସଂଘ ପୂର୍ବତନ ସଭାପତି ବରିଷ୍ଠ ଆଇନଜୀବୀ ସନ୍ତୋଷ କୁମାର ପଟ୍ଟନାୟକ, କବି ଚନ୍ଦ୍ର ଶେଖର ମହାନ୍ତି, ଖଗେଶ୍ୱର ମହାପାତ୍ର, ବାଲୁଙ୍କେଶ୍ୱର ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

# ଜନଶୁଣାଣିରେ ୩୯ ଅଭିଯୋଗ

**ମାହାଙ୍ଗା,୭।୧୧(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ କଟକ ଅତିରିକ୍ତ ଜିଲାପାଳ ଶିବୋ ଟୋପୋଙ୍କ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୩୯ ଅଭିଯୋଗର ଶୁଣାଣି ହୋଇଥିଲା। ସେଗୁଡ଼ିକ ମଧ୍ୟରେ ଯୋଗାଣ ବିଭାଗରେ ୧୪, ଭତ୍ତା ନିମନ୍ତେ ୮, ଜଳସମ୍ପଦ ବିଭାଗ ୨,ଜମିଜମା ସମ୍ପର୍କିତ ୪ ସମେତ ଅନ୍ୟାନ୍ୟ ବିଭାଗରେ ୧୧ ଅଭିଯୋଗ ହୋଇଥିଲା। କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ଦୀପା ମଲିକ, ଉପାଧ୍ୟକ୍ଷ ସତ୍ୟନାରାୟଣ ମହାନ୍ତି, ବିଡିଓ ନିହାର ରଞ୍ଜନ ମଲିକ, ସିଡିଏମଓ ସତ୍ୟବ୍ରତ ଛୋଟରାୟ,ତହସିଲଦାର ଉମାକାନ୍ତ ବିଶ୍ୱାଳ,ଏଡିପିଓ ବିମଳ ବାରିକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ଜଗତପୁର ଶାନ୍ତି କମିଟି ପକ୍ଷରୁ ୧୯ ପୂଜା ମଣ୍ଡପ ପରିଦର୍ଶନ

**ମଙ୍ଗୁଳି,୭।୧୧(ଡି.ଏନ୍.ଏ.)**

କାର୍ତ୍ତିକେଶ୍ୱର ପୂଜା ଅବସରରେ ସମଗ୍ର ଜଗତପୁର ଅଞ୍ଚଳରେ ୧୯ଟି ମଣ୍ଡପରେ ଠାକୁର ପୂଜା ପାଆନ୍ତି। କେତେକ ମଣ୍ଡପରେ କାର୍ତ୍ତିକେଶ୍ୱର ମୂର୍ତ୍ତି ହେଇଥିବା ବେଳେ ଆଉ କେତେକ ମଣ୍ଡପରେ ମହାଦେବ ମୂର୍ତ୍ତି ପୂଜା ହୋଇଥାଏ। ଦୁଇଟି ପର୍ଯ୍ୟାୟରେ ଯଥା- ପୂର୍ଣ୍ଣମୀ ଓ ଛାଡ଼ଖାଇରେ କୃଷ୍ଣେଶ୍ୱର ମନ୍ଦିରଠାରେ ମେଳଣ ହୋଇଥିବା ବେଳେ ଛାଡ଼ଖାଇ ବାସି ଓ ତା'ପର ଦିନ ମା' ଅନ୍ଧାରୀ ଠାକୁରାଣୀଙ୍କଠାରେ ମେଳଣ ହୋଇଥାଏ। ପ୍ରତିବର୍ଷ ପରି ଜଗତପୁର ଶାନ୍ତି କମିଟି ପକ୍ଷରୁ ସମସ୍ତ ୧୯ଟି ପୂଜା ମଣ୍ଡପ ସୋମବାର ପରିଦର୍ଶନ କରାଯାଇ ଭୋଗ ଶରା ଦିଆଯାଇଥିଲା। ଜଗତପୁର ଶାନ୍ତି କମିଟି ପକ୍ଷରୁ ସଭାପତି ନିରଞ୍ଜନ ବିଶ୍ୱାଳଙ୍କ ସହିତ ସମ୍ପାଦକ ଦିଲୀପ କୁମାର ଜେନା, କୋଷାଧ୍ୟକ୍ଷ ଅଲେଖ ଚନ୍ଦ୍ର ବେହେରା, ବରିଷ୍ଠ ଉପଦେଷ୍ଟା କରୁଣାକର ଦାସ, ଯୁଗ୍ମ ସମ୍ପାଦକ ମାନସ ପରିଡ଼ା, ବିଜୟ କୁମାର ଭୂୟାଁ, ଦୟାନିଧି ନାୟକ, ଲକ୍ଷ୍ମୀଧର ଶରଣ, କିଶୋର ନାୟକ, ଗୋବର୍ଦ୍ଧନ ସାହୁ, ତୀର୍ଥାନନ୍ଦ ପଣ୍ଡା, ରଶ୍ମିକାନ୍ତ ସାମଲ ପ୍ରମୁଖ ଯୋଗଦେଇ ପୂଜା ମଣ୍ଡପ ପରିଦର୍ଶନ କରିବା ସହ ଶାନ୍ତି ଶୃଙ୍ଖଳା ସହିତ ଓ ନିଶାମୁକ୍ତ ଭସାଣି କରିବାକୁ ନିବେଦନ କରିଥିଲେ।

## ଶିଳାନ୍ୟାସର ୩ ଦିନ ପରେ ଫଳକ ଭାଙ୍ଗିଲେ ଦୁର୍ବୃତ୍ତ



**ନିଶ୍ଚିନ୍ତକୋଇଲି,୭।୧୧(ସ୍ୱ.ପ୍ର.):** କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଯମରା ପଞ୍ଚାୟତରେ ଗତ ଶୁକ୍ରବାର ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନାରେ ରାସ୍ତା ତିଆରି ପାଇଁ ମାହଙ୍ଗା ବିଧାୟକ ପ୍ରତାପ ଜେନା ଶିଳାନ୍ୟାସ କରିଥିଲେ। ଏହାର ୩ଦିନ ପରେ ଦୁର୍ବୃତ୍ତମାନେ ଫଳକ ଭାଙ୍ଗି ଦେଇଛନ୍ତି। ଏନେଇ ଯମରା ସରପଞ୍ଚ ତ୍ରିପାଠୀ ନେମାଲ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏନେଇ ଥାନା ଅଧିକାରୀଙ୍କ ମତାମତ ମିଳି ପାରିନାହିଁ।

# କାର୍ତ୍ତିକେଶ୍ୱର ମହୋତ୍ସବର ୪ର୍ଥ ସନ୍ଧ୍ୟା

**ବାଙ୍କୀ, ୭।୧୧ (ସ୍ୱ.ପ୍ର)**

ବାଙ୍କୀ ଉପଖଣ୍ଡ ଡମପଡ଼ା ବ୍ଲକ ଅନ୍ତର୍ଗତ ରଗଡି ଗୁଣ୍ଡିଚା ପଡିଆ ଠାରେ ଚାଲିଥିବା କାର୍ତ୍ତିକ ମହୋତ୍ସବର ସୋମବାର ଚତୁର୍ଥ ଦିନରେ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ ମୁଖ୍ୟ ଅତିଥି ଏବଂ ସମ୍ମାନିତ ବକ୍ତା ଭାବେ ପ୍ରେସକ୍ଲବ ଉପସଭାପତି ସମରେନ୍ଦ୍ର ମହାପାତ୍ର ଯୋଗଦେଇଥିଲେ। ରଗଡି ନାଏବ ସରପଞ୍ଚ ଭାଗୀରଥି ବେହେରା, ଅବସରପ୍ରାପ୍ତ ଶିକ୍ଷକ ଭୃଗୁରାମ ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ । ସରପଞ୍ଚ ତଥା ମହୋତ୍ସବ ସଭାପତି ବିଜୟଲକ୍ଷ୍ମୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହୋତ୍ସବ ସମ୍ପାଦକ କ୍ଷୀରୋଦ ପଟ୍ଟନାୟକ ସମ୍ପାଦକୀୟ ବିବରଣୀ ପାଠ ସହ କାର୍ଯ୍ୟକାରୀ ସଭାପତି କୃଷ୍ଣରଞ୍ଜନ ରଣା ଅତିଥି ପରିଚୟ ପ୍ରଦାନ କରିଥିଲେ । ମହୋତ୍ସବର ଉପସଭାପତି ଭାଗୀରଥି ପାଣି ଧନ୍ୟବାଦ ଦେଇଥିଲେ।



ମହୋତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ।

## ବ୍ୟବସାୟୀଙ୍କ ବିୟୋଗରେ ବଜାର ବନ୍ଦ

**ସାଲେପୁର,୭।୧୧(ଡି.ଏନ୍.ଏ.)**

ସାଲେପୁର ଅଞ୍ଚଳର ହରଗୌରୀ ମାର୍କେଟରେ ଦୀର୍ଘ ବର୍ଷ ଧରି ବ୍ୟବସାୟ କରିଆସୁଥିବା ଚନ୍ଦ୍ରାଦେଇପୁର ଗ୍ରାମର ବଟକୃଷ୍ଣ ଦାସ (୭୮)ଙ୍କ ସୋମବାର



ହୃଦ୍‌ଘାତରେ ପରଲୋକ ଘଟିଛି। ତାଙ୍କ ବିୟୋଗରେ ହରଗୌରୀ ମାର୍କେଟ୍ ସମ୍ପୂର୍ଣ୍ଣ ବନ୍ଦ ରହିବା ସହିତ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଗ୍ରାମ ଶ୍ମଶାନରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ବଡ଼ ପୁଅ ରଞ୍ଜନ କୁମାର ଦାସ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ବିଘ୍ନେଶ୍ୱର ସାହୁ, ପୂର୍ବତନ ସରପଞ୍ଚ ଅନିଲ କୁମାର ଦାସ, ବିବେକାନନ୍ଦ ଭୂୟାଁଙ୍କ ସମେତ ବ୍ୟବସାୟୀମାନେ ଶୋକ ପ୍ରକାଶ କରିଛନ୍ତି।

# ଯୁଦ୍ଧ ବନ୍ଦ ନିମନ୍ତେ ଶୋଭାଯାତ୍ରା



ରୁଷିଆ-ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ବନ୍ଦ ପାଇଁ ଶୋଭାଯାତ୍ରା କରାଯାଉଛି।

**ବାଙ୍କୀ, ୭।୧୧ (ସ୍ୱ.ପ୍ର)**

ରୁଷିଆ-ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ବନ୍ଦ କରିବା ନିମନ୍ତେ ବାଙ୍କୀ ବ୍ଲକ କଳାପଥର ଗ୍ରାମସ୍ଥ କପିଳେଶ୍ୱର ମହାଦେବ ମନ୍ଦିରପୀଠରୁ ଏକ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ସାମାଜିକ କର୍ମୀ ପ୍ରସନ୍ନ କୁମାର ସାହୁ ପରିଚାଳନା କରିଥିଲେ । ମୁଖ୍ୟ ଅତିଥି ଭାବେ ବାଙ୍କୀ କଲେଜର ଉପାଧ୍ୟକ୍ଷ ମନୋଜ କୁମାର ମହାପାତ୍ର ଯୋଗଦେଇ ଏବେ ଯୁଦ୍ଧର ସମୟ ନୁହେଁ, ଶାନ୍ତିରେ କିପରି ସମଗ୍ର ବିଶ୍ୱର ମାନବ ସମାଜ ବଞ୍ଚିପାରିବେ ସେ ସମ୍ପର୍କରେ ବହୁ ମୂଲ୍ୟବାନ ତଥ୍ୟ ଉପସ୍ଥାପନ କରିଥିଲେ । କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ମନୋଜ କୁମାର ସାହୁ, କବି ଲଳାଟେନ୍ଦୁ ପଣ୍ଡା, ଦୀପକ କୁମାର ସାମନ୍ତରା, ନିରୂପମା ସାହୁ, କମଳିନୀ ସାହୁ ପ୍ରମୁଖ ଯୋଗଦାନ କରିଥିଲେ ।

# ତହସିଲ୍‌ଦାରଙ୍କ କ୍ୟାମ୍ପ କୋର୍ଟ, ୧୧ କେସ୍ ସମାଧାନ

**ସାଲେପୁର,୭।୧୧(ଡି.ଏନ୍.ଏ.)**

ସାଲେପୁର ତହସିଲ ପକ୍ଷରୁ ବିଭିନ୍ନ ରାଜସ୍ୱ ସର୍କଲରେ କ୍ୟାମ୍ପ୍‌କୋର୍ଟ ଆରମ୍ଭ ହୋଇଛି। ଲୋକମାନେ ବାରମ୍ବାର ତହସିଲ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନିଜର କାର୍ଯ୍ୟ ସମ୍ପାଦନ କରିପାରୁ ନ ଥିବାରୁ ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହି କ୍ୟାମ୍ପ୍ କୋର୍ଟ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସୋମବାର ସାଲେପୁର ତହସିଲ ଅଧୀନ ସାଲେପୁର ସଦର ଓ ସରସ୍ୱତୀ ରାଜସ୍ୱ ନିରୀକ୍ଷକଙ୍କ ସର୍କଲ ପରିସରଭୁକ୍ତ ବିଭିନ୍ନ ଜମିଜମା ସମସ୍ୟାର ସମାଧାନ କରାଯାଇଥିଲା। ସାଲେପୁର ତହସିଲଦାର ଶିବ ମଲ୍ଲିକ, ସଦର ରାଜସ୍ୱ ନିରୀକ୍ଷକ ସଞ୍ଜୟ ନାୟକ, ସରସ୍ୱତୀ ରାଜସ୍ୱ ନିରୀକ୍ଷକ ରଞ୍ଜିତ ବେହେରା, ବରିଷ୍ଠ କିରାଣୀ ରମାକାନ୍ତ ସାହୁ, ସୁପରଭାଇଜର କୁମୁଦିନୀ ଜେନା ଉପସ୍ଥିତ ରହି ୧୧ଟି ବନ୍ଦୋବସ୍ତ କେସ୍ ସମାଧାନ କରିଥିଲେ।



କ୍ୟାମ୍ପ କୋର୍ଟରେ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

# ଗାଁ କଲ୍ୟାଣ ସମିତିକୁ ମିଳିପାରୁନି ସହାୟତା

## ବିନିଯୋଗ ପ୍ରମାଣପତ୍ର ପ୍ରଦାନରେ ବିଳମ୍ବ

**କଟକ ସଦର, ୭।୧୧ (ଡି.ଏନ୍.ଏ.)**

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ କାର୍ଡ ବଣ୍ଟନ ପାଇଁ କଟକ ସଦର ବ୍ଲକର ସମସ୍ତ ଗାଁ କଲ୍ୟାଣ ସମିତି ପାଣ୍ଠିରୁ ୫ହଜାର ଟଙ୍କା ଲେଖାଏ ବିଡିଓଙ୍କ ଆକାଉଣ୍ଟରେ ଜମା କରାଯାଇଥିଲା। ଇତିମଧ୍ୟରେ ୯ ମାସ ବିତିଯାଇଥିଲେ ସୁଦ୍ଧା ବିଡିଓ ବିନିଯୋଗ ପ୍ରମାଣପତ୍ର ସମ୍ପୃକ୍ତ ଗାଁ କଲ୍ୟାଣ ସମିତି ସଭାପତିଙ୍କୁ ପ୍ରଦାନ କରିନାହାନ୍ତି। ଫଳରେ ୨୦୨୧-୨୦୨୨ ଆର୍ଥିକ ବର୍ଷର ଗାଁ କଲ୍ୟାଣ ସମିତି ଅନୁଦାନ ଖର୍ଚ୍ଚର ବିନିଯୋଗ ପ୍ରମାଣପତ୍ର ବେଷ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦାଖଲ କରାଯାଇ ପାରୁନାହିଁ। ସେଥିପାଇଁ ୨୦୨୨-୨୦୨୩ ଆର୍ଥିକ ବର୍ଷର ଅନୁଦାନ ଆଜିପର୍ଯ୍ୟନ୍ତ ଆସିପାରୁନାହିଁ। ବିବରଣୀରୁ ପ୍ରକାଶ, କଟକ ସଦର ବିଡିଓ ପତ୍ରସଂଖ୍ୟା ୪୨୮୫/୯।୧୨।୨୦୨୧ରେ ୫ ହଜାର ଟଙ୍କା ଲେଖାଏ ବିଡିଓଙ୍କ ଆକାଉଣ୍ଟରେ ଜମା କରିବା ପାଇଁ ସମସ୍ତ ଗାଁ କଲ୍ୟାଣ ସମିତି ଦାୟିତ୍ୱରେ ଥିବା ଅଙ୍ଗନୱାଡି କର୍ମୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୨୦୨୨ ଜାନୁୟାରୀରେ ପ୍ରାୟ ୫ ଲକ୍ଷ ୬୫ ହଜାର ଟଙ୍କା ଜମା କରାଯାଇଥିଲା। ଏହି ଅର୍ଥରେ ୨୩ଟି ପଞ୍ଚାୟତରେ ସ୍ୱତନ୍ତ୍ର ଉତ୍ସବ ଆୟୋଜନ କରାଯାଇ ବିଧାୟକ ଚନ୍ଦ୍ରସାରଥୀ ବେହେରା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସ୍ମାର୍ଟକାର୍ଡ ବଣ୍ଟନ କରିଥିଲେ। ଜିଲାପାଳଙ୍କ ପତ୍ରସଂଖ୍ୟା ୧୧୬୦୧/୨୫।୮।୨୦୨୧ ଓ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ପତ୍ରସଂଖ୍ୟା ୧୬୬୨୨/୭।୧୨।୨୦୨୧ରେ ଗାଁ କଲ୍ୟାଣ ପାଣ୍ଠି ଅର୍ଥର ବିନିଯୋଗ ପ୍ରମାଣପତ୍ର ସମ୍ପୃକ୍ତ ଗ୍ରାମ୍ୟ କମିଟିରେ ଦାଖଲ କରିବା ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏପର୍ଯ୍ୟନ୍ତ କଟକ ସଦର ସମେତ ଜିଲାର ଅନ୍ୟ ବ୍ଲକ୍‌ରେ ଥିବା ଗାଁ କଲ୍ୟାଣ ସମିତି ପକ୍ଷରୁ ବିନିଯୋଗ ପ୍ରମାଣପତ୍ର ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦାଖଲ କରାଯାଇ ନ ଥିବା ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ବିନିଯୋଗ ପ୍ରମାଣପତ୍ର ପ୍ରଦାନରେ ବିଳମ୍ବ ସମ୍ପର୍କରେ ବିଡିଓ ରାଜୀବ ଲୋଚନ ପରିଡ଼ାଙ୍କୁ ପଚାରିବାରୁ ସେ କୌଣସି ପ୍ରତିକ୍ରିୟା ଦେଇ ନ ଥିଲେ।

## ମାନବିକ ସମ୍ପର୍କକୁ ସୁଦୃଢ଼ କରେ ସାହିତ୍ୟ

କଟକ ଅଫିସ: ଓଡ଼ିଶା ବୁକ୍ ଏମ୍ପୋରିୟମ୍ ଦ୍ୱାରା ପ୍ରକାଶିତ ପୁଷ୍ପାଞ୍ଜଳି କରଙ୍କ ରଚିତ ଗଳ୍ପ ପୁସ୍ତକ 'ଡାକବଙ୍ଗଳା' ଶ୍ରୀରାମଚନ୍ଦ୍ର ଭବନରେ ସୋମବାର ଉନ୍ମୋଚିତ ହୋଇଯାଇଛି। ଉକ୍ତ ପୁସ୍ତକକୁ ଉନ୍ମୋଚନ କରି ବିଚାରପତି ଜଷ୍ଟିସ୍ ଶଶିକାନ୍ତ ମିଶ୍ର କହିଥିଲେ, ସାହିତ୍ୟ ସମାଜରେ ସଂଘତି ଓ ସଂସ୍କାର ଆଣେ। ସାହିତ୍ୟ ମାନବିକ ସମ୍ପର୍କକୁ ସୁଦୃଢ଼ କରେ ବୋଲି କହିଥିଲେ। ଉତ୍ସବରେ ଲେଖିକା ବନଜ ଦେବୀ ସମ୍ମାନିତ ଅତିଥି, କେନ୍ଦ୍ର ସାହିତ୍ୟ ଏକାଡେମୀ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ପ୍ରଫେସର ବିଜୟାନନ୍ଦ ସିଂହ ସଭାପତିତ୍ୱରେ ଉତ୍ସବରେ ମୁଖ୍ୟବକ୍ତା ଗଙ୍ଗାଧର ରଥ ଫାଉଣ୍ଡେଶନର ସମ୍ପାଦକ ସୁସ୍ମିତା ରଥ ଓ ଡ. ବୈଜୟନ୍ତୀ ମିଶ୍ର,ଅଧ୍ୟାପକ କମଳ ମାହୁନ୍ତ, ପ୍ରକାଶକ ଶିବାଶିଷ କର, କ୍ଷମାନିଧି ମିଶ୍ର ଉପସ୍ଥିତ ଥିଲେ।



କଟକ ବାଲିଯାତ୍ରା ତଳ ପଡିଆରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମଡେଲ୍ ନିର୍ମିତ ହୋଇଛି।



କୋଦାମ୍-ଇ-ରାସୋଲ୍ ମସଜିଦ୍‌ର ମଡେଲ୍ ।



ବାରବାଟୀ ଦୁର୍ଗର ମଡେଲ୍ ।

# ସଜେଇ ହୋଇଛି ବାଲିଯାତ୍ରା ପଡ଼ିଆ

କଟକ ଅଫିସ, ୭।୧୧

ଦୀର୍ଘ ୨ ବର୍ଷ ପରେ ଚଳିତବର୍ଷ କଟକ ବାଲିଯାତ୍ରା ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଥିବା ବେଳେ ମହାନଦୀ ପଠା ବାଲିଯାତ୍ରା ପଡ଼ିଆକୁ ନୂଆ ରୂପ ଦେବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ରଙ୍ଗବେରଙ୍ଗ ଆଲୋକ ସହ ବିଭିନ୍ନ କଳାକୃତିରେ ସଜେଇ ହୋଇଛି ବାଲିଯାତ୍ରା ପଡ଼ିଆ । ବେପାର ପାଇଁ ରାଜ୍ୟ ଓ ରାଜ୍ୟ ବାହାରୁ ବ୍ୟବସାୟୀମାନେ ଆସି ଆସର ଜମେଇଲେଣି। ଏଠି ଖାଲି ବାଣିଜ୍ୟ ହୁଏନି, ରଙ୍ଗବେରଙ୍ଗର କଳା ଓ ନାଚ ଗୀତର ମାହୋଲ ବି ଜମେ। ପ୍ରାଚୀନ କଳିଙ୍ଗ ନୌବାଣିଜ୍ୟ ପରମ୍ପରା ସ୍ମୃତି ଓ ସ୍ମାରକୀ ବହନ କରୁଥିବା ବାଲିଯାତ୍ରାର ଗୌରବମୟ ଇତିହାସକୁ ଉଜ୍ଜୀବିତ କରିବା ପାଇଁ କଟକ ଇନ୍ କଟକ କନସେପ୍ଟ, ଲେଜର ଶୋ'ର ଆୟୋଜନ କରାଯାଇଛି। ଉଦ୍‌ଘାଟନ କାର୍ଯ୍ୟକ୍ରମକୁ ଅର୍ଥ ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିବେ ।

## ବିଶ୍ୱ ଦରବାରରେ କଟକର ବାଲିଯାତ୍ରା ବାଲୁକା କଳା

ବିଶ୍ୱ ଦରବାରରେ କଟକର ବାଲିଯାତ୍ରା ଆଉ ଓଡ଼ିଶାର ନୌବାଣିଜ୍ୟ ପରମ୍ପରାକୁ ପରିଚୟ ଦେବା ପାଇଁ ଲାଗିପଡିଛନ୍ତି ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ। ତାଙ୍କର ପ୍ରୟାସରେ ବାଲିଯାତ୍ରା ପଡିଆରେ ବିଶ୍ୱର ସବୁଠୁ ବଡ ବାଲୁକା କଳାରେ ଝଲସିବ କଟକ। ବାଲିଯାତ୍ରା ପଡିଆରେ ସେ ବାଲିରେ ତିଆରି କରୁଛନ୍ତି ସବୁଠାରୁ ବଡ଼ ବୋଇତ। ଏଥିରେ ବ୍ୟବହୃତ ହେଉଛି ୨୫,୦୦୦ରୁ ଅଧିକ ମାଟିଦୀପ। ୬୮ଫୁଟ ଲମ୍ବର ଏହି ବୋଇତ ପାଇଁ ସୁଦର୍ଶନଙ୍କ ୨୦ ଜଣ ଛାତ୍ରୀଛାତ୍ର ସାହାଯ୍ୟ କରିଛନ୍ତି। ଏହାକୁ ଲିମ୍‌କା ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ନାଁ ରହିବ ବୋଲି ଆଶା କରିଛନ୍ତି। ତେବେ ଏହି ବାଲୁକାକଳାକୁ ସୋମବାର ଓଡିଶାର ପୋଲିସ ମହାନିର୍ଦ୍ଦେଶକ ସୁନୀଲ କୁମାର ବଂଶଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ୍ କରିଛନ୍ତି। ସେ କହିଥିଲେ, ଚଳିତବର୍ଷ ବାଲିଯାତ୍ରାକୁ ସରସସୁନ୍ଦର ଭାବରେ ପାଳନ କରିବା ପାଇଁ ଆୟୋଜକମାନଙ୍କ ପକ୍ଷରୁ ନୂତନ ଓ ପୁରାତନ ସଂସ୍କୃତିର ଏକ ଅଭିନବ ସମ୍ଭାରକୁ ଆଧାର କରି ରୂପରେଖ ନିର୍ଦ୍ଧାରିତ ହୋଇଛି। ଏହାପରେ ଡିଜି ବଂଶଲ ବୋଟ୍ ଯୋଗେ ସିଲଭର ସିଟି ବୋଟ୍ କ୍ଲବକୁ ଉପସ୍ଥିତ ନିମନ୍ତ୍ରିତ ଅତିଥି ଓ ପ୍ରଶାସନିକ ଅଧିକାରୀଙ୍କ ଗହଣରେ ପରିଦର୍ଶନ କରିଥିଲେ। ଏହି ଅବସରରେ ସିଏମ୍‌ସି ମେୟର ସୁବାସ ଚନ୍ଦ୍ର ସିଂ, ସିଡିଏ ଅଧ୍ୟକ୍ଷ ଅନିଲ କୁମାର ସାମଲ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଡ. ସୁରେଶ ଚନ୍ଦ୍ର ଦଳାଇ, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଜିଲାପାଳ ଡ. ଭବାନୀ ଶଙ୍କର ଚୟନୀ, ସିଏମସି କମିଶନର ନିଖିଲ ପୱନ କଲ୍ୟାଣ, ଡିସିପି ପିନାକ ମିଶ୍ର, ପୂର୍ବତନ ବିଧାୟକ ବାରବାଟୀ-କଟକ ଦେବାଶିଷ ସାମନ୍ତରାୟ, ପୂର୍ବତନ ମେୟର ମଧୁସୁଦନ ସାହୁ, ଓଡିଶା ମୋ ପରିବାରର କଟକ ଅଧ୍ୟକ୍ଷ ରଞ୍ଜନ ବିଶ୍ୱାଳ, ବାଲିଯାତ୍ରା କଟକ ଉତ୍ସବର ନୋଡାଲ ଅଧିକାରୀ ଅମ୍ବର କର, ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, କଟକ ମହାନଗର ନିଗମ ଉପ ଆୟୁକ୍ତ ଅଜୟ ମହାନ୍ତି, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



## ବଡ଼ଙ୍କ ପାଇଁ ୧୦୦, ଶିଶୁ ୫୦

ବାଲିଯାତ୍ରା ବୁଲି ଆସୁଥିବା ଲୋକମାନେ ଓଟ ଓ ଘୋଡା ପିଠିରେ ବସିବାର ମଜା ଉଠାଇବେ। ପ୍ରତି ବର୍ଷ ଭଳି ଏଥର ମଧ୍ୟ ବାଲିଯାତ୍ରାକୁ ଆସିଯାଇଛନ୍ତି ପୁରୀରୁ ପ୍ରାୟ ୧୫ ଜଣିଆ ଗ୍ରୁପର ଓଟ ଓ ଘୋଡ଼ା ବ୍ୟବସାୟୀ। ଏଥର ସେମାନେ ସାଙ୍ଗରେ ୯ଟି ଘୋଡା, ୭ଟି ଓଟ ନେଇ ଆସିଛନ୍ତି। ପୂର୍ବଠାରୁ ଚଳିତବର୍ଷ ଏହାର ଦର ବୃଦ୍ଧି ପାଇଛି। ୨ଶହ ମିଟର ପାଇଁ ଓଟ କିମ୍ବା ଘୋଡା ଉପରେ ସବାରି ପାଇଁ ୫୦ ଏବଂ ୧୦୦ ଟଙ୍କା ଧାର୍ଯ୍ୟ କରାଯାଇଛି । ବଡଙ୍କ ପାଇଁ ୧୦୦ଟଙ୍କା ରହିଥିବା ବେଳେ ଛୋଟଙ୍କ ପାଇଁ ୫୦ ଟଙ୍କା ମୂଲ୍ୟ ରହିଛି ।

## ଆଜିଠାରୁ ସାମୁଦ୍ରିକ ସଂଗ୍ରହାଳୟରେ 'ସମୁଦ୍ର ମନ୍ଥନ'

୩ଦିନ ବ୍ୟାପୀ ଯୋବ୍ରାସ୍ଥିତ ସାମୁଦ୍ରିକ ସଂଗ୍ରହାଳୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାତୀୟ ଧାରା ସମ୍ମିଳନୀ ଆୟୋଜନ ହେବାକୁ ଯାଉଛି। ଐତିହାସିକ ବାଲିଯାତ୍ରା ପାଇଁ ପ୍ରାଚୀନ ସାମୁଦ୍ରିକ ପରମ୍ପରା, ବର୍ତ୍ତମାନର ସ୍ଥିତି, ଆଗାମୀ ଭବିଷ୍ୟତ ଓ ସମସ୍ୟାକୁ ନେଇ ମାନସ ମନ୍ଥନ କାର୍ଯ୍ୟକ୍ରମ ମଙ୍ଗଳବାରଠାରୁ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମର ନାମ 'ସମୁଦ୍ରମନ୍ଥନ' ରଖାଯାଇଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ 'ଆଜାଦୀ ଅମୃତ ମହୋତ୍ସବ' ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ବାଲିଯାତ୍ରାର ଏହା ଏକ ଅଂଶ ଭାବେ କାର୍ଯ୍ୟକ୍ଷମ ହେବ ବୋଲି ପ୍ରମୋଦ ରିସର୍ଟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଇଣ୍ଡିଆନ୍ ନଲେଜ ସିଷ୍ଟମ ଡିଭିଜନର ସଂଯୋଜିକା ଅନୁରାଧା ଚୌଧୁରୀ ସୂଚନା ଦେଇଛନ୍ତି। କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର ଅଙ୍ଗ ଭାରତୀୟ ଜ୍ଞାନ ବ୍ୟବସ୍ଥା(ଇଣ୍ଡିଆନ୍ ନଲେଜ ସିଷ୍ଟମ ଡିଭିଜନ), ସଂସ୍କୃତି ମନ୍ତ୍ରଣାଳୟ ଏବଂ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ଏହି ସମ୍ମିଳନୀ ଆୟୋଜିତ ହେଉଛି। ବିଭିନ୍ନ କ୍ଷେତ୍ରରେ ପ୍ରସିଦ୍ଧିଲାଭ କରିଥିବା ଶିକ୍ଷାବିତ ଓ ଗବେଷକମାନେ ଯୋଗଦେଇ ଭାରତୀୟ ପରମ୍ପରା ଉପରେ ସଚେତନତା ସୃଷ୍ଟି କରିବେ। ସମ୍ମିଳନୀରେ ସୋଆ ବିଶ୍ୱବିଦ୍ୟାଳୟର ସେଣ୍ଟର ଫର୍ ପ୍ରିଜରଭେଶନ, ପ୍ରୋପାଗେଶନ ଆଣ୍ଡ ରିଷ୍ଟୋରେଶନ ଅଫ୍ ଆନ୍ସିଏଣ୍ଟ କଲଚର ହେରିଟେଜ୍ ଇଣ୍ଡିଆ ବିଭାଗର ନିର୍ଦ୍ଦେଶକ ଡ. ନଚିକେତା ଶର୍ମା, ସୋଆ ବିଶ୍ୱବିଦ୍ୟାଳୟର ପ୍ରଫେସର ଜ୍ୟୋତିରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



## ବାଲିଯାତ୍ରାକୁ ଜଗିବେ ୫୦ ପ୍ଲାଟୁନ୍ ଫୋର୍ସ

କଟକ ଅଫିସ,୭।୧୧

ବାଲିଯାତ୍ରା ପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଶାନ୍ତି, ଶୃଙ୍ଖଳା ରକ୍ଷା ସହ ବିଭିନ୍ନ ଆପରାଧିକ କାର୍ଯ୍ୟକଳାପ ରୋକିବା ନିମନ୍ତେ ୫୦ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି। ପ୍ରାୟ ୧୫୦ଜଣ ପୋଲିସ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ବାଲିଯାତ୍ରା ତଳ ଓ ଉପର ପଡ଼ିଆରେ ୮ଟି ୱାଚ ଟାୱାର୍ ସହ ସିସିଟିଭି କ୍ୟାମେରା ଲଗାଯାଇଛି। ୱାଚ୍ ଟାୱାର ଉପରେ ୨୪ ଘଣ୍ଟିଆ ପୋଲିସ ନଜର ରଖିବେ। କୌଣସି ଅଭିଯୋଗ କରିବାକୁ ହେଲେ ପଡ଼ିଆରେ ୨୦ଟି ପୋଲିସ ପୋଷ୍ଟ ଖୋଲାଯାଇଛି। ଏଥିସହ ମହିଳା, ଅସହାୟ ବ୍ୟକ୍ତି ଓ ଛୋଟପିଲାଙ୍କ ପାଇଁ ୪ଟି ସହାୟତା କେନ୍ଦ୍ର ରହିବ। ବାଲିଯାତ୍ରାରେ କେହି ହଜଗଲେ ସହାୟତା ପାଇଁ ସହାୟତା କେନ୍ଦ୍ର ଖୋଲାଯାଇଛି।

### ହ୍ୱିଲ୍ ଚେୟାର ବ୍ୟବସ୍ଥା

ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କ ପାଇଁ ହ୍ୱିଲ୍ ଚେୟାର ବ୍ୟବସ୍ଥା କରାଯାଇଛି। ପୋଲିସ କର୍ମଚାରୀଙ୍କ ସହ ସହାୟତା ଚାହୁଁଥିବା ଲୋକେ ଯୋଗାଯୋଗ କରି ଏହାର ସୁବିଧା ନେଇପାରିବେ।

### ପକେଟମାର ରୋକିବେ ସ୍ୱତନ୍ତ୍ର ବାହିନୀ

ବାଲିଯାତ୍ରାରେ ଚୋରି, ପକେଟମାର, ଅସଦାଚରଣ ଭଳି ଆପରାଧିକ କାର୍ଯ୍ୟ ରୋକିବାକୁ ସ୍ୱତନ୍ତ୍ର ପୋଲିସ ବାହିନୀକୁ ମୁତୟନ କରାଯାଇଛି। ଲୋକେ କୌଣସି ଅସୁବିଧାର ସମ୍ମୁଖୀନ ହେଲେ ପୋଲିସକୁ ଯୋଗାଯୋଗ କରିବାକୁ କୁହାଯାଇଛି।

### ରାତି ୧୦ ପରେ ଦୋକାନ ବନ୍ଦ

ଜିଲା ପ୍ରଶାସନର ନିଷ୍ପତ୍ତି ମୁତାବକ ପ୍ରତ୍ୟହ ରାତି ୧୦ଟା ପରେ ବାଲିଯାତ୍ରାରେ ଦୋକାନ ଆଦି ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ କରାଯିବ। ଏହାକୁ ନ ମାନିଲେ ପୋଲିସ ପକ୍ଷରୁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିସିପି ପିନାକ ମିଶ୍ର ସୂଚନା ଦେଇଛନ୍ତି।

### ୯, ୧୦ରେ କାର୍ତ୍ତିକେଶ୍ୱର ଭସାଣି

ଆସନ୍ତା ୯ ଓ ୧୦ ତାରିଖରେ କାର୍ତ୍ତିକେଶ୍ୱର ମେଢ଼ ବିସର୍ଜନ ହେବ। ଏଥିପାଇଁ ଅତିରିକ୍ତ ୧୦ ପ୍ଲାଟୁନ ଫୋର୍ସ ମୁତୟନ କରାଯିବ। ଏଥିସହ ବାରଙ୍ଗରେ ୧୩ତାରିଖ ଦିନ କାର୍ତ୍ତିକେଶ୍ୱର ଭସାଣି ହେଉଥିବାରୁ ସେଦିନ ବାରଙ୍ଗ ପଟକୁ ଯାନ ଚଳାଚଳ ଉପରେ କଟକଣା ଲଗାଯାଇଛି।

## ଡିଜିଟାଲ ଆପ୍ ନେଇ ସିଏମ୍‌ସି କମିଶନରଙ୍କ ସହ ଆଲୋଚନ

ଚଳିତବର୍ଷ ବାଲିଯାତ୍ରାକୁ ଅଧିକ ଲୋକାଭିମୁଖୀ କରିବା ନିମନ୍ତେ ପ୍ରଶାସନ ଦ୍ୱାରା ଏକ ସ୍ୱତନ୍ତ୍ର ଡିଜିଟାଲ ଆପ୍‌ର (ଆମ ବାଲିଯାତ୍ରା) ବ୍ୟବସ୍ଥା କରାଯାଇଛି। ଏହି ଆପ୍ ଜରିଆରେ ବ୍ୟବସାୟ ସଂସ୍ଥାଗୁଡିକର ଲୋକେଶନ ଚିହ୍ନଟ ପାଇଁ ସେମାନଙ୍କୁ ଜିପିଆର୍‌ଏସ୍‌ରେ ଅନ୍ତର୍ଭୁକ୍ତ କରାଯିବ। ଫଳରେ ବାଲିଯାତ୍ରାକୁ ଆସୁଥିବା ଲୋକେ ସେମାନଙ୍କର ଆବଶ୍ୟକ ସଂସ୍ଥାଗୁଡିକୁ ସହଜରେ ଠାବ କରିପାରିବେ। ଏନେଇ ଆପ୍ ନିର୍ମାତା ସିଏମ୍‌ସି କମିଶନରଙ୍କ ସହ ସୋମବାର ଆଲୋଚନା କରିଛନ୍ତି। ଏହି ବ୍ୟବସ୍ଥା ଜରିଆରେ ବ୍ୟବସାୟୀ ବିକ୍ରି ପାଇଁ ରଖିଥିବା ସାମଗ୍ରୀ, ପାର୍କିଂ ବ୍ୟବସ୍ଥା ଓ ଟ୍ରାଫିକ ପରିଚାଳନା, ବାଲିଯାତ୍ରାର ମୁଖ୍ୟ ସ୍ଥାନ ଯଥା-ସରକାରୀ ବିକ୍ରି କେନ୍ଦ୍ର, ପାର୍କିଂ ସ୍ଥଳ, ଶୌଚାଳୟ, ସୂଚନା କେନ୍ଦ୍ର ଓ ସବୁଜ ଅଞ୍ଚଳ ପ୍ରଭୃତି ସ୍ୱତନ୍ତ୍ର ସ୍ଥାନ ଭାବେ ଚିହ୍ନଟ କରାଯାଇଛି। ଗୁଗଲ ମ୍ୟାପ ଜରିଆରେ ସେସବୁ ଖୋଜି ପାଇବା ପାଇଁ ସୁବିଧା ଉପଲବ୍ଧ କରାଯାଇଛି। ହେଲ୍ପଡେସ୍କର ନମ୍ବର ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ସୂଚନା ଏହି ଆପରେ ରହିବା ସହ କ୍ଲିକ୍ କଲେ ସୁବିଧା ମଧ୍ୟ ଯୋଗାଇ ଦିଆଯିବ।

## ସାରଦା ପ୍ରସନ୍ନ ନାୟକ ଗୀତିକବିତା ସମ୍ମାନ ବନ୍ଦକୁ ବିରୋଧ

କଟକ ଅଫିସ,୭।୧୧

ଓଡ଼ିଶା ସରକାରଙ୍କ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗର ବିଜ୍ଞପ୍ତି ଅନୁସାରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ପୁରସ୍କାର ତାଲିକାରୁ 'ସାରଦା ପ୍ରସନ୍ନ ନାୟକ ଗୀତିକବିତା ସମ୍ମାନ'କୁ ବାଦ୍ ଦିଆଯାଇଛି। ଏଭଳି ନିଷ୍ପତ୍ତିକୁ ଓଡ଼ିଆ ଗୀତିକବି ସମାଜ ପକ୍ଷରୁ ବିରୋଧ କରାଯାଇ ନିଷ୍ପତ୍ତିର ପୁନର୍ବିଚାର ନିମନ୍ତେ ବିଭାଗ ନିକଟରେ ଦାବି ଉପସ୍ଥାପନ କରାଯାଇଛି। ଅନୁଷ୍ଠାନ ପକ୍ଷରୁ କୁହାଯାଇଛି, ୨୦୦୧ଠାରୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀରେ ଗୀତିକବିତା ପୁରସ୍କାରର ପ୍ରଚଳନ କରି ଆସୁଛନ୍ତି। ହେଲେ ୨୦୨୦ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ଗୀତିକବିତା ପୁରସ୍କାରକୁ ବିଶିଷ୍ଟ ଗୀତିକବି ୰ସାରଦା ପ୍ରସାଦ ନାୟକଙ୍କ ନାମରେ ନାମିତ କରି ପୁରସ୍କାର ଅର୍ଥରାଶିକୁ ୨ ଲକ୍ଷ ୫୦ ହଜାର ଟଙ୍କା କରିଥିଲେ। ମାତ୍ର ଦୁଇ ବର୍ଷ ଏହି ପୁରସ୍କାର ପ୍ରଦାନ ପରେ ଚଳିତବର୍ଷଠାରୁ ଏହାକୁ ବନ୍ଦ କରି ଦିଆଯାଇଛି। ଯାହାଦ୍ୱାରା ସାରଦା ପ୍ରସନ୍ନ ନାୟକ, ତାଙ୍କ ପରିବାର ଓ ଗୀତିକବିମାନଙ୍କୁ ଅସମ୍ମାନିତ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ମର୍ଯ୍ୟାଦାରେ ଆଞ୍ଚ ଆଣିଛି। ଏଣୁ ଓଡ଼ିଶା ସରକାର ସଙ୍ଗୀତ ନାଟକ ଏକାଡ଼େମୀରୁ ସାରଦା ପ୍ରସନ୍ନ ନାୟକ ଗୀତିକବି ସମ୍ମାନର ପ୍ରତ୍ୟାହାର ନିଷ୍ପତ୍ତିର ପୁନର୍ବିଚାର କରି ଏହି ପୁରସ୍କାରକୁ ପୁନଃ ପ୍ରଚଳନ କରିବା ପାଇଁ ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ସମ୍ପାଦକ ସନ୍ଧ୍ୟାରାଣୀ ମିତ୍ର ଓ ସଭାପତି ମନୋଜ ପଟ୍ଟନାୟକ ଦାବି କରିଛନ୍ତି।



ବୈଦନାଥପୁରସ୍ଥିତ ଗ୍ଲୋବାଲ୍ ଇଣ୍ଡିଆନ୍ ମଡେଲ୍ ସ୍କୁଲରେ ସୋମବାର ପାରମ୍ପରିକ ଗଣବେଶରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଅନୁଷ୍ଠିତ ବୋଇତ ବନ୍ଦାଣ ଉତ୍ସବ।

## ବିଭିନ୍ନ ଯୋଜନାରେ ୭୯୦ ହିତାଧିକାରୀଙ୍କୁ ସହାୟତା

କଟକ ଅଫିସ,୭।୧୧

ଜିଲା ଆଇନ ସେବା ପ୍ରାଧିକରଣ ଓ ଜିଲା ପ୍ରଶାସନ ପକ୍ଷରୁ ବିଜୁ ପଟ୍ଟନାୟକ ଛକସ୍ଥିତ ସାରଳା ଭବନରେ ଏକ ଆଇନ ସଚେତନତା ଓ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରୀୟ ଆଇନ ସେବା ପ୍ରାଧିକରଣ ଓ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶକ୍ରମେ ସର୍ବଭାରତୀୟ ଆଇନ ସଚେତନ ଏବଂ ସଶକ୍ତୀକରଣ କାର୍ଯ୍ୟକ୍ରମ ଅକ୍ଟୋବର ୩୧ରୁ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। କଟକ ଜିଲା ଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ସୌମେନ୍ଦ୍ର କୁମାର ରାଜଗୁରୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଆଇନ ସେବା ପ୍ରାଧିକରଣ ସଦସ୍ୟ ସଚିବ ସୁଦୀପ୍ତ ଆଚାର୍ଯ୍ୟ ଓ ସମ୍ମାନିତ ଅତିଥି ଅତିରିକ୍ତ ଜିଲାପାଳ ଶିବ ଟପ୍ପୋ ଯୋଗଦେଇଥିଲେ। ଉକ୍ତ ଶିବିରରେ ୭୯୦ ଜଣ ହିତାଧିକାରୀ ସରକାରଙ୍କ ବିଭିନ୍ନ ଯୋଜନା ମାଧ୍ୟମରେ ଯୋଗ୍ୟ ବିବେଚିତ ହୋଇ ସହାୟତା ପାଇଥିଲେ।

## ମାଗୁରା ପ୍ରିମିୟମ ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

ଟାଙ୍ଗୀ(କଟକ)୭।୧୧(ଡି.ଏନ୍.ଏ)

### ରିଟର୍ନ ଅଫ୍ ଡେଞ୍ଜର ଭାଇରସ ଚାମ୍ପିୟନ

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ମାଗୁରା ଖେଳ ପଡ଼ିଆରେ ଅନୁଷ୍ଠିତ ମାଗୁରା ପ୍ରିମିୟମ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ୩ଦିନ ବ୍ୟାପୀ ଲିଗ୍ ମ୍ୟାଚରେ ମୋଟ ୪ଟି ଦଳ ଭାଗ ନେଇଥିଲେ। ଫାଇନାଲ ଖେଳ ରିଟର୍ନ ଅଫ୍ ଡେଞ୍ଜର ଭାଇରସ୍ ଓ ୟୁ.ଏଫ୍.ସୁପର କିଙ୍ଗଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରିଟର୍ନ ଅଫ୍ ଡେଞ୍ଜର ଭାଇରସ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ନିର୍ଦ୍ଧାରିତ ୧୫ ଓଭରରେ ୧୫୩ କରିଥିଲେ। ହେଲେ ସେହି ୧୫ ଓଭରରେ ୟୁ.ଏଫ୍.ସୁପର କିଙ୍ଗ ଦଳ ମୋଟ ୧୩୦ରନ କରିପାରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ଯୋଗଦେଇ ଚାମ୍ପିୟନ ଦଳ ରିଟର୍ନ ଅଫ୍ ଡେଞ୍ଜର ଭାଇରସ୍‌କୁ ପୁରସ୍କୃତ କରି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ରଶ୍ମିରଞ୍ଜନ ରାଉତ, ସମିତିସଭ୍ୟା ସୁଜାତା ହାତୀ ପ୍ରମୁଖ ଯୋଗଦେଇଥିଲେ। ଫାଇନାଲ ମ୍ୟାଚକୁ କ୍ଲବର ସଭାପତି ପବିତ୍ର ହାତୀ, ମନମୋହନ ଓଝା ପ୍ରମୁଖ ପରିଚାଳନା କରିଥିଲେ।

## ଧବଳେଶ୍ୱରଙ୍କ ଗଜ ଭୋଗ ବାଣ୍ଟିଲେ ଅଭୟ

ଖୁଣ୍ଟୁଣୀ,୭।୧୧(ଡି.ଏନ୍.ଏ.)

କାର୍ତ୍ତିକ ମାସ ଚତୁର୍ଥ ସୋମବାର ଥିବାବେଳେ କଟକ ଜିଲାର ଆଠଗଡ଼ ବାବା ଧବଳେଶ୍ୱରଙ୍କ ପୀଠ ଜନଶୂନ୍ୟ ହୋଇପଡ଼ିଛି। ପୀଠରେ ୧୪୪ ଧାରା ଜାରି ହୋଇଛି। ରବିବାର ବଡ଼ଓଷା ଓ ସୋମବାର ପାଳି ଥିବାରୁ ଶ୍ରଦ୍ଧାଳୁମାନେ ଆଶାରେ ଥିବା ଭୋଗ ମଧ୍ୟ ପାଇପାରୁ ନାହାନ୍ତି। ଏହାକୁ ଦୃଷ୍ଟିରେ ରଖି ଆଠଗଡ଼ର ଜଣେ ସାମାଜିକ କର୍ମୀ ତଥା ଯୁବ ସଂଗଠକ ଅଭୟ କୁମାର ବାରିକ ବଡ଼ଓଷା ଅବସରରେ ଠାକୁରଙ୍କ ନିକଟରେ ଲାଗିଥିବା ଗଜଭୋଗ ଓ ତରଣକୁ ୪/୫ ଖଣ୍ଡ ଗାଡ଼ିରେ ଧରି ଆଠଗଡ଼ର ଗାଁ ବୁଲି ଲୋକଙ୍କୁ ବାଣ୍ଟିଛନ୍ତି। ତାଙ୍କୁ ପ୍ରାୟ ୫ହଜାରରୁ ଉର୍ଦ୍ଧ୍ୱ ଭୋଗ ପୁଡ଼ିଆ ବଣ୍ଟନ କରିବାରେ ତାଙ୍କ ସହଯୋଗୀ ସରୋଜ ଦାସ, ସୁନୀଲ ସୁତାର, ଲୁଲୁ ଦାସ, ମାନୁଆଲ ପାତ୍ର, ମନୋଜ ରାଉତ, ଅକ୍ଷୟ ନାୟକ, ହେମନ୍ତ ନାୟକ ଓ ପ୍ରଶାନ୍ତ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ହାଇକୋର୍ଟଙ୍କ ନିର୍ଦ୍ଦେଶରେ ୩ ଜଣଙ୍କ ନାଁରେ ଏତଲା

### ସରକାରୀ ଜମି ଦୁର୍ନୀତି ମାମଲା

ମଙ୍ଗୁଳି,୭।୧୧(ଡି.ଏନ୍.ଏ.)

ଚୌଦ୍ୱାର ପୌରପାଳିକା ଅଧୀନ ଥିବା ସରକାରୀ ଜମିକୁ ଗତ ୨/୩ ବର୍ଷ ମଧ୍ୟରେ କେତେଜଣ ଜମି ମାଫିଆ ହଡ଼ପ କରି ପରବର୍ତ୍ତୀ ସମୟରେ ଏହାକୁ ବିକ୍ରି କରି ଲକ୍ଷାଧିକ ଟଙ୍କା ମୁନାଫା ନେଉଛନ୍ତି। ଏ ନେଇ ଚୌଦ୍ୱାର ସୂଚନା ଅଧିକାରୀ କର୍ମୀ ମନୋଜ ସାହୁ ଏବଂ ଶ୍ରୀକାନ୍ତ ପାକଳ ବାରମ୍ବାର ଚୌଦ୍ୱାର ଥାନା ଅଧିକାରୀ, ଚୌଦ୍ୱାର ପୂର୍ବତନ ପୌର ନିର୍ବାହୀ ଅଧିକାରୀ, ଜଗତପୁର ତହସିଲଦାର, କଟକ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଏ ନେଇ ମନୋଜ କହିଛନ୍ତି, କଟକ ଜିଲାର ଜଣେ ନିର୍ଦ୍ଦିଷ୍ଟ ପ୍ରଭାବଶାଳୀ ରାଜନେତାଙ୍କ ମାଧ୍ୟମରେ ପୌରପାଳିକା ଓ ତହସିଲ ଅଫିସ୍‌ର କେତେଜଣ ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କୁ ଜମି ମାଫିଆମାନେ ହାତ କରି କେଦାରେଶ୍ୱର ମୌଜାରେ ଥିବା ଗୁଣ୍ଡିଚା ବିହାରର ଜମି ସମେତ ସରକାରୀ ଜମିକୁ ବିକ୍ରି କରି ଜାଗା ମିଶନରେ ପଟ୍ଟା କରେଇଦେବେ କହି ଲକ୍ଷାଧିକ ଟଙ୍କା ହଡ଼ପ ହୋଇଛି। ଏହାର ସତ୍ୟାସତ୍ୟ ସୂଚନା ଅଧିକାର(ଆର୍‌ଟିଆଇ) ମାଧ୍ୟମରେ ୨୦୨୦ରେ ତଥ୍ୟ ବାହାର କରି ପ୍ରଶାସନର ଦୃଷ୍ଟିଆକର୍ଷଣ କରିଥିଲୁ। କିନ୍ତୁ କିଛି ସୁଫଳ ନ ମିଳିବାରୁ ଅଗଷ୍ଟ ୨୦୨୨ରେ ପୁଣି ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଏହି ଅଭିଯୋଗକୁ ଭିତ୍ତି କରି ଉଚ୍ଚ ନ୍ୟାୟାଳୟ ସତ୍ୟାସତ୍ୟ ଅନୁଭବ କରିବାପରେ କଟକ ଡିସିପିଙ୍କୁ ଏହା ଉପରେ ଆପରାଧିକ ମାମଲା ରୁଜୁ କରିବା ପାଇଁ ଚିଠି(ନଂ.୨୦୦୧/୨୨) ଜରିଆରେ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ଚୌଦ୍ୱାର ଥାନାର ଭାରପ୍ରାପ୍ତ ଅଧିକାରୀ କେଦାରେଶ୍ୱର ଅଞ୍ଚଳର ପ୍ରଦୀପ ପ୍ରଧାନ, ଦିପୁଆ ରାଉତ ଓ ତ୍ରିଲୋଚନ ସାମଲ ଓରଫ କୁନାଙ୍କ ବିରୋଧରେ ଆପରାଧିକ ମାମଲା(ନଂ.୪୯୯/୨୨)ରୁଜୁ ହୋଇଛି। ଚୌଦ୍ୱାର ଥାନା ଅଧିକାରୀ ଉକ୍ତ ମାମଲାର ଗୁରୁତ୍ୱକୁ ନେଇ ୩ ଜଣଙ୍କ ପ୍ରତି କ'ଣ କାର୍ଯ୍ୟାନୁଷ୍ଠାନ ନେବେ ତାହା ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଏ ସଂକ୍ରାନ୍ତରେ ଥାନା ଅଧିକାରୀ ବିରଞ୍ଚି ନାରାୟଣ ପତି କହିଛନ୍ତି, ମାମଲାର ତଦନ୍ତ ଭାର ଜଣେ ସବଇନ୍‌ସ୍ପେକ୍ଟର ଦିଲୀପ କୁମାର ମର୍ଦ୍ଦରାଜ ଭୂୟାଁଙ୍କୁ ଦିଆଯାଇଛି। ତଦନ୍ତରେ ସତ୍ୟାସତ୍ୟ ଥିଲେ ଦୋଷୀଙ୍କୁ ଗିରଫ କରାଯିବ।

## ରାତିକରେ ୪ ଦୋକାନରୁ ଚୋରି

ଖୁଣ୍ଟୁଣୀ,୭।୧୧(ଡି.ଏନ୍.ଏ.)

ଗୁରୁଡ଼ିଝାଟିଆ ବଜାରରେ ଗତ କିଛି ମାସ ତଳେ ୫ ଦୋକାନରୁ ଚୋରି ହୋଇଥିଲା। ଗୁରୁଡ଼ିଝାଟିଆ ଥାନାଠାରୁ ମାତ୍ର ୨ଶହ ମିଟର ଦୂରରେ ଥିବା ଗୁରୁଡ଼ିଝାଟିଆ ବଜାରରୁ ରବିବାର ରାତିରେ ୪ ଦୋକାନରୁ ଚୋରି ହୋଇଛି। ଚୋରମାନେ ବଜାରରେ ଥିବା ଅଭିଷେକ ବେହେରା, ଗୁନା ସାହୁ, ପୀତବାସ ବେହେରା,ସୁରଞ୍ଜନ ବେହେରାଙ୍କ ଦୋକାନରୁ ସାମଗ୍ରୀ ଚୋରି କରି ନେଇଛନ୍ତି। ସେହିଭଳି କୁମାରପୁର ବଜାରରୁ ମଧ୍ୟ ୨ଟି ଦୋକାନ ଚୋରି ହୋଇଥିବା ଅଭିଯୋଗ ହୋଇଛି ।

## ସଂକ୍ଷେପରେ

### ରୂପନାରାୟଣ ପୂର୍ବତଟ ରେଳପଥର ନୂଆ ଜିଏମ୍



ଭୁବନେଶ୍ୱର,୭।୧୧: ବରିଷ୍ଠ ପ୍ରଶାସନିକ ଅଧିକାରୀ ରୂପନାରାୟଣ ସୁନକର ସୋମବାର ପୂର୍ବତଟ ରେଳପଥର ନୂଆ ଜିଏମ୍ ଭାବେ ଯୋଗ ଦେଇଛନ୍ତି। ଏପରିକି ସୁନକର ଇଣ୍ଡିଆନ ରେଲୱେ ସର୍ଭିସ ଅଫ୍ ଇଞ୍ଜିନିୟରିଂ (ଆଇଆରଏସଇ)ର ୧୯୮୫ ବ୍ୟାଚର ଅଧିକାରୀ । ଏହା ପୂର୍ବରୁ ସେ ରେଳ ମନ୍ତ୍ରଣାଳୟର ବିଭିନ୍ନ ଜୋନ୍‌ର ବରିଷ୍ଠ ଅଧିକାରୀ ଭାବେ ଦାୟିତ୍ୱର ସହ କାର୍ଯ୍ୟ ନିର୍ବାହ କରିଛନ୍ତି। ସେହିଭଳି ସୁନକରଙ୍କର ଦୀର୍ଘଦିନର ଅଭିଜ୍ଞତା ଓ ଜଣେ ବରିଷ୍ଠ ଏବଂ ସଚ୍ଚୋଟ ଅଧିକାରୀ ଭାବେ ସବୁ ସ୍ତରରେ ପ୍ରିୟଭାଜନ ହୋଇପାରିଛନ୍ତି।

### ଚଣ୍ଡୀ ହରଦେବ ପୀଠରେ କାର୍ତ୍ତିକ ପୂର୍ଣ୍ଣିମା ଯାତ୍ରା

ଟାଙ୍ଗୀ(ଖୋର୍ଦ୍ଧା),୭।୧୧(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ଚଣ୍ଡେଶ୍ୱରସ୍ଥିତ ଶ୍ରୀଚଣ୍ଡୀ ହରଦେବଙ୍କ ପୀଠରେ କାର୍ତ୍ତିକ ପୂର୍ଣ୍ଣିମା ଯାତ୍ରା ଆରମ୍ଭ ହୋଇଛି। କାର୍ତ୍ତିକ ମାସ ତ୍ରୟୋଦଶୀ ତିଥିରେ ଚଣ୍ଡୀ ହରଦେବଙ୍କ ଲିଙ୍ଗ ୮ ହଜାର ଲିଟର କ୍ଷୀରସାଗରରେ ପୂଜିତ ହେବା ପରେ ମେଳା ଆରମ୍ଭ ହୋଇଥାଏ। ଏହି ମେଳା ପ୍ରାୟ ୪୫ ଦିନ ଧରି ଅନୁଷ୍ଠିତ ହୋଇଥାଏ। ଦୋକାନ, ଘରକରଣା ସାମଗ୍ରୀ, ଲୁହା ଦୋକାନ, ଜଳଖିଆ ଦୋକାନ ସମେତ କାଠନିର୍ମିତ ଖଟ, ଆଲମିରା, ଚେୟାର ଟେବୁଲ୍, ଶଗଡ଼ ଗାଡ଼ି ଓ ପଥରରେ ନିର୍ମିତ କୁଣ୍ଡ, ଶିଳ ଶିଳପୁଆ ବିକ୍ରି ହୋଇଥାଏ। ଏହି ମେଳା ଦେଖିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ଟାଙ୍ଗୀ ପୋଲିସ କର୍ମଚାରୀଙ୍କ ସମେତ ମେଳା କମିଟିର ସଦସ୍ୟମାନେ ସହଯୋଗ କରିଥାନ୍ତି। ପୌରାଣିକ ତଥ୍ୟ ଅନୁଯାୟୀ କାର୍ତ୍ତିକ ପୂର୍ଣ୍ଣିମାରେ କୈସମ୍ଭି ନଦୀରେ ସ୍ନାନକରି ଚଣ୍ଡୀ ହରଦେବଙ୍କୁ ଦର୍ଶନ କଲେ ଅକ୍ଷୟ ପୁଣ୍ୟ ମିଳିଥାଏ ବୋଲି କେଶର ମାହାତ୍ମ୍ୟ ଗ୍ରନ୍ଥରେ ବର୍ଣ୍ଣନା ରହିଛି। ଏହି ମନ୍ଦିର ଓଡ଼ିଶାର ଦେବୋତ୍ତର ବିଭାଗ ଅଧୀନରେ ରହିଛି। ଏଠାରେ କାର୍ତ୍ତିକ ପୂର୍ଣ୍ଣିମା ଯାତ୍ରାକୁ ମିନି ବାଲିଯାତ୍ରା ଭାବେ ଅଭିହିତ କରାଯାଇଥାଏ।

### ଶ୍ରୀରାମଚରିତ ମାନସ ପରାୟଣ, ମହାଯଜ୍ଞ ଉଦ୍‌ଯାପିତ

ଜଟଣୀ,୭।୧୧(ଡି.ଏନ୍.ଏ.): ଜଟଣୀସ୍ଥିତ ଶ୍ରୀଗୋପୀନାଥ ଦେବଙ୍କ ମନ୍ଦିର ପରିସରରେ ସୋମବାର ୫୫ତମ ଶ୍ରୀରାମଚରିତ ମାନସ ପରାୟଣ ଏବଂ ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ପ୍ରତିବର୍ଷ ପରି ଜଟଣୀ ମାରୱାଡି ସମାଜ ସହଯୋଗ ଏବଂ ଶ୍ରୀରାମଚରିତ ମାନସ ସମିତି ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ରତନ ଲାଲ ଅଗ୍ରୱାଲ ଏବଂ ଯଶୋଦା ଦେବୀ ମୁଖ୍ୟ ଯଜମାନ ଭାବେ ପୂଜା କାର୍ଯ୍ୟରେ ଅଂଶଗ୍ରହଣ କରିଥିଲେ। ସମିତିର ସଂଯୋଜକ ପବନ ଝୁନଝୁନୱାଲା, କିଶନ ପଲିବାଲ, ଗୁଡୁ ହାଲନ, ରଘୁନାଥ ଅଗ୍ରୱାଲ, ବାଲକିଷନ କାମନିଆବାଲେ, ମୁକେଶ ଧରସୁଲା, ସୁରେଶ ଶର୍ମା, ଶିବକୁମାର ଶର୍ମା, କାଳିଚରଣ ସଂଥଳିଆ, କୈଳାସ ସରାଫ, ଅନିଲ ଭୂତ, ସଜ୍ଜନ ଅଗ୍ରୱାଲ, ବେଦପ୍ରକାଶ ଅଗ୍ରୱାଲ, ଅମିତ ଅଗ୍ରୱାଲ, ସଞ୍ଜୟ ଗୁପ୍ତା, ପାବନ ହଲାନ, ମହେନ୍ଦ୍ର କାମାନିୟାବାଲେ ପ୍ରମୁଖଙ୍କ ସମେତ ବହୁ ବ୍ୟକ୍ତି ସହଯୋଗ କରିଥିଲେ। ପରାୟଣ ପାଠ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ବାଲ ସଂସ୍କାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରବକ୍ତା ଅମୃତ ଆନନ୍ଦଜୀ ଏବଂ ସୁପ୍ରିୟା ଜୀ, ଆଚାର୍ଯ୍ୟ ମାନସ ଦାସଜି ରାମାୟଣୀଙ୍କ ଦ୍ୱାରା ହିନ୍ଦୀ ଏବଂ ଓଡ଼ିଆରେ ପ୍ରବଚନ ପ୍ରଦାନ କରାଯାଇଥିଲା।

### କଂଗ୍ରେସ ସଂଖ୍ୟାଲଘୁ ସାଧାରଣ ସମ୍ପାଦକଙ୍କୁ ସମ୍ବର୍ଦ୍ଧନା

ବେଗୁନିଆ,୭।୧୧(ଡି.ଏନ୍.ଏ.): ଏଆଇସିସି ପକ୍ଷରୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଂଖ୍ୟାଲଘୁ ରାଜ୍ୟ ସାଧାରଣ ସମ୍ପାଦକ ଭାବେ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ କୁଶପଲ୍ଲା ଗ୍ରାମର ଏମ୍.ଡି ମହିଉଦ୍ଦିନ୍ ଅହମ୍ମଦ ଓରଫ ସିଲୁଙ୍କୁ ମନୋନୀତ କରାଯାଇଛି। ଏନେଇ ଏଆଇସିସି ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ବେଗୁନିଆ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ବେଗୁନିଆ ନିର୍ବାଚନମଣ୍ଡଳୀ କଂଗ୍ରେସ ପକ୍ଷରୁ ସିଲୁଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଆଗାମୀ ଦିନରେ ଦଳକୁ ଅଧିକ ମଜଭୁତ କରିବା ପାଇଁ ନିଷ୍ପତ୍ତି ହୋଇଥିବା ସିଲୁ କହିଛନ୍ତି।

## ଶୀତୁଆ ସକାଳରେ ଝୁମିବେ ରାଜଧାନୀବାସୀ

# ଫେରିବ 'ରାହାଗିରି'

ଭୁବନେଶ୍ୱର, ୭।୧୧ (ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରକୁ ଫେରିବ 'ରାହାଗିରି' ଓ 'ସିଟି ଫେଷ୍ଟ' ଭଳି ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ। ଶୀତୁଆ ସକାଳରେ ରାଜଧାନୀବାସୀ ପୁଣିଥରେ ରାହାଗିରିର ମଜା ଉଠାଇବେ। ନାଚ, ଗୀତରେ ଝୁମିବେ, ମଉଆଲା ହେବେ। ତା' ସାଙ୍ଗକୁ ସାଇକେଲ ଚାଳନା, ସ୍କେଟିଂ ଏବଂ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏନେଇ ଗତ ବିଏମ୍‌ସି କର୍ପୋରେଶନ୍ ବୈଠକରେ ଆଲୋଚନା ହୋଇଥିଲା। ପୁନର୍ବାର ରାହାଗିରି କରିବା ନେଇ ମେୟର ସୁଲୋଚନା ଦାସ ପ୍ରସ୍ତାବ ଦେବା ପରେ ଏହାକୁ ସର୍ବସମ୍ମତି କ୍ରମେ ପାସ୍ କରାଯାଇଥିଲା। ତେବେ ବିଧିବଦ୍ଧ ଭାବେ କେବେଠାରୁ ରାହାଗିରି ଆରମ୍ଭ ହେବ ସେ ନେଇ ସୂଚନା ଦିଆଯାଇ ନାହିଁ।



ପୂର୍ବରୁ ଆୟୋଜିତ ହୋଇଥିବା ରାହାଗିରିରେ ସ୍କେଟିଂ କରୁଥିବା ପିଲାମାନେ ।

ଏ ସମ୍ପର୍କରେ କମିଶନର ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି ଯେ, ଶୀତ ସକାଳର ଆରମ୍ଭ ଏବେ ରାହାଗିରିରୁ ହେବ। ଏବେ କେବଳ ପ୍ରସ୍ତାବ ପାରିତ ହୋଇଛି। ଖୁବ୍ ଶୀଘ୍ର ଯୋଜନା ପ୍ରସ୍ତୁତ କରାଯାଇ କାର୍ଯ୍ୟକ୍ରମ କରାଯିବ।

ସୂଚନାଯୋଗ୍ୟ, କୋଭିଡ ପୂର୍ବରୁ ରାହାଗିରି କାର୍ଯ୍ୟକ୍ରମ ଲୋକଙ୍କ ଦ୍ୱାରା ବେଶ ଆଦୃତ ହୋଇପାରିଥିଲା। ପିଲାଙ୍କଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ସବୁ ବର୍ଗର ବ୍ୟକ୍ତି ଏଥିରେ ଅଂଶ ଗ୍ରହଣ କରୁଥିଲେ। ଏଥିସହ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମଧ୍ୟ ସଚେତନତା ବାର୍ତ୍ତା ସହିତ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିଲା। ୨୦୧୬ ମସିହାରେ 'ରାହାଗିରି' ନାମରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଗୋଟେ ବର୍ଷ ବ୍ୟବଧାନରେ ୨୦୧୮ରେ ହକି ବିଶ୍ୱକପ୍ ସମୟରେ 'ରାହାଗିରି' ନୂତନ ରଙ୍ଗ ନେଇ ଫେରିଥିଲା, ଯାହାର ନାମ ରହିଥିଲା 'ପଥ ଉତ୍ସବ'। ଏହାପରେ କୋଭିଡ୍ ପାଇଁ ପ୍ରାୟ ୩ବର୍ଷ ହେବ ଏହି ଉତ୍ସବ ବନ୍ଦ ରହିଥିଲା। ତେବେ ଆଗକୁ ହକି ବିଶ୍ୱକପ୍ ଆରମ୍ଭ ହେବାକୁ ଯାଉଥିବାବେଳେ ପୁଣିଥରେ ରାଜଧାନୀବାସୀ 'ରାହାଗିରି'ର ମଜା ନେବେ ବୋଲି ଆଶା ସଞ୍ଚାର ହୋଇଛି।

## ଓଡ଼ିଶାର ପରିବର୍ତ୍ତନକୁ ବିଶ୍ୱରେ ପ୍ରଶଂସା କରାଯାଉଛି: ମୁଖ୍ୟମନ୍ତ୍ରୀ



ପ୍ରତିଷ୍ଠା ଦିବସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଣେ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଭୁବନେଶ୍ୱର,୭।୧୧(ବ୍ୟୁରୋ):

**'ପ୍ରଗତିବାଦୀ'ର ସୁବର୍ଣ୍ଣ ଜୟନ୍ତୀ**

ଆଜିର ବିକାଶ ପଥରେ ଓଡ଼ିଶା ବଡ଼ ଅଗ୍ରଗତି କରିଛି। ଓଡ଼ିଶାର ପରିବର୍ତ୍ତନକୁ ଦେଶ ତଥା ସାରା ବିଶ୍ୱରେ ପ୍ରଶଂସା କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ସୋମବାର ଆୟୋଜିତ ଦୈନିକ ଖବରକାଗଜ 'ପ୍ରଗତିବାଦୀ'ର ସୁବର୍ଣ୍ଣ ଜୟନ୍ତୀ ତଥା ପ୍ରତିଷ୍ଠାତା ସ୍ୱର୍ଗତ ପ୍ରଦ୍ୟୁମ୍ନ ବଳଙ୍କ ଶ୍ରାଦ୍ଧବାର୍ଷିକୀ ଉତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଆହୁରି କହିଥିଲେ ଯେ, ସମାଜର ସମସ୍ତ ସମସ୍ୟା ତଥା ଦୁର୍ବଳ ଶ୍ରେଣୀ ଲୋକମାନଙ୍କ ଅସୁବିଧା ସମ୍ପର୍କରେ କଲମ ଚାଳନା ସ୍ୱର୍ଗତ ବଳଙ୍କୁ ନିର୍ଭୀକ ସାମ୍ବାଦିକ ଭାବେ ପରିଗଣିତ କରିପାରିଥିଲା। ଗାନ୍ଧୀବାଦର ପ୍ରଚାର ପ୍ରସାର ଦିଗରେ ତାଙ୍କର ଆଭିମୁଖ୍ୟ ତାଙ୍କ ଅବର୍ତ୍ତମାନରେ ମଧ୍ୟ 'ପ୍ରଗତିବାଦୀ' ବଜାୟ ରଖିପାରିଛି ବୋଲି କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୧୧ଜଣ ବ୍ୟକ୍ତିବିଶେଷଙ୍କୁ 'ପ୍ରଦ୍ୟୁମ୍ନ ବଳ ସେବା ସମ୍ମାନ' ପ୍ରଦାନ କରିଥିଲେ। ସମ୍ମାନିତ ହୋଇଥିବା ମୟୂରଭଞ୍ଜର ଶରତ ଚନ୍ଦ୍ର ନାୟକଙ୍କୁ ଅଭିନନ୍ଦନ ଜଣାଇଥିଲେ। ଅନ୍ୟତମ ଅତିଥି ଭାବରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର ଯୋଗଦେଇଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପ୍ରଦ୍ୟୁମ୍ନ ବଳ ମେମୋରିଆଲ ଟ୍ରଷ୍ଟର ଟ୍ରଷ୍ଟି ତଥା ଏମ୍‌ପି ଡ. ଅଚ୍ୟୁତ ସାମନ୍ତ ଅଧ୍ୟକ୍ଷତା କରି ଶ୍ରଦ୍ଧାସୁମନ ଅର୍ପଣ କରିବା ସହ କହିଥିଲେ, ୫୦ ବର୍ଷ ହୋଇଥିଲେ ମଧ୍ୟ 'ପ୍ରଗତିବାଦୀ' ପ୍ରଦ୍ୟୁମ୍ନ ବଳଙ୍କ ନୀତି ଆଦର୍ଶରୁ ବିଚ୍ୟୁତ ହୋଇନାହିଁ । ପ୍ରଗତିବାଦୀର ନିର୍ଦ୍ଦେଶିକା ଡ. ମୋନାଲିସା ବଳ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଅଧ୍ୟକ୍ଷା ଶାଶ୍ୱତୀ ବଳ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ଅବନୀ ବରାଳ ଫାଉଣ୍ଡେଶନ ପକ୍ଷରୁ ସୋମବାର ରେଡ୍‌କ୍ରସ ଭବନଠାରେ ଅନୁଷ୍ଠିତ ଶ୍ରଦ୍ଧା ଦିବସରେ ଯୋଗଦେଇଥିବା ଅତିଥିମାନେ।

## ଅବନୀ ବରାଳ ଫାଉଣ୍ଡେଶନ ପକ୍ଷରୁ ଶ୍ରଦ୍ଧା ଦିବସ

ଭୁବନେଶ୍ୱର,୭।୧୧(ବ୍ୟୁରୋ)

ଅବନୀ ବରାଳ ଫାଉଣ୍ଡେଶନ ପକ୍ଷରୁ ଶ୍ରଦ୍ଧା ଦିବସ ସୋମବାର ରେଡକ୍ରସ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ପ୍ରଦୋଷ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଡ. ସଂଘମିତ୍ରା ମିଶ୍ର, ସମ୍ମାନିତ ଅତିଥି ପ୍ରାକ୍ତନ ଏମ୍‌ପି ପ୍ରସନ୍ନ ପାଟଶାଣୀ, ଶିକ୍ଷକ ସଂଘର ସଭାପତି ନିକୁଞ୍ଜ ମହାନ୍ତି, ଡ. ଅମୀୟ କୁମାର ମହାନ୍ତି ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ କଥାକାର ଭୀମ ପୃଷ୍ଟିଙ୍କୁ 'ଅବନୀ ବରାଳ ସାହିତ୍ୟ ସମ୍ମାନ' ଏବଂ ଓମ୍‌ପ୍ରକାଶ ମହାନ୍ତିଙ୍କୁ 'ଆଦରମଣି ମଞ୍ଜୁଳା ସମ୍ମାନ' ପ୍ରଦାନ କରାଯାଇଥିଲା। ଅଧ୍ୟାପିକା ଅହଲ୍ୟା ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଆହୁତି ବରାଳ ଧନ୍ୟବାଦ ଜଣାଇଥିଲେ। ଅଧ୍ୟାପକ ଆଭାସ ବରାଳ, ଆରତୀ ବରାଳ ପ୍ରମୁଖ ସହଯୋଗ କରିଥିଲେ।

# ତୈଳିକ ବୈଶ୍ୟ ସମାଜର ବୋଇତ ବନ୍ଦାଣ ଉତ୍ସବ

ବାଲିପାଟଣା,୭।୧୧(ଡି.ଏନ୍.ଏ.):

ବନମାଳିପୁର ମୁଣ୍ଡହଣାପାଟଣା ଗ୍ରାମରେ ପ୍ରାଚୀ ମୂଳକ ତୈଳିକ ବୈଶ୍ୟ ସମାଜ ଆନୁକୂଲ୍ୟରେ ୪୨ତମ ବୋଇତ ବନ୍ଦାଣ ମହୋତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ମହାସଭାର ସଭାପତି ଗୁରୁକିଙ୍କର ଜେଠିଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ଚିଲିକାର ପୂର୍ବତନ ବିଧାୟକ ରଘୁନାଥ ସାହୁ, ମୁଖ୍ୟ ବକ୍ତା ଅନନ୍ତ ଚରଣ ସାହୁ, ଅତିଥିଭାବେ କାକଟପୁର ଶାଖା ସଭାପତି ଶଙ୍କର ପୃଷ୍ଟି, ପୂର୍ବତନ ଜିଲା ଆରକ୍ଷୀ ଅଧୀକ୍ଷକ ରମେଶ ଚନ୍ଦ୍ର ସାହୁ, ସ୍ନେହୀ ସମାଜ ସଭାପତି ବିଶ୍ୱନାଥ ସୁବୁଦ୍ଧି, ଇଂ. ଦାମୋଦର ସାହୁ, ଅଡଶପୁର କଲେଜ ଅଧ୍ୟକ୍ଷ ବୀରଞ୍ଚି ନାରାୟଣ ସାହୁ, ରାଜନ୍ କୁମାର ସାହୁ, ସୁରେନ୍ଦ୍ର ସାହୁ, ପୂର୍ବତନ ସରପଞ୍ଚ ରବୀନ୍ଦ୍ର ସାହୁ, ରମେଶ ସାହୁ, ହାଉନ ସାହୁ ପ୍ରମୁଖ ଯୋଗଦେଇ ଜାତିର ଏକତା ଓ ଶ୍ରୀ ବୃଦ୍ଧି ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ୧୯୮୧ ରେ ସ୍ୱର୍ଗତ ଭ୍ରମରବର ଜେଠୀଙ୍କ ସହିତ ରହି ଅନୁଷ୍ଠାନକୁ ଗଢିଥିବା ପ୍ରତିଷ୍ଠାତା ସଭ୍ୟ ବଳରାମ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ସଭାପତି ରବୀନ୍ଦ୍ର ସେନାପତି ସ୍ୱାଗତ ଭାଷଣ ଓ ସମ୍ପାଦକ ପ୍ରତାପ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ସାଧବ ସହାୟତା ସମିତି ପକ୍ଷରୁ ରିନା ସେନାପତିଙ୍କୁ ୧୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କୁ ମଧ୍ୟ ସହାୟତା ପ୍ରଦାନ କରାଯାଇଛି। ଧରଣୀ ସେନାପତିଙ୍କ ସଂଯୋଜନାରେ ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କ୍ୟାପିଟାଲ ହସ୍ପିଟାଲ ରକ୍ତଭଣ୍ଡାର ଅଧୀକ୍ଷକ ଡା.ଦେବାଶିଷ ମିଶ୍ରଙ୍କ ତତ୍ତ୍ୱାବଧାନରେ ରକ୍ତ ସଂଗ୍ରହ କରାଯାଇଥିଲା।




ତୈଳିକ ବୈଶ୍ୟ ସମାଜର ବୋଇତ ବନ୍ଦାଣ ଉତ୍ସବରେ ମଞ୍ଚାସୀନ ଅତିଥି ।

## ବିଦ୍ୟୁତ୍ ଖୁଣ୍ଟରେ ଧକ୍କା ହୋଇ ଓଲଟିଲା ବାଲି ବୋଝେଇ ହାଇୱା

ବାରଙ୍ଗ,୭।୧୧(ଡି.ଏନ୍.ଏ.)

ନନ୍ଦନକାନନ-ବାରଙ୍ଗ ମୁଖ୍ୟରାସ୍ତା ପୁରୁଣା ଲଜିଂ ପାଖରେ ରବିବାର ବିଳମ୍ବିତ ରାତିରେ ଏକ ବାଲି ବୋଝେଇ ହାଇୱା ୧୧କେଭି ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇ ରାସ୍ତା କଡକୁ ଓଲଟି ପଡ଼ିଥିଲା। ଏହି ଦୁର୍ଘଟଣାରୁ ଗାଡିଚାଳକ ଅଳ୍ପକେ ବର୍ତ୍ତି ଯାଇଥିଲେ। ଖବରପାଇ ନନ୍ଦନକାନନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରି ବାରଙ୍ଗ ବିଦ୍ୟୁତ୍ ବିଭାଗକୁ ଖବର ଦେଇଥିଲେ। ବିଦ୍ୟୁତ୍ ବିଭାଗ କର୍ମଚାରୀ ସୋମବାର ବିଦ୍ୟୁତ୍ କାଟି ପରେ ଏକ ନୂଆ ଲୁହା ପୋଲ ପୋତି ୧୧କେଭି ତାର ଟାଣିବା ପରେ ସ୍ଥାନୀୟ ଅଞ୍ଚଳକୁ ବିଦ୍ୟୁତ୍ ଯୋଗାଣ ହୋଇଥିଲା। ଏନେଇ ବିଦ୍ୟୁତ୍ ବିଭାଗ ପକ୍ଷରୁ ନନ୍ଦନକାନନ ଥାନାରେ ଅଭିଯୋଗ ହୋଇଥିବା ଜଣାପଡିଛି।

## 'ସାଇ ଅରଦାସ' ଲୋକାର୍ପିତ

ଭୁବନେଶ୍ୱର,୭।୧୧(ବ୍ୟୁରୋ)

ସନ୍ଥ ସାଧକ ଶିରିଡି ସାଇଙ୍କୁ କେନ୍ଦ୍ର କରି ଡ. ଚନ୍ଦ୍ରଭାନୁ ଶତପଥୀଙ୍କ ରଚିତ ଓ ନିର୍ଦ୍ଦେଶିତ ସଙ୍ଗୀତ ଆଲବମ୍ 'ସାଇ ଅରଦାସ' ସୋମବାର କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଲୋକାର୍ପିତ ହୋଇଯାଇଛି। ଏହି ଅବସରରେ ଶତପଥୀ କହିଛନ୍ତି, ଆଧ୍ୟାତ୍ମିକ ଜାଗରଣ ସୃଷ୍ଟି କରିବାରେ ସଙ୍ଗୀତର ପ୍ରଧାନ ଭୂମିକା ରହିଛି। ଏହି ଆଲବମ୍‌ରେ ଓଡ଼ିଶାର କଣ୍ଠଶିଳ୍ପୀ ଶାନ୍ତନୁ ଶତପଥୀ, ମୀନାକ୍ଷୀ ରଥ, ଅନ୍ତରା ଚକ୍ରବର୍ତ୍ତୀ ଓ ମାନସୀ ପାତ୍ର କଣ୍ଠଦାନ କରିଛନ୍ତି। ଲୋକାର୍ପଣ ଉତ୍ସବରେ କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକ, ପଦ୍ମଶ୍ରୀ ଶ୍ୟାମାମଣି ଦେବୀ ଶତପଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଣ୍ଠଶିଳ୍ପୀ ଦେବାଶିଷ ମହାପାତ୍ର, ଡ. ସୁଧା ମିଶ୍ର, ତୃପ୍ତି ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶୁଭାନ୍ୱେଷ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲା ବେଳେ ପୀତବାସ ରାଉତରାୟ ଧନ୍ୟବାଦ ଦେଇଥିଲେ।




ସଙ୍ଗୀତ ଆଲବମ୍ 'ସାଇ ଅରଦାସ'କୁ ଚନ୍ଦ୍ରଭାନୁ ଶତପଥୀ ଓ ଅନ୍ୟମାନେ ଉନ୍ମୋଚିତ କରୁଛନ୍ତି ।

## କୀର୍ତ୍ତନ ନାରାୟଣ ପାଢ଼ୀ ପାଇବେ 'ସିଂହାରୀ ସମ୍ମାନ'

ଭୁବନେଶ୍ୱର, ୭।୧୧ (ବ୍ୟୁରୋ)

**୧୯ରେ 'ଓଡ଼ିଶୀ ରାଗ ମହୋତ୍ସବ ଓ ସମ୍ମାନ ପ୍ରଦାନ ଉତ୍ସବ'**

ଗୁରୁ ଗୋପାଳ ପଣ୍ଡା ଓଡ଼ିଶୀ ଏକାଡେମୀର 'ଦଶମ ଓଡ଼ିଶୀ ରାଗ ମହୋତ୍ସବ ଓ ସମ୍ମାନ ପ୍ରଦାନ ଉତ୍ସବ' ଆସନ୍ତା ୧୯ ତାରିଖଠାରୁ ଆୟୋଜିତ ହେବାକୁ ଯାଉଛି। ରବୀନ୍ଦ୍ର ମଣ୍ଡପରେ ଏହି ଦୁଇଦିନିଆ ଉତ୍ସବ ଅନୁଷ୍ଠିତ ହେବ। ଓଡ଼ିଶୀ ସଙ୍ଗୀତ କ୍ଷେତ୍ରରେ ଜୀବନବ୍ୟାପୀ ଉଲ୍ଲେଖନୀୟ ଅବଦାନ ରହିଥିବା ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ସମ୍ମାନ ପ୍ରଦାନ କରାଯିବ। ଆଦିଗୁରୁ ସିଂହାରୀ ଶ୍ୟାମ ସୁନ୍ଦରଙ୍କ ନାମରେ ଅଭିହିତ 'ସିଂହାରୀ ସମ୍ମାନ' ସଂଗୀତଜ୍ଞ, ଗବେଷକ ତଥା ଲେଖକ ଡ. କୀର୍ତ୍ତନ ନାରାୟଣ ପାଢୀଙ୍କୁ ପ୍ରଦାନ କରାଯିବ। ସେହିପରି ଗାୟିକା ଡ. ସଙ୍ଗୀତା ଗୋସାଇଁଙ୍କୁ 'ଭଗବତୀ ସ୍ମୃତି ସମ୍ମାନ' ଏବଂ ତବଲା ବାଦକ ବିଶ୍ୱରଞ୍ଜନ ନନ୍ଦଙ୍କୁ 'ଗୁରୁ ଗୋପାଳ ପଣ୍ଡା ଯୁବ ପ୍ରତିଭା ସମ୍ମାନ' ପ୍ରଦାନ କରାଯିବ। ଏଥିସହ ସାଂସ୍କୃତିକ କାର୍ଯ୍ୟକ୍ରମରେ ଗୁରୁଜୀଙ୍କ ଗବେଷଣାତ୍ମକ ଓଡ଼ିଶୀ ରାଗ ରାଗିଣୀ ଆଧାରିତ ବୃନ୍ଦ ଗାୟନ, ଓଡ଼ିଶୀ ବାଦ୍ୟଝଙ୍କାର ତଥା ଆର୍ଟ ଭିଜନ ଦ୍ୱାରା ନୃତ୍ୟ ସହ 'କ୍ଲାସିକାଲ ମ୍ୟୁଜିକାଲ ଟ୍ରିଓ' ଉତ୍ସବର ମୁଖ୍ୟ ଆକର୍ଷଣ ହେବ ବୋଲି ଏକାଡେମୀ ପକ୍ଷରୁ ସୂଚନା ଦିଆଯାଇଛି।

## ନନ୍ଦନକାନନରେ ପାର୍କିଂକୁ ନେଇ ଗଣ୍ଡଗୋଳ, ୫ ଗିରଫ



ଗିରଫ ହୋଇଥିବା ୫ ଅଭିଯୁକ୍ତ ।

ବାରଙ୍ଗ,୭।୧୧(ଡି.ଏନ୍.ଏ.)

ନନ୍ଦନକାନନରେ ପାର୍କିଂକୁ ନେଇ ଜଣେ କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ନନ୍ଦନକାନନ ଥାନା ପୋଲିସ ୫ ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସଞ୍ଜୟ ଦାସ, ସଂଗ୍ରାମ କିଶୋର ମହାନ୍ତି, ପ୍ରକାଶ ପ୍ରଧାନ, ଜୟନ୍ତ ସାହୁ, ତପନ ପଲେଇ। ପୋଲିସ ସେମାନଙ୍କ ବିରୋଧରେ ଏକ ମାମଲା (୧୬୬/୨୨) ରୁଜୁ କରି ତଦନ୍ତ ଚଳାଇଛି।

ସୂଚନା ମୁତାବକ, ନନ୍ଦନକାନନରେ ପାର୍କିଂକୁ ନେଇ ରବିବାର ସନ୍ଧ୍ୟାରେ କିଛି ଟ୍ୟାକ୍ସି ଚାଳକଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପାଟି ଶୁଣି ମଲ୍ଟିପାର୍କିଂର ଜଣେ କାର୍ଯ୍ୟରତ କର୍ମଚାରୀ ଚନ୍ଦକା ଥାନା ଅନ୍ତର୍ଗତ ଦାରୁଠେଙ୍ଗ ଗ୍ରାମର ପ୍ରଶାନ୍ତ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ। ହେଲେ ଚାଳକମାନେ ପ୍ରଶାନ୍ତଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଲୁହାଜଗ୍, ପ୍ଲାଷ୍ଟିକ୍ ପାଇପ୍‌ରେ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ପ୍ରଶାନ୍ତଙ୍କ ମୁଣ୍ଡରେ ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା। ଖବରପାଇ ନନ୍ଦନକାନନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରଶାନ୍ତଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେବା ସହ ୫ ଗାଡି ଚାଳକଙ୍କୁ କାବୁ କରିଥିଲା।

# ରାସ୍ତାକୁ ଓହ୍ଲାଇଲା ବିଏମ୍‌ସି ୱାର୍କର୍ସ ୟୁନିୟନ

ଭୁବନେଶ୍ୱର, ୭।୧୧ (ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ ୱାର୍କର୍ସ ୟୁନିୟନ (ସିଆଇଟିୟୁ) ନେତୃତ୍ୱରେ ସଫେଇ କର୍ମଚାରୀମାନେ ସୋମବାର ରାଜରାସ୍ତାକୁ ଓହ୍ଲାଇଥିଲେ। ସଫେଇ କର୍ମଚାରୀମାନଙ୍କୁ ସ୍ଥାୟୀ କରିବା, ସମାନ କାମ ପାଇଁ ସମାନ ମଜୁରି ପ୍ରଦାନ କରିବା, ଆଇନଗତ ଛୁଟି ପ୍ରଦାନ କରିବା, ଠିକା ପ୍ରଥା ଉଚ୍ଛେଦ, ଘରଭଡ଼ା ପ୍ରଦାନ, ଅବସରକାଳୀନ ପ୍ରାପ୍ୟ ପ୍ରଦାନ କରିବା, ସମସ୍ତ ଶ୍ରମିକଙ୍କ ପାଇଁ ୧୦ଲକ୍ଷ ଟଙ୍କାର ଗ୍ରୁପ୍ ଇନ୍‌ସ୍ୟୁରାନ୍ସ କରିବା ଆଦି ୧୫ଦଫା ଦାବି ଉପସ୍ଥାପନ କରିଥିଲେ। ଏହି ପରିପ୍ରେକ୍ଷୀରେ କର୍ମଚାରୀଙ୍କ ଏକ ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅଭିଯୋଗ ପ୍ରକୋଷ୍ଠରେ ଡେପୁଟି ସେକ୍ରେଟାରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏଥିସହ ମୁଖ୍ୟ ସଚିବ, ୫ ଟି ସେକ୍ରେଟାରୀ, ଶ୍ରମ ସଚିବ, ଶ୍ରମ କମିଶନର ଏବଂ ବିଏମ୍‌ସି କମିଶନରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। କର୍ମଚାରୀଙ୍କ ଶୋଭାଯାତ୍ରା ରାଜମହଲ ଛକଠାରୁ ବାହାରି ଶିଶୁଭବନ ଛକଠାରେ ପହଞ୍ଚିଥିଲା। ପରେ ସେଠାରେ ସଂଗଠନର ସଭାପତି ତଥା ସର୍ବଭାରତୀୟ ସିଆଇଟିୟୁ ଉପାଧ୍ୟକ୍ଷ ସାଥି ବିଷ୍ଣୁ ମହାନ୍ତିଙ୍କ ସଭାପତିତ୍ୱରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସେଠାରେ ବିଏମ୍‌ସି କର୍ତ୍ତୃପକ୍ଷଙ୍କ ଶ୍ରମିକ ବିରୋଧୀ ନୀତିର ସମାଲୋଚନା କରିଥିଲେ। ଶ୍ରମିକମାନଙ୍କୁ ବୟସ ପୂର୍ବରୁ ଜବରଦସ୍ତି ଅବସର ଦିଆଯାଉଛି। ଏପରିକି ଅବସର ଗ୍ରହଣ କରିଥିବା କିଛି ଶ୍ରମିକ ମୃତ୍ୟୁବରଣ କରିସାରିଥିଲେ ସୁଦ୍ଧା ସେମାନଙ୍କର ପ୍ରାପ୍ୟ ତାଙ୍କ ଉତ୍ତରାଧିକାରୀଙ୍କୁ ଦିଆଯାଉ ନାହିଁ ବୋଲି ୟୁନିୟନ ପକ୍ଷରୁ ଅଭିଯୋଗ କରାଯାଇଛି। ଶୋଭାଯାତ୍ରାରେ ୟୁନିୟନର ଉପସଭାପତି ସତ୍ୟାନନ୍ଦ ବେହେରା, ସିଆଇଟିୟୁ ଖୋର୍ଦ୍ଧା ଜିଲା କମିଟି ସଭାପତି ସୁରେଶ ରାଉତରାୟ, ସିଆଇଟିୟୁ ରାଜ୍ୟ ସମ୍ପାଦକ ଉଲ୍ଲାସ ସ୍ୱାଇଁ, ସିଏଲ୍‌ଆର୍ ସଭାପତି ବିଜୟ ଦାସ, ସଫେଇ କର୍ମଚାରୀ ସଂଗଠନ ଉପସଭାପତି ବଳରାମ ନାୟକ ପ୍ରମୁଖ ଯୋଗଦେଇଥିଲେ।




ବିଏମ୍‌ସି ୱାର୍କର୍ସ ୟୁନିୟନ ନେତୃତ୍ୱରେ ସଫେଇ କର୍ମଚାରୀମାନେ ରାସ୍ତାରେ ବିକ୍ଷୋଭ କରୁଛନ୍ତି ।

## ସଂକ୍ଷେପରେ

### ୮ ଗ୍ରାମ୍ ବ୍ରାଉନସୁଗାର ଜବତ: ଜଣେ ଗିରଫ

ପୁରୀ ଅଫିସ, ୭।୧୧: ତାଳବଣିଆ ଥାନା ପୋଲିସ ବ୍ରାଉନସୁଗାର୍ କାରବାର ଅଭିଯୋଗରେ ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ତାଳବଣିଆ ଥାନା ଅନ୍ତର୍ଗତ ମଧୁବନ ଚତୁର୍ଥ ଲେନ୍‌ର ଶକ୍ତିପ୍ରସନ୍ନ ମିଶ୍ର (୪୨)। ଅଭିଯୁକ୍ତଙ୍କଠାରୁ ୮ଗ୍ରାମ ୨୬୦ ମିଲିଗ୍ରାମ ବ୍ରାଉନସୁଗାର ସହ ନଗଦ ଏକ ହଜାର ଟଙ୍କା, ୨ଟି ମୋବାଇଲ ଫୋନ ଓ ଗୋଟିଏ ବାଇକ୍ ଜବତ କରିଛି। ଏ ନେଇ ଏକ କେସ୍ (ନଂ. ୧୫୨/୨୨) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଜଣେ ବ୍ୟକ୍ତି ବ୍ରାଉନ ସୁଗାର କାରବାର କରିବା ପାଇଁ ସେଣ୍ଟ୍ରାଲ ସ୍କୁଲ ନିକଟ ଖୋଲା ପଡିଆ ନିକଟକୁ ଆସିଥିବା ଖବର ପାଇ ପୋଲିସ ସେଠାରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଧରିଥିଲା।

### ସମୂହ ହନୁମାନ ଚାଳିଶା ପାଠ

ଅସ୍ତରଙ୍ଗ,୭।୧୧(ଡି.ଏନ୍.ଏ.): ପୁଣ୍ୟତୋୟା ପ୍ରାଚୀନଦୀ ତଟସ୍ଥ ପ୍ରସିଦ୍ଧ ଶୈବପୀଠ ଜିଉନ୍ତି ଗ୍ରାମସ୍ଥିତ ଶ୍ରୀ ଶ୍ରୀ ଈଶ୍ୱରନାଥ ମହାଦେବଙ୍କ ମନ୍ଦିରରେ ସମୂହ ହନୁମାନ ଚାଳିଶା ପାଠ କରୁଥିବା ଦେଖିବାକୁ ମିଳିଛି। ଫଳରେ ପରିବେଶ ଆଧାତ୍ମିକ ହେବା ସହ ଉତ୍ସବମୁଖର ହୋଇପଡ଼ିଛି। ପବିତ୍ର ପଞ୍ଚକ ଚତୁର୍ଦ୍ଦଶୀ ତିଥିରେ ଈଶ୍ୱରନାଥ ମନ୍ଦିର ପରିସରରେ ଥିବା ସିଦ୍ଧ ମହାବୀରଙ୍କ ନିକଟରେ ଗ୍ରାମବାସୀଙ୍କ ସମେତ ଛୋଟ ଛୋଟ ପିଲାମାନଙ୍କ ଦ୍ୱାରା ହନୁମାନ ଚାଳିଶା ପାଠ କରାଯାଇଛି। ପ୍ରାତଃରୁ ଗ୍ରାମର ପୁରୁଷ ଓ ମହିଳାମାନେ ମନ୍ଦିରରେ ପ୍ରଭୁ ମହାବୀରଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରି ହନୁମାନଙ୍କ ସ୍ତବ ପାଠ କରିଥିଲେ। ସକାଳୁ ସକାଳୁ ଗ୍ରାମରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ପ୍ରଭୁ ମହାବୀରଙ୍କୁ ଖିରି, ଖେଚୁଡ଼ି, ଭଜା ଓ ଶାଗ ଆଦି ପ୍ରସାଦ ନୈବେଦ୍ୟ କରାଯିବା ପରେ ସମୂହ ଗ୍ରାମବାସୀ ପ୍ରସାଦ ସେବନ କରିଥିଲେ।

### ମା’ କୁଞ୍ଜେଶ୍ୱରୀ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

କଣାସ,୭।୧୧(ସ୍ୱ.ପ୍ର.): କଣାସ ଅଞ୍ଚଳର ଆରାଧ୍ୟା ଠାକୁରାଣୀ ମା’ କୁଞ୍ଜେଶ୍ୱରୀଙ୍କ ୪୭ତମ ବିଶ୍ୱ ଶାନ୍ତି ମହାଯଜ୍ଞ ସୋମବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଏହି ଯଜ୍ଞ ୩ ତାରିଖରୁ ଆରମ୍ଭ ହୋଇଥିଲା। ପଣ୍ଡିତ କାଳୀ ପ୍ରସାଦ ପରମଗୁରୁଙ୍କ ତତ୍ତ୍ୱାବଧାନରେ ଅନ୍ୟ ପଣ୍ଡିତମାନେ ୭ ଦିନ ଧରି ମନ୍ତ୍ର ଧ୍ୱନି ମଧ୍ୟରେ ଯଜ୍ଞକାର୍ଯ୍ୟ ସମାପନ କରିଥିଲେ। ଯଜ୍ଞ କମିଟିର କର୍ମକର୍ତ୍ତା କଣାସ ଗ୍ରାମବାସୀ ଓ ଆଖପାଖ ଗ୍ରାମର ଜନସାଧାରଣ ଏଥିରେ ସହଯୋଗ କରିଥିଲେ।

### କୃଷି ସୂଚନା, ପରାମର୍ଶ କେନ୍ଦ୍ର ପକ୍ଷରୁ କ୍ଷେତ୍ର ପରିଦର୍ଶନ

ନିମାପଡ଼ା,୭।୧୧(ଡି.ଏନ୍.ଏ.): କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ନିମାପଡ଼ା ପକ୍ଷରୁ ଏକ କ୍ଷେତ୍ର ପ୍ରଦର୍ଶନୀ ଓ ଶିକ୍ଷାମୂଳକ ଗସ୍ତ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ସସ୍ମିତା ନାୟକ, ଆତ୍ମାର ନିମାପଡ଼ା ବ୍ଲକ ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ବ୍ଲକ କୃଷି ଅଧିକାରୀ ପ୍ରଦୀପ ଦାସ, ସହକାରୀ କୃଷି ଅଧିକାରୀ ସୁବାସ ଚନ୍ଦ୍ର ବାରିକ୍ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି ଟିମ୍ ସ୍ଥାନୀୟ ବ୍ଲକ ଅଧୀନ ରେସିଙ୍ଗା ଗ୍ରାମର ସଂଗ୍ରାମ ପାତ୍ରଙ୍କ ଧାନଚାଷରେ ଧାଡିବୁଣା କ୍ଷେତ, ଗଡଗୁଆଡିରା ଗ୍ରାମର ଡ. ଶୁଭାଶିଷ୍ ବଳଙ୍କ ଚାଷ କ୍ଷେତ ପରିଦର୍ଶନ କରିଥିଲେ। ଏଥିସହ ଡ. ବଳଙ୍କ କ୍ଷେତରେ ୭୦ରୁ ଊର୍ଦ୍ଧ୍ୱ କିସମର ବାସନା ଧାନ ଜୈବିକ ପଦ୍ଧତିରେ ଚାଷ କରାଯାଇଥିବା ଦେଖି ଓ ସଂଗ୍ରାମ ପାତ୍ରଙ୍କ ଧାନର ଧାଡି ବୁଣା କ୍ଷେତ୍ର ପରିଦର୍ଶନ କରି ଅଧିକାରୀ ସନ୍ତୋଷ ପ୍ରକାଶ କରିଥିଲେ। ଚାଷୀମାନେ ଧାଡିବୁଣା ପଦ୍ଧତିରେ ଚାଷ କଲେ କମ୍ ଖର୍ଚ୍ଚରେ ଅଧିକ ଅମଳ କରି ବହୁଳ ଭାବେ ଲାଭବାନ୍ ହୋଇପାରିବେ। ଚାଷରେ କମ୍ ଜଳ ବ୍ୟବହାର ହେବା ଯୋଗୁ ମିଥେନ୍ ଗ୍ୟାସ୍ କମ୍ ପରିମାଣରେ ନିର୍ଗତ ହେବ। ଏହା ଦ୍ୱାରା ବିଶ୍ୱତାପନ କମାଯାଇପାରିବ ବୋଲି ବରିଷ୍ଠ କୃଷି ଅଧିକାରୀମାନେ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। କୃଷି ବିଭାଗର ବ୍ଲକ ବୈଷୟିକ ପରିଚାଳକ (ବିଟିଏମ୍) ଶ୍ରୀକାନ୍ତ ବଡେଇ, ସହକାରୀ ବୈଷୟିକ ମ୍ୟାନେଜର (ଏଟିଏମ୍) ବିକ୍ରମ ଶେଖର ପ୍ରତିହାରୀ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା ଓ ପରିଚାଳନା କରିଥିଲେ। ଏହି କ୍ଷେତ୍ର ପରିଦର୍ଶନ ଓ ଶିକ୍ଷାମୂଳକ ଗସ୍ତ କାର୍ଯ୍ୟକ୍ରମରେ ୪୦ ଜଣ ଚାଷୀ ସାମିଲ ହୋଇ କ୍ଷେତ୍ର ପରିଦର୍ଶନ କରିଥିଲେ।

# କେନାଲରେ ପାଣି ଆସୁନି, ରାସ୍ତାରେ ବସିଲେ ଚାଷୀ

## ଧାନ ଜମିକୁ ଜଳସେଚନ ପାଇଁ ଦାବି

କୋଣାର୍କ,୭।୧୧(ଡି.ଏନ୍.ଏ.)


ଚାଷୀମାନେ କୋଣାର୍କ –ଭୁବନେଶ୍ୱର ମୁଖ୍ୟ ରାସ୍ତାର ଜୁଣେଇ ଛକକୁ ଅବରୋଧ କରିଛନ୍ତି।

ଗୋପ ଉପଖଣ୍ଡ ଜଳ ସମ୍ପଦ ବିଭାଗ ଅଧୀନ ୧୦ ପଞ୍ଚାୟତରେ ଥିବା କେତୋଟି କେନାଲରେ ଠିକ୍ ଭାବେ ପାଣି ଆସୁ ନାହିଁ। ଫଳରେ ଚାଷୀମାନେ ଚାଷକାର୍ଯ୍ୟ ବେଳେ ଜମିରେ ପାଣି ମଡ଼ାଇବାକୁ ନେଇ ନାନା ହଇରାଣ ହେଉଛନ୍ତି। ଏ ସମସ୍ୟା ବିଷୟରେ ଚାଷୀମାନେ ଜଳ ବିଭାଗ ଦୃଷ୍ଟିକୁ ଆଣିଥିଲେ ମଧ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଶେଷରେ ସୋମବାର ଉକ୍ତ ଚାଷୀମାନେ କୋଣାର୍କ –ଭୁବନେଶ୍ୱର ମୁଖ୍ୟ ରାସ୍ତାର ଜୁଣେଇ ଛକରେ ଧାରଣା ଦେଇଥିଲେ। ଖବରପାଇ କୋଣାର୍କ ଥାନା ଆଇଆଇସି ରଞ୍ଜନ କୁମାର ମଲ୍ଲିକ, ଅତିରିକ୍ତ ତହସିଲଦାର ସୌମେନ୍ଦ୍ର ତେଜ ଘଟଣାସ୍ଥଳରେ ପହଞ୍ଚି ଚାଷୀମାନଙ୍କୁ ବୁଝାଶୁଝା କରିଥିଲେ। ଏପରିକି ଜଳସମ୍ପଦ ବିଭାଗର ଉପଖଣ୍ଡ ଅଧିକାରୀ ସଂଗ୍ରାମ ଶେଖର ମହାନ୍ତି ମଧ ଘଟଣାସ୍ଥଳରେ ପହଞ୍ଚି ୫ଦିନ ଭିତରେ ଚାଷ ଜମିରେ ପାଣି ପହଞ୍ଚାଇବାକୁ ପ୍ରତିଶ୍ରୁତି ଦେବାରୁ ଧାରଣା ହଟିଥିଲା। ସୂଚନାଯୋଗ୍ୟ, ଏବେ ଧାନ ବାହାରିବା ସମୟରେ ପାଣିର ଆବଶ୍ୟକ ରହିଛି। କିନ୍ତୁ ଏବେ ବର୍ଷା ନ ହେବା ସହ କେନାଲରେ ପାଣି ନ ଆସିବାରୁ ଜମିରେ କିଭଳି ପାଣି ଦେବେ ତାହାକୁ ନେଇ ଚାଷୀ ଚିନ୍ତାରେ ପଡିଛନ୍ତି। କେନାଲରେ ଯେଉଁ ପାଣି ଆସୁଛି ତାହା ଡିପ ଜମିରେ ପହଞ୍ଚି ପାରୁନାହିଁ। ପାଣି ଅଭାବରୁ ଚାଷଜମିରେ ଧାନ ମରିବାକୁ ବସିଲାଣି। ଫଳରେ ହଜାର ହଜାର ହେକ୍ଟର ଧାନ ଫସଲ ନଷ୍ଟ ହେବାର ଆଶଙ୍କା ରହିଛି। ଗୋପର ୧୦ ପଞ୍ଚାୟତରେ ଏପରି ଅବସ୍ଥା ଉପୁଜିଥିବା ବେଳେ ସୋମବାର ବଡତରା, ବନାଖଣ୍ଡି, ଅଚ୍ୟୁତପୁର ପଞ୍ଚାୟତର ଶତାଧିକ ଚାଷୀ ଜୁଣେଇ ଛକରେ ଏକତ୍ରିତ ହୋଇ ରାସ୍ତାରୋକୋ କରିଥିଲେ। ପରେ ପୋଲିସ ଓ ଜଳ ସମ୍ପଦ ବିଭାଗର ଅଧିକାରୀମାନେ ଆସି ପ୍ରତିଶ୍ରୁତି ଦେଇଥିଲେ। ଯଦି ୫ଦିନ ଭିତରେ ପ୍ରତିଶ୍ରୁତି ପୂରଣ ନ ହୁଏ, ତେବେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରରୂପ ନେବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।

# ଗାଁରେ ବୁଲିଲା କୃଷି ସଚେତନତା ରଥ

ଗୋପ,୭।୧୧(ଡି.ଏନ୍.ଏ.)

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ କୃଷି ବିଭାଗ ପକ୍ଷରୁ ସୋମବାର କୃଷି ସଚେତନତା ରଥକୁ ଗୋପ ବ୍ଲକ ପରିସରରେ ଉଦ୍‌ଘାଟନ କରାଯାଇଛି। ଏହାକୁ ଗୋପ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକ, ବିଡିଓ ଦୀପ୍ତିରାଣୀ ଦାସ, ବ୍ଲକ କୃଷି ଅଧିକାରୀ ଚନ୍ଦ୍ରଶେଖର ଦାସ, ଗୋପ ସମବାୟ ସମିତି ସଭାପତି ମଧୁସୂଦନ ପାଇକରାୟ, ଜଗତ୍‌ସିଂହପୁର ସାଂସଦଙ୍କ ପ୍ରତିନିଧି ସୁକାନ୍ତ ମହାନ୍ତି ଉଦ୍‌ଘାଟନ କରିଥିଲେ। ଏହି କୃଷିରଥ ଗୋପ ବ୍ଲକ ୩୧ ପଞ୍ଚାୟତର ବିଭିନ୍ନ ଗାଁକୁ ଯାଇ ଚାଷୀଙ୍କୁ ସରକାରୀ ଯୋଜନା ଉପରେ ସଚେତନତା ସୃଷ୍ଟି କରିବ। ପ୍ରକାଶ ଯେ, ସରକାର ଚାଷୀଙ୍କ ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏଥିସହ ଯୋଜନା ମାଧ୍ୟମରେ ବିଭିନ୍ନ କୃଷି ଯନ୍ତ୍ରପାତି ରିହାତି ଦରରେ ଯୋଗାଇ ଦେଉଛନ୍ତି। ଏହିସବୁ ଯୋଜନା ବାବଦରେ ଚାଷୀ କିପରି ଅବଗତ ହେବେ, ତାହା ଏହି କୃଷି ରଥର ମୁଖ୍ୟ ଉଦ୍ଦେଶ୍ୟ। ଆଉ ମଧ କୃଷି ରଥ ସହିତ ଗୋଟିଏ ଦଳ ନୃତ୍ୟ ଗୀତ ମାଧ୍ୟମରେ ଚାଷୀଙ୍କୁ ସଚେତନ କରାଇବ। ଏହି ରଥ ଗୋପ ବ୍ଲକରୁ ବାହାରି ବ୍ଲକର ବିଭିନ୍ନ ଗାଁରେ ଦୀର୍ଘ ୬ ଦିନ ଧରି ବୁଲିବ। ଏଥିରେ ବିଭାଗ କର୍ମଚାରୀ ସେଣ୍ଟ ହେଲିନା, ବେଣୁଧର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।



କୃଷି ରଥ ଉଦ୍‌ଘାଟନ ଅବସରରେ ସଚେତନତା କାର୍ଯ୍ୟକ୍ରମ।

# ଚନ୍ଦ୍ରଭାଗାରେ ବୋଇତ ବନ୍ଦାଣ ଉତ୍ସବ


ବୋଇତ ବନ୍ଦାଣ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

କୋଣାର୍କ,୭।୧୧(ଡି.ଏନ୍.ଏ.)

କୋଣାର୍କ ସନ୍ନିକଟ ପୁରାଣ ବର୍ଣ୍ଣିତ ତୀର୍ଥ ସ୍ଥାନ ଚନ୍ଦ୍ରଭାଗାରେ ଉତ୍କଳୀୟ ନୌବାଣିଜ୍ୟ ସ୍ମାରକୀ ସ୍ୱରୂପ ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଯାଇଛି। ଚନ୍ଦ୍ରଭାଗା ବୋଇତ ବନ୍ଦାଣ କମିଟି ଆନୁକୂଲ୍ୟରେ ଚନ୍ଦ୍ରଭାଗା ବଜାର କମିଟି ଓ ଫଟୋଗ୍ରାଫର ଆସୋସିଏଶନ ମିଳିତ ସହଯୋଗରେ ଆୟୋଜିତ ଏହି ଉତ୍ସବକୁ କମିଟି ସଭାପତି ଅଜୟ କୁମାର ବେହେରା, ସମ୍ପାଦକ ମାନସ ସ୍ୱାଇଁ, କମିଟି ଉପଦେଷ୍ଟା ତଥା ଆଇନଜୀବୀ ସୁରେଶ ଚନ୍ଦ୍ର ସ୍ୱାଇଁ, କୃଷକ ନେତା ଲିଙ୍ଗରାଜ ନାୟକ ଓ ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଏହାର ଶୁଭାରମ୍ଭ କରିଥିଲେ। ଅତୀତରେ ଓଡ଼ିଶାର ସାଧବ ପୁଅମାନେ ସୁଦୂର ଜାଭା, ସୁମାତ୍ରା, ବାଲିଦୀପ ଓ ବୋର୍ନିଓ ଆଦି ସ୍ଥାନକୁ ବାଣିଜ୍ୟ ବ୍ୟବସାୟ କରିବା ପାଇଁ ବୋଇତ ଯୋଗେ ଯାତ୍ରା କରୁଥିଲେ। ଏହି ସ୍ମୃତି ଓ ସଂସ୍କୃତି ମୁହୂର୍ତ୍ତକୁ ଉଜ୍ଜୀବିତ ରଖିବା ପାଇଁ ଗତ ୨୮ବର୍ଷ ଧରି ଚନ୍ଦ୍ରଭାଗାରେ ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଆସୁଛି। ଚଳିତ ବର୍ଷ ପରମ୍ପରା ବଜାୟ ରଖିବା ପାଇଁ ଏହା ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କୋଣାର୍କ ଏନ୍‌ଏସି ଅନ୍ତର୍ଗତ ମୂଳିସାହି ଗ୍ରାମର ଖିଲେଶ୍ୱରୀ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ସଂକୀର୍ତ୍ତନ ପରିବେଷଣ ଚନ୍ଦ୍ରଭାଗାରେ ଏକ ଆଧାତ୍ମିକ ବାତାବରଣ ସୃଷ୍ଟି କରିଥିଲା। ପରେ ରାୟଗଡା ଜିଲାର ଭକ୍ତି ତର୍ପଣ ଭଜନ ସନ୍ଧ୍ୟାର କଣ୍ଠଶିଳ୍ପୀ ପ୍ରଶାନ୍ତ ନାୟକ ଓ ସାଥୀ କଳାକାରଙ୍କ ଦ୍ୱାରା ରାତିତମାମ ଭଜନ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ନିରଞ୍ଜନ ତ୍ରିପାଠୀ ସଂଯୋଜନା କରିଥିବା ବେଳେ ଚନ୍ଦ୍ରଭାଗା ବଜାର କମିଟି ସଭାପତି ଭାସ୍କର ବେହେରା, ବାନାମ୍ବର ବେହେରା, ବୋଇତ ବନ୍ଦାଣ କମିଟି ଉପସଭାପତି କାଳନ୍ଦୀ ବିଶ୍ୱାଳ, ସରୋଜ ପଣ୍ଡା ଓ ଲିଙ୍ଗରାଜ ପାତ୍ର ସମେତ ବୋଇତ ବନ୍ଦାଣ କମିଟି, ଚନ୍ଦ୍ରଭାଗା ବଜାର କମିଟି ଓ ଚନ୍ଦ୍ରଭାଗା ଫଟୋ ଗ୍ରାଫର ଆସୋସିଏଶନର କର୍ମକର୍ତ୍ତା ପରିଚାଳନା କରିଥିଲେ।

## କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ବ୍ୟାପକ ବ୍ୟବସ୍ଥା

ପୁରୀ ଅଫିସ, ୭।୧୧:

କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଶ୍ରୀକ୍ଷେତ୍ରରେ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପ୍ରଶାସନ, ପୁରୀ ଜିଲା ପ୍ରଶାସନ ଏବଂ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। କାର୍ତ୍ତିକପୂର୍ଣ୍ଣିମାରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସୁନାବେଶ ବା ରାଜରାଜେଶ୍ୱର ବେଶ ହେବ। ତେବେ ପୂର୍ଣ୍ଣିମାରେ ଚନ୍ଦ୍ରଗ୍ରହଣ ପଡୁଥିବାରୁ ମହାପ୍ରଭୁଙ୍କ ନୀତି ଓ ବେଶ ଶୀଘ୍ର କରାଯିବ। ସେହିପରି ପୂର୍ଣ୍ଣିମାରେ ମହୋଦଧି ସମେତ ତୀର୍ଥ ପୁଷ୍କରିଣୀରେ ଡଙ୍ଗା ଭସାଇବା ଓ ବୁଡ଼ ପକାଇବା ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବ। ଏହାକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ତରଫରୁ କଡ଼ା ସୁରକ୍ଷା ବ୍ୟବସ୍ଥା ସହ ଗାଡି ପାର୍କିଂ ବ୍ୟବସ୍ଥା କରାଯାଇଛି। ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାରିକେଡ ବଢ଼ାଯାଇଛି। ମାର୍କେଟ ଛକରୁ ଭକ୍ତମାନେ ବ୍ୟାରିକେଡ ଦେଇ ଶ୍ରୀମନ୍ଦିରକୁ ଯିବେ। ବେଳାଭୂମିରେ ପର୍ଯ୍ୟାପ୍ତ ସଂଖ୍ୟକ ଲାଇଫଗାର୍ଡ ଓ ଅଗ୍ନିଶମ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି।

## ମାଙ୍କଡ଼ା ପଥର ଖଣିରେ ଚଢ଼ାଉ ଟ୍ରକ୍, ଜେସିବି ଜବତ: ଜଣେ ଗିରଫ

ନିରାକାରପୁର,୭।୧୧(ଡି.ଏନ୍.ଏ.):

ଖୋର୍ଦ୍ଧା ଜିଲା ନିରାକାରପୁର ରାଜସ୍ୱ ଅନ୍ତର୍ଗତ ଖଜୁରିପଡା ଅଞ୍ଚଳରେ ବେଆଇନ ଭାବେ ଚାଲିଥିବା ମାଙ୍କଡ଼ା ପଥର ଖଣିରେ ପୋଲିସ ଚଢ଼ାଉ କରି ଗୋଟିଏ ଜେସିବି, ଟ୍ରକ୍ ଜବତ କରିଛି। ଏଥିରେ ସମ୍ପୃକ୍ତି ନେଇ ପୁରୀ ଜିଲା କଣାସ ଥାନା ଅଧୀନ ତେନ୍ତୁଳିମୂଳ ଗ୍ରାମର ଦୁର୍ଯ୍ୟୋଧନ ପାଲ୍‌ଟାସିଂହଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏନେଇ ଥାନାରେ ଏକ ମାମଲା (ନଂ.୨୨୦/୨୨) ରୁଜୁ ହୋଇଛି। ପ୍ରକାଶ ଯେ, ଏହି ଅଞ୍ଚଳରେ ବେଆଇନ ଭାବେ ମାଙ୍କଡ଼ା ପଥର, ମୋରମ ଚାଲାଣ ହେଉଥିଲେ ମଧ ପ୍ରଶାସନ ଓ ପୋଲିସ ନୀରବଦ୍ରଷ୍ଟା ସାଜିଛି। ଅନ୍ୟପଟେ ଫଟୋ ଉତ୍ତୋଳନ କରୁଥିବା ଖବରଦାତାଙ୍କୁ ମାଫିଆମାନେ ଜୀବନରେ ମାରିଦେବାକୁ ଧମକ ଦେଉଥିବା ଜଣାପଡ଼ିଛି।

# ଡକାୟତି ଯୋଜନା ପଣ୍ଡ: ୪ ଗିରଫ

## ମାରଣାସ୍ତ୍ର, ବୋମା, ଅଟୋ ଜବତ

ପୁରୀ ଅଫିସ, ୭।୧୧:

ଡକାୟତି ପାଇଁ ଯୋଜନା କରୁଥିବାବେଳେ ୪ଜଣଙ୍କୁ କୁମ୍ଭାରପଡ଼ା ଥାନା ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ନରେନ୍ଦ୍ରକୋଣ ମଙ୍ଗଳାସାହିର ହିମାଂଶୁ ଦାସ ଓରଫ ଗୁଡୁ, ରାମଚଣ୍ଡୀ ସାହି ବାଲିକୁଦର ପ୍ରଶାନ୍ତ ବିଶୋଇ ଓରଫ ହରି, ବଳଗଣ୍ଡି ରାୟବାହାଦୂର ଲେନ୍‌ର ଅଚ୍ୟୁତାନନ୍ଦ ନନ୍ଦ ଏବଂ ଟାଉନଥାନା ଅଧୀନ ବାଲିସାହି ଖଜାପଟିର ଅକ୍ଷୟ କୁମାର ପ୍ରଧାନ। ଏମାନଙ୍କଠାରୁ ପୋଲିସ ଏକ ଲୁହାରଡ୍, ଗୋଟିଏ ଖଣ୍ଡା, ଦୁଇଟି ଜୀବନ୍ତ ବୋମା, ଏକ ଆଡିପାଡିଆ ଏବଂ ଗୋଟିଏ ଅଟୋ ଜବତ କରିଛି। ଏ ନେଇ ଏକ କେସ୍ (ନଂ.୨୮୭/୨୨) ରୁଜୁ କରାଯାଇଛି।

ପୋଲିସ ସୂଚନା ଅନୁଯାୟୀ, ରବିବାର ବିଳମ୍ବିତ ରାତିରେ ୫ଜଣ ବ୍ୟକ୍ତି ବିଭିନ୍ନ ମାରଣାସ୍ତ୍ର ସହ ଆଶ୍ରମ ଛକ ନିକଟରେ ଗୋଟିଏ ଅଟୋରେ ବସି ଡକାୟତି କରିବା ପାଇଁ ଯୋଜନା କରୁଥିଲେ। ବିଶେଷ ସୂତ୍ରରୁ ଖବର ପାଇ ପୋଲିସର ଏକ ଟିମ୍ ରାତି ପ୍ରାୟ ୨ଟା ୫୦ରେ ସେଠାରେ ଚଢ଼ାଉ କରିଥିଲା। ପୋଲିସକୁ ଦେଖି ଅଭିଯୁକ୍ତମାନେ ଖସିଯିବାକୁ ଚେଷ୍ଟା କରିଥିଲେ। ତେବେ ପୋଲିସ ୫ଜଣଙ୍କ ମଧ୍ୟରୁ ୪ଜଣଙ୍କୁ ଧରିଥିଲା। ଘଟଣାସ୍ଥଳରୁ ଜଣେ ଖସି ପଳାଇଥିଲେ। ଗିରଫ ୪ ଅଭିଯୁକ୍ତଙ୍କୁ ପଚରାଉଚରା କରିବାରୁ ସେମାନେ ମାର୍କେଟ ଛକସ୍ଥିତ ଏକ ବଡ ଜୁଏଲେରି ଦୋକାନରେ ଡକାୟତି କରିବା ପାଇଁ ଯୋଜନା କରୁଥିବା ସ୍ୱୀକାର କରିଥିଲେ।



ଶ୍ରୀକ୍ଷେତ୍ର କଳା ପ୍ରକାଶିକା ପୁରୀ ପକ୍ଷରୁ ସୋମବାର ସିଂହଦ୍ୱାର ସମ୍ମୁଖରେ ଅନୁଷ୍ଠିତ ଭଜନ ସମାରୋହରେ ମହାପ୍ରସାଦ କର ଭକ୍ତି ସଙ୍ଗୀତ ପରିବେଷଣ କରୁଛନ୍ତି।

# ଜମିବାଡ଼ି ବିବାଦରୁ ମରଣାନ୍ତକ ଆକ୍ରମଣ, ୨ ଗିରଫ

କାକଟପୁର,୭।୧୧(ଡି.ଏନ୍.ଏ.)

ଜମିବାଡ଼ିକୁ କେନ୍ଦ୍ର କରି ୨ ପରିବାର ମଧ୍ୟରେ ଗଣ୍ଡଗୋଳରେ ମରଣାନ୍ତକ ଆକ୍ରମଣ ଅଭିଯୋଗରେ କାକଟପୁର ଥାନା ପୋଲିସ ୨ ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କାକଟପୁର ଥାନା ଅଧୀନ ମଙ୍ଗଳପୁର ଗ୍ରାମର ଅଜୟ ବେହେରାଙ୍କ ପୁଅ ବିକା ବେହେରା ଓ ତାଙ୍କ ସହଯୋଗୀ ଭରତ ବେହେରା। ଏନେଇ ପୋଲିସ ଦଫା ୩୪୧, ୩୯୪, ୩୨୩, ୩୫୪, ୫୦୬ ଓ ୩୪ ଆଇପିସିରେ ଏକ ମାମଲା (୨୧୭/୨୦୨୨) ରୁଜୁ କରି ତଦନ୍ତ ଚଳାଇଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ନିମାପଡା ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, ଗ୍ରାମର ବିଜୟ ବେହେରା ଓ ଅଜୟ ବେହେରାଙ୍କ ମଧ୍ୟରେ ଘର ବାଟକୁ ନେଇ ପାଟିତୁଣ୍ଡ ଓ ବଚସା ହୋଇଥିଲା। ଏ ସମ୍ପର୍କରେ ବିଜୟଙ୍କ ଝିଅ ବୀଣା ବେହେରା ଥାନାରେ ଅଭିଯୋଗ କରିଥିଲେ। ମାତ୍ର ଘଟଣାର କୌଣସି ସମାଧାନ ହୋଇ ନ ଥିଲା। ପରେ ତାଙ୍କ ପୁଅ ଯୋଗୀ ବେହେରା ଓ ଝିଅ ବୀଣା ଘରର ଭଙ୍ଗା କାନ୍ଥ ଯୋଡୁଥିବାବେଳେ ବିକା ଏବଂ ଭରତ ସେ ଦୁଇ ଭଉଣୀ ଭାଇଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ବୀଣାଙ୍କ ଲୁଗା ଚିରି ଟଣା ଓଟରା କରିଥିଲେ। ଏ ଘଟଣା ନେଇ ବୀଣା ଥାନାରେ ଅଭିଯୋଗ ପରେ ପୋଲିସ ଆକ୍ରମଣକାରୀ ୨ ଜଣଙ୍କୁ କାବୁ କରିଥିଲା। ଅପରପକ୍ଷେ ବୀଣା ସ୍ୱାମୀ ପରିତ୍ୟକ୍ତା ହୋଇଥିବାରୁ ତାଙ୍କ ଘରର ବାଟ ସମସ୍ୟାର ସମାଧାନ ହୋଇ ନ ପାରିବାରୁ ସେ ହାଇକୋର୍ଟର ଦ୍ୱାରସ୍ଥ ହେବେ ବୋଲି ସେ ପ୍ରକାଶ କରିଛନ୍ତି।

# ବିଭିନ୍ନ ଦାବି ନେଇ ଏସ୍‌ୟୁସିଆଇ କର୍ମୀଙ୍କ ବିକ୍ଷୋଭ



ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଏସ୍‌ୟୁସିଆଇ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ସାକ୍ଷୀଗୋପାଳ,୭।୧୧(ଡି.ଏନ୍.ଏ/ସ୍ୱ.ପ୍ର.)

ଭାଗଚାଷୀମାନଙ୍କୁ ଧାନ କିଣିବା ପାଇଁ ପରିଚୟ ପତ୍ର, ଭୂମିହୀନଙ୍କୁ ଘରବାରି ପଟ୍ଟା ପ୍ରଦାନ, ସତ୍ୟବାଦୀରେ ଶୀତଳଭଣ୍ଡାର ପ୍ରତିଷ୍ଠା ଦାବିରେ ଏସିୟୁସିଆଇ(କମ୍ୟୁନିଷ୍ଟ) ପାର୍ଟି ସତ୍ୟବାଦୀ ବ୍ଲକ କମିଟି ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଏକ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଅନୁଷ୍ଠିତ ସଭାରେ ଆଞ୍ଚଳିକ କମିଟି ସମ୍ପାଦକ କମ୍ରେଡ ସୁବାସ ବେହେରା ସଭାପତିତ୍ୱ କରିଥିଲେ। ପାର୍ଟିର ଜିଲା ସମ୍ପାଦକ କମ୍ରେଡ ସୁବାସ ବରାଳ ଜନତାଙ୍କ ନ୍ୟାୟ ସଙ୍ଗତ ଦାବି ଉପସ୍ଥାପନା କରି ଆଗାମୀ ଦିନରେ ଗଣଆନ୍ଦୋଳନ ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟତମ ବକ୍ତା ଭାବେ ଜିଲା କମିଟିର ସଭ୍ୟ କମ୍ରେଡ ବଟକୃଷ୍ଣ ସ୍ୱାଇଁ ଉପସ୍ଥିତ କର୍ମୀମାନଙ୍କୁ ତାଙ୍କର ବକ୍ତବ୍ୟ ଦେଇଥିଲେ। ଶେଷରେ ଏବିଡିଓ ଆରକ୍ଷିତ ପ୍ରଧାନଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

# ବିଦ୍ୟାଳୟରେ ମୂଲ୍ୟବୋଧଭିତ୍ତିକ ଶିକ୍ଷା ଜରୁରୀ

ପୁରୀ ଅଫିସ, ୭।୧୧:



ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିମାନେ।

ସାମ୍ପ୍ରତିକ ପରିସ୍ଥିତିରେ ନୈତିକ ମୂଲ୍ୟବୋଧର ଅବକ୍ଷୟ ସମାଜର ପ୍ରତିଟି ଅଙ୍ଗରେ ପରିଲକ୍ଷିତ ହେଉଛି। ଧାର୍ମିକ ଓ ସାମାଜିକ ଅନୁଷ୍ଠାନ ଉତ୍କଳ ବିଦ୍ୱତ ପରିଷଦ ପୁରୀ ପକ୍ଷରୁ ‘ସାମ୍ପ୍ରତିକ ପରିସ୍ଥିତିରେ ବିଦ୍ୟାଳୟରେ ମୂଲ୍ୟବୋଧଭିତ୍ତିକ ଶିକ୍ଷାର ସ୍ଥିତି ଓ ଆବଶ୍ୟକତା ଶୀର୍ଷକ ଆଲୋଚନାଚକ୍ର’ ଆୟୋଜିତ ହୋଇଯାଇଛି। ପୁରୀ ୟୁଥ ହଷ୍ଟେଲ ସଭାଗୃହରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରକୁ ଅତିରିକ୍ତ ଜିଲାପାଳ କୈଳାସ ଚନ୍ଦ୍ର ନାୟକ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷକ ରଘୁନାଥ ମହାପାତ୍ର, ଚଣ୍ଡେଶ୍ୱର ମହାପାତ୍ର, କ୍ରିଷ୍ଣା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଈଶ୍ୱର ଚନ୍ଦ୍ର ନାୟକ ମୁଖ୍ୟ ବକ୍ତା ରୂପେ ଯୋଗଦେଇ କହିଥିଲେ, ଆମେ ପାଠ ପଢ଼ି ଧନୀ ମଣିଷ ହେବା ଅପେକ୍ଷା କିପରି ଭଲ ମଣିଷ ହେବା ଛାତ୍ରୀଛାତ୍ରମାନେ ଚିନ୍ତନ କରିବା ଜରୁରୀ। ମାଟି ମାଆ ପ୍ରତି ଓ ଏ ଦେଶ ପାଇଁ ଛାତ୍ରୀଛାତ୍ରଙ୍କ ମନରେ କିଭଳି ସକରାତ୍ମକ ଭାବନା ଉଦ୍ରେକ ହୋଇପାରିବ ପାଠ୍ୟକ୍ରମ ଖସଡ଼ା ପ୍ରସ୍ତୁତ ବେଳେ ଧ୍ୟାନ ଦେବା ଆବଶ୍ୟକ। ଅନ୍ୟ ବକ୍ତାମାନେ ପ୍ରାଥମିକ ଶିକ୍ଷା କେନ୍ଦ୍ରରେ ସଂସ୍କାରର ଆବଶ୍ୟକତା ରହିଛି ଓ କୋମଳମତି ବାଳିକା ବାଳକଙ୍କ ମନରେ ନୀତି ନୈତିକତାର ଛାପ ପଡ଼ିଲେ ତାହା ଦୀର୍ଘସ୍ଥାୟୀ ହେବ ବୋଲି କହିଥିଲେ। ଛାତ୍ର ଓ ଶିକ୍ଷକଙ୍କ ମଧ୍ୟରେ ସ୍ନେହ ଓ ଭଲ ପାଇବାର ବାତାବରଣ କମିଯାଉଛି। ଏହାର ମୁଖ୍ୟ କାରଣ ଶିକ୍ଷକମାନଙ୍କୁ ଅଣଶୈକ୍ଷିକ କାର୍ଯ୍ୟରେ ନିୟୋଜିତ କରାଯାଉଛି। ସତ୍ୟ, ଧର୍ମ, ପ୍ରେମ, ଶାନ୍ତି ଓ ଅହିଂସାର ଶିକ୍ଷା ଦେଲେ ଛାତ୍ରୀଛାତ୍ରଙ୍କ ମନରେ ମୂଲ୍ୟବୋଧ ସୃଷ୍ଟି ହେବ ବୋଲି ମତ ପ୍ରକାଶ ପାଇଥିଲା। ଆଲୋଚନା ଚକ୍ରରୁ ପ୍ରାପ୍ତ ବହୁମୂଲ୍ୟ ମତକୁ ସଂକଳନ କରି ଉତ୍କଳ ବିଦ୍ୱତ ପରିଷଦ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କୁ ପ୍ରାଥମିକ ଶିକ୍ଷାରେ କିପରି ନୈତିକ ମୂଲ୍ୟବୋଧ ଶିକ୍ଷାର ସମନ୍ୱୟ ହେବ ଏ ସମ୍ପର୍କରେ ଏକ ପ୍ରସ୍ତାବ ଦିଆଯିବ ବୋଲି ସୂଚନା ଦିଆଯାଇଥିଲା। ଆଲୋଚନା ଚକ୍ରରେ ପରିଷଦର ସଭାପତି ମନୋଜ ରଥ ଅଧ୍ୟକ୍ଷତା କରିଥିଲେ। ପରିଷଦର ସମ୍ପାଦକ ବିଜୟକୃଷ୍ଣ ବ୍ରହ୍ମା ଅତିଥି ପରିଚୟ ପ୍ରଦାନ କରିଥିଲେ। ମଞ୍ଚ ପରିଚାଳନାରେ ବରିଷ୍ଠ ସଦସ୍ୟ ଦିବ୍ୟରଞ୍ଜନ ଦାଶ ସହଯୋଗ କରିଥିଲେ। ସୁକାନ୍ତ ପଣ୍ଡା, ବିରଞ୍ଚି ନାରାୟଣ ମିଶ୍ର, ଲକ୍ଷ୍ମୀପ୍ରିୟା ସାହୁ, ବିନୋଦ ସେନାପତି, ଦେବେନ୍ଦ୍ର ମହାରଣା, କମଳାକାନ୍ତ ଆଚାର୍ଯ୍ୟ ପ୍ରମୁଖ ସହଯୋଗ କରିଥିଲେ। ଜିଲାର ବହୁ ବରିଷ୍ଠ ଶିକ୍ଷକ, ଶିକ୍ଷା ପ୍ରଶାସକ, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।